# ଧରିତ୍ରୀ
DHARITRI
ଧରିତ୍ରୀ 52 Years

ଭୁବନେଶ୍ୱର, ସୋମବାର, ଜାନୁଆରୀ ୧୨/୨୦୨୬ (୧୪ ପୃଷ୍ଠା) | Bhubaneswar, Monday, January 12/2026 | Page 14 | ₹ 7.00

୫୨ଶ ଭାଗ ୫୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 50 | ମୂଲ୍ୟ ₹୭/-





ବିକଶିତ ଭାରତ - ରୋଜଗାରର ଗ୍ୟାରେଣ୍ଟି ଏବଂ ଆଜୀବିକା ମିଶନ (ଗ୍ରାମୀଣ) : ଭିବି - ଜି ରାମ ଜି
(ବିକଶିତ ଭାରତ - ଜି ରାମ ଜି) ଅଧିନିୟମ, ୨୦୨୫

୧୨୫ ଦିନ
ରୋଜଗାରର ଗ୍ୟାରେଣ୍ଟି

ଏବେ ନିର୍ମିତ ହେବ ଜଳାଶୟ,
ସୁନିଶ୍ଚିତ ହେବ ଜଳ ସୁରକ୍ଷା

CBC 35101/13/0070/2526



ବିକଶିତ ଗ୍ରାମପଞ୍ଚାୟତରୁ ବିକଶିତ ଭାରତ ଅଭିମୁଖେ


## ସୀମାନ୍ତ ଆକାଶରେ ପାକିସ୍ତାନୀ ଡ୍ରୋନ୍

**ଜମ୍ମୁ/ନୂଆଦିଲ୍ଲୀ,୧୧।୧**

ଜମ୍ମୁ-କଶ୍ମୀରର ସୀମାନ୍ତ ଆକାଶରେ ରବିବାର ସନ୍ଧ୍ୟାରେ କେତେକ ସନ୍ଦିଗ୍ଧ ଡ୍ରୋନ୍ ଉଡୁଥିବା ଦେଖିବାକୁ ମିଳିଛି। ସାମ୍ବା, ରଜୌରି ଓ ପୁଞ୍ଚ ଜିଲା ସଂଲଗ୍ନ ଅନ୍ତର୍ଜାତୀୟ ସୀମା (ଆଇବି) ଏବଂ ନିୟନ୍ତ୍ରଣରେଖା (ଏଲ୍ଓସି) ଉପରେ ଏହି ଡ୍ରୋନ୍‌ଗୁଡ଼ିକୁ ସୁରକ୍ଷା ବଳ ଠାବ କରିଥିଲା। ସେଗୁଡ଼ିକ ପାକିସ୍ତାନ ପଟୁ ଆସି ଭାରତୀୟ ଭୂଖଣ୍ଡ ଉପରେ ଚକ୍କର କାଟିବା ପରେ ପୁଣି ଫେରିଯାଇଲା। ଆଇବି ଏବଂ ଏଲ୍ଓସି ଅଞ୍ଚଳରେ ତଲାସି ଅଭିଯାନ ଚାଲିଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଶନିବାର ମଧ୍ୟ ପାକିସ୍ତାନ-ଅଧିକୃତ କଶ୍ମୀର (ପିଓକେ) ପଟୁ ଏକ ଡ୍ରୋନ୍ ଆସି ସାମ୍ବା ସେକ୍ଟରରେ କେତେକ ଅସ୍ତ୍ରଶସ୍ତ୍ର ଛାଡ଼ି ଚାଲିଯାଇଥିଲା। ପ୍ରକାଶ ଯେ, ଗତବର୍ଷ ମେ'ରେ ଭାରତୀୟ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଅସହାୟ ଭୋଟର**

# ତଥ୍ୟ ପାଇଁ ବ୍ୟାକୁଳ ସରକାର

## ମୋବାଇଲ ସୋର୍ସ କୋଡ୍ ମାଗିଲା କେନ୍ଦ୍ର

**ସ୍ମାର୍ଟ ଫୋନ୍ ସୁରକ୍ଷା ବ୍ୟବସ୍ଥାରେ ସୁଧାର ଆଣି ସାଇବର ବିପଦକୁ ହ୍ରାସ କରିବା ପାଇଁ ଭାରତ ସରକାର ମୋବାଇଲ ଫୋନ୍ ନିର୍ମାତା କମ୍ପାନୀଗୁଡ଼ିକୁ ନିଜ ଅପରେଟିଂ ସିଷ୍ଟମ୍‌ର ସୋର୍ସ କୋଡ୍ ଶେୟାର କରିବାକୁ ନିକଟରେ ପ୍ରସ୍ତାବ ଦେଇଛନ୍ତି। ଏତିକି ନୁହେଁ, ଫୋନ୍‌ରେ ରହୁଥିବା କେତେକ ସଫ୍ଟୱେରରେ ମଧ୍ୟ ପରିବର୍ତ୍ତନ କରିବା ପାଇଁ କମ୍ପାନୀଗୁଡ଼ିକୁ ବାଧ୍ୟ କରାଯାଇପାରେ। ତେବେ ଏହାଦ୍ୱାରା ୟୁଜର୍ସଙ୍କ ପ୍ରିଭେସି ତଥା ମୋବାଇଲର ମାଲିକାନା ତଥ୍ୟ ପ୍ରଘଟ ହେବା ସହ ଇଣ୍ଟେଲେକ୍ଚୁଆଲ ପ୍ରପର୍ଟି (ବୌଦ୍ଧିକ ସମ୍ପତ୍ତି) ପ୍ରତି ବିପଦ ଆଶଙ୍କା ଥିବାରୁ ଆପଲ୍ ଓ ସାମ୍‌ସଙ୍ଗ୍ ଭଳି କମ୍ପାନୀ କେନ୍ଦ୍ରର ଏହି ପ୍ରସ୍ତାବକୁ ବିରୋଧ କରିଛନ୍ତି। ସମ୍ପ୍ରତି ଏହି ପ୍ରସଙ୍ଗ ସରକାର ଓ ସ୍ମାର୍ଟଫୋନ୍ ଉତ୍ପାଦନକାରୀ କମ୍ପାନୀଗୁଡ଼ିକ ମଧ୍ୟରେ ବିବାଦର କାରଣ ହୋଇଛି। 'ସଞ୍ଚାର ସାଥୀ' ଆପ୍ ବିବାଦ ନିକଟରେ କେନ୍ଦ୍ର ସରକାରଙ୍କୁ ଅଡୁଆରେ ପକାଇଥିବାବେଳେ ପୁଣି ଏକ ଅନୁରୂପ ଯୋଜନା ପଛରେ ଲୋକଙ୍କ ତଥ୍ୟ ସଂଗ୍ରହ କରିବା ମୁଖ୍ୟ ଉଦ୍ଦେଶ୍ୟ ବୋଲି କୁହାଯାଉଛି। ତଥ୍ୟ ପାଇଁ କେନ୍ଦ୍ର ବ୍ୟାକୁଳ ହୋଇପଡ଼ିଲାଣି ବୋଲି ସୋସିଆଲ୍ ମିଡିଆରେ ମତ ପ୍ରକାଶ ପାଇଛି।**

**ନୂଆଦିଲ୍ଲୀ,୧୧।୧(ରଏଟର୍ସ)**

ସ୍ମାର୍ଟଫୋନ୍ କମ୍ପାନୀଗୁଡ଼ିକ ସୁରକ୍ଷା ଯାଞ୍ଚ ପାଇଁ ନିଜ ଅପରେଟିଂ ସିଷ୍ଟମ୍‌ର ସୋର୍ସ କୋଡ୍ ଶେୟାର କରନ୍ତୁ ବୋଲି କେନ୍ଦ୍ର ସରକାର ଚାହୁଁଛନ୍ତି। ମୋବାଇଲରେ ଯେପରି କୌଣସି 'ବ୍ୟାକ୍‌ଡୋର' ବା ସୁରକ୍ଷା ସମ୍ପର୍କିତ ତ୍ରୁଟି ନ ରହିବ, ତାହା ଏଥିରୁ ସୁନିଶ୍ଚିତ କରାଯାଇପାରିବ। ପ୍ରସ୍ତାବ ଅନୁଯାୟୀ ଗୁପ୍ତଚରଗିରି ଓ ତଥ୍ୟ ଚୋରି ଭଳି ବିପଦ ଆଶଙ୍କାକୁ ଏଡ଼ାଇବା ଲାଗି ସ୍ମାର୍ଟ ଫୋନ୍‌ର ହାର୍ଡୱେରକୁ ଲ୍ୟାବ୍‌ରେ ପରୀକ୍ଷା କରାଇବା ବାଧ୍ୟତାମୂଳକ କରାଯାଇପାରେ। ସରକାର ଏଭଳି ଆପ୍‌ଗୁଡ଼ିକୁ ମଧ୍ୟ ଯାଞ୍ଚ କରିବାକୁ ଚାହୁଁଛନ୍ତି, ଯାହାକି ପୂର୍ବରୁ ଫୋନ୍‌ରେ ଇନ୍‌ଷ୍ଟଲ ହୋଇଥିବ ଓ ତାକୁ ହଟାଯାଇ ନ ଥିବ। ଭାରତରେ ବିକ୍ରି ହେଉଥିବା ମୋବାଇଲ ଫୋନ୍‌ଗୁଡ଼ିକ ପାଇଁ ସୁରକ୍ଷା ମାପଦଣ୍ଡ ଧାର୍ଯ୍ୟ କରିବା ଏହା ପଛର ଉଦ୍ଦେଶ୍ୟ ବୋଲି ସରକାର କହୁଛନ୍ତି। ତେବେ ସରକାରଙ୍କ ଏସଂକ୍ରାନ୍ତ ☞ପୃଷ୍ଠା-୪

### ସୋର୍ସ କୋଡ୍ କ'ଣ

ସହଜ ଭାଷାରେ 'ସୋର୍ସ କୋଡ୍'ର ଅର୍ଥ ହେଉଛି କୌଣସି ସଫ୍ଟୱେର୍, ଆପ କିମ୍ବା ଅପରେଟିଂ ସିଷ୍ଟମ୍‌ର 'ମୂଳ ଲେଖା' ବା 'ଅସଲି ରେସିପି'। ଯେମିତି ଜଣେ ରୋଷେୟା ଏକ ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦିଷ୍ଟ ପ୍ରଣାଳୀ ବା ରେସିପି ବ୍ୟବହାର କରେ, ଠିକ୍ ସେମିତି ଜଣେ କମ୍ପ୍ୟୁଟର ପ୍ରୋଗ୍ରାମର୍ ଏକ ସଫ୍ଟୱେର୍ ତିଆରି କରିବା ପାଇଁ ଯେଉଁ ନିର୍ଦ୍ଦେଶାବଳୀ ଲେଖନ୍ତି, ତାହାକୁ ସୋର୍ସ କୋଡ୍ କୁହାଯାଏ। ଏହା ସାଧାରଣତଃ ପ୍ରୋଗ୍ରାମିଂ ଭାଷା (ଯେମିତିକି ସି++, ଜାଭା, ପାଇଥନ୍)ରେ ଲେଖାଯାଇଥାଏ, ଯାହାକୁ ସଫ୍ଟୱେର ଇଞ୍ଜିନିୟରମାନେ ପଢ଼ିପାରନ୍ତି ଏବଂ ବୁଝିପାରନ୍ତି। କମ୍ପ୍ୟୁଟର ବା ସ୍ମାର୍ଟଫୋନ୍ ସିଧାସଳଖ ସୋର୍ସ କୋଡ୍ ବୁଝିପାରେନାହିଁ। ଏହି କୋଡ୍‌କୁ ଏକ 'କମ୍ପାଇଲର୍' ସାହାଯ୍ୟରେ ବାଇନାରୀ କୋଡ୍ (୦ ଏବଂ ୧)ରେ ପରିବର୍ତ୍ତନ କରାଯାଏ, ଯାହାକୁ ମେଶିନ ବୁଝିପାରେ। ସୋର୍ସ କୋଡ୍‌କୁ ଗୁପ୍ତ ରଖାଯିବାର ଉଦ୍ଦେଶ୍ୟ ହେଉଛି, ଏହାକୁ ☞ପୃଷ୍ଠା-୪

## ପ୍ରଥମ ଦିନିକିଆ ଜିତିଲା ଭାରତ

**ଅନ୍ତର୍ଜାତୀୟ କ୍ରିକେଟରେ କୋହଲିଙ୍କ ଦ୍ୱିତୀୟ ସର୍ବାଧିକ ରନ**

**ଭଦୋଦରା,୧୧।୧**

ବିରାଟ କୋହଲିଙ୍କ ଦୃଢ଼ ବ୍ୟାଟିଂ ବଳରେ ଭାରତ ଏଠାରେ ଅନୁଷ୍ଠିତ ପ୍ରଥମ ଦିନିକିଆ କ୍ରିକେଟ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ୪ ଉଇକେଟରେ ପରାସ୍ତ କରିଛି। ନ୍ୟୁଜିଲାଣ୍ଡ ପକ୍ଷରୁ ଧାର୍ଯ୍ୟ ୩୦୧ ରନର ଟାର୍ଗେଟକୁ ଭାରତ ୪୯ ଓଭରରେ ୬ ଉଇକେଟ ହରାଇ ହାସଲ କରି ନେଇଛି। ଏହି ବିଜୟ ସହ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ରେ ଭାରତ ୧-୦ରେ ଅଗ୍ରଣୀ ହାସଲ କରିଛି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ୧୪ ତାରିଖରେ ରାଜକୋଟରେ ଖେଳାଯିବ। ଏହି ମ୍ୟାଚ୍ ଜରିଆରେ ଭାରତର ଷ୍ଟାର ବ୍ୟାଟର ବିରାଟ କୋହଲି ଅନ୍ତର୍ଜାତୀୟ କ୍ରିକେଟରେ ୨୮ ହଜାର ରନ ପୂରଣ କରିବା ସହ ଦ୍ୱିତୀୟ ସର୍ବାଧିକ ରନ୍ ସ୍କୋରର ହୋଇଛନ୍ତି। ଏ କ୍ଷେତ୍ରରେ ☞ପୃଷ୍ଠା-୪



ବିରାଟ କୋହଲି


DSPL-471



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

୬,୭୦୧ କୋଟି ଟଙ୍କାର ୭୧ଟି ପ୍ରକଳ୍ପର
ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ
ଏବଂ
ଜାତୀୟ ସଡ଼କ ସୁରକ୍ଷା ମାସ ଅବସରରେ
ଲୋକାଭିମୁଖୀ କାର୍ଯ୍ୟକ୍ରମର ଶୁଭାରମ୍ଭ

୦୧ - ୩୧ ଜାନୁଆରୀ ୨୦୨୬

ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ

ଗରିମାମୟ ଉପସ୍ଥିତି

ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ
ମନ୍ତ୍ରୀ, ପୂର୍ତ୍ତ, ଆଇନ ଓ ଅବକାରୀ

ଶ୍ରୀ ବିଭୂତି ଭୂଷଣ ଜେନା
ମନ୍ତ୍ରୀ, ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି

| ରାଜ୍ୟ ପରିବହନ ପ୍ରାଧିକରଣ | ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ | କ୍ୟାପିଟାଲ୍ ରିଜିଅନ ଅର୍ବାନ୍ ଟ୍ରାନ୍ସପୋର୍ଟ |
|---|---|---|
| • ମୁଖ୍ୟମନ୍ତ୍ରୀ ସଡ଼କ ସୁରକ୍ଷା ସମ୍ମାନର ଶୁଭାରମ୍ଭ<br>• ବିଦ୍ୟାଳୟ ପରିସର ସୁରକ୍ଷା ରେଟିଂର ଶୁଭାରମ୍ଭ<br>• ଘାଟି ରାସ୍ତାରେ ସତର୍କ ସୂଚନା ଘଣ୍ଟିର ଶୁଭ ଉଦଘାଟନ<br>• ବୈଦ୍ୟୁତିକ ଯାନ ଚାର୍ଜିଂ ଷ୍ଟେସନର ଶୁଭାରମ୍ଭ<br>• ଟ୍ରାଫିକ୍ ପରିଚାଳନା ଯୋଜନା ପାଇଁ ବୁଝାମଣାପତ୍ର ସ୍ୱାକ୍ଷର<br>• ଗିରିଶୋଳା ଟ୍ରକ୍ ଟର୍ମିନାଲର ଜମି କାଗଜପତ୍ର HPCLକୁ ହସ୍ତାନ୍ତର | • ମୁଖ୍ୟମନ୍ତ୍ରୀ ବସ୍ ସେବା ଅଧୀନରେ ବସ୍ ପରିଚାଳନା ମାର୍ଗର ପୁନର୍ବିନ୍ୟାସ<br>• ଓଏସ୍ଆର୍‌ଟିସି କ୍ଲୋଜ୍‌ଡ ଲୁପ୍ ଟ୍ରାନଜିଟ୍ (ସ୍ମାର୍ଟ କାର୍ଡ)ର ଶୁଭାରମ୍ଭ<br>• ୧୦ଟି ଜିଲ୍ଲାରେ ମୋଟ ୧୫୬.୫୩ କୋଟି ଟଙ୍କା ବ୍ୟୟରେ ୧୪ଟି ଅଟଳ ବସ୍‌ଷ୍ଟାଣ୍ଡର ଲୋକାର୍ପଣ<br>• ଓଏସ୍ଆର୍‌ଟିସିର ୧୦୦ଟି ନୂତନ ବସ୍‌ର ଶୁଭାରମ୍ଭ | • ବ୍ରହ୍ମପୁରରେ CRUT ଇ-ବସ୍ ଡିପୋରେ ୨୫ ବୈଦ୍ୟୁତିକ 'ଆମ ବସ୍' ଶୁଭାରମ୍ଭ |

କନ୍‌ଭେନସନ୍ ସେଣ୍ଟର୍, ଲୋକସେବା ଭବନ, ଭୁବନେଶ୍ୱର | ୧୨ ଜାନୁଆରୀ ୨୦୨୬ | ସକାଳ ୧୧ଟା

OIPR-

ବାଣିଜ୍ୟ ଓ ପରିବହନ ବିଭାଗ | ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ | ପୂର୍ତ୍ତ ବିଭାଗ, ଓଡ଼ିଶା ସରକାର

# 'ନିଜକୁ ପ୍ରଜ୍ୱଳିତ କର, ବିଶ୍ୱକୁ ପ୍ରଭାବିତ କର'

## ଆଜି ଜାତୀୟ ଯୁବ ଦିବସ



**ଭୁବନେଶ୍ୱର, ୧୧।୧ (ବନ୍ଦନା ସେଠୀ)**

ଜାନୁଆରୀ ୧୨ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଦିନ ଅବସରରେ ଆମ ଦେଶରେ ଜାତୀୟ ଯୁବ ଦିବସ ପାଳିତ ହୋଇଆସୁଛି। ୧୯୮୪ ମସିହାରେ ଭାରତ ସରକାର ଯୁବକମାନଙ୍କୁ ବିବେକାନନ୍ଦଙ୍କ ସଶକ୍ତୀକରଣ, ଜ୍ଞାନ ଏବଂ ନିଃସ୍ୱାର୍ଥପର ସେବାର ଆଦର୍ଶରେ ଅନୁପ୍ରାଣିତ କରିବା ପାଇଁ ଉକ୍ତ ଦିନଟିକୁ 'ଜାତୀୟ ଯୁବ ଦିବସ' ଭାବେ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲେ। ତଦନୁସାରେ ୧୯୮୫ ମସିହାରେ ସ୍କୁଲ ଓ କଲେଜରେ ସାଂସ୍କୃତିକ, ସେମିନାର ଓ ପ୍ରେରଣାଦାୟକ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ଦିବସ ପାଳନ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମ ଯୁବକଙ୍କ ଶକ୍ତି, ଚରିତ୍ର ଏବଂ ଆତ୍ମବିଶ୍ୱାସକୁ ଜାଗ୍ରତ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରେ, ଯାହାଦ୍ୱାରା ସେମାନେ ଦାୟିତ୍ୱବାନ୍ ନାଗରିକ ହୋଇ ସାମାଜିକ ପରିବର୍ତ୍ତନରେ ସକ୍ରିୟ ଯୋଗଦାନକାରୀ ହୋଇପାରିବେ। ଚଳିତବର୍ଷ ଏହି ଦିବସର ବିଷୟବସ୍ତୁ ରହିଛି 'ନିଜକୁ ପ୍ରଜ୍ୱଳିତ କର, ବିଶ୍ୱକୁ ପ୍ରଭାବିତ କର'।

## କ'ଣ କୁହନ୍ତି ଏମାନେ...

### ଦେଶର ଭବିଷ୍ୟତ ଯୁବଶକ୍ତି



ଦେଶର ଭବିଷ୍ୟତ ହେଉଛନ୍ତି ଯୁବ ଶକ୍ତି। ତେଣୁ ସେମାନେ ସର୍ବଦା ସୁରକ୍ଷିତ ରହିବା ସହିତ ଦେଶର ସୁରକ୍ଷା ପାଇଁ କାମ କରିବାକୁ ଆଗେଇ ଆସିବା ଦରକାର। କେବଳ ଯେ ସୈନିକ ହେଲେ ଦେଶର ସୁରକ୍ଷା କରିହେବ ତା' ନୁହେଁ, ଲୋକଙ୍କ ସେବା କରିବା ଠାରୁ ଆରମ୍ଭ କରି ପରିବେଶ ସୁରକ୍ଷା, ଅନ୍ୟାୟ ଦେଖିଲେ ତାହାର ବିରୋଧ କରିବା ଆଦି ଅନେକ କାର୍ଯ୍ୟ କରି ଦେଶ ମାତୃକା ପ୍ରତି ନିଜର କର୍ତ୍ତବ୍ୟ ସମ୍ପାଦନ କରିହେବ।

- ସୋନାଲିସା ସାହୁ, ଛାତ୍ରୀ

### ଯୁବପିଢ଼ିଙ୍କୁ ନିଶାଠାରୁ ଦୂରେଇ ରଖିବାକୁ ପଡିବ



ଆଜିକାଲିର ଅଧିକାଂଶ ଯୁବପିଢି ନିଶାସେବନ ସହିତ ଅପରାଧରେ ଜଡିତ ରହୁଛନ୍ତି। ଯେଉଁମାନଙ୍କ ହାତରେ ଦେଶର ଭବିଷ୍ୟତ ନିର୍ଭର କରୁଛି, ସେମାନେ ଆଧୁନିକତା ନାମରେ ନିଜକୁ ନଷ୍ଟ କରିବାକୁ ବସିଛନ୍ତି। ତେଣୁ ପ୍ରଥମେ ଯୁବପିଢ଼ିଙ୍କୁ ନିଶାସେବନରୁ ନିବୃତ୍ତ ରଖିବାକୁ ପଡ଼ିବ। ନିଜର ନୈତିକ ଦାୟିତ୍ୱ ପ୍ରତି ସଚେତନ ହେବାକୁ ପଡିବ।

- ତୋଫାନ କୁମାର, କର୍ମଜୀବୀ

### ଯୁବବର୍ଗ ଶୃଙ୍ଖଳିତ ହେଲେ ଅଖଣ୍ଡ, ସୁନାର ଭାରତ ଗଢ଼ିହେବ



ରାଷ୍ଟ୍ର ନିର୍ମାଣ ପ୍ରକ୍ରିୟାରେ ଯୁବକଙ୍କ ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ମାତ୍ର ଏବେକାର ଯୁବପିଢ଼ି ପାଶ୍ଚାତ୍ୟ ସଂସ୍କୃତି ଏବଂ ଆଧୁନିକତା ପ୍ରତି ଆକର୍ଷିତ ହୋଇ ନିଜକୁ ତଥା ସମାଜକୁ ବିଗାଡିବାରେ ଲାଗିଛନ୍ତି। ଦିନକୁ ଦିନ ମଣିଷପଣିଆ ମରିବାକୁ ଲାଗିଛି। ତେଣୁ ଦେଶର ଯୁବଶକ୍ତିମାନେ ପ୍ରଥମେ ନିଜକୁ ଶୃଙ୍ଖଳିତ ଭାବେ ଗଢିବା ଆବଶ୍ୟକ। ଆଜିର ଶିଶୁ କାଲିର ଭବିଷ୍ୟତ, ସେହିପରି ଆଜିର ଯୁବଶକ୍ତି ଭବିଷ୍ୟତର ରାଷ୍ଟ୍ର ନିର୍ମାତା। ତେଣୁ ପ୍ରଥମେ ନିଜକୁ ଗଢ଼ିପାରିଲେ ଏକ ଅଖଣ୍ଡ ଏବଂ ସୁନାର ଭାରତ ଗଠନ ହୋଇପାରିବ।

- ଦେବେନ୍ଦ୍ର ପ୍ରସାଦ, ଛାତ୍ର

### ପିଲାଙ୍କୁ ସମାଜ ପ୍ରତି କର୍ତ୍ତବ୍ୟ ନେଇ ମାତାପିତା ସଚେତନ କରାନ୍ତୁ



ପିଲାମାନଙ୍କୁ ଛୋଟବେଳୁ ହିଁ ସମାଜ ତଥା ଦେଶ ପ୍ରତି ସେମାନଙ୍କ ଦାୟିତ୍ୱ ବା କର୍ତ୍ତବ୍ୟ ସମ୍ପର୍କରେ ମାତାପିତା ସଚେତନ କରାଇବା ଆବଶ୍ୟକ। ଏଥିସହ ପିଲାବେଳୁ ଗଛ ଲଗାଇବା, ପରିବେଶକୁ ସଫା ରଖିବା, ଦୁଃଖୀ ଦରିଦ୍ରଙ୍କୁ ନିଜ ସାମର୍ଥ୍ୟ ମତେ ସାହାଯ୍ୟ କରିବା ଆଦି କାର୍ଯ୍ୟ କରିବାକୁ ପ୍ରେରିତ କରିବା ଦରକାର। ଫଳରେ ସେମାନେ ବଡ଼ ହେବା ପରେ ଏଭଳି ମହତ୍ କାମ କରିବା ସହ ଅନ୍ୟମାନଙ୍କୁ ଏଥିପାଇଁ ପ୍ରେରିତ କରିବେ। ଛୋଟ ଛୋଟ ପଦକ୍ଷେପ ଆଗାମୀ ଦିନରେ ବଡ଼ ପରିବର୍ତ୍ତନ ଆଣିବାରେ ସହାୟକ ହୋଇଥାଏ।

- ସାଗରିକା ବେହେରା, ଛାତ୍ରୀ

# ୧୨ ଶିକ୍ଷାନୁଷ୍ଠାନ ଠକିଛନ୍ତି ୧୫.୫୭ କୋଟି

## ସିଏଜି ହାତରେ ଏସ୍‌ସି, ଏସ୍‌ଟି ବିଭାଗର ଛାତ୍ରବୃତ୍ତି ଦୁର୍ନୀତି

**ଭୁବନେଶ୍ୱର, ୧୧।୧ (ରବିନାରାୟଣ ଜେନା)**

ରାଜ୍ୟରେ ୨୦୧୧-୧୨ରୁ ୨୦୧୯-୨୦ ଆର୍ଥିକବର୍ଷ ମଧ୍ୟରେ ବିପୁଳ ପରିମାଣର ଛାତ୍ରବୃତ୍ତି ହରିଲୁଟ୍ ହୋଇଛି। ଅନୁସୂଚିତ ଜାତି ଓ ଜନଜାତି (ଏସ୍‌ସି, ଏସ୍‌ଟି) ବିଭାଗର ତ୍ରୁଟିପୂର୍ଣ୍ଣ ପଦ୍ଧତି, ବିଳମ୍ବିତ କାର୍ଯ୍ୟ ଧାରା ଏବଂ ମନମୁଖି କାର୍ଯ୍ୟ ଯୋଗୁ ୧୨ଟି ଶିକ୍ଷାନୁଷ୍ଠାନରେ ୧୫.୫୭କୋଟି ଟଙ୍କାର ଛାତ୍ରବୃତ୍ତି ଠକେଇ ହୋଇଛି ବୋଲି ଭାରତର ମହାଲେଖା ନିୟନ୍ତ୍ରକ(ସିଏଜି)ଙ୍କ ରିପୋର୍ଟରୁ ଜଣାଯାଇଛି। ତେବେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବା ତଥା ସେମାନଙ୍କୁ ମେଧାବୀ କରି ସ୍ୱାବଲମ୍ବୀ କରିବାପାଇଁ ଲକ୍ଷ୍ୟ ରଖାଯାଇଛି। ଏହାକୁ ନେଇ ଯୋଜନାର ତାଲିକା ଲମ୍ବି ଚାଲିଛି। ହେଲେ ଏହାକୁ ବିଭାଗୀୟ କର୍ତ୍ତୃପକ୍ଷ ଠିକଣା ଭାବେ କାର୍ଯ୍ୟାନ୍ୱୟନ କରି ନ ଥିବାରୁ ଶତାଧିକ କୋଟି ଟଙ୍କାର ଛାତ୍ରବୃତ୍ତି ବାଟମାରଣା ହୋଇଛି ବୋଲି ସିଏଜିଙ୍କ ପକ୍ଷରୁ ନିକଟରେ ପବ୍ଲିକ ଆକାଉଣ୍ଟ କମିଟି(ପିଏସି)କୁ ପ୍ରଦାନ କରାଯାଇଥିବା ତଥ୍ୟରୁ ଜଣାଯାଇଛି।

ସିଏଜିଙ୍କ ତଥ୍ୟ ଅନୁଯାୟୀ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପକ୍ଷରୁ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଯେଉଁ 'ଆଇଡି' ପ୍ରଦାନ କରାଯାଇଛି ତାହା ତ୍ରୁଟିପୂର୍ଣ୍ଣ ରହିଥିଲା; ଯେଉଁଥିପାଇଁ ୨୦୧୬-୧୯ ମଧ୍ୟରେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲା ମଙ୍ଗଳ ଅଧିକାରୀଙ୍କ ଦ୍ୱାରା ପଞ୍ଜୀକରଣ ହୋଇଥିବା ୧୧ଟି ଶିକ୍ଷାନୁଷ୍ଠାନ ଜରିଆରେ ଏହିସବୁ ଦୁର୍ନୀତି ହୋଇଛି। ବିଶେଷକରି ଶିକ୍ଷାନୁଷ୍ଠାନ ଗୁଡ଼ିକ 'ପ୍ରେରଣା' ପୋର୍ଟାଲରେ ଛାତ୍ରୀଛାତ୍ରଙ୍କ ଆବେଦନକୁ ଠିକଣା ଭାବେ ଯାଞ୍ଚ ନ କରି ଛାତ୍ରବୃତ୍ତି ଦେଇଛନ୍ତି। ଏହାକୁ ନେଇ ୨୦୨୩ ନଭେମ୍ବର ୧୪ରେ ତତ୍କାଳୀନ ମୁଖ୍ୟଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ସେତେବେଳେ ସଂପୃକ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନକୁ ଅନୁଦାନ ଦେବା ପୂର୍ବରୁ ଏହାର ଠିକଣା ଭାବେ ଯାଞ୍ଚ କରିବାକୁ ମଧ୍ୟ ତାଗିଦ କରାଯାଇଥିଲା। ହେଲେ ବିଭାଗୀୟ ଅଧିକାରୀମାନେ ସେସବୁକୁ ଗୁରୁତ୍ୱ ଦେଇ ନ ଥିଲେ। ତେଣୁ ଛାତ୍ରବୃତ୍ତି ପ୍ରଦାନରେ ବ୍ୟାପକ ଜାଲିଆତି ହୋଇଛି ବୋଲି ସିଏଜିଙ୍କ ପକ୍ଷରୁ ରିପୋର୍ଟ-୨ରେ ଦର୍ଶାଯାଇଛି।

ଏହାକୁ ନେଇ ସିଏଜିଙ୍କ ପକ୍ଷରୁ ଅନୁସୂଚିତ ଜାତି ଓ ଜନଜାତି ବିଭାଗକୁ ଜିଲାସ୍ତରରେ ତଥ୍ୟ ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଥିଲା। ହେଲେ ବିଭାଗୀୟ କର୍ତ୍ତୃପକ୍ଷ ଅଦ୍ୟାବଧି ଏସବୁକୁ ଗୁରୁତ୍ୱ ଦେଉଥିବା ଭଳି ଲକ୍ଷ୍ୟ କରାଯାଉନାହିଁ। ବିଶେଷକରି ୨୦୧୭-୨୧ ମଧ୍ୟରେ ପୋଷ୍ଟ ମାଟ୍ରିକ୍ ଛାତ୍ରବୃତ୍ତିରେ ବିଭାଗ ପକ୍ଷରୁ ୫୪ହଜାର ୬୪୨ଜଣ ଛାତ୍ରୀଛାତ୍ରଙ୍କୁ ଯେଉଁଛାତ୍ରବୃତ୍ତିପ୍ରଦାନ କରାଯାଇଛିସେଥିରେ ବହୁ ଅନିୟମିତତା ପରିଲକ୍ଷିତ ହୋଇଛି।

ସବୁଠାରୁ ବଡ଼କଥା ହେଲା, ସରକାରଙ୍କ ପକ୍ଷରୁ ଛାତ୍ରବୃତ୍ତି ପ୍ରଦାନରେ ଅହେତୁକ ବିଳମ୍ବ ଯୋଗୁ ଛାତ୍ରମାନେ ଉଚ୍ଚଶିକ୍ଷାରୁ ବଞ୍ଚିତ ହୋଇ ଅଧାରୁ ପାଠପଢ଼ା ଛାଡ଼ିଛନ୍ତି। ଅନେକ ସମୟରେ ଛାତ୍ରୀଛାତ୍ରମାନଙ୍କ ଆବେଦନକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଛାତ୍ରବୃତ୍ତି ଲାଗି ବିଚାରକୁ ନିଆଯାଇନାହିଁ। ଫଳରେ ତାହା ନାକଚ ହୋଇଯାଇଛି। ଏପରି କି ୨୦୨୪-୨୫ ଆର୍ଥିକବର୍ଷରେ ମଧ୍ୟ ସମାନ ସ୍ଥିତି ପରିଲକ୍ଷିତ ହୋଇଛି, ଯେଉଁଥିପାଇଁ ୫୦୦୦ରୁ ଅଧିକ ଛାତ୍ରୀଛାତ୍ର ଛାତ୍ରବୃତ୍ତି ପାଇପାରି ନାହାନ୍ତି। ସରକାରଙ୍କ ପକ୍ଷରୁ ଛାତ୍ରବୃତ୍ତି ଲାଗି ଯେଉଁସବୁ ମାର୍ଗଦର୍ଶିକା ଜାରି ହୋଇଛି ତାହାକୁ ଏସ୍‌ସି, ଏସ୍‌ଟି ବିଭାଗ ଠିକଣା ଭାବେ ପାଳନ କରିନ ଥିବା ସିଏଜିଙ୍କ ରିପୋର୍ଟରୁ ଜଣାଯାଇଛି।

# ଏୟାରଗନ ଗୁଳିରେ ନାବାଳକ ଆହତ

## ଅଭିଯୁକ୍ତ ଗିରଫ, ଏୟାରଗନ୍ ଜବତ

**ସମ୍ବଲପୁର, ୧୧।୧ (ପ୍ରମୋଦ ବହିଦାର)**

ସମ୍ବଲପୁର ସଦରଥାନା ଅନ୍ତର୍ଗତ ମିର୍ଗାମୁଣ୍ଡା ରାସନପୁର ଗ୍ରାମରେ ରବିବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଏୟାରଗନ୍‌ରୁ ଗୁଳି ଫୁଟି ଜଣେ ନାବାଳକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ପ୍ରତାପ କିସାନ(୯)। ଏହି ଘଟଣାରେ ସଦରଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ରାସନପୁର ଗ୍ରାମର ଦିବ୍ୟାଂଶୁ ପୁରୋହିତ ଓରଫ ବିଟୁ(୨୫)। ତାଙ୍କ ନିକଟରୁ ପୋଲିସ ଗୁଳିଫୁଟିଥିବା ଏୟାରଗନ୍ ଓ କାର୍ତ୍ତିଜକୁ ଜବତ କରିଛି। ଅଭିଯୁକ୍ତଙ୍କ ଘର ଯାଞ୍ଚ ବେଳେ ପୋଲିସ ବିପୁଳ ମାତ୍ରାରେ ଆଗ୍ନେୟାସ୍ତ୍ର ଆଦି ମାରଣାସ୍ତ୍ର ଜବତ କରିଥିବା ସୂଚନା ମିଳିଛି। ତେବେ ଗୁଳିକାଣ୍ଡର ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ମିଳିଥିବା ସୂଚନା ଅନୁସାରେ, ଆହତ ନାବାଳକ ପ୍ରତାପଙ୍କ ପରିବାର ଗତ ୭ବର୍ଷ ହେଲା ମାନେଶ୍ୱର ଅଞ୍ଚଳରେ ଘରଭଡ଼ା ନେଇ ରହି ଆସୁଥିଲେ। ତାଙ୍କ ପିତା ଅନିରୁଦ୍ଧ କିଶାନ ଏଠାରେ ଗାଡ଼ି ଚାଳକଭାବେ କାର୍ଯ୍ୟ କରୁଥିଲେ। ରବିବାର ପୂର୍ବାହ୍ନରେ ନାବାଳକ ଜଣକ ତାଙ୍କ ଘର ଛାତରେ ଖେଳୁଥିଲେ। ଏହି ସମୟରେ ତାଙ୍କ ଘର ପାର୍ଶ୍ୱରେ ରହୁଥିବା ଘର ମାଲିକଙ୍କ ପୁଅ ବିଟୁ ଛାତ ଉପରୁ ଏୟାରଗନରୁ ଗୁଳି ଚାଳନା କରୁଥିଲେ। ଅସାବଧାନତା ଯୋଗୁ ତାଙ୍କ ଏୟାରଗନ୍‌ରୁ ଗୁଳିଫୁଟି ପ୍ରତାପଙ୍କ ବାମ ପାର୍ଶ୍ୱ କାଖ ତଳେ ବିଦ୍ଧ ହୋଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ବୁର୍ଲା ଭିମ୍‌ସାରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା କରି ପ୍ରତାପଙ୍କ ଶରୀରରେ ବିଦ୍ଧ ଗୁଳିକୁ ବାହାର କରାଯାଇଥିଲା। ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତେବେ ଗୁଳିକାଣ୍ଡ ପରେ ଫେରାର ହେବାକୁ ଉଦ୍ୟମ କରିବା ସମୟରେ ଅଭିଯୁକ୍ତ ଦିବ୍ୟାଂଶୁଙ୍କୁ ପୋଲିସ ହାତୀବାରି ନିକଟରୁ ଗିରଫ କରିଥିଲା।

DSPL-473

ଓଡ଼ିଶା ଶାସନ







ଜାତୀୟ ଯୁବ ଦିବସ ୨୦୨୬

ମୁଖ୍ୟ ଅତିଥି
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

ଗରିମାମୟ ଉପସ୍ଥିତି
ଶ୍ରୀ ସୂର୍ଯ୍ୟବଂଶୀ ସୂରଜ
ମନ୍ତ୍ରୀ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି

୧୨ ଜାନୁଆରୀ ୨୦୨୬ | ଅପରାହ୍ନ ୩ଟା
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର
ନୂତନ କନ୍‌ଭୋକେସନ୍ ହଲ୍,
ନୂତନ ଆଡ୍‌ମିନିଷ୍ଟ୍ରେଟିଭ୍ ବିଲ୍‌ଡିଙ୍ଗ ନିକଟରେ

OIPR-

ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା ସରକାର




ସମ୍ବଲପୁରରେ ବୃହତ୍ ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ପାର୍ଶ୍ୱରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଓ ବିଧାୟକ ଜୟନାରାୟଣ ମିଶ୍ର।

# ରାସ୍ତା ନିର୍ମାଣକାରୀ ସଂସ୍ଥାଙ୍କୁ ଚିଠି ଲେଖିଲା ଏସ୍‌ଟିଏ

## ରାସ୍ତାରୁ ବାଲି, ମାଟି, ଅଳିଆ ହଟାଇବାକୁ ନିର୍ଦ୍ଦେଶ

**କଟକ,୧୧।୧(କାର୍ତ୍ତିକ ସାହୁ)**

ରାସ୍ତାରେ ବାଲି, ମାଟି, ଅଳିଆ, ମରାମତି କିମ୍ବା ନିର୍ମାଣ କାମରେ ବ୍ୟବହାର ହୋଇଥିବା ବଳକା ସାମଗ୍ରୀ ପଡ଼ିବା ଯୋଗୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ଏହାକୁ ନେଇ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହାସହ ତୁରନ୍ତ ସଂଶୋଧନମୂଳକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ଜାତୀୟ ରାଜପଥ ପ୍ରାଧିକରଣ, ପୂର୍ତ୍ତ ବିଭାଗ, ପୌରପାଳିକା, ଏନ୍‌ଏସି ସମେତ ସମସ୍ତ ସଡ଼କ ନିର୍ମାଣକାରୀ ଏବଂ ରକ୍ଷଣାବେକ୍ଷଣ ସଂସ୍ଥାଗୁଡ଼ିକୁ ଚିଠି ଜାରି କରାଯାଇଛି। ଯେଉଁଥିରେ ରାସ୍ତାକୁ ଅସୁରକ୍ଷିତ କରୁଥିବା ବାଲି, ମାଟି, ଅଳିଆ, ରାସ୍ତା ମରାମତି କିମ୍ବା ନିର୍ମାଣ କାମରେ ବ୍ୟବହାର ହୋଇଥିବା ବଳକା ସାମଗ୍ରୀ ହଟାଇବାକୁ କୁହାଯାଇଛି। ରାସ୍ତାରେ ଏସବୁ ପଡିବା ଦ୍ୱାରା ଗାଡ଼ି ଚକା ଖସିବା ଏବଂ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ବିଶେଷ କରି ଦୁଇଚକିଆ ଚାଳକଙ୍କ ପାଇଁ ଏହା ବିପଦପୂର୍ଣ୍ଣ ହୋଇଥାଏ। ସଡ଼କ ବ୍ୟବହାରକାରୀଙ୍କ ସୁରକ୍ଷା ଦୃଷ୍ଟିରେ ରଖି ଏ ଦିଗରେ ସମ୍ପୃକ୍ତ ସଂସ୍ଥାଗୁଡ଼ିକ ଯତ୍ନବାନ ହେବାକୁ କୁହାଯାଇଛି। ମୋଟରଯାନ ଆଇନ ୧୯୮୮ର ଧାରା ୧୯୮(କ) ଅନୁଯାୟୀ, ରାସ୍ତା ଡିଜାଇନ, ନିର୍ମାଣ ଏବଂ ରକ୍ଷଣାବେକ୍ଷଣ ପାଇଁ ମାନଦଣ୍ଡ ପାଳନ କରିବାରେ ବିଫଳତା କ୍ଷେତ୍ରରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ସମସ୍ତ ଏଜେନ୍ସିକୁ ନିୟମିତ ଭାବେ ସଡ଼କ ପରିଷ୍କାର କରିବା, ବାଲି କିମ୍ବା ଅନ୍ୟ କିଛି ସାମଗ୍ରୀ ରାସ୍ତାରେ ରହିଲେ ତାକୁ ତୁରନ୍ତ ବାହାର କରିବାକୁ କୁହାଯାଇଛି । ଦୁର୍ଘଟଣାପ୍ରବଣ ସ୍ଥାନ, ସମ୍ବେଦନ ସଡ଼କ ଚିହ୍ନଟ କରି ଏନ୍‌ଫୋର୍ସମେଣ୍ଟ ଅଧିକାରୀଙ୍କୁ ଜଣାଇବେ। ଦୁର୍ଘଟଣା ତଦନ୍ତ ସମୟରେ ଯେକୌଣସି ତ୍ରୁଟି ଦେଖାଗଲେ ତାହାକୁ ଗମ୍ଭୀରତାର ସହ ବିଚାର କରାଯିବ ଏବଂ ତାର ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସଡ଼କ ସୁରକ୍ଷାର ବୃହତ୍ତର ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ଚିଠି ଜାରି କରାଯାଇଛି ଏବଂ ଏହାକୁ ପାଳନ କରିବା ଅତ୍ୟନ୍ତ ଜରୁରୀ ବୋଲି ନିର୍ଦ୍ଦେଶ ଦିଆଯାଇଛି।

# ସମ୍ବଲପୁରବାସୀଙ୍କୁ ମିଳିବ ୨୪ ଘଣ୍ଟିଆ ଶୁଦ୍ଧ ପାନୀୟଜଳ: ମୁଖ୍ୟମନ୍ତ୍ରୀ

## ମେଗା ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ

**ସମ୍ବଲପୁର,୧୧।୧ (ପ୍ରମୋଦ ବହିଦାର)**

ସମ୍ବଲପୁରବାସୀଙ୍କୁ ମିଳିବ ୨୪ ଘଣ୍ଟିଆ ଉତ୍ତମ ଗୁଣବତ୍ତାଯୁକ୍ତ ସୁରକ୍ଷିତ ପାନୀୟଜଳ। ଏଥିସହିତ ଏଠାରେ ସବୁଦିନ ପାଇଁ ପାନୀୟଜଳ ସମସ୍ୟାର ସମାଧାନ ହେବ। ରବିବାର କେନ୍ଦ୍ର ସରକାରଙ୍କ 'ଅମୃତ ୨.୦' ଯୋଜନା ଅନ୍ତର୍ଗତ ଜମାଦାରପାଲି ଟିପୁପଡ଼ାଠାରେ ପ୍ରସ୍ତାବିତ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଅଭିଯାନର ସଫଳ ରୂପାୟନ ସ୍ୱରୂପ ଦୁଇ ବୃହତ୍ ପାନୀୟଜଳ ପ୍ରକଳ୍ପର ଶିଳାନ୍ୟାସ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ଏହି ଅବସରରେ ସେ ବକ୍ତବ୍ୟ ରଖି କହିଥିଲେ, ଏହି ଦୁଇ ପ୍ରକଳ୍ପ ଜରିଆରେ ସମ୍ବଲପୁର ସହରର ମୋଟ ୪୧ଟି ୱାର୍ଡର ପ୍ରାୟ ୫ଲକ୍ଷ ଲୋକଙ୍କୁ ଦୈନିକ ୧୦୦ନିୟୁତ ଲିଟର ଗୁଣବତ୍ତା ବିଶିଷ୍ଟ ବିଶୁଦ୍ଧ ପାନୀୟଜଳ ଯୋଗାଣର ଲକ୍ଷ୍ୟ ରଖାଯାଇଛି, ଯଦ୍ୱାରା ଲୋକେ ସିଧାସଳଖ ଟ୍ୟାପ୍‌ରୁ ପାଣି ପିଇପାରିବେ। ପ୍ରାୟ ୪୫୧ କୋଟି ୨୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଜମାଦାରପାଲି ଟିପୁପଡ଼ାରେ ଦୈନିକ ୬୫ ନିୟୁତ ଲିଟର(ଏମ୍‌ଏଲ୍‌ଡି) ଓ ବୁର୍ଲାରେ ଦୈନିକ ୩୫ ନିୟୁତ ଲିଟର(ଏମ୍‌ଏଲ୍‌ଡି) କ୍ଷମତା ବିଶିଷ୍ଟ ଦୁଇଟି ମେଗା ଜଳ ବିଶୋଧନାଗାର ଓ ପାନୀୟଜଳ ଯୋଗାଣ ପକଳ୍ପ ସ୍ଥାପନ ହେବ। ଏଥିପାଇଁ ସମଗ୍ର ସହର ମଧ୍ୟରେ ପ୍ରାୟ ୩୪୦ କିଲୋମିଟର ଦୀର୍ଘର ପାଣି ପାଇପ୍ ଲାଇନ ବିଛାଯିବ।

ଶିଳାନ୍ୟାସ ଉତ୍ସବରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରି ନାଏକ, ଭାଜପା ଜିଲା ସଭାପତି ରାମଚନ୍ଦ୍ର ମେହେର, ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ୍, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦାର, ଏସ୍‌ପି ମୁକେଶ କୁମାର ଭାମୁ, ୱାଟ୍‌କୋ ମୁଖ୍ୟ ପ୍ରବନ୍ଧକ ବ୍ରହ୍ମେଶ୍ୱର ଦାସଙ୍କ ସହିତ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ। ସହରବାସୀଙ୍କ ଦୀର୍ଘଦିନର ପିଇବା ପାଣି ସମସ୍ୟାକୁ ଦୃଷ୍ଟିରେ ରଖି ୨୪ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳଯୋଗାଣ ଉଦ୍ଦେଶ୍ୟରେ ଏହି ଦୁଇ ପ୍ରକଳ୍ପ ସହାୟକ ହେବ ବୋଲି ଆଶା କରାଯାଉଛି।

# ରାଜ୍ୟର ୮୯ ଚିକିତ୍ସାଳୟରେ ହେବ ଟ୍ରମାକେୟାର ୟୁନିଟ୍

## ସମ୍ବଲପୁର ଡିଏଚ୍‌ଏଚ୍‌ରେ ଟ୍ରମାକେୟାର କେନ୍ଦ୍ର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

**ସମ୍ବଲପୁର,୧୧।୧(ପ୍ରମୋଦ ବହିଦାର)**

ରାଜ୍ୟର ଜିଲା ମୁଖ୍ୟ ଚିକିତ୍ସାଳୟ ସହିତ ୮୯ ଚିକିତ୍ସାଳୟରେ ପ୍ରତିଷ୍ଠା ହେବ ନୂତନ ଟ୍ରମା କେୟାର ୟୁନିଟ୍ ବା ଗୁରୁତର ଆଘାତ ଯତ୍ନକେନ୍ଦ୍ର। ରବିବାର ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଅତ୍ୟାଧୁନିକ ଟ୍ରମାକେୟାର କେନ୍ଦ୍ର ବହିର୍ବିଭାଗ କୋଠାର ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି। ପ୍ରାୟ ୨୧ କୋଟି ୨୮ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏହି ଅତ୍ୟାଧୁନିକ ଟ୍ରମାକେୟାର କେନ୍ଦ୍ର, ବହିର୍ବିଭାଗ(ଓପିଡି), ଡାଏଲିସିସ୍ କକ୍ଷ ଓ ୨ କୋଟି ୫୩ ଲକ୍ଷ ବ୍ୟୟ ଅଟକଳରେ ନିର୍ମିତ ସ୍ୱତନ୍ତ୍ର ଉପକରଣ ସଫେଇ ଓ ବିଶୋଧନ ପ୍ରଣାଳୀଯୁକ୍ତ ସେଣ୍ଟ୍ରାଲ ଷ୍ଟେରାଇଲ୍ ସପ୍ଲାଏ ଡିପାର୍ଟମେଣ୍ଟ(ସିଏସ୍‌ଏସ୍‌ଡି)ର ସେ ଫିତାକାଟି ଉଦ୍‌ଘାଟନ କରିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ସଂପ୍ରତି ଟ୍ରାଫିକ୍ ସମସ୍ୟା ଉତ୍କଟ ହେବା ସାଙ୍ଗକୁ ଅନୁରୂପଭାବେ ଦୁର୍ଘଟଣା ହାର ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଦୁର୍ଘଟଣାଗ୍ରସ୍ତଙ୍କ ତୁରନ୍ତ ଆବଶ୍ୟକ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତିର ଆବଶ୍ୟକତା ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ପ୍ରତ୍ୟେକ ଜିଲାର ସଦର ମହକୁମା ଚିକିତ୍ସାଳୟରେ ଟ୍ରମାକେୟାର କେନ୍ଦ୍ରର ମଧ୍ୟ ଜରୁରୀ ରହିଛି। ଏଭଳି ଆବଶ୍ୟକତାକୁ ହୃଦୟଙ୍ଗମ କରି ରାଜ୍ୟରେ ଶାସନଭାର ଗ୍ରହଣ କରିବାର ମାତ୍ର ୧୩ ଦିନ ମଧ୍ୟରେ ସମସ୍ତ ସରକାରୀ ମେଡିକାଲ କଲେଜ, ଜିଲା ମୁଖ୍ୟ ଚିକିତ୍ସାଳୟ ସହିତ ଅନ୍ୟାନ୍ୟ ମୁଖ୍ୟ ସରକାରୀ ଚିକିତ୍ସାଳୟରେ ଟ୍ରମାକେୟାର କେନ୍ଦ୍ର ସ୍ଥାପନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଟ୍ରମା କେୟାର ପ୍ରତିଷ୍ଠା ହେଲେ ଦୁର୍ଘଟଣାଜନିତ ମୃତ୍ୟୁହାର ହ୍ରାସ ପାଇବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଥିଲେ। ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ତେଣୁ ବିଭିନ୍ନ ଜିଲାରେ ଥିବା ଚିକିତ୍ସାଳୟଗୁଡ଼ିକର ଉନ୍ନତୀକରଣ କାର୍ଯ୍ୟ ହାତକୁ ନିଆଯାଇଛି। ଏହି କ୍ରମରେ ରବିବାର ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ନୂତନ ଓପିଡି କୋଠାର ଉଦ୍‌ଘାଟନ ହୋଇଛି। ଏଠାରେ ରୋଗୀଙ୍କୁ ପ୍ରାୟ ୭ଶହ ପ୍ରକାରର ବିଭିନ୍ନ ଔଷଧ ନିଃଶୁଳ୍କ ପ୍ରଦାନ କରାଯିବ। ଏହାଦ୍ୱାରା ସମ୍ବଲପୁର ଜିଲାବାସୀଙ୍କୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁଣାତ୍ମକ ଓ ଆଧୁନିକ ସେବା ମିଳିପାରିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମଗ୍ର ଟ୍ରମାକେୟାର ଏବଂ ଓପିଡି କୋଠାର ବିଭିନ୍ନ ବିଭାଗ ବୁଲି ଦେଖିଥିଲେ।

ଉଦ୍‌ଘାଟନୀ ଉତ୍ସବରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରି ନାଏକ, ଭାଜପା ଜିଲା ସଭାପତି ରାମଚନ୍ଦ୍ର ମେହେର, ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ୍, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ମୁକେଶ କୁମାର ଭାମୁ, ଅତିରିକ୍ତ ଜିଲାପାଳ ଅଶୋକ କୁମାର ଭୋଇ, ଏସ୍‌ଏମ୍‌ସି ଆୟୁକ୍ତ ରେହାନ୍ କ୍ଷତ୍ରୀ, ଉପଜିଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା, ସଦର ତହସିଲଦାର ଶୁଭ୍ରା ପଣ୍ଡା, ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୀପ କୁମାର ହେତା, ଅତିରିକ୍ତ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା. ଅଶୋକ କୁମାର ଦାଶ, ପୂର୍ତ୍ତ ଅଧୀକ୍ଷଣ ଯନ୍ତ୍ରୀ ଇଂ. ବିଭୁପ୍ରସାଦ ଲେଙ୍କା ପ୍ରମୁଖଙ୍କ ସହ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ପୁଣି ବଢ଼ିବ ଶୀତ

**ଭୁବନେଶ୍ୱର,୧୧।୧(ବନ୍ଦନା ସେଠୀ)**

ଗତ କିଛିଦିନ ଧରି ରାଜ୍ୟରେ ଲାଗି ରହିଥିବା ପ୍ରବଳ ଶୀତରେ ହଠାତ୍ ପରିବର୍ତ୍ତନ ଆସିଛି। ଆକାଶରେ ବାଦଲ ଆଚ୍ଛାଦନ ବୃଦ୍ଧି ହେତୁ ରାଜ୍ୟର ଅଧିକାଂଶ ସ୍ଥାନରେ ପାରଦ ଉପରମୁହାଁ ହୋଇଛି। ରାଜ୍ୟର କିଛି ସ୍ଥାନରେ ଶନିବାର ରାତିରେ ଝିପି ଝିପି ବର୍ଷା ହୋଇଥିବାବେଳେ ରବିବାର ଅଧିକାଂଶ ସ୍ଥାନରେ ୩ରୁ ୭ଡିଗ୍ରୀ ଯାଏ ସର୍ବନିମ୍ନ ତାପମାତ୍ରା ବୃଦ୍ଧି ପାଇଥିଲା। ସୋମବାରଠାରୁ ବାଦଲ ଆଚ୍ଛାଦନ ହଟିବା ପରେ ପୁଣି ପାରଦ ଖସିବା ସହିତ ଶୀତ ବଢ଼ିବ। ଆସନ୍ତା ୧୮ ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ତଥ୍ୟ ଅନୁଯାୟୀ, ଦାରିଙ୍ଗବାଡିରେ ସର୍ବନିମ୍ନ ତାପମାତ୍ରା ୬.୫ ଡିଗ୍ରୀ ରହିଥିବାବେଳେ ଫୁଲବାଣୀରେ ୭ ଡିଗ୍ରୀ, ରାଉରକେଲା ୮ ଡିଗ୍ରୀ, ଝାରସୁଗୁଡା ୮.୩ ଡିଗ୍ରୀ, ନବରଙ୍ଗପୁର ୮.୫ ଡିଗ୍ରୀ ଓ କିରେଇରେ ୯.୮ ଡିଗ୍ରୀ ରେକର୍ଡ କରାଯାଇଛି।

# ୧୦ ଜଣିଆ ଟିମ୍‌ର ଯାଞ୍ଚ ଆରମ୍ଭ

## ରାଉରକେଲାରେ ବିମାନ ଖସିପଡ଼ିବା ଘଟଣା

**ରାଉରକେଲା,୧୧।୧ (ସଙ୍ଗୀତା ଜେନା)**

ରାଉରକେଲା ଜଲଦା ଫାଣ୍ଡି ଅଞ୍ଚଳରେ ଶନିବାର ଅପରାହ୍ନ ସାଢ଼େ ୧ଟାରେ ହୋଇଥିବା ବିମାନ ଦୁର୍ଘଟଣାର ତଦନ୍ତ ରବିବାର ଆରମ୍ଭ ହୋଇଛି। ଦିଲ୍ଲୀସ୍ଥିତ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ)ର ୬ଜଣ ଏବଂ ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ (ଏଏଆଇବି)ର ୪ଜଣିଆ ଟିମ୍ ହେଲିକପ୍ଟର ଯୋଗେ ରାଉରକେଲାରେ ପହଞ୍ଚିବା ପରେ ଘଟଣାସ୍ଥଳକୁ ଯାଇଥିଲେ। ଉକ୍ତ ଟିମ୍ ସେଠାରେ ବିମାନର ବିଭିନ୍ନ ଅଂଶ, ଇନ୍ଧନ ପ୍ରଣାଳୀ, ଲ୍ୟାଣ୍ଡିଂ ଗିଅର ଏବଂ ପାଣିପାଗ ତଥ୍ୟ ଯାଞ୍ଚ କରିଥିଲେ। ସେମାନେ ଫଟୋ ଉଠାଇବା, ମାପ ନେବା, ବିମାନ ଭିତର ଓ ବାହାର ନମୁନା ସଂଗ୍ରହ କରିବା, ପାଇଲଟଙ୍କ ଲଗ୍ ବୁକ୍, ରକ୍ଷଣାବେକ୍ଷଣ ରେକର୍ଡ ଏବଂ ଉଡାଣପଥ ବିଶ୍ଲେଷଣ କରିଥିଲେ। ଏଥିରେ ବିମାନ କମ୍ପାନୀ, ରାଉରକେଲା ବିମାନବନ୍ଦର ଏବଂ ଜିଲା ପ୍ରଶାସନର ଅଧିକାରୀମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ତେବେ ସୋମବାର ଏହି ଯାଞ୍ଚ ଜାରି ରହିବ ବୋଲି ଚର୍ଚ୍ଚା ହେଉଛି।

ଅପରପକ୍ଷେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ବାଣିଜ୍ୟ ଓ ପରିବହନ ବିଭାଗ ସଚିବ ଉଷା ପାଢ଼ୀ ରବିବାର ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ସେ ପ୍ରଥମେ ଜେପି ହସ୍ପିଟାଲରେ ପହଞ୍ଚି ଆହତମାନଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଆହତମାନଙ୍କ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଛନ୍ତି। ୨ଜଣ ଏୟାରଲିଫ୍ଟ ହେବା ପରେ ପାଇଲଟ୍ ଓ ଅନ୍ୟ ୨ ଜଣଙ୍କ ଚିକିତ୍ସା ଜେପି ହସ୍ପିଟାଲରେ କରାଯାଉଛି ବୋଲି ସଚିବ ପାଢୀ କହିଥିଲେ। ଏହାପରେ ସେ ଘଟଣାସ୍ଥଳକୁ ଯାଇ ଉଭୟ ଡିଜିସିଏ ଏବଂ ଏଏଆଇବିର ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ସଚିବ ପାଢ଼ୀ କହିଲେ, ଦୁର୍ଘଟଣା ସୂଚନା ମିଳିବା ପରେ ଜିଲା ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ ସକ୍ରିୟତା ପ୍ରକାଶ କରିଥିଲା। ଆହତମାନଙ୍କୁ ତୁରନ୍ତ ଆର୍‌ଜିଏଚ୍‌ରେ ଭର୍ତ୍ତି କରାଇବା ପରେ ଗୁରୁତରଙ୍କୁ ଜେପି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ପରିବାର ସଦସ୍ୟଙ୍କ ଅନୁରୋଧ କ୍ରମେ ଯାତ୍ରୀ ସୁନୀଲ ଅଗ୍ରୱାଲ ଓ ସବିତା ଅଗ୍ରୱାଲଙ୍କୁ ମୁମ୍ବାଇସ୍ଥିତ ଫୋର୍ଟିସ ହସ୍ପିଟାଲକୁ ରବିବାର ଏୟାରଲିଫ୍ଟ କରାଯାଇଛି। ଆହତମାନଙ୍କ ମଧ୍ୟରୁ ଜଣେ ଭେଣ୍ଟିଲେଟରରେ ଅଛନ୍ତି। ଭୁବନେଶ୍ୱରରୁ ୨ଜଣିଆ ଡାକ୍ତରୀ ଦଳ ମଧ୍ୟ ରାଉରକେଲାରେ ପହଞ୍ଚି ଆହତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରୁଛନ୍ତି। ଏଏଆଇବି ଓ ଡିଜିସିଏ ଟିମ୍ ଯାଞ୍ଚ ରିପୋର୍ଟ ପ୍ରଦାନ କରିବା ପରେ ସ୍ଥାନୀୟ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ କରାଯିବ। ଦୁର୍ଘଟଣା ସମୟରେ ଜଲଦା ଓ କଂସର ଗ୍ରାମର ଲୋକଙ୍କ ସହାୟତା ପାଇଁ ସେମାନେ ଉଚ୍ଚ ପ୍ରଶଂସନୀୟ ବୋଲି ସଚିବ ପାଢ଼ୀ କହିଥିଲେ।

ଏ ନେଇ ଜିଲାପାଳ ଶୁଭଙ୍କର ମହାପାତ୍ର କହିଥିଲେ, ଦୁର୍ଘଟଣା ପରେ ପୋଲିସ, ବନ ବିଭାଗ ଓ ସ୍ଥାନୀୟ ଲୋକଙ୍କ ସହଯୋଗକୁ ଧନ୍ୟବାଦ। ଉକ୍ତ ଅଞ୍ଚଳରେ ହାତୀ ଉପଦ୍ରବ ଯୋଗୁ ରାଉରକେଲା ବନ ବିଭାଗ ପକ୍ଷରୁ ପ୍ରାୟ ୧୫୦ ମିଟର ପରିଧି ମଧ୍ୟରେ ଅସ୍ଥାୟୀ ଫେନ୍‌ସିଂ କରାଯାଇଥିଲା। ପୋଲିସ ଓ ସୁରକ୍ଷାବଳ ପକ୍ଷରୁ ସୁରକ୍ଷା ଯୋଗାଇ ଦିଆଯାଇଛି। ଉପବାଚସ୍ପତି, ବିଧାୟକମାନେ ମଧ୍ୟ ସହଯୋଗ କରିଛନ୍ତି। ଯାଞ୍ଚ ପରେ ଟିମ୍‌ର ଅନୁମୋଦନ କ୍ରମେ କ୍ଷତିଗ୍ରସ୍ତ ବିମାନକୁ ଉକ୍ତ ସ୍ଥାନରୁ ହଟାଇ ନିଆଯିବ ବୋଲି ଜିଲାପାଳ ମହାପାତ୍ର କହିଥିଲେ।



ଅଧିକାରୀମାନେ ବିମାନ ଦୁର୍ଘଟଣାସ୍ଥଳରେ ଯାଞ୍ଚ କରୁଛନ୍ତି।






# ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଏବଂ ନ୍ୟାଶନାଲ ୟୁଥ୍ ଡେ ପାଳନ, ସ୍ଥାନ: ସିଓ୍ୱାଇଏସ୍‌ଡି ଅଡିଟୋରିୟମ୍, ସମୟ: ପୂର୍ବାହ୍ନ ୧୦ଟା।
- କ୍ରାନ୍ତିକାରୀ ଫାଉଣ୍ଡେଶନ୍ ପକ୍ଷରୁ ଓଡ଼ିଶା ୟୁଥ୍ କନ୍‌କ୍ଲେଭ ପାଳନ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କମଳା ନେହୁର ମହିଳା ମହାବିଦ୍ୟାଳୟ ବାର୍ଷିକ ଉତ୍ସବ ୩ୟ ଦିବସ, ସ୍ଥାନ: ମହାବିଦ୍ୟାଳୟ ପରିସର,ସମୟ: ପୂର୍ବାହ୍ନ ୧୧ଟା।
- ବାମପନ୍ଥୀ ନେତା କମ୍ରେଡ କ୍ଷିତୀଶ ବିଶ୍ୱାଳଙ୍କ ୪ର୍ଥ ସ୍ମୃତି ଦିବସ ପାଳନ, ସ୍ଥାନ: ନାଗଭୂଷଣ ଭବନ, ଅଶୋକ ନଗର, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍କଳ ମହିଳା ସମିତି ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ନାରୀ ନିର୍ଯାତନା ଓ ବିପର୍ଯ୍ୟସ୍ତ ଆଇନ୍ ଶୃଙ୍ଖଳା ପରିସ୍ଥିତି ପ୍ରତିବାଦରେ ରାଜ୍ୟସ୍ତରୀୟ କର୍ମଶାଳା, ସ୍ଥାନ: ଭଗବତୀ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଆ ସାହିତ୍ୟ ଏକାଡେମୀ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: କିସ୍ ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟ, କିସ୍ ପରିସର, ସମୟ: ମଧ୍ୟହ୍ନ ୧୨ଟା।
- ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ୨୩ ତମ ବାର୍ଷିକ ଉତ୍ସବ, ସ୍ଥାନ: ବାଲିଅନ୍ତା – ବେଣ୍ଟପୁର କୁଶଗାଡିଆସ୍ଥିତ ବିଦ୍ୟାଳୟ ପରିସର, ସମୟ: ସନ୍ଧ୍ୟା ୫ଟା ୩୦।
- ଶ୍ରୀରାମ କୃପା ପରିଷଦ ଆନୁକୂଲ୍ୟରେ ଶ୍ରୀମଦଭଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ନହରକଣ୍ଟା (ଖ)ର ହନୁମାନଙ୍କ ପୀଠସ୍ଥଳୀସ୍ଥିତ ମାରୁତି ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

**କଟକ**

- ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିବସ, ସ୍ଥାନ: ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସ ଖେଳପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।
- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଅନ୍ତିମ ଦିବସ, ସ୍ଥାନ: ତଳ ବାଲିଯାତ୍ରା ପଡ଼ିଆ, ସମୟ: ଅପରାହ୍ନ ୩ଟା ୩୦।
- ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ରାମକୃଷ୍ଣ କୁଟୀର, ବଙ୍ଗାଳୀସାହି, ସମୟ: ସନ୍ଧ୍ୟା ୫ଟା ୩୦।
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଯୁବ ସାରସ୍ୱତ ସମାରୋହ, ସ୍ଥାନ: ଶତାବ୍ଦୀ ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

**ପୁରୀ**

- ଭାରତ ବିକାଶ ପରିଷଦ ପକ୍ଷରୁ ବିବେକାନନ୍ଦ ଜୟନ୍ତୀ ପାଳନ ଉତ୍ସବ, ସ୍ଥାନ: ସ୍ୱାମୀ ବିବେକାନନ୍ଦ ମୂର୍ତ୍ତି ସ୍ଥଳ, ସମୁଦ୍ର କୂଳ, ସମୟ: ସକାଳ ୯ଟା।
- ରକ୍ତଦାନ ଶିବିର, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, ଘୋଡ଼ା ବଜାର, ସମୟ: ସକାଳ ୯ଟା।

- ବଡ଼ଦାଣ୍ଡ ସେବା ପକ୍ଷରୁ ବିବେକାନନ୍ଦ ଜୟନ୍ତୀ ଉତ୍ସବ, ସ୍ଥାନ: ମର୍ଚିକୋଟ ଛକ, ସମୟ: ଅପରାହ୍ନ ୪ଟା।
- ଭୂସମ୍ପତ୍ତି ସୁରକ୍ଷା ପରିଷଦ ପକ୍ଷରୁ ଚକବନ୍ଦୀ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା, ସ୍ଥାନ: ଚାରିନଲା, ସମୟ: ପୂର୍ବାହ୍ନ ୧୧ଟା।
- ସାକ୍ଷୀଗୋପାଳ: ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ୧୧୬ ତମ ବାର୍ଷିକ ଉତ୍ସବ ସମାରୋହ, ସ୍ଥାନ: ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୧।
- କୋର୍ଟ ସ୍ଥାନାନ୍ତର ପ୍ରତିବାଦରେ ଦାବିପତ୍ର ପ୍ରଦାନ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସାରସ୍ୱତ ବିଦ୍ୟାନିକେତନର ବାର୍ଷିକ ଉତ୍ସବ, ସ୍ଥାନ: ନିଗମାନନ୍ଦ ସାରସ୍ୱତ ଆଶ୍ରମ, ଲୋକନାଥ ରୋଡ୍, ସମୟ: ଅପରାହ୍ନ ୪ଟା୩୦।

**ଖୋର୍ଦ୍ଧା**

- ବ୍ଲକସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ଓଲସିଂହ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସଙ୍ଗଠିତ ହିନ୍ଦୁ ସମାଜ ପକ୍ଷରୁ ଦାବିପତ୍ର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱାମୀ ବିବେକାନନ୍ଦଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ, ସ୍ଥାନ: ବିବେକାନନ୍ଦ ଇନ୍‌ଷ୍ଟିଚ୍ୟୁଟ୍, ଟାଙ୍ଗିଆପଡ଼ା, ସମୟ: ଅପରାହ୍ନ ୩ଟା ୩୦।

**ବାଲେଶ୍ୱର**

- ସ୍ୱାମୀ ବିବେକାନନ୍ଦ ଯୁବକ ସଂଘ ସୋର, ମାଇଁ ଭାରତ ବାଲେଶ୍ୱର ଏବଂ ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ବିବେକାନନ୍ଦଙ୍କ ଜନ୍ମ ଜୟନ୍ତୀ ଓ ଫକୀରମୋହନ ଜନ୍ମ ଜୟନ୍ତୀ ପାଳନ, ସ୍ଥାନ: ଚକ ବାରାହାପୁର ସ୍କୁଲ ପଡ଼ିଆ, ସୋର, ସମୟ: ସକାଳ ୬ଟା ୩୦।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ନୀଳଗିରି, ସମୟ: ପୂର୍ବାହ୍ନ ୧୦ଟା।
- କବି ବ୍ରଜନାଥ ରଥଙ୍କ ୯୧ତମ ଜୟନ୍ତୀ ଓ ସାରସ୍ୱତ ସମ୍ମାନ ପ୍ରଦାନ ସମାରୋହ, ସ୍ଥାନ: ସୁନହଟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସିମୁଳିଆ ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ବ୍ଲକ ସମ୍ମିଳନୀ ପ୍ରକୋଷ୍ଠ, ସମୟ: ପୂର୍ବାହ୍ନ ୧୧ଟା।

**ଭଦ୍ରକ**

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବାରସର ପଞ୍ଚାୟତ କାର୍ଯ୍ୟାଳୟ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଉଦ୍‌ଯାପନୀ, ସ୍ଥାନ: ନେହେରୁ ଷ୍ଟାଡିୟମ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

**କେନ୍ଦୁଝର**

- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ହାଟଡିହୀ ବ୍ଲକ୍ ସଭାଗୃହ, ଛେନାପଦି, ସମୟ: ପୂର୍ବାହ୍ନ ୧୦ଟା।
- ସାମାଜିକ କର୍ମୀ ପ୍ରତାପ କିଶୋର ଦାସଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଟାଉନ ହଲ, ବଡ଼ବିଲ, ସମୟ: ଅପରାହ୍ନ ୩ଟା।
- ଏସ୍ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ମାଟକାମବେଡ଼ା, ବଡ଼ବିଲ, ସମୟ: ମଧ୍ୟାହ୍ନ ୧୨ଟା।

**ମୟୂରଭଞ୍ଜ**

- ଶ୍ରୀମା ଅରବିନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ଉଦଳା କଲେଜ ରୋଡ୍, ସମୟ: ଅପରାହ୍ନ ୩ଟା।
- ରାଜ୍ୟ ହସ୍ତଶିଳ୍ପ ମେଳାର ଉଦ୍‌ଘାଟନୀ, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ସନ୍ଧ୍ୟା ୭ଟା।

**ବ୍ରହ୍ମପୁର**

- ଆଧ୍ୟାତ୍ମିକ ସମ୍ମେଳନ, ସ୍ଥାନ: ଦିବ୍ୟଜୀବନ ସଂଘ, ଆଙ୍କୋଲି, ସମୟ: ସକାଳ ୬ଟା।
- ଜାତୀୟ ଯୁବ ଦିବସ, ସ୍ଥାନ: ମହାତ୍ମାଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୮ଟା।
- କ୍ରାନ୍ତି ପକ୍ଷରୁ ଜାତୀୟ ଯୁବ ଦିବସରେ ରାଲି, ସ୍ଥାନ: ଏମକେସିଜି ମେଡିକାଲ କଲେଜ ସମୟ: ସକାଳ ୮ଟା ୩୦।
- ବ୍ରହ୍ମପୁର ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ସର୍କିଟ ହାଉସ, ସମୟ: ପୂର୍ବାହ୍ନ ୧୧ଟା।

**ଗଞ୍ଜାମ**

- ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନ, ସ୍ଥାନ: ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ରଭଞ୍ଜ ମହାବିଦ୍ୟାଳୟ, ସମୟ: ସକାଳ ୯ ଟା।
- ଜାତୀୟ ଯୁବ ଦିବସ ପାଳିତ, ସ୍ଥାନ: ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ରଭଞ୍ଜ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଏନ୍ଏସ୍ଏସ୍ ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଘାଟିତ, ସ୍ଥାନ: ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ରଭଞ୍ଜ ମହାବିଦ୍ୟାଳୟ, ସମୟ: ମଧ୍ୟହ୍ନ ୧୨ ଟା।

**ଢେଙ୍କାନାଳ**

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଭୁବନ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

**ଅନୁଗୋଳ**

- 'ବନ୍ଦେ ମାତରମ'ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସାମୂହିକ ଗାନ, ସ୍ଥାନ: ଏନ୍ଏସି କଲ୍ୟାଣ ମଣ୍ଡପ, ଆଠମଲ୍ଲିକ, ସମୟ : ପୂର୍ବାହ୍ନ ୧୦ଟା।
- 'ବନ୍ଦେ ମାତରମ'ର ସାମୂହିକ ଗାନ, ସ୍ଥାନ: ଠାକୁରଗଡ଼ ଉଚ୍ଚବିଦ୍ୟାଳୟ, ଆଠମଲ୍ଲିକ, ସମୟ : ପୂର୍ବାହ୍ନ ୧୦ଟା।
- ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଉପଲକ୍ଷେ ଜାତୀୟ ଯୁବ ଦିବସ ପାଳନ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଆଠମଲ୍ଲିକ, ସମୟ : ପୂର୍ବାହ୍ନ ୧୦ ଟା ୩୦।
- ରୋଡ୍‌ସେଫ୍‌ଟି କାର୍ଯ୍ୟକ୍ରମର ରକ୍ତଦାନ ଶିବିର, ସ୍ଥାନ :ଆରଟିଓ ଅଫିସ ଅନୁଗୋଳ, ସମୟ: ପୂର୍ବାହ୍ନ ୯ଟା।

**ଜଗତ୍‌ସିଂହପୁର**

- ଇତିହାସ ବିଭାଗର ଆଲୋଚନାଚକ୍ର, ସ୍ଥାନ: ପାରାଦୀପ କଲେଜ, ସମୟ: ପୂର୍ବାହ୍ନ ୧୧ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୩ ତମ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାମନ୍ଦିର ପରିସର, ନୂଆବଜାର, ପାରାଦୀପ, ସମୟ: ଅପରାହ୍ନ ୪ଟା।
- ସ୍ୱାମୀ ବିବେକାନନ୍ଦ ଟ୍ରଷ୍ଟ ପକ୍ଷରୁ ଜାତୀୟ ଯୁବ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୭ଟା।

**କେନ୍ଦ୍ରାପଡ଼ା**

- ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ବିଜୟାନନ୍ଦ ହାଇସ୍କୁଲ, ରାମନଗର, ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରୀୟ ଯୁବ ଦିବସ ଉପଲକ୍ଷେ ରାଷ୍ଟ୍ର ଗୀତ ବନ୍ଦେ ମାତରମ୍‌ର ସମୂହ ଗାନ, ସ୍ଥାନ: ପ୍ରତ୍ୟେକ ସ୍କୁଲ ପରିସର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ପଲ୍ଲିଶ୍ରୀ ମେଳା ଓ ଜିଲା ମହୋତ୍ସବ, ସ୍ଥାନ: କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।
- ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକ ମେଳା, ସ୍ଥାନ: ଟେଲିକମ ପଡିଆ, ମହିପାଳ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**

- ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କଳିଙ୍ଗନଗର ଉନ୍ନୟନ ପରିଷଦସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ୯ମ ଆର୍‌ପିଡିଏସି ବୈଠକ ପାଇଁ ପ୍ରସ୍ତୁତି, ସ୍ଥାନ: କଳିଙ୍ଗନଗର ଉନ୍ନୟନ ପରିଷଦ ସମ୍ମିଳନୀ କକ୍ଷ, ସମୟ : ଅପରାହ୍ନ ୩ଟା।
- ଉତ୍କଳ ଗୌରବ କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ୩୭ତମ ବାର୍ଷିକ କ୍ରୀଡ଼ା ଉତ୍ସବର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ବରୀ ବ୍ଲକ୍ ଅଧୀନ ବାଲିବିଲ ମଧୁସୂଦନ ଗ୍ରାଉଣ୍ଡ, ସମୟ: ପୂର୍ବାହ୍ନ ୧୧ଟା୩୦।

**ନୟାଗଡ଼**

- ଏକ ବିଂଶତମ ବାର୍ଷିକ ଉତ୍ସବରେ ବିବେକାନନ୍ଦ ଜୟନ୍ତୀ, ସ୍ଥାନ: ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ନୟାଗଡ଼, ସମୟ: ସକାଳ ୮ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଜନ ଶୁଣାଣି, ସ୍ଥାନ: ଦଶପଲ୍ଲା ବ୍ଲକ ମିଶନ ଶକ୍ତି ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ସୁଭଦ୍ରା ଶକ୍ତି ମେଳାର ଉଦ୍‌ଘାଟନ ଉତ୍ସବ, ସ୍ଥାନ: ନୟାଗଡ଼ ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟାରୁ ରାତ୍ର ସାଢ଼େ ୯ଟା।

**ରାୟଗଡ଼ା**

- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ରାମନାଗୁଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

**ନବରଙ୍ଗପୁର**

- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: କୋଷାଗୁମୁଡ଼ା ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଷ୍ଟ୍ରୀୟ ସଙ୍ଗୀତ ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ଉମରକୋଟ ପୌର କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ: କୋଣ୍ଡାଗାଁ ରୋଡସ୍ଥିତ କଲ୍ୟାଣମଣ୍ଡପ, ଉମରକୋଟ, ସମୟ: ଅପରାହ୍ନ ୪ଟା।

**କୋରାପୁଟ**

- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ବନ୍ଧୁଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ନୂତନ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ, ସ୍ଥାନ: ଲମତାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ସୁବାଇ, ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ହିକିମପୁଟ ପଞ୍ଚାୟତ କାର୍ଯ୍ୟାଳୟ, ନନ୍ଦପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ଯୁବ ଦିବସ ପାଳନ, ସ୍ଥାନ: ପଞ୍ଚାୟତ ସମିତି ସଭାଗୃହ, ବୈପାରିଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।

**ସମ୍ବଲପୁର**

- ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବ –୨୦୨୬ ସକାଶେ କଂସ ବରଣ କାର୍ଯ୍ୟକ୍ରମ, ସ୍ଥାନ : ଶାନ୍ତି ନଗର, ସମୟ : ସକାଳ ୯ଟା।
- ଜିଲା ପ୍ରଶାସନ ଆୟୋଜନରେ ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ: ବାମରା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦।
- ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବ ସକାଶେ ଗୋପପୁର କମିଟିର ବୈଠକ,ସ୍ଥାନ : ଚାଉଁରପୁର ଗ୍ରାମ, ସମୟ : ଅପରାହ୍ନ ୫ଟା।

**ବଲାଙ୍ଗୀର**

- ଜିଲାସ୍ତରୀୟ ଜନଅଭିଯୋଗ ଶୁଣାଣି, ସ୍ଥାନ: ଦେଓଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସ୍ୱାମୀ ବିବେକାନନ୍ଦଙ୍କ ୧୬୩ତମ ଜୟନ୍ତୀ ପାଳନ, ଟିଟିଲାଗଡ଼ ଡିଏଭି କଲେଜ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ଲୋଇସିଂହା ବ୍ଲକ୍ ଅଧୀନ ଲୋଇସିଂହା କଲେଜ ଓ କୁଶଙ୍ଗ ଡ଼ିଗ୍ରୀ କଲେଜରେ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଉତ୍ସବ, ସ୍ଥାନ: ଲୋଇସିଂହା ଓ କୁଶଙ୍ଗ କଲେଜ ପରିସର, ସମୟ ପୂର୍ବାହ୍ନ ୧୧ ଓ ମଧ୍ୟାହ୍ନ ୧୨ଟା।

**ରାଉରକେଲା**

- ଜାତୀୟ ଯୁବ ଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା।
- ମାନସ ପରିଷଦର ବାର୍ଷିକୋତ୍ସବ, ସ୍ଥାନ: ଯବାଘାଟ, ସମୟ: ଅପରାହ୍ନ ୩ଟା।
- ହ୍ୟୁମାନିଟି ଫାଉଣ୍ଡେଶନର ଦ୍ୱିତୀୟ ବାର୍ଷିକୋତ୍ସବ, ସ୍ଥାନ: ସେକ୍ଟର–୧୯, ସିଭିକ୍ ସେଣ୍ଟର, ସମୟ: ଅପରାହ୍ନ ୫ଟା ୩୦।

**ବରଗଡ଼**

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ:ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ଗାଇସିଲେଟ, ସମୟ: ପୂର୍ବାହ୍ନ ୧୦ଟା।
- କୃଷକମାରଣ ନୀତି ପ୍ରତିବାଦରେ ବିଜେଡିର ପ୍ରତିବାଦ ସଭା, ସ୍ଥାନ:ଦୁର୍ଗା ମଣ୍ଡପ ପ୍ରାଙ୍ଗଣ, ସୋହେଲା, ସମୟ:ପୂର୍ବାହ୍ନ ୧୦ଟା।
- ବିରାଟ ରାମଲୀଳା ମହୋତ୍ସବ, ସ୍ଥାନ: ଭେଡେନ, ସମୟ:ସନ୍ଧ୍ୟା ୭ଟା।

**କଳାହାଣ୍ଡି**

- ସ୍ୱାମୀ ବିବେକାନନ୍ଦ ଜୟନ୍ତୀ, ଛାତ୍ରୀଛାତ୍ର, ଯୁବକଙ୍କ ଶୋଭାଯାତ୍ରା, ସ୍ଥାନ: ଶ୍ରୀରାମକୃଷ୍ଣ ଆଶ୍ରମଠାରୁ ମୋଟଗଣ୍ଡା ଆଶ୍ରମ, ସମୟ: ପୂର୍ବାହ୍ନ ୯ଟା ୩୦।
- ରାହାଗିରି, ପଥ ଉତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ଭବାନୀପାଟଣା ଜେଲ ଛକ, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ମେଳା, ସ୍ଥାନ: ମ.ରାମପୁର ନୋଡାଲ ଉପ୍ରା ବିଦ୍ୟାଳୟ, ମ.ରାମପୁର, ସମୟ: ପୂର୍ବାହ୍ନ ୧୧ଟା।

**ବୌଦ୍ଧ**

- ଜିଲାପାଳଙ୍କ ଯୁଗ୍ମ ଜଣଶୁଣାଣି ଶିବିର, ସ୍ଥାନ: ହରଭଙ୍ଗା ବ୍ଲକ କାର୍ଯ୍ୟାଳୟ, ଚାରିଛକ, ସମୟ: ପୂର୍ବାହ୍ନ ୧୦ଟା।
- ସପ୍ତମ ଖଡଙ୍ଗ ଲୋକ ମହୋତ୍ସବର ଚତୁର୍ଥ ଦିବସ, ସ୍ଥାନ: ବନ୍ଧଗୋରା ମହୋତ୍ସବ ପଡିଆ, କଣ୍ଟାମାଳ ବ୍ଲକ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

**ଦେବଗଡ଼**

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

**ସୁବର୍ଣ୍ଣପୁର**

- କ୍ଷୀରୋଦ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିବସ, ସ୍ଥାନ: ସାଗଜୁରୀ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ଗ୍ରାମ୍ୟ ପରିଚାଳନା କମିଟିର ବୈଠକ, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

**ନୂଆପଡ଼ା**

- ରାଜ୍ୟ ମୁଖ୍ୟ ଉନ୍ନୟନ ଅତିରିକ୍ତ କମିଶନର ସମ୍ପାଦକଙ୍କ ନୂଆପଡ଼ା ଗସ୍ତ, ସ୍ଥାନ: ନୂଆପଡ଼ା ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ନିୟନ୍ତ୍ରିତ ସ୍ୱାସ୍ଥ୍ୟ ସମସ୍ୟା, ଉତ୍ତମ ବୁଝାମଣା ଏବଂ କାର୍ଯ୍ୟ ହାସଲର ସୁଯୋଗ ଲାଭ କରି ଖୁସି ହେବେ। ସାଧାରଣ କଥାକୁ କେନ୍ଦ୍ରକରି ବନ୍ଧୁ ସମ୍ପର୍କ ଫିକା ପଡ଼ିଯାଇପାରେ। ଉଚ୍ଚାରୋହୀ ମଙ୍ଗଳ ହେତୁ ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଉନ୍ନତି ଦେଖାଦେବ। ଆନୁଷ୍ଠାନିକ କାମ, ପ୍ରଶାସନ, ପ୍ରକାଶନ, ଅଧ୍ୟୟନ ଓ ଅଧ୍ୟାପନା କ୍ଷେତ୍ରରୁ ଶୁଭଫଳ ମିଳିବ।

**ବୃଷ**
ଆଜିର କର୍ମଜଞ୍ଜାଳ ସମସ୍ୟା ମନକୁ ବ୍ୟଥିତ କରିପାରେ। ଯାହାକୁ ଯାହା କହିବେ, ସେହି ବ୍ୟକ୍ତି ତାହାକୁ ଓଲଟା ଅର୍ଥରେ ଗ୍ରହଣ କରିବ। ସାଧାରଣ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଯାତ୍ରା ଓ କାର୍ଯ୍ୟସଫଳ ହେବାରେ ଅସୁବିଧା ହେବନାହିଁ। ସ୍ୱାସ୍ଥ୍ୟ ସମସ୍ୟା ଅନେକାଂଶରେ ନିୟନ୍ତ୍ରିତ ରହିବା କାରଣରୁ ଆଶ୍ୱସ୍ତି ଲାଭ କରିବେ।

**ମିଥୁନ**
ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ଅଭାବରୁ କୌଣସି କାମ ସହଜରେ ସମ୍ପନ୍ନ ହୋଇପାରିବ ନାହିଁ। ପରିବାର ଖର୍ଚ୍ଚ କ୍ରମଶଃ ବୃଦ୍ଧି ପାଉଥିବା କାରଣରୁ ଚିନ୍ତା ପ୍ରକଟ କରିବେ। ଆଲୋଚନା ପରିସରରେ ବିରକ୍ତିକର କଥା କହି ଅପଦସ୍ଥ ହୋଇପାରନ୍ତି। କ୍ରୀଡ଼ା, ସାହିତ୍ୟ, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ଉଚ୍ଚସମ୍ମାନ ପାଇବାର ଯୋଗ ରହିଛି।

**କର୍କଟ**
ନୂତନ ସ୍ଥାନରେ ବିଭିନ୍ନ ଦାୟିତ୍ୱ ସମ୍ଭାଳିବାରେ ନୟାନ୍ତ ହୋଇପାରନ୍ତି। କିନ୍ତୁ ଶୁଭଗ୍ରହମାନଙ୍କ ସୁପ୍ରଭାବରେ କୌଣସି କାମରେ ଓହରି ଆସିବେ ନାହିଁ। ବନ୍ଧୁମାନଙ୍କ ପରାମର୍ଶରେ ଅର୍ଥ ଲାଭର ଯୋଜନା କରିବା କାମରେ ନିଜକୁ ନିୟୋଜିତ କରିବେ। ମାନସିକ ଅସ୍ଥିରତା କାରଣରୁ ଅନ୍ୟମନସ୍କତା ହେତୁ କେତେକ ଭୁଲ୍ କରିପାରନ୍ତି ।

**ସିଂହ**
ଶନିଙ୍କ କୁଦୃଷ୍ଟିରୁ ରବି ଓ ବୁଧଜନିତ ସ୍ୱାସ୍ଥ୍ୟ ସମସ୍ୟା ସାଙ୍ଗକୁ ଅର୍ଥସଙ୍କଟ ବିଷମ ପରିସ୍ଥିତି ସୃଷ୍ଟି କରିବ। ସମ୍ପର୍କୀୟଙ୍କ ପରୋକ୍ଷ ଶତ୍ରୁତା ଏବଂ ବେଖାତିର ମନୋଭାବ ହୃଦୟକୁ ବ୍ୟଥିତ କରିପାରେ । ପାରିବାରିକ କ୍ଷେତ୍ରରେ ନୀରବ ରହିପାରିଲେ ଭଲ। ସମ୍ମାନ ଲାଭ ସାଙ୍ଗକୁ ଆଇନ ଅଦାଲତର ରାୟ ସପକ୍ଷରେ ଯିବାରୁ ଖୁସି ରହିବେ।

**କନ୍ୟା**
ସମ୍ପର୍କୀୟଙ୍କ ସହଯୋଗରେ ଅଭିଳଷିତ କାମ ହାସଲ କରିବେ। ପରିବାରରେ କିଛିଟା ଗୋଳମାଳିଆ ପରିସ୍ଥିତି ସାମୟିକ ଭାବରେ ପ୍ରତିବନ୍ଧକ ସୃଷ୍ଟି କରିପାରେ। ପିଲାମାନଙ୍କ ଝଗଡ଼ାକୁ କେନ୍ଦ୍ରକରି ଅନ୍ୟମାନଙ୍କ ନିକଟରେ ମୁଣ୍ଡ ନୁଆଁଇବାକୁ ପଡ଼ିବ। ବନ୍ଧୁଙ୍କ ଅନୁରୋଧ କ୍ରମେ ଭ୍ରମଣ କାରଣରୁ କ୍ଲାନ୍ତି ଓ ଅବସାଦଯୁକ୍ତ ହୋଇପାରନ୍ତି।

**ତୁଳା**
କର୍ମକ୍ଷେତ୍ରରେ ଅଟକି ରହିଥିବା କାମ ସମ୍ପନ୍ନ କରିପାରନ୍ତି। ବନ୍ଧୁଙ୍କ ସହ ଆଲୋଚନାରେ ଅପ୍ରିୟ ସତ୍ୟ କହିବା ହେତୁ କଳହ ସୃଷ୍ଟି ହେବ। ଆଜିର ଯାତ୍ରାରେ ସଫଳତା ପାଇବେ କିନ୍ତୁ ଫେରନ୍ତା ସମୟଟି ମନସ୍ତାପରେ କଟିପାରେ । ଶିଳ୍ପ, ବାଣିଜ୍ୟ, କ୍ରୟବିକ୍ରୟ, ସାହିତ୍ୟ, ସଙ୍ଗୀତ ସାଧନା କ୍ଷେତ୍ରରେ ସଫଳତା ହାସଲ କରିବେ।

**ବିଛା**
ଆପଣଙ୍କ ଚିନ୍ତାଧାରା ଭଲ ହେଲେ ମଧ୍ୟ ପରିବେଶର କୁପ୍ରଭାବରେ ଓଲଟ ପାଲଟ ହୋଇଯାଇପାରେ। କର୍ମକ୍ଷେତ୍ରରେ କୌଶଳ ପ୍ରୟୋଗ କରି କାମ ହାସଲ ପାଇଁ ଚେଷ୍ଟା କରିବା ଭଲ। ବନ୍ଧୁ ପରିଜନଙ୍କ ସ୍ୱାସ୍ଥ୍ୟ ସମସ୍ୟା ସୁଧାରିବା ନିଜ ପାଇଁ ସମସ୍ୟାର କାରଣ ହେବ। ସାମ୍ବାଦିକତା, ରାଜନୀତି ଓ ସାହିତ୍ୟ ପ୍ରଭୃତିରୁ ସୁଫଳ ପାଇପାରନ୍ତି।

**ଧନୁ**
ପରିସ୍ଥିତିର ବିଷମତାରେ ଅଧିକାଂଶ ସମୟ ନେଗେଟିଭ୍ ଚିନ୍ତାଧାରା ମନକୁ ବିବ୍ରତ କରିବ। ପ୍ରତ୍ୟେକ କ୍ଷେତ୍ରରେ ଶତ୍ରୁତାର କୁପ୍ରଭାବ ଅନୁଭବ କରିବେ। ଭାଇ ଭଉଣୀ କିମ୍ବା ଅଧସ୍ତନ କର୍ମଚାରୀଙ୍କ ଦ୍ୱାରା ଅଭିଳାଷ ପୂରଣ କରିବେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ପାରିବାରିକ ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିପାରନ୍ତି।

**ମକର**
ଆଜି ଜଣେ ବନ୍ଧୁଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହେବେ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ବିବାଦୀୟ ଘଟଣାରେ ପ୍ରତିଦ୍ୱନ୍ଦ୍ୱିତା ରହିଲେ ମଧ୍ୟ ସଫଳତା ଆପଣଙ୍କ ପଛରେ ରହିଛି। ପଡ଼ୋଶୀମାନେ କଅଁଳିଆ କଥା କହି କାର୍ଯ୍ୟ ହାସଲ କରିବାର ଅପଚେଷ୍ଟା କରିପାରନ୍ତି।

**କୁମ୍ଭ**
କର୍ମକ୍ଷେତ୍ରରେ କୌଣସି ବ୍ୟକ୍ତିଙ୍କ ଅର୍ଥ ତୋସରପାତକୁ କେନ୍ଦ୍ରକରି କଳହ ଲାଗିପାରେ। ପାରିବାରିକ କ୍ଷେତ୍ରରେ ପୂର୍ବ ରାଗକୁ ନେଇ କାହା କଥାକୁ କିଏ ସମର୍ଥନ କରି ନ ପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟରେ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ବନ୍ଧୁ କିମ୍ବା ପଡ଼ୋଶୀଙ୍କ ମାଧ୍ୟମରେ କୌଣସି ଶୁଭଖବର ମନକୁ ହାଲୁକା କରିଦେବ।

**ମୀନ**
ବକେୟା ଅର୍ଥଲାଭ, କର୍ମକ୍ଷେତ୍ରରେ ଉଚ୍ଚସମ୍ମାନ ପ୍ରାପ୍ତି ସାଙ୍ଗକୁ ପ୍ରତ୍ୟେକ କାମରେ ସିଦ୍ଧିଲାଭରୁ ଖୁସି ରହିବେ। ଆଲୋଚନା ପରିସରରେ ସମ୍ପର୍କୀୟଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଭଲ ରହିବ ନାହିଁ। ଅସୁସ୍ଥତା କାରଣରୁ କାମରେ ଅବହେଳା କରି ସମାଲୋଚିତ ହେବେ। ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଦୃତ ହେବେ।

ଆଜି ଜାନୁଆରୀ ୧୨ ତାରିଖ, ଜାତୀୟ ଯୁବ ଦିବସ, ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଦିବସ, ମାଘ କୃଷ୍ଣ ନବମୀ ଯୁକ୍ତ ଦଶମୀ ସୋମବାର। ରାଶିନକ୍ଷତ୍ର–ସ୍ୱାତୀ/ତୁଳା, ନବମୀର ଏକୋଦ୍ଦିଷ୍ଟ ଓ ଦଶମୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬.୨୭ଗତେଘ.୦୭.୪୯ମଧ୍ୟେ,ଘ.୦୯.୨୨ଗତେଘ.୧୧.୩୩ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୭.୪୯ ଗତେ ଘ.୦୯.୧୧ ମଧ୍ୟେ ରାହୁ କାଳ।

## ତଥ୍ୟ ପାଇଁ ବ୍ୟାକୁଳ...

ପ୍ରଥମ ପୃଷ୍ଠାରୁ...

ପ୍ରସ୍ତାବକୁ ବୈଶ୍ୱିକ ସ୍ମାର୍ଟଫୋନ୍ ନିର୍ମାତା କମ୍ପାନୀଗୁଡ଼ିକ କଡ଼ା ବିରୋଧ କରିଛନ୍ତି। ଏହାଦ୍ୱାରା ଡିଭାଇସ୍ ସଫ୍ଟୱେର ଓ ଏହାର ବ୍ୟବହାର ଉପରେ ନିୟାମକ ହସ୍ତକ୍ଷେପ ବଢ଼ିବା ସହ ୟୁଜର୍ସଙ୍କ ପ୍ରିଭେସି ଉଲ୍ଲଂଘନ ହୋଇପାରେ ବୋଲି କମ୍ପାନୀଗୁଡ଼ିକ ଦର୍ଶାଇଛନ୍ତି। ସରକାରଙ୍କ ଏହି ପ୍ରସ୍ତାବରେ ଥିବା ୮୩ଟି ସୁରକ୍ଷା ମାନକ ଉପରେ ଟେକ୍ କମ୍ପାନୀଗୁଡ଼ିକ ଆପତ୍ତି ଉଠାଇଛନ୍ତି। ତନ୍ମଧ୍ୟରେ ରହିଛି, ଫୋନ୍‌ର ସଫ୍ଟୱେର ଅପ୍‌ଡେଟ୍ କଲେ ସରକାରଙ୍କ ନିକଟକୁ ଆଲର୍ଟ ଯିବ। ମୋବାଇଲ ମାଲିକଙ୍କ ସମ୍ପର୍କରେ ସରକାରଙ୍କ ନିକଟରେ ସବୁ ତଥ୍ୟ ରହିବ। ଚିଠା ନିୟମ ଅନୁସାରେ ନିର୍ମାତା କମ୍ପାନୀଗୁଡ଼ିକ ମଧ୍ୟ ମୋବାଇଲ ଫୋନ୍ ତିଆରି ବେଳେ ଆପ୍ କିମ୍ବା ସଫ୍ଟୱେରରେ ବଡ଼ ପରିବର୍ତ୍ତନ ଆଣିବା ପୂର୍ବରୁ ସରକାରଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ସଂସ୍ଥାକୁ ଜଣାଇବେ। ସବୁଠୁ ବିବାଦୀୟ ପ୍ରସ୍ତାବ ହେଉଛି ଫୋନ୍ ନିର୍ମାତାମାନେ ଅପରେଟିଂ ସିଷ୍ଟମ୍ ସୋର୍ସ କୋଡ୍ ସରକାରଙ୍କ ଦ୍ୱାରା ଅନୁମୋଦିତ ଲାବରେଟୋରିଗୁଡ଼ିକରେ ଦାଖଲ କରିବେ। ୟୁଜର କେତେବେଳେ ଆକ୍ଟିଭ୍ ଅଛନ୍ତି ତାହା ଷ୍ଟାଟସ୍ ବାର୍ ଇଣ୍ଡିକେଟର ସରକାରଙ୍କୁ ଜଣାଇଦେବ। ତେବେ ଡିଭାଇସ୍ ଇନ୍‌ଆକ୍ଟିଭ୍ ଥିଲେ ଆପ୍ଲିକେଶନ୍‌ଗୁଡ଼ିକରୁ କ୍ୟାମେରା, ମାଇକ୍ରୋଫୋନ୍ କିମ୍ବା ଲୋକେଶନ୍ ଡାଟା ବ୍ୟବହାର କରାଯାଇପାରିବ ନାହିଁ। ସାଇବର ଅପରାଧୀମାନେ କେଉଁ ଉପାୟରେ ଟାର୍ଗେଟ କରୁଛନ୍ତି, ସେ ସମ୍ପର୍କିତ ଦୁର୍ବଳତାକୁ ଧରିବା ଏହାର ଲକ୍ଷ୍ୟ ବୋଲି ସରକାରଙ୍କ ପକ୍ଷରୁ ଯୁକ୍ତି ବଢ଼ାଯାଇଛି।

୭୫୦ ନିୟୁତ ମୋବାଇଲ ବ୍ୟବହାରକାରୀ ଥିବା ବିଶ୍ୱର ଦ୍ୱିତୀୟ ବୃହତ୍ ସ୍ମାର୍ଟଫୋନ୍ ବଜାର ଭାରତରେ ଅନ୍‌ଲାଇନ୍ ଠକେଇ ଓ ୟୁଜର ଡାଟା ଉଲ୍ଲଂଘନକୁ ରୋକି ସୁରକ୍ଷାକୁ ଗୁରୁତ୍ୱ ଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯୋଜନାର ଏହା ଏକ ଅଂଶବିଶେଷ ବୋଲି କୁହାଯାଉଛି। ବିଶେଷକରି ଚାଇନା ନିର୍ମିତ ମୋବାଇଲ ଫୋନ୍‌ଗୁଡ଼ିକରେ ସିକ୍ୟୁରିଟି କ୍ୟାମେରା ଓ ଅନ୍ୟ ଆପ୍ ଜରିଆରେ ଗୁପ୍ତଚରଗିରି ହେଉଥିବା ଅଭିଯୋଗ ପରିପ୍ରେକ୍ଷୀରେ ସରକାର ଏହକୁ ଗୁରୁତ୍ୱ ଦେଉଛନ୍ତି। ସୂଚନା ପ୍ରଯୁକ୍ତି ସଚିବ ଏସ୍. କ୍ରିଷ୍ଣନ୍ କହିଛନ୍ତି, ଇଣ୍ଡଷ୍ଟ୍ରିର କୌଣସି ପ୍ରକାର ଆଇନଗତ ଚିନ୍ତାର ସମାଧାନ ଖୋଲାମନରେ କରାଯିବ। ଇଣ୍ଡିଆ ସେଲ୍ୟୁଲାର ଆଣ୍ଡ୍ ଇଲେକ୍ଟ୍ରୋନିକ୍ସ ଆସୋସିଏଶନ୍ (ଆଇସିଇଏ) ଅଧ୍ୟକ୍ଷ ପଙ୍କଜ ମୋହିନ୍ଦ୍ରୁ କହିଛନ୍ତି, ଏହିସବୁ ପ୍ରସଙ୍ଗରେ ଅନେକ ବର୍ଷ ହେଲା ଆଲୋଚନା ଚାଲିଛି। ସରକାରଙ୍କ ସଦ୍ୟ ପ୍ରସ୍ତାବରେ କିଛି ନୂଆ ନାହିଁ। ତେବେ ସରକାର ଏହା ଉପରେ ଇଣ୍ଡଷ୍ଟ୍ରି ସହ ଆଲୋଚନା କରି ସହମତି ଭିତ୍ତିରେ ଯାହାକିଛି କରିପାରିବେ। ଅନ୍ୟପକ୍ଷେ ଟେକ୍ କମ୍ପାନୀଗୁଡ଼ିକ ସହ ଏହା ଉପରେ ବିଚାରବିମର୍ଶ ଚାଲିଥିବାରୁ ଏବେ ଅଧିକ କହିବା ଅନୁଚିତ ହେବ ବୋଲି ମନ୍ତ୍ରଣାଳୟର ଜଣେ ମୁଖପାତ୍ର କହିଛନ୍ତି। ୨୦୨୩ରେ ଏହି ସିକ୍ୟୁରିଟି ଷ୍ଟାଣ୍ଡାର୍ଡ୍ସ ନେଇ ଚିଠା ନିୟମ ପ୍ରସ୍ତୁତ କରାଯାଇଥିବାବେଳେ ସରକାର ଏହାକୁ ଆଇନତଃ ବୈଧ କରିବା ପାଇଁ ବର୍ତ୍ତମାନ ଉଦ୍ୟମ ଚଳାଇଥିବାରୁ ଏହା ଏବେ ଚର୍ଚ୍ଚାକୁ ଆସିଛି।

ଉଲ୍ଲେଖଯୋଗ୍ୟ, ଭାରତୀୟ ବଜାରରେ ଗୁଗଲର ଆଣ୍ଡ୍ରଏଡ୍ ଅପରେଟିଂ ସିଷ୍ଟମ୍ ବ୍ୟବହାର କ୍ଷେତ୍ରରେ ସାଓମିର ୧୯% ଆଧିପତ୍ୟ ଥିବାବେଳେ ସାମ୍‌ସଙ୍ଗ୍‌ର ଭାଗ ହେଉଛି ୧୫%। ଆପଲ୍‌ର ୫% ଅପରେଟିଂ ସିଷ୍ଟମ୍ ଭାରତରେ ବ୍ୟବହାର କରାଯାଉଥିବା ନେଇ କାଉଣ୍ଟରପଏଣ୍ଟ ରିସର୍ଚ୍ଚ ଆକଳନ କରିଛି।

### ସୋର୍ସ କୋଡ୍...

ଦେଖିଲେ ବିଶେଷଜ୍ଞମାନେ ଜାଣିପାରିବେ ଏକ ଆପ୍ କିମ୍ବା ଫୋନ୍ ପ୍ରକୃତରେ କିପରି କାମ କରୁଛି। ଯଦି କେହି ଏହି କୋଡ୍ ପାଇଯାଏ, ସେ ସେହି ସଫ୍ଟୱେରକୁ ନକଲ କରିପାରିବ କିମ୍ବା ସେଥିରେ ଥିବା ସୁରକ୍ଷା ଦୁର୍ବଳତା ଖୋଜି ତାକୁ ହ୍ୟାକ କରିପାରିବ। ଭାରତ ସରକାର ସନ୍ଦେହ କରୁଛନ୍ତି ଯେ କିଛି କମ୍ପାନୀ ସେମାନଙ୍କ ସୋର୍ସ କୋଡ୍ ଭିତରେ ଏମିତି କିଛି ଗୁପ୍ତ କୋଡ୍ ଲୁଚାଇ ରଖିଥାଇପାରନ୍ତି, ଯାହା ଆମ ଅଜାଣତରେ ଆମର ବ୍ୟକ୍ତିଗତ ତଥ୍ୟ (ଫଟୋ, ମେସେଜ୍, ଲୋକେଶନ) ଚୋରି କରି ଅନ୍ୟ ଦେଶକୁ ପଠାଉଛି। ସୋର୍ସ କୋଡ୍‌କୁ ଯାଞ୍ଚ କରାଗଲେ 'ଡାଟା ଚୋରି' ଧରାପଡ଼ିଯିବ।

### ବିରୋଧ କାହିଁକି

ସରକାର ଚାହୁଁଛନ୍ତି ଯେ ସ୍ମାର୍ଟଫୋନ ନିର୍ମାତାମାନେ ସେମାନଙ୍କର ସଫ୍ଟୱେର୍ କୋଡ୍‌କୁ ନ୍ୟାଶନାଲ ସେଣ୍ଟର ଫର୍ କମ୍ୟୁନିକେଶନ ସିକ୍ୟୁରିଟି (ଏନ୍‌ସିସିଏସ୍) ଦ୍ୱାରା ଅନୁମୋଦିତ ଲାବ୍‌ରେ ଜମା କରନ୍ତୁ। ଏହି ଯାଞ୍ଚ ଦ୍ୱାରା ସରକାର ନିଶ୍ଚିତ ହେବାକୁ ଚାହୁଁଛନ୍ତି ଯେ ଫୋନ ଭିତରେ ଏମିତି କୌଣସି କୋଡ୍ ନାହିଁ ଯାହା ଚୋରା ଭାବରେ ଭାରତୀୟ ବ୍ୟବହାରକାରୀଙ୍କ ତଥ୍ୟ ବିଦେଶୀ ସର୍ଭରକୁ ପଠାଉଛି। ବିଶେଷ କରି ଚାଇନା ବ୍ରାଣ୍ଡଗୁଡିକ ଉପରେ ନଜର ରଖିବା ପାଇଁ ଏହାକୁ ଏକ ବଡ଼ ପଦକ୍ଷେପ ବୋଲି କୁହାଯାଉଛି। ସ୍ମାର୍ଟଫୋନ ନିର୍ମାତାମାନଙ୍କ ବିରୋଧ କରିବାର ମୁଖ୍ୟ କାରଣ ହେଲା ଉତ୍ପାଦନ ଖର୍ଚ୍ଚ ଏବଂ ସୁରକ୍ଷା। କମ୍ପାନୀଗୁଡ଼ିକ ଯୁକ୍ତି କରୁଛନ୍ତି ଯେ ଏତେଗୁଡ଼ିଏ ସୁରକ୍ଷା ପରୀକ୍ଷା ଏବଂ ଭାରତ ପାଇଁ ଅଲଗା ସଫ୍ଟୱେର୍ ତିଆରି କରିବା ଦ୍ୱାରା ସ୍ମାର୍ଟଫୋନ୍ ଦାମ ବଢ଼ିଯାଇପାରେ। ସେହିପରି ସରକାରୀ ଅନୁମୋଦିତ ଲାବ୍‌ରେ ସୋର୍ସ କୋଡ୍ ରଖିବା ଦ୍ୱାରା ଯଦି ସେହି ଲାବ ହ୍ୟାକ୍ ହୁଏ, ତେବେ ବିଶ୍ୱର ବହୁ କୋଟି ଆଇଫୋନ୍ ବା ଆଣ୍ଡ୍ରଏଡ୍ ଫୋନ ବିପଦରେ ପଡ଼ିଯିବ।

### ସୀମାନ୍ତ ଆକାଶରେ...

ସଶସ୍ତ୍ର ବଳର ଅପରେଶନ୍ ସିନ୍ଦୂର ସମୟରେ ମଧ୍ୟ ପାକିସ୍ତାନ ସେନା ଏପରି ଅନେକ ଡ୍ରୋନ୍ ଭାରତର ସୀମାନ୍ତ ରାଜ୍ୟଗୁଡ଼ିକୁ ପଠାଇଥିଲା। ଭାରତୀୟ ସେନାର ଯବାନମାନେ ସେଗୁଡ଼ିକ ମଧ୍ୟରୁ କେତେକ ଡ୍ରୋନ୍‌କୁ ଖସାଇ ଦେଇଥିଲେ।

### ପ୍ରଥମ ଦିନକିଆ...

ସେ ଶ୍ରୀଲଙ୍କାର କୁମାର ସାଙ୍ଗାକାରା(୨୮,୦୧୬)ଙ୍କୁ ଅତିକ୍ରମ କରିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ରନ କରିବାର ରେକର୍ଡ ସଚିନ ତେନ୍ଦୁଲକର (୩୪,୩୫୭)ଙ୍କ ନାମରେ ରହିଛି। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ପକ୍ଷରୁ ଦୁଇ ଓପନର ଡେଭନ କନୱେ ଓ ହେନରି ନିକୋଲସ ୧୧୭ ରନର ଭାଗୀଦାରି ଗଢ଼ିଥିଲେ। ଦୁଇ ବ୍ୟାଟର ଅର୍ଦ୍ଧଶତକ ପୂରଣ କରିବା ପରେ ହର୍ଷିତ ରାଣାଙ୍କ ବଲରେ ଆଉଟ୍ ହୋଇଥିଲେ। କନୱେ ୫୬ (୬ ଚୌକା ଓ ୧ ଛକା) ଓ ନିକୋଲସ ୬୨ (୮ ଚୌକା) ରନ କରିଥିଲେ। ଏହାପରେ ଗୋଟିଏ ପକ୍ଷରେ ଡାରିଲ ମିଚେଲ ଭଲ ବ୍ୟାଟିଂ କରୁଥିବା ବେଳେ ଅନ୍ୟ ପକ୍ଷରେ କ୍ରମାଗତ ବ୍ୟବଧାନରେ ଉଇକେଟ ପତନ ଜାରି ରହିଥିଲା। ଅଷ୍ଟମ ବ୍ୟାଟର ଭାବେ ମିଚେଲଙ୍କ ଉଇକେଟ ହରାଇଥିଲା। ମିଚେଲ ଆଉଟ୍ ହେବା ପୂର୍ବରୁ ୭୧ ବଲରେ ୫ ଚୌକା ଓ ୩ ଛକା ସହାୟତାରେ ୮୪ ରନ କରି ଅଷ୍ଟମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ଫଳରେ ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ ହରାଇ ୩୦୦ ରନ କରିଥିଲା।

ଜବାବରେ ଭାରତକୁ ରୋହିତ ଶର୍ମା ଓ ଅଧିନାୟକ ଶୁବମନ ଗିଲ ପ୍ରଥମ ଉଇକେଟରେ ୩୯ ରନ କରିଥିଲେ। ଆଟାକିଂ ବ୍ୟାଟିଂ କରୁଥିବା ରୋହିତ (୨୬ ରନ, ୩ ଚୌକା ଓ ୨ ଛକା) ମିସ୍ ଟାଇମିଂ କାରଣରୁ ଲଙ୍ଗ ଅଫ୍‌ରେ କ୍ୟାଚ୍ ଆଉଟ୍ ହୋଇଥିଲେ। ଅଧିନାୟକ ଗିଲ ଓ କୋହଲି ଦ୍ୱିତୀୟ ଉଇକେଟରେ ୧୧୮ ରନ ଯୋଡ଼ିଥିଲେ। ଅର୍ଦ୍ଧଶତକ ପୂରଣ କରିବା ପରେ ଗିଲ (୫୬ ରନ୍, ୩ ଚୌକା ଓ ୨ ଛକା) ଭାରତୀୟ ବଂଶୋଦ୍ଭବ ଖେଳାଳି ଆଦିତ୍ୟ ଅଶୋକଙ୍କ ବଲରେ କ୍ୟାଚ୍ ଆଉଟ୍ ହୋଇଥିଲେ। ଏହାପରେ କୋହଲି ଓ ଶ୍ରେୟସ ଆୟାର ଚତୁର୍ଥ ଉଇକେଟରେ ୭୭ ରନ ଯୋଡ଼ି ଦଳକୁ ଆଗେଇ ନେଇଥିଲେ। ଶତକ ଆଡ଼କୁ ଅଗ୍ରସର ହେଉଥିବା କୋହଲି ୯୧ ବଲରେ ୯୩ (୮ ଚୌକା ଓ ୧ ଛକା) ରନ କରି କାଇଲ ଜେମିସନଙ୍କ ବଲରେ ଆଉଟ୍ ହୋଇଥିଲେ। ଏହାପରେ ଦଳ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲା। ଏକଦା ୨୩୨/୨ ସ୍କୋର କରିଥିବା ଭାରତ ପରବର୍ତ୍ତୀ ୩ ଉଇକେଟ ମାତ୍ର ୧୦ ରନରେ ହରାଇଥିଲା। ଏଭଳି ପରିସ୍ଥିତିରେ ଉପର କ୍ରମରେ ବ୍ୟାଟିଂ ଆସିଥିବା ହର୍ଷିତ ରାଣା ଆଟାକିଂ ୨୯ (୨ ଚୌକା ଓ ୧ ଛକା) ରନ କରିଥିଲେ। ଶେଷ ଆଡ଼କୁ ଲୋକେଶ ରାହୁଲ (୨୯) ଓ ୱାଶିଂଟନ ସୁନ୍ଦର (୭) ଦଳ ଆବଶ୍ୟକୀୟ ରନ ସଂଗ୍ରହ କରି ଦଳକୁ ଜିତାଇଥିଲେ। ଭାରତ ୪୯ ଓଭରରେ ୬ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଇସରା ବାଜେ ସେଁ**
**କବାଟ ହୁଅଇ କେଁ**
**କବାଟ କଣରେ ଡାକଇ ଗୋରୀ**
**ପାନ ଖଣ୍ଡେ ନେ ନେ ।**

ବ୍ୟକ୍ତି ନିଜ ମନର ଭାବ ବ୍ୟକ୍ତ କରିବାକୁ ଭିନ୍ନ ଭିନ୍ନ ତରିକା ଆପଣେଇ ନେଉଥିବାର ଦେଖିବାକୁ ମିଳିଥାଏ। ଏପରିସ୍ଥଳେ ଗୌରବର୍ଣ୍ଣା ତରୁଣୀ କବାଟ କଣରେ ମୁହଁ ଲୁଚାଇ ପାନ ଜରିଆରେ ନିଜ ମନର ଭାବ ଜାହିର କରିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଇଜ୍ଜତ ଥାଉ,**
**ଇଜ୍ଜତ ଗଲେ ନ ଫେରେ ଆଉ ।**

ମନୁଷ୍ୟର ଏକ ଉତ୍କୃଷ୍ଟ ଗୁଣ ହେଉଛି ମାନସମ୍ମାନ ବା ଇଜ୍ଜତ। ମାନ ସମ୍ମାନ ଥରେ ଚାଲିଗଲେ ଆଉ ମିଳି ନ ଥାଏ ବା ଫେରି ନ ଥାଏ। ଇଜ୍ଜତ ହାନି ଯୋଗୁ ବ୍ୟକ୍ତିତ୍ୱର ବଳିଷ୍ଠତା ମଧ୍ୟ ହ୍ରାସ ପାଇଥାଏ। ତେଣୁ ନିଜ ମର୍ଯ୍ୟାଦା ବା ସମ୍ମାନ ନିଜେ ରକ୍ଷା କରିବା ଉଚିତ ବୋଲି ଏଠାରେ ଉପଦେଶ ଦିଆଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଅଲଗା ହେବ ପ୍ରଦୂଷଣ ଜରିମାନା

ଭୁବନେଶ୍ୱର,୧୧।୧
(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଲାଗୁ ହୋଇଥିବା ପ୍ରଦୂଷଣ ନିୟମକୁ କୋହଳ କରାଯିବ। ଗାଡ଼ି ଡ୍ରାଇଭିଂଜନିତ ତ୍ରୁଟି ଓ ଜରିମାନାକୁ ଗାଡ଼ିପ୍ରଦୂଷଣଠାରୁ ପୃଥକ୍‌କରାଯିବ। ଯେଉଁମାନେ ପୂର୍ବରୁ କଟିଥିବା ଗାଡ଼ି ଚାଲାଣ(ଜରିମାନା)କୁ ଦେବାକୁ ଚାହିଁବେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟାଙ୍କିଙ୍ଗ ବ୍ୟବସ୍ଥା କରାଯିବ, ଯାହାଦ୍ୱାରା ଲୋକେ ଘରେ ବସି ତାଙ୍କ ପୂର୍ବ ଗାଡ଼ି ଜରିମାନା ଦେୟ ସରଳ ଉପାୟରେ ଦେଇପାରିବେ। ଫଳରେ ଲୋକେ ଆଉ ପୋଲିସ କିମ୍ବା ପରିବହନ ବିଭାଗ ଅଧିକାରୀଙ୍କ ପାଖକୁ ଦୌଡ଼ିବାକୁ ପଡ଼ିବ ନାହିଁ ବୋଲି ରାଜ୍ୟ ସରକାର ତର୍ଜମା କରୁଥିବା ଅର୍ଥ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

ସୂଚନା ଅନୁଯାୟୀ, ରାଜ୍ୟରେ ପ୍ରଦୂଷଣଜନିତ ଗାଡ଼ି ଧରପଗଡ଼କୁ ନେଇ ଏବେ ଏକ ପ୍ରକାର ଅସନ୍ତୋଷ ବାତାବରଣ ସୃଷ୍ଟି ହୋଇଛି। ଏଥିଯୋଗୁ ରାଜ୍ୟ ସରକାରଙ୍କ ପ୍ରତି ଏକପ୍ରକାର ନକାରାତ୍ମକ ପରିବେଶ ସୃଷ୍ଟି ହେଉଛି। ଏଥିରେ ସୁଧାର ଆଣିବା ଲାଗି ପ୍ରଦୂଷଣଠାରୁ ତ୍ରୁଟିପୂର୍ଣ୍ଣ ଗାଡ଼ି ଚାଳନାଜନିତ ଜରିମାନାକୁ ପୃଥକ୍ କରାଯିବ। ଏନେଇ ଖୁବ୍‌ଶୀଘ୍ର ସ୍ୱତନ୍ତ୍ର ବ୍ୟାଙ୍କିଙ୍ଗ ଆପ୍ କାର୍ଯ୍ୟକାରୀ କରାଯିବା ସହିତ ସରକାରଙ୍କ ପକ୍ଷରୁ ଲୋକଙ୍କୁ ଅବଗତ କରାଯିବ ବୋଲି ବରିଷ୍ଠ ଅଧିକାରୀ ଜଣକ କହିଛନ୍ତି। ପ୍ରକାଶ ଯେ, ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଗାଡ଼ି ପ୍ରଦୂଷଣ ନିୟମ ଯାଞ୍ଚ କଡାକଡ଼ି କରିବା ପରେ ରାଜ୍ୟରେ ଏକପ୍ରକାର ଅସନ୍ତୋଷର ବାତାବରଣ ସୃଷ୍ଟି ହୋଇଛି। ଜନସାଧାରଣଙ୍କ ପକ୍ଷରୁ ଏହାକୁ ପ୍ରବଳ ବିରୋଧ କରାଯିବା ପରେ ମନ୍ତ୍ରୀ ଥରକୁ ଥର ସମୟ ଗଡ଼ାଇ ଚାଲିଛନ୍ତି। ଦୁଇଟି ପର୍ଯ୍ୟାୟରେ ଏହା ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ବୃଦ୍ଧି ହୋଇଛି। ଅନ୍ୟପକ୍ଷରେ ଓଡ଼ିଶା ଉଚ୍ଚନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା ମଧ୍ୟ ରୁଜୁ ହୋଇଛି। ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ପ୍ରଦୂଷଣ ଯାଞ୍ଚରେ କେତେକ କୋହଳ କରାଯିବାକୁ ସରକାର ବିଚାର କରୁଛନ୍ତି ବୋଲି ଅଧିକାରୀ ଜଣକ କହିଛନ୍ତି।

# ଯୋଗ୍ୟ ଦିବ୍ୟାଙ୍ଗ ଚିହ୍ନଟ ଲାଗି 'ଏକ୍ସପର୍ଟ କମିଟି'

ଭୁବନେଶ୍ୱର,୧୧।୧
(ରବିନାରାୟଣ ଜେନା)

ରାଜ୍ୟରେ ଯୋଗ୍ୟ ଦିବ୍ୟାଙ୍ଗମାନଙ୍କୁ ଚାକିରିରେ ନିଯୁକ୍ତି ଦେବା ଲାଗି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଏକ ବିଶେଷଜ୍ଞ(ଏକ୍ସପର୍ଟ) କମିଟି ଗଠନ କରାଯାଇଛି। ଏ ସଂକ୍ରାନ୍ତରେ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ବିଭାଗୀୟ ପ୍ରମୁଖ ଶାସନ ସଚିବ ଏହି କମିଟିର ଅଧ୍ୟକ୍ଷ ରହିଥିବାବେଳେ ଅତିରିକ୍ତ ସଚିବ ଆବାହକ ସଭ୍ୟ ରହିଛନ୍ତି। ଏହାବାଦ୍ କମିଟିରେ ୯ ଜଣ ସଭ୍ୟ ରହିବେ। ସେମାନଙ୍କ ମଧ୍ୟରେ ରାଜ୍ୟ ଦିବ୍ୟାଙ୍ଗ ଆୟୁକ୍ତ, ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ସଚିବ, ସାଧାରଣ ପ୍ରଶାସନ ବିଭାଗର ଯୁଗ୍ମ ସଚିବ ରହିବେ।

# ପୃଥକ୍ ଦୁର୍ଘଟଣାରେ ୪ ଯୁବକଙ୍କ ମୃତ୍ୟୁ

ଦିଗପହଣ୍ଡି/ପାତ୍ରପୁର/ ବୁଗୁଡ଼ା/ ଛତ୍ରପୁର, ୧୧।୧ (ଅଶେଷ ନାଥ ମିଶ୍ର/ ଉମା ଚରଣ ନେପାକ/ କାଳୀଚରଣ ଦାଶ/ ଦିଲୀପ ସାମଲ)

ଗଞ୍ଜାମ ଜିଲାରେ ପୃଥକ୍ ସଡ଼କ ଦୁର୍ଘଟଣାରେ ୪ ଯୁବକଙ୍କ ଜୀବନ ଯାଇଛି। ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ଶନିଶ୍ଚର ମନ୍ଦିର ନିକଟ ମୁଖ୍ୟରାସ୍ତାରେ ସକାଳ ପ୍ରାୟ ୭ଟାରେ ବସ୍ ଧକ୍କାରେ ବାସୁଦେବପୁର ପଞ୍ଚାୟତ ବଜାପଲ୍ଲୀ ଗ୍ରାମର ଡି. ରୋହିତ ଦୋରା(୩୫)ଙ୍କ ମୃତ୍ୟୁ ଘଟିଛି। ରୋହିତ ମୋପେଡରେ ଗାଁରୁ ଗୋକର୍ଣ୍ଣପୁର ଯାଉଥିବା ବେଳେ ବି. ତୁରୁବୁଡ଼ି ଗ୍ରାମରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବୀଣାପାଣି ନାମକ ବସ୍‌ଟି ଦ୍ରୁତଗତିରେ ଆସି ତାଙ୍କୁ ପଛପଟୁ ଧକ୍କା ଦେଇ ମାଡ଼ି ଯାଇଥିଲା। ଏହା ଜାଣିବା ପରେ ବହୁସଂଖ୍ୟକ ଗ୍ରାମବାସୀ ଓ ସମ୍ପର୍କୀୟ ଦୁର୍ଘଟଣାସ୍ଥଳରେ ପହଞ୍ଚି ବସଟିକୁ ଅଟକ ରଖିଥିଲେ। ସେଠାରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଦିଗପହଣ୍ଡି ତହସିଲଦାର ତଥା ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ସନ୍ତୋଷ କୁମାର ସାହୁ, ଅତିରିକ୍ତ ତହସିଲଦାର ଆଶିଷ କୁମାର ନାୟକ, ଥାନା ଭାରପ୍ରାପ୍ତ ଆଇଆଇସି ପ୍ରଶାନ୍ତ କୁମାର ପାତ୍ର ଫୋର୍ସ ନେଇ ସେଠାରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରି ସହାୟତା ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତି ଭାସନଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ମୃତକଙ୍କ ବାପା ଡି. କାରିଆଡୁ ଦୋରାଙ୍କୁ ରେଡକ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିଛନ୍ତି। ପୋଲିସ ନଂ.୧୪/୨୬ରେ ମାମଲା ରୁଜୁ କରିଛି।

ସେହିପରି ଜରଡ଼ା ଥାନା ଜିଲୁଣ୍ଡା ସାଗର ନିକଟରେ ଏକ ଗଛରେ ବାଇକ୍ ପିଟି ହେବାରୁ ଚାଳକ ଆନ୍ଧ୍ର ଇଚ୍ଛାପୁର ଥାନା ମୁଳିପଦର ଗ୍ରାମର ତାରକେଶ ରେଡ୍ଡୀ (୨୦)ଙ୍କ ମୃତ୍ୟୁ ହୋଇଛି। ବାଇକ୍ ଆରୋହୀ ସେହି ଗ୍ରାମର ମନୁ ବେହେରା ଗୁରୁତର ହୋଇଛନ୍ତି। ଉଭୟେ କୌଣସି କାର୍ଯ୍ୟରେ ଜରଡ଼ା ଯାଉଥିବା ବେଳେ ଜିଲୁଣ୍ଡା ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛକୁ ବାଇକ ଧକ୍କା ଦେଇଥିଲା। ଜରଡ଼ା ପୋଲିସ ନଂ.୭/୨୬ରେ ମାମଲା ରୁଜୁ କରିଛି।

ପୋଲସରା ଥାନା ତୁଙ୍ଗାପଡ଼ା ଗ୍ରାମ ନିକଟରେ ଏକ କାର ରାସ୍ତାକଡ଼ରେ ବସିଥିବା ୨ ସମ୍ପର୍କୀୟ ଭାଇଙ୍କୁ ଧକ୍କା ଦେଇ ଖାଲକୁ ଖସିପଡ଼ିଛି। ଏଥିରେ ତୁଙ୍ଗାପଡା ଗ୍ରାମର ସାଧୁଚରଣ ବାଡ଼ତ୍ୟାଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ଭାଇ ମହେନ୍ଦ୍ର ବାଡ଼ତ୍ୟା ଓ ଡ୍ରାଇଭର କୁନା ପାଣ୍ଡି ଗୁରୁତର ହୋଇଛନ୍ତି। ଅନ୍ୟ ଏକ ଘଟଣାରେ ଛତ୍ରପୁର ଥାନା ଅଞ୍ଚଳରେ ଏକ ଗାଡ଼ି ଧକ୍କାରେ ବାଇକ୍ ଚାଳକ ଗାଙ୍ଗପୁର – ୨ ଗ୍ରାମର ସାଗର ନାହାକ (୨୮)ଙ୍କ ମୃତ୍ୟୁ ହୋଇଛି। ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି।

# ପିକ୍‌ଅପ୍ ଧକ୍କାରେ କକା, ପୁତୁରା ମୃତ

ଜୟପାଟଣା,୧୧।୧
(ଓମ୍ ପ୍ରକାଶ ବୈଠାରୁ)

କଳାହାଣ୍ଡି ଜିଲା ଜୟପାଟଣା ଥାନା ଅନ୍ତର୍ଗତ ଗୀତାଭବନ ଛକ ନିକଟରେ ରବିବାର ପିକ୍‌ଅପ ଧକ୍କାରେ କକା, ପୁତୁରାଙ୍କ ମୃତ୍ୟୁ ହୋଇଛି। ମୃତକ ଦ୍ୱୟ ହେଲେ ସ୍ଥାନୀୟ ସିନ୍ଦକାଗୁଡା ଗ୍ରାମର କୁମୁଦ ମାଝୀ ଓ ତାଙ୍କ ୨ବର୍ଷର ପୁତୁରା ବୈଷ୍ଣବ। ସୂଚନା ଅନୁଯାୟୀ, କୁମୁଦ ତାଙ୍କ ଭାଉଜ ରଞ୍ଜନପ୍ରଭା ଓ ପୁତୁରା ସହ ଏକ ବାଇକ୍‌ରେ ବଡକର୍ଲାକୋଟକୁ ଯାଉଥିଲେ। ଗୀତାଭବନ ଛକଠାରେ ଜୟପାଟଣାର ପିକ୍‌ଅପ୍ ଗାଡି ସେମାନଙ୍କୁ ଧକ୍କା ଦେଇଥିଲା। ଏଥିରେ କୁମୁଦ ଓ ବୈଷ୍ଣବଙ୍କ ମୃତ୍ୟୁହୋଇଥିବାବେଳେ ରଞ୍ଜନପ୍ରଭା ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଉକ୍ତ ପିକ୍‌ଅପ୍‌ଟି ଏହା ପୂର୍ବରୁ ସ୍ଥାନୀୟ ପେଟ୍ରୋଲଟାଙ୍କି ନିକଟରେ ଜଣେ ଶିକ୍ଷକଙ୍କୁ ମଧ୍ୟ ଧକ୍କା ଦେଇଥିଲା। ସେ ମଧ୍ୟ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ବେପରୁଆ ଗାଡି ଚାଳନା ପାଇଁ ଏହି ଦୁର୍ଘଟଣା ଘଟିଥିବା ଲୋକେ ଅଭିଯୋଗ କରି ଚାଳକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି। ଦୁର୍ଘଟଣା ଘଟାଇଥିବା ପିକ୍‌ଅପ୍‌କୁ ପୋଲିସ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଡ୍ରାଇଭର ଫେରାର ଅଛନ୍ତି।

# ପୁଷ୍ପଗିରି ବିଶ୍ୱବିଦ୍ୟାଳୟର ଚିହ୍ନ ହଜିଯାଇଛି

ଚଣ୍ଡିଖୋଲ,୧୧।୧
(ପ୍ରଦୀପ୍ତ କୁମାର ପୃଷ୍ଟି)


ସମାବେଶରେ ଯୋଗ ଦେଇଥିବା ଅତିଥି।

## ୨ୟ ଗୁରୁ ପଦ୍ମସମ୍ଭବ ସମାବେଶ ଆରମ୍ଭ

- ଯୋଗଦେଲେ ୧୭ ଦେଶର ପ୍ରତିନିଧି
- ୬ ଦିନ ଧରି ଚାଲିବ ବିଭିନ୍ନ କାର୍ଯ୍ୟକ୍ରମ

ଓଡ଼ିଶାରେ ବୌଦ୍ଧ କୀର୍ତ୍ତିରାଜି ପରିପୂର୍ଣ୍ଣ ହୋଇରହିଛି। ହୀରକ ତ୍ରିଭୁଜ ମଧ୍ୟରେ ଥିବା ଲଳିତଗିରି, ଉଦୟଗିରି ଓ ରତ୍ନଗିରି ଏବେ ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏଠାରେ ଥିବା ପୁଷ୍ପଗିରି ବିଶ୍ୱବିଦ୍ୟାଳୟର ବର୍ତ୍ତମାନ ଚିହ୍ନ ହଜିଯାଇଛି। କିନ୍ତୁ ଏହା ଥିଲା ଭାରତର ସର୍ବପୁରାତନ ବିଶ୍ୱବିଦ୍ୟାଳୟ। ଏହାର ପୁନରୁଦ୍ଧାର କରାଯିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଗୁରୁ ପଦ୍ମସମ୍ଭବ ଓଡ଼ିଶାରେ ଜନ୍ମ ଗ୍ରହଣ କରିଥିବାବେଳେ ତାଙ୍କର ଦେହାବସାନ ଉଦୟଗିରିଠାରେ ହୋଇଥିଲା। ସେ ବିଶ୍ୱରେ ବୌଦ୍ଧଧର୍ମର ପ୍ରଚାର କରି ପ୍ରଥମ ଧର୍ମଗୁରୁ ବୋଲି ଖ୍ୟାତି ଲାଭ କରିଥିଲେ। ଲାଇଟ ଅଫ୍ ବୁଦ୍ଧ ଧର୍ମ ଫାଉଣ୍ଡେଶନ ପକ୍ଷରୁ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ସହାୟତାରେ ରବିବାର ଯାଜପୁର ଜିଲାର ପ୍ରସିଦ୍ଧ ବୌଦ୍ଧ ପୀଠ ଉଦୟଗିରିଠାରେ ଆରମ୍ଭ ହୋଇଥିବା ଦ୍ୱିତୀୟ ଗୁରୁ ପଦ୍ମସମ୍ଭବ ସମାବେଶରେ ମୁଖ୍ୟଅତିଥି ଭାବରେ ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା ଯୋଗଦେଇ ଏକଥା ପ୍ରକାଶ କରିଛନ୍ତି। ଫାଉଣ୍ଡେଶନର ମୁଖ୍ୟ କାର୍ଯ୍ୟନିର୍ବାହୀ ୱାଙ୍ଗ ମୋ ଡିକ୍ସିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ଯୋଗଦେଇ କହିଛନ୍ତି, ଏଠାରୁ ମିଳୁଥିବା ପ୍ରାଚୀନ ବୌଦ୍ଧ କୀର୍ତ୍ତିରାଜି ବିଶ୍ୱରେ ଅନନ୍ୟ। ଆଗାମୀ ଦିନରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ହୀରକ ତ୍ରିଭୁଜର ରାସ୍ତାଘାଟ ଉନ୍ନତୀକରଣ ସହ ବୌଦ୍ଧପୀଠର ବିକାଶ କରାଯିବ। ଜିଲାପାଳ ଅମ୍ବର କୁମାର କର ଯୋଗଦେଇ ପ୍ରାଚୀନ ଐତିହ୍ୟକୁ ସୁରକ୍ଷିତ ରଖିପାରିଲେ ପ୍ରତ୍ୟେକ ବର୍ଷ ବହୁ ବିଦେଶୀ ପର୍ଯ୍ୟଟକ ଆସିପାରିବେ ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗୁରୁ ରିନପୋଚେ ଯୋଗଦେଇ ସମସ୍ତଙ୍କୁ ପ୍ରାର୍ଥନା କରାଇଥିଲେ। ଆମେରିକାର ରିଚାର୍ଡ ଡିକ୍ସି, ଏଚ୍‌ଇ ଜିଂମେଡ ରିନପୋକେ, ଫେଡ୍ରିକ ମୋରନ ଭାଲ ଓ ଶୋଭନୀୟ ଶିକ୍ଷା ଶ୍ରମର ଅଧ୍ୟକ୍ଷା ଅରୁନ୍ଧତୀ ଦେବୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଉଦୟଗିରିସ୍ଥିତ ନିର୍ବାଣ ପରିସରରୁ ଏକ ଶୋଭାଯାତ୍ରାରେ ୧୭ ଦେଶର ସମସ୍ତ ବୌଦ୍ଧ ଧର୍ମାବଲମ୍ବୀ ପ୍ରାର୍ଥନାସ୍ଥଳକୁ ଆସିଥିଲେ। ସେଠାରେ ୫୨୫ ଦୀପ ପ୍ରଜ୍ୱଳନ କରି ପ୍ରାର୍ଥନା କରିଥିଲେ। ଏହାପରେ ଉଦ୍‌ଘାଟନୀ ସମାରୋହ ଆରମ୍ଭ ହୋଇଥିଲା। ବୌଦ୍ଧସନ୍ନ୍ୟାସୀଙ୍କୁ ନାଚଗୀତରେ ସ୍ଥାନୀୟ ଅଞ୍ଚଳବାସୀ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଲାଇଟ ଅଫ୍ ବୁଦ୍ଧ ଫାଉଣ୍ଡେଶନ ପକ୍ଷରୁ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମାବେଶ ୬ ଦିନ ଧରିଚାଲିବ। ଏଥିରେ ବହୁ ଗବେଷକ, ଐତିହାସିକ ଯୋଗଦେଇ ଆଲୋଚନାରେ ଭାଗ ନେବେ। ୩ ଦିନ ବୁଦ୍ଧ ଧର୍ମ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାୟକ, ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀ, ବଡ଼ଚଣା ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ତ୍ରିପାଠୀ, ଜିଲା ପର୍ଯ୍ୟଟନ ଅଧିକାରୀ ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି କାର୍ଯ୍ୟ ତଦାରଖ କରିଥିଲେ।



ସମଗ୍ର ସୃଷ୍ଟି ଭିତରେ ଭଗବାନଙ୍କର ଅନନ୍ତ କୃପା ଅଦୃଶ୍ୟରେ ରହି ପୃଥିବୀ ପୃଷ୍ଠରେ ପ୍ରତି ମୁହୂର୍ତ୍ତରେ କାର୍ଯ୍ୟ କରି ଚାଲିଛି। ତାହା ଫଳରେ ପୃଥିବୀ ବହୁପୁ ଦୁଃଖ, ବିପଦ, ଅଜ୍ଞାନ ଓ ନିର୍ବୋଧତା କବଳରୁ ରକ୍ଷା ପାଇପାରୁଛି। -ଶ୍ରୀମା

-ସ୍ୱାମୀ ବିବେକାନନ୍ଦ ଜୟନ୍ତୀ



# ଅସହାୟ ଭୋଟର

ପୂର୍ବରୁ କୁହାଯାଇଛି ଯେ, ରାଜନୀତିରେ କୌଣସି ସ୍ଥାୟୀ ଶତ୍ରୁ କିମ୍ବା ମିତ୍ର ନାହାନ୍ତି। ଏହି ରୂଢ଼ଗର ବାସ୍ତବ ରୂପାନ୍ତର ଏବେ ଭାରତର ବିଭିନ୍ନ ସ୍ଥାନ ଓ ପରିସ୍ଥିତିରେ ଦେଖିବାକୁ ମିଳୁଛି। ସଦ୍ୟ ଦୃଷ୍ଟାନ୍ତ ଦେଖିଲେ ମହାରାଷ୍ଟ୍ର ମନକୁ ଆସେ। ନିକଟରେ ଠାଣେ ଜିଲାର ଅମ୍ବରନାଥ ପୌର ପରିଷଦ ପାଇଁ ଭାଜପା ତା'ର ଦୀର୍ଘବର୍ଷର ରାଜନୈତିକ ଶତ୍ରୁ କଂଗ୍ରେସ ସହ ହାତ ମିଳାଇଛି। ସେହିପରି ଆକୋଲା ଜିଲାର ଅକୋଟ ପୌର ପରିଷଦ ପାଇଁ ଅସାଦୁଦ୍ଦିନ ଓୱାଇସିଙ୍କ ଦଳ ଏଆଇଏମ୍ଆଇଏମ୍ (ଦଳର ଚିହ୍ନ 'ଗୁଡ଼ି') ସହ ପଦ୍ମ ଦଳ ମେଣ୍ଟ କରିଛି। ଜାନୁଆରୀ ୮ ଧରିତ୍ରୀର ପ୍ରଥମ ପୃଷ୍ଠାରେ 'ହାତ' ଧରି 'ଗୁଡ଼ି' ଉଡ଼ାଇଲା 'ପଦ୍ମ' ଶୀର୍ଷକରେ ଖବର ପ୍ରକାଶ କରିଥିଲୁ। ଏହା ପ୍ରକାଶ ପାଇବା ପରେ ଅନେକେ ପ୍ରତିକ୍ରିୟାରେ କହିବାକୁ ଲାଗିଲେ ଦଳନୀତି ଆଦର୍ଶ ବିବର୍ଜିତ ହୋଇଗଲାଣି।

ମହାରାଷ୍ଟ୍ର ରାଜନୀତିକୁ ଗଲା କେଇବର୍ଷ ହେବ ଲକ୍ଷ୍ୟ କଲେ ଗୋଟେ ଅଖାଡୁଆ ମେଣ୍ଟର ଧାରା ଚାଲିଲା ଭଳି ମନେହେଉଛି। ଏବେ ଅମ୍ବରନାଥରେ ଏକନାଥ ଶିନ୍ଦେଙ୍କ ଶିବସେନାକୁ କ୍ଷମତାରୁ ଦୂରେଇ ରଖିବା ପାଇଁ ସ୍ଥାନୀୟ ସ୍ତରରେ ଭାଜପା, କଂଗ୍ରେସ ଓ ଅଜିତ ପାୱାରଙ୍କ ଏନ୍‌ସିପି ମିଳିତ ଭାବେ 'ଅମ୍ବରନାଥ ବିକାଶ ଅଘାଡ଼ି'ଗଠନ କରିଛନ୍ତି। ଶିନ୍ଦେଙ୍କ ଗଡ଼ କୁହାଯାଉଥିବା ଅଞ୍ଚଳରେ ଭାଜପା ଏଭଳି ପଦକ୍ଷେପ ନେବା ଶିବସେନାକୁ କ୍ଷୁବ୍ଧ କରିଛି। ଅବଶ୍ୟ ଭାଜପା ରାଜ୍ୟ ନେତୃତ୍ୱ ଏହି ସ୍ଥାନୀୟ ମେଣ୍ଟଠାରୁ ନିଜକୁ ଦୂରେଇ ରଖିଛି। ଅନ୍ୟପକ୍ଷରେ କଂଗ୍ରେସ ଅମରନାଥ ମ୍ୟୁନିସିପାଲ କାଉନ୍‌ସିଲ କମିଟିକୁ ଭାଙ୍ଗି ଦେବା ସହ ସବୁ କର୍ପୋରେଟରଙ୍କୁ ଦଳରୁ ନିଲମ୍ବିତ କରିଛି। ତେଣେ ଆକୋଟ ପୌର ପରିଷଦରେ ଭାଜପା–ଏଆଇଏମ୍ଆଇଏମ୍ ମଧ୍ୟରେ ମେଣ୍ଟ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ଅନୁରୂପ ଭାବେ ଭାଜପା ରାଜ୍ୟ ନେତୃତ୍ୱ ମଧ୍ୟ ଏଠାରେ ତା'ର ଦଳୀୟ କର୍ମୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେଇଛି। ଏଆଇଏମ୍ଆଇଏମ୍ ମଧ୍ୟ ତାହାର କର୍ପୋରେଟରଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନେବ ବୋଲି ଧମକ ଦେଇଛି। ଏପରି କି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ ଭାଜପା ଓ ଏଆଇଏମ୍ଆଇଏମ୍ ସହ ମେଣ୍ଟକୁ ଭାଙ୍ଗିଦିଆଯିବ ବୋଲି କହିଛନ୍ତି। ଯେଉଁମାନେ ଏହାକୁ ସ୍ଥାନୀୟ ସ୍ତରର ମେଣ୍ଟ ବୋଲି କହୁଛନ୍ତି ତାହା ସମ୍ପୂର୍ଣ୍ଣ ଭୁଲ୍ ଓ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଫଡ୍‌ନବିସ କହିଛନ୍ତି।

> **ସର୍ବୋଚ୍ଚ ନେତାମାନେ ସବୁ ଆଦର୍ଶ, ନୀତି ଏବଂ ନିୟମକୁ ଜଳାଞ୍ଜଳି ଦେଇ ଯେଉଁସବୁ ବିକଟାଳ ରାଜନୈତିକ ଦଳ ପୁନର୍ଗଠନ କରୁଛନ୍ତି ତାହାର ଫଳସ୍ୱରୂପ ଏହିସବୁ ମେଣ୍ଟ ପାଇଁ ଉଦ୍ୟମ। ଏଥିରେ କେବଳ ସାଧାରଣ ଭୋଟର ବାରମ୍ବାର କ୍ଷତିଗ୍ରସ୍ତ ହେଉଛି, ରାଜନେତା ତାଙ୍କର ନିଜ ବାଟରେ ଚାଲିଛନ୍ତି।**

ସଦ୍ୟ ଘଟଣା ଦେଖିଲେ ଭାଜପା ସହ ସରକାରରେ ଥିବା ଅନ୍ୟତମ ଅଂଶୀଦାର ଜାତୀୟତାବାଦୀ କଂଗ୍ରେସ ପାର୍ଟି(ଏନ୍‌ସିପି)ର ମୁଖ୍ୟ ଅଜିତ ପାୱାର ଏବଂ ଏନ୍‌ସିପି–ଏସ୍‌ପି ମୁଖ୍ୟ ଶରଦ ପାୱାରଙ୍କ ଝିଅ ସୁପ୍ରିୟା ସୁଲେ ଏକାଠି ଗୋଟିଏ ମଞ୍ଚରେ ବସି ପୌର ନିର୍ବାଚନ ପାଇଁ ମିଳିତ ଇସ୍ତାହାର ଜାରି କରିଛନ୍ତି। ଅଛୁଆଁ ଶବ୍ଦ ବ୍ୟବହାର ଗ୍ରହଣଯୋଗ୍ୟ ହୋଇ ନ ଥିଲେ ମଧ୍ୟ ରାଜନୀତିରେ ପରସ୍ପର ଅଛୁଆଁ ରହୁଥିବା ଦଳ ମିଶିବାର ଅର୍ଥ 'କେବଳ ସ୍ୱାର୍ଥ' ବୋଲି କୁହାଯାଇପାରେ। ମହାରାଷ୍ଟ୍ର ପୌର ନିର୍ବାଚନରେ ମେଣ୍ଟର ମାନେ କିଛି ନୁହେଁ, କେବଳ ଟଙ୍କା କଥା କହୁଛି ବୋଲି ସ୍ପଷ୍ଟ ଦେଖାଯାଉଛି। ପୌର ନିର୍ବାଚନରେ ସ୍ଥାନୀୟ ନେତାମାନଙ୍କ ଭୂମିକା ଗୁରୁତ୍ୱ ବହନ କରିଥାଏ।

ସବୁ ଦଳ ଏଭଳି ମେଣ୍ଟକୁ ବିରୋଧ କରିବା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। କିନ୍ତୁ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ କ୍ଷୁଦ୍ର ନେତା ଓ କର୍ମୀ ଏଭଳି ମେଣ୍ଟ କରିବାର ଆସ୍ପର୍ଦ୍ଧା ପାଇଲା କେଉଁଠାରୁ। ସେମାନେ କୁଜି ନେତା ହେଲେ ମଧ୍ୟ ତାଙ୍କର ରାଜନୈତିକ ଚରିତ୍ର ଓ ଇଚ୍ଛାକୁ ଏଡ଼ାଇ ଦେଇହେବ ନାହିଁ। ଏହି କର୍ମୀ ଏବଂ ନେତା ସର୍ବୋଚ୍ଚ ସ୍ତରର ନେତାମାନଙ୍କ ଚରିତ୍ରକୁ ଅତି ଭଲଭାବେ ବିଶ୍ଳେଷଣ କରି ନିଜର ଭବିଷ୍ୟତକୁ ଗଢୁଛନ୍ତି। ସେମାନେ ଉଚ୍ଚ ନେତାଙ୍କର କୋଳାକୋଳି ମନୋଭାବକୁ ବୁଝିପାରୁଛନ୍ତି। ବିରୋଧୀଙ୍କ ଦଳବଦଳକୁ ସମର୍ଥନ କରୁଥିବା ସର୍ବୋଚ୍ଚ ନେତାମାନେ କେଉଁଭଳି ଅପରାଧୀ ଏବଂ ଦୁର୍ନୀତିଗ୍ରସ୍ତଙ୍କୁ ଆଦରି ନେଉଛନ୍ତି, ତାହା ମଧ୍ୟ ଦେଖି ଶିଖୁଛନ୍ତି। ତେଣୁ କଥାଠାରୁ ଅଧିକ କାର୍ଯ୍ୟକୁ ଅନୁସରଣ କରୁଥିବା ରାଜନୈତିକ କର୍ମୀ ଉପରେ ଦୋଷ ଲଦିଦେବା ଅନୁଚିତ। ସର୍ବୋଚ୍ଚ ନେତାମାନେ ସବୁ ଆଦର୍ଶ, ନୀତି ଏବଂ ନିୟମକୁ ଜଳାଞ୍ଜଳି ଦେଇ ଯେଉଁସବୁ ବିକଟାଳ ରାଜନୈତିକ ଦଳ ପୁନର୍ଗଠନ କରୁଛନ୍ତି ତାହାର ଫଳସ୍ୱରୂପ ଏହିସବୁ ମେଣ୍ଟ ପାଇଁ ଉଦ୍ୟମ। ଏଥିରେ କେବଳ ସାଧାରଣ ଭୋଟର ବାରମ୍ବାର କ୍ଷତିଗ୍ରସ୍ତ ହେଉଛି, ରାଜନେତା ତାଙ୍କର ନିଜ ବାଟରେ ଚାଲିଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | | | | | |
| | | 3 | | | 2 | | | 6 |
| 2 | 8 | | 5 | | | 7 | | |
| 3 | | | | 4 | 1 | | 6 | |
| | | 2 | | | 7 | | | 5 |
| | | | | | | 8 | 7 | |
| | | | | | | 4 | | |
| | 2 | | | | | | | |
| | | 1 | 9 | 8 | 6 | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 7 | 4 | 6 | 3 | 1 | 2 | 9 | 5 |
| 1 | 2 | 9 | 8 | 4 | 5 | 6 | 7 | 3 |
| 3 | 5 | 6 | 9 | 7 | 2 | 8 | 4 | 1 |
| 2 | 6 | 1 | 5 | 9 | 7 | 3 | 8 | 4 |
| 4 | 8 | 7 | 3 | 2 | 6 | 5 | 1 | 9 |
| 9 | 3 | 5 | 4 | 1 | 8 | 7 | 6 | 2 |
| 7 | 1 | 3 | 2 | 6 | 9 | 4 | 5 | 8 |
| 5 | 9 | 2 | 7 | 8 | 4 | 1 | 3 | 6 |
| 6 | 4 | 8 | 1 | 5 | 3 | 9 | 2 | 7 |

ଗତକାଲିର ଉତ୍ତର

# ବିଶ୍ୱଶାନ୍ତିରେ ପ୍ରଶ୍ନବାଚୀ



ଭାଲଚନ୍ଦ୍ର ଷଡ଼ଙ୍ଗୀ

ଏକ ସ୍ୱାଧୀନ ତଥା ସାର୍ବଭୌମ ଦେଶ ଭେନେଜୁଏଲା ଉପରେ ଆମେରିକାର ରାତିଅଧିଆ ସାମରିକ ଆକ୍ରମଣ ଓ ରାଷ୍ଟ୍ରପତି ନିକୋଲାସ୍ ମାଦୁରୋ ଏବଂ ତାଙ୍କ ସ୍ତ୍ରୀଙ୍କୁ ଅପହରଣ କରି ଅନ୍ୟ ଏକ ଦେଶକୁ ନେଇ ସେଠାରେ ମିଥ୍ୟା ଅଭିଯୋଗ ଆଧାରରେ ବିଚାରର ନାଟକ ରଚିବା ସାରା ବିଶ୍ୱରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ଆର୍ଜେଣ୍ଟିନା ଓ ୟୁକ୍ରେନ୍ ପରି ଆମେରିକାର ବୋଲକରା ଗୋଟିଏ ଦୁଇଟି ଦେଶକୁ ଛାଡ଼ିଦେଲେ, ବିଶ୍ୱର ଅନ୍ୟ କୌଣସି ଦେଶ ଆମେରିକାର ଏଭଳି ଆତଙ୍କବାଦୀ କୃତ୍ୟକୁ ଖୋଲା ସମର୍ଥନ କରି ନାହାନ୍ତି। ବରଂ ରୁଷିଆ, ଚାଇନା, ଦକ୍ଷିଣ ଆଫ୍ରିକା, ବ୍ରାଜିଲ, ଇରାନ, ଉତ୍ତର କୋରିଆ ପରି ଦେଶଗୁଡ଼ିକ ଏହାର ନିନ୍ଦା କରିବା ସହ ପରିଣାମ ବିଶ୍ୱବ୍ୟାପୀ ହେବ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ତା'ର ଘନିଷ୍ଠ ସହଯୋଗୀ ରହି ଆସିଥିବା ଅନେକ ୟୁରୋପୀୟ ଦେଶ ନିନ୍ଦା କରିଛନ୍ତି।

ନିକୋଲାସ୍ ମାଦୁରୋଙ୍କ ବିରୋଧରେ ଆମେରିକା ନିଶାଦ୍ରବ୍ୟର ଚୋରାଚାଲାଣ ଓ ବେଆଇନ ଅର୍ଥ କାରବାରରେ ଲିପ୍ତ ଥିବାର ଅଭିଯୋଗ କରିଛି। ପ୍ରଶ୍ନ ଉଠୁଛି, ଯଦି କୌଣସି ଦେଶର ନିର୍ବାଚିତ ରାଷ୍ଟ୍ରପତିଙ୍କ ବିରୋଧରେ ଏଭଳି ଗୁରୁତର ଅପରାଧର ଅଭିଯୋଗ ରହିଥିଲା, ତାହେଲେ ଆମେରିକା ତାଙ୍କ ବିରୋଧରେ ମିଳିତ ଜାତିସଂଘ କିମ୍ବା ଆନ୍ତର୍ଜାତିକ ଅଦାଲତର ଦ୍ୱାରସ୍ଥ ହୋଇପାରିଥାନ୍ତା। ଅଥବା ବିଶ୍ୱବାସୀଙ୍କ ସମ୍ମୁଖରେ ଏନେଇ ଠୋସ୍ ତଥ୍ୟ ଓ ପ୍ରମାଣ ରଖିପାରିଥାନ୍ତା। କିନ୍ତୁ ଅନ୍ତର୍ଜାତୀୟ କୋର୍ଟର ରାୟ ବିନା ତଥା ଜାତିସଂଘର ଅନୁମତି ନନେଇ ଗୋଟିଏ ସ୍ୱାଧୀନ ଦେଶର ରାଷ୍ଟ୍ରପତିଙ୍କୁ ପ୍ରତାଡ଼ିତ କରିବା ଆଦୌ ଆଇନସମ୍ମତ ତ ନୁହେଁ । ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣ ଅପ୍ରତ୍ୟାଶିତ ନଥିଲା। ଗତ କିଛି ମାସ ଧରି ଆମେରିକା ଭେନେଜୁଏଲା ନିକଟସ୍ଥ କାରିବିୟାନ ସମୁଦ୍ର ଅଞ୍ଚଳରେ ନିଜର ସାମରିକ ଶକ୍ତିକୁ ଠୁଳ କରି ତା'କୁ ଏକରକମ ବନ୍ଦୀ କରି ରଖିଆସିଛି। ସେମାନଙ୍କ ପ୍ରକୃତ ଉଦ୍ଦେଶ୍ୟ ଯେ ଭେନେଜୁଏଲାରେ ବଳପୂର୍ବକ ଶାସନ ପରିବର୍ତ୍ତନ କରି ସେ ଦେଶର ବିପୁଳ ତୈଳ ଭଣ୍ଡାର ଓ ପ୍ରାକୃତିକ ସମ୍ପଦକୁ ଆମେରିକୀୟ କମ୍ପାନୀଙ୍କୁ ଟେକିଦେବା, ତାହା ଆଉ ଲୁଚି ରହିନାହିଁ। ଭେନେଜୁଏଲା ଉପରେ ଆକ୍ରମଣ କରିବା ପରେ ରାଷ୍ଟ୍ରପତି ଟ୍ରମ୍ପ୍ ବର୍ତ୍ତମାନ ପାଇଁ ସେହି ଦେଶକୁ ଆମେରିକା ଚଳେଇବ ବୋଲି କହିଛନ୍ତି। ଏହା ସହିତ ଆଗାମୀ ଦିନରେ କ୍ୟୁବା, କଲମ୍ବିଆ ସମେତ ଦକ୍ଷିଣ ଆମେରିକାର ଆହୁରି ୫ଟି ଦେଶ ଉପରେ ଆକ୍ରମଣ କରିବାକୁ ସଙ୍କେତ ଦେଇଛନ୍ତି। ଆମେରିକାର ଏହି ଆଭିମୁଖ୍ୟ ବିଶ୍ୱର ବିଭିନ୍ନ ଦେଶ ବିଶେଷ କରି ଦକ୍ଷିଣ ଆମେରିକାର ଦେଶଗୁଡ଼ିକୁ ଭୟଭୀତ କରିବା ସ୍ୱାଭାବିକ।

ଆମେରିକାର ବିଶାଳ ସୈନ୍ୟ କ୍ଷମତା ଓ ଆର୍ଥିକ ଶକ୍ତି ଆଗରେ ଦକ୍ଷିଣ ଆମେରିକାର ଦେଶଗୁଡ଼ିକ ଠିଆ ହେବା ସମ୍ଭବ ନୁହେଁ ବୋଲି ଟ୍ରମ୍ପ ଭାବୁଛନ୍ତି। ଯେହେତୁ



ରୁଷିଆ ଓ ଚାଇନା ପରି ମହାଶକ୍ତିଙ୍କ ସେହି ଅଞ୍ଚଳରେ ସାମରିକ ଉପସ୍ଥିତି ନାହିଁ ତେଣୁ ଆକ୍ରମଣ ପରିସ୍ଥିତିରେ ଉପରୋକ୍ତ ଦେଶଗୁଡ଼ିକ ଏକରକମ ଆତ୍ମସମର୍ପଣ କରିବାକୁ ବାଧ୍ୟହେବେ ବୋଲି ଧରି ନେଇଛନ୍ତି। କିନ୍ତୁ ସମଗ୍ର ଦକ୍ଷିଣ ଆମେରିକାକୁ ଦଖଲ କରିବା ଟ୍ରମ୍ପଙ୍କ ପାଇଁ ସହଜ ନୁହେଁ। ଭେନେଜୁଏଲାକୁ ସମୁଦ୍ରରୁ ଘେରି ରଖିଥିଲେ ମଧ୍ୟ ଏଯାଏ ସେଠାରେ ଆମେରିକା ତା'ର ସେନାକୁ ମୁତୟନ କରିବାରେ ସକ୍ଷମ ହୋଇନି। ସରକାରୀ ସହଯୋଗରେ ସେଠାରେ ପ୍ରସ୍ତୁତ ରହିଥିବା ଲକ୍ଷ ଲକ୍ଷ ସଶସ୍ତ୍ର ମିଲିସିଆଙ୍କୁ ସାମ୍ନା କରିବା ଆମେରିକାର ସେନା ପାଇଁ କଷ୍ଟକର। ଇତିମଧ୍ୟରେ ଟ୍ରମ୍ପଙ୍କ ମନ୍ତବ୍ୟ ଉପରେ କଲମ୍ବିଆର ରାଷ୍ଟ୍ରପତି ଗୁସ୍ତାଭୋ ପେଟ୍ରୋ ପ୍ରତିକ୍ରିୟା ଦେଇ ଆମେରିକାର ଯେକୌଣସି ଆକ୍ରମଣକୁ ସାମ୍ନା କରିବାକୁ ପ୍ରସ୍ତୁତ ଅଛୁ ବୋଲି ଚାଲେଞ୍ଜ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ସେ ପୂର୍ବରୁ ସେଠାକାର ଏକ ବଡ଼ ସଶସ୍ତ୍ର ସଂଗଠନର ନେତୃତ୍ୱ ନେଇ ସେଠାକାର ସରକାର ସହ ଅନେକ ଦଶକ ଧରି ଗେରିଲା ଲଢ଼େଇରେ ବ୍ୟସ୍ତ ଥିଲେ। ପରେ ଏକ ଶାନ୍ତି ରାଜିନାମା ପରେ ସେ ଓ ତାଙ୍କର ହଜାର ହଜାର କ୍ୟାଡ଼ର ଅସ୍ତ୍ର ତ୍ୟାଗ କରି ଗଣତାନ୍ତ୍ରିକ ବ୍ୟବସ୍ଥାରେ ସାମିଲ ହୋଇଥିଲେ ଏବଂ ପରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ବିପୁଳ ସଂଖ୍ୟାରେ ଭୋଟ ପାଇ ବିଧିବଦ୍ଧ ଭାବେ କଲମ୍ବିଆର ରାଷ୍ଟ୍ରପତି ନିର୍ବାଚିତ ହୋଇଥିଲେ। ଆମେରିକାର ବିରୋଧୀ ଭାବେ କଲମ୍ବିଆ, ବ୍ରାଜିଲ ଓ ମେକ୍ସିକୋ ପ୍ରମୁଖ ରହିଛନ୍ତି। । ସେମାନଙ୍କ ପଛରେ ରୁଷିଆ ଓ ଚାଇନାର ପ୍ରତ୍ୟକ୍ଷ ସହଯୋଗ ରହିଛି। ତେଣୁ ସେସବୁ ଦେଶ ଉପରେ ଆକ୍ରମଣ ଆମେରିକାକୁ ମହଙ୍ଗା ପଡ଼ିବା ସ୍ୱାଭାବିକ।

ଆମେରିକାର ଭେନେଜୁଏଲା ଆକ୍ରମଣ ବିଶ୍ୱରେ ଭୟଙ୍କର ପରମ୍ପରା ସୃଷ୍ଟି କରିବାକୁ ଯାଉଛି। ଏକ ଶୃଙ୍ଖଳିତ ବିଶ୍ୱ ବଦଳରେ ଜଙ୍ଗଲରାଜ ଅର୍ଥାତ୍ "ଜୋର୍ ଯା'ର, ମୁଲକ ତା'ର" ନୀତି ହିଁ ବିଶ୍ୱର ନିୟମ ହେବା ଜଣାପଡୁଛି। ଦୁଇ ଦୁଇଟି ବିଶ୍ୱ ଯୁଦ୍ଧରୁ ଶିକ୍ଷାଲାଭ କରି ଆମେରିକା ସମେତ ବିଶ୍ୱର ସମସ୍ତ ଦେଶ ଏକ ବୈଶ୍ୱିକ ଶୃଙ୍ଖଳା ଓ ସ୍ଥାୟୀ ଶାନ୍ତି ପାଇଁ ଯେଉଁ ମିଳିତ ଜାତିସଂଘ ଗଠନ କରିଥିଲେ, ତାହା ପ୍ରାୟତଃ ଆଜି ଏକରକମ ଅପ୍ରାସଙ୍ଗିକ ଓ ପଙ୍ଗୁ ହୋଇଯାଇଛି। ଜାତିସଂଘର ମହାସଚିବ କେବଳ ମଝି ମଝିରେ ବିବୃତି ପ୍ରକାଶ କରି ଶାନ୍ତିରକ୍ଷା ପାଇଁ ଦେଶଗୁଡ଼ିକୁ ନିବେଦନ କରିବାରେ ନିଜକୁ ସୀମିତ ରଖିଛନ୍ତି।

ଭେନେଜୁଏଲା ଘଟଣାରେ ଭାରତ ସରକାରଙ୍କ ପ୍ରତିକ୍ରିୟା ଅତ୍ୟନ୍ତ ଦୁର୍ବଳ ଓ ଅସହାୟପୂର୍ଣ୍ଣ ମନେହୁଏ। ଭାରତ ସର୍ବଦା ବିଶ୍ୱରେ ଶାନ୍ତି ଓ ସହାବସ୍ଥାନର କଥା କହି ଆସିଛି। ଅନ୍ୟ ଦେଶର ସ୍ୱାଧୀନତା ଓ ସାର୍ବଭୌମତ୍ୱକୁ ସମ୍ମାନ ଦେବା ଆମ ବୈଦେଶିକ ନୀତିର ଅଭିନ୍ନ ଅଙ୍ଗ ହୋଇ ଆସିଛି। କିନ୍ତୁ ତାହା ସତ୍ତ୍ୱେ ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣ ଓ ରାଷ୍ଟ୍ରପତି ଏବଂ ତାଙ୍କ ସ୍ତ୍ରୀଙ୍କ ଅପହରଣକୁ ଭାରତ ନିନ୍ଦା କରିନାହିଁ। ଭେନେଜୁଏଲା ଉପରେ ଆକ୍ରମଣ କୌଣସି ବିଚ୍ଛିନ୍ନ ଘଟଣା ନୁହେଁ। ଏହା ନିଜର ଦୁର୍ବଳ ହୋଇଯାଇଥିବା ଆଧିପତ୍ୟ ପୁନଃ ପ୍ରତିଷ୍ଠା କରି ଅର୍ଥନୈତିକ ସଙ୍କଟ ଦୂର କରିବାକୁ ଆମେରିକୀୟ ସାମ୍ରାଜ୍ୟବାଦର ଏକ ସୁନିୟୋଜିତ କୌଶଳ । ଟ୍ରମ୍ପ କ୍ଷମତାକୁ ଆସିବା ପରେ ନିଜ ଦେଶର କମ୍ପାନୀଗୁଡ଼ିକ ପାଇଁ ବିଭିନ୍ନ ଦେଶର ବଜାରକୁ ସମ୍ପୂର୍ଣ୍ଣ ଭାବେ ଖୋଲିଦେବାକୁ ଚାପ ପକାଇବାକୁ ଶୁଳ୍କ ଯୁଦ୍ଧକୁ ଆରମ୍ଭ କରିଛନ୍ତି। ଭାରତର ବଜାର ବିଶେଷ କରି ଆମର କୃଷି ଓ ଦୁଗ୍ଧ ଉତ୍ପାଦର ବଜାରକୁ ଆମେରିକୀୟ କମ୍ପାନୀଗୁଡ଼ିକ ପାଇଁ ସମ୍ପୂର୍ଣ୍ଣ ଖୋଲିଦେବାକୁ ଭାରତ ସରକାରଙ୍କୁ ବାଧ୍ୟ କରିବାକୁ ବର୍ତ୍ତମାନ ୫୦% ଶୁଳ୍କ ଧାର୍ଯ୍ୟ କରିଛନ୍ତି। ଏହି ଉଦ୍ଦେଶ୍ୟରେ ଶସ୍ତା ତେଲ ନ ଆଣିବା ପାଇଁ ଲଗାତର ଚାପ ପ୍ରୟୋଗ କରି ଆସିଛନ୍ତି। ନିକଟରେ ଭେନେଜୁଏଲା ଆକ୍ରମଣ ପରେ ପୁଣିଥରେ ଟ୍ରମ୍ପ୍ ଭାରତକୁ ରୁଷିଆରୁ ତେଲ ଆମଦାନୀ ନ କରିବାକୁ ଚେତାବନୀ ଦେଇଛନ୍ତି। ଯଦି ତେଲ ଆମଦାନୀ ଅବ୍ୟାହତ ରହେ ତାହେଲେ ଖୁବ୍ ଶୀଘ୍ର ଭାରତ ବିରୋଧରେ ବାଣିଜ୍ୟ ଶୁଳ୍କକୁ ବର୍ତ୍ତମାନର ୫୦୦% କରି ଦିଆଯିବ ବୋଲି ଧମକ ଦେଇଛନ୍ତି। ଏଭଳି ସାମ୍ରାଜ୍ୟବାଦୀ ଧମକ ଓ ଚାପ ଆଗରେ ମୁଣ୍ଡ ନ ନୁଆଁଇ ଭାରତ ସରକାର ନିଜ ସ୍ୱାର୍ଥରେ ଦୃଢ଼ତାର ସହିତ ନୀତି ଗ୍ରହଣ କରିବା ଦରକାର।

ଭାରତ ଐତିହାସିକ ଭାବେ ଗୋଷ୍ଠୀ ନିରପେକ୍ଷ, ଆନ୍ତର୍ଜାତିକ ଆଇନ ଓ ରାଷ୍ଟ୍ରଗୁଡ଼ିକର ସାର୍ବଭୌମତ୍ୱର ପକ୍ଷରେ ମତ ପ୍ରକାଶ କରିଆସିଛି। ଯଦି ଆଜି ଭାରତ ସତରେ ଏକ ଦାୟିତ୍ୱଶୀଳ ବିଶ୍ୱ ଶକ୍ତି ହେବାକୁ ଚାହେଁ, ତାହେଲେ କିଛି କଥାରେ ସ୍ପଷ୍ଟ ଅଭିମୁଖ୍ୟ ଗ୍ରହଣ କରିବା ଆବଶ୍ୟକ। ପ୍ରଥମତଃ, କୌଣସି ଦେଶର ରାଷ୍ଟ୍ରପତିଙ୍କୁ ବଳପୂର୍ବକ ଗିରଫ କରିବା ଆନ୍ତର୍ଜାତିକ ଆଇନ ବିରୋଧୀ, ଏହି କଥାକୁ କହିବାର ସାହସ ଦେଖାଇବାକୁ ପଡ଼ିବ। ଦ୍ୱିତୀୟତଃ, ଶାନ୍ତିର ଆହ୍ୱାନ କେବଳ କୂଟନୈତିକ ବିବୃତିରେ ସୀମିତ ରହିଲେ ଚଳିବ ନାହିଁ। ଅନ୍ୟାୟ ବିରୋଧରେ ନୈତିକ ଅବସ୍ଥାନ ନେବା ହିଁ ପ୍ରକୃତ ଶାନ୍ତିର ପଥ। ତୃତୀୟତଃ, ଆଜି ଭେନେଜୁଏଲା ଏବଂ ଆସନ୍ତାକାଲି ଅନ୍ୟ କୌଣସି ବିକାଶଶୀଳ ଦେଶ ଆମେରିକାର ସାମ୍ରାଜ୍ୟବାଦୀ ଯୁଦ୍ଧର ଶିକାର ହେବା ପରୋକ୍ଷରେ ଭାରତର ନିଜ ସୁରକ୍ଷା ପାଇଁ ମଧ୍ୟ ବିପଜ୍ଜନକ ହେବ।

ଭେନେଜୁଏଲାର ଘଟଣା କେବଳ ଗୋଟିଏ ଦେଶର ସଙ୍କଟ ନୁହେଁ, ଏହା ସାରା ବିଶ୍ୱର ଶାନ୍ତି ଓ ସ୍ଥିରତା ପାଇଁ ଏକ ବଡ଼ ପ୍ରଶ୍ନ । ଯଦି ବିଶ୍ୱରେ ରାଷ୍ଟ୍ରଗୁଡ଼ିକ ମଧ୍ୟରେ କୂଟନୀତି ବଦଳରେ ଶକ୍ତି ହିଁ ସବୁଠାରୁ ଶେଷ କଥା ହେବ, ତାହେଲେ ଆଇନ, ନୈତିକତା ଓ ସାର୍ବଭୌମତ୍ୱର କ'ଣ ମୂଲ୍ୟ ରହିବ ?

ମୋ: ୯୪୩୭୧୬୬୩୯୧

# ସେ ଯେବେ କ୍ଷମା ଆଚରଇ



ହରେକୃଷ୍ଣ ଦାସ

ବାପା ଚାଲିଯିବା ପରେ ଏବେ ଅନୁଭବ କରିପାରୁଛି ଯେ ଅନେକ କଷ୍ଟ ଯନ୍ତ୍ରଣାକୁ ସହି ସେ ଆମଙ୍କୁ କ୍ଷମା କରିଚାଲିଥିଲେ। ଅନେକ ଥର କ୍ଷମା କରିବାର ଆବଶ୍ୟକତା ବିଷୟରେ ସେ ଆମକୁ ବୁଝେଇଥିଲେ ବି ନିଜର ଅହଂକାର ଯୋଗୁ ତାଙ୍କ କଥାପ୍ରତି ଆମେ କର୍ଣ୍ଣପାତ କରୁ ନ ଥିଲୁ। କିନ୍ତୁ ଏବେ ବୁଝିହେଉଛି ମାନସିକ ଶାନ୍ତି ପାଇଁ ଅନ୍ୟମାନଙ୍କ ଅନେକ ଦୋଷ କ୍ଷମା କରିଦେବା ଆବଶ୍ୟକ। ନିଜର ସଙ୍କୀର୍ଣ୍ଣ ବୁଦ୍ଧି ବିଚାର ଯୋଗୁ ଆମେ ବାରମ୍ବାର ଅକ୍ଷମଣୀୟ ଅପରାଧ କରୁଥିଲୁ। କିନ୍ତୁ କିଛି ବି ନ ଘଟିଥିବା ପରି ନିର୍ବିକାର ଭାବଟିଏ ମୁହଁରେ ଆଙ୍କି ବାପା ଆମକୁ ନୀରବରେ କ୍ଷମା କରିଦିଅନ୍ତି। ଆମ ଅନୁଚିତ ଆଚରଣରେ କେବେ କେବେ କ୍ଷୁବ୍ଧ ହେଉଥିଲେ ବି ସେ କ୍ଷୋଭ ପ୍ରକାଶ କରିବାରେ ଖୁବ ସତର୍କ ଥିଲେ। ବାପା କୁହନ୍ତି , ଅନ୍ୟକୁ କ୍ଷମା କରିପାରିଲେ ତଥା କ୍ଷମା ମାଗିପାରିଲେ ପାରିବାରିକ ଓ ସାମାଜିକ ସମ୍ପର୍କ ମଜଭୁତ ରହିବ। "ଦଣ୍ଡିବା ଶକ୍ତି ଯାର ଥାଇ, ସେ ଯେବେ କ୍ଷମା ଆଚରଇ,ସାଧୁଙ୍କ ଶ୍ରେଷ୍ଠ ସେହୁ ନର, ସୁଖଦୁଃଖରୁ ସେ ବାହାର।" ତମେ ସାଧୁସନ୍ଥଙ୍କ ପରି ସୁଖ ଦୁଃଖର ଭାବନାରୁ ଊର୍ଦ୍ଧ୍ୱକୁ ନ ଯାଇପାର, କିନ୍ତୁ ଶାନ୍ତି ପାଇପାରିବ। ହେଲେ, ଗୁଡାଏ ଅହଂକାର, ରାଗ, ବୃଥା ଅଭିମାନ, ଜିଦ, ଈର୍ଷା ଇତ୍ୟାଦି ମନରେ ପାଳି ଅନ୍ୟ ଉପରେ ଆମ ସ୍ୱେଚ୍ଛାଚାର ଆଧାରରେ ଏମିତି ସମ୍ପର୍କ ରଖି ଜୀବନ ବିତେଇଦେଲୁ ଯେ ନଷ୍ଟ କରିଦେଇଥିବା ଅନେକ ସମ୍ପର୍କକୁ ନେଇ ଏବେ ଖାଲି ଗୁଡାଏ ଅନୁତାପ କରୁଛୁ ସିନା କିନ୍ତୁ ତା'ର କିଛି ମୂଲ୍ୟ ନାହିଁ। ଏବେ ବୁଝୁଛି ଯେ ଅନୁତାପ କଲାଭଳି ସ୍ଥିତି ଆସିବା ପୂର୍ବରୁ ନିଜ ଆଚରଣ, କଥାବାର୍ତ୍ତା ସଜାଡ଼ିନେବା ଉଚିତ ଥିଲା।

ଦୁଃଖ ଓ ଅନୁଶୋଚନାରେ ଭାରାକ୍ରାନ୍ତ ଦିଶୁଥିବା ବନ୍ଧୁଙ୍କୁ ଟିକିଏ ସହଜ କରିବା ପାଇଁ କହିଲି, ହଁ, କ୍ଷମା କରିବା ଦିବ୍ୟ ଗୁଣ ନିଶ୍ଚୟ, ହେଲେ ପ୍ରତ୍ୟେକ ଭୁଲ୍‌କୁ କ୍ଷମା ନ କରି ବେଳେବେଳେ ଦଣ୍ଡ ଦେବା ଆବଶ୍ୟକ ହୋଇଥାଏ। ଯୁଦ୍ଧରେ କ୍ଷମା ନ କରିବା ପାଇଁ ଅର୍ଜୁନଙ୍କୁ ଉପଦେଶ ଦେଇଥିବା ଶ୍ରୀକୃଷ୍ଣ ଶିଶୁପାଳର ଶହେ ଅପରାଧ କ୍ଷମା କରିଥିଲେ। ଅର୍ଥାତ, ଶ୍ରୀକୃଷ୍ଣ ଅନେକ ଭର୍ତ୍ସନା, ଅପମାନ ସହ୍ୟ କରି ମଧ୍ୟ ଶିଶୁପାଳକୁ ସୁଧୁରିଯିବାର ଅବସର ପ୍ରଦାନ କରିଚାଲିଥିଲେ। ନିଜ ଆଚରଣ ପାଇଁ ପଶ୍ଚାତ୍ତାପ କରି ଭୁଲ୍ ଦୋହରାଇ ନ ଥିଲେ ଶିଶୁପାଳ କ୍ଷମା ପାଇପାରିଥା'ନ୍ତା। ନିଜ ଭୁଲ୍ ପାଇଁ ଜଣେ ଅନୁତାପ କରୁ ନ ଥିଲେ ତାକୁ କ୍ଷମା କରିବା ନ କରିବା ଅନେକ ସମୟରେ ଆମ ସଙ୍କୀର୍ଣ୍ଣ ବିଚାର ଉପରେ ନିର୍ଭର କରେ। କୋଉ ପ୍ରକାର ଆଚରଣ ଆମକୁ କଷ୍ଟ ଦେଉଛି – ତା' ଅପେକ୍ଷା ଏ କଥାକୁ ଆମେ ବେଶି ଗୁରୁତ୍ୱ ଦେଉ ଯେ ଆମକୁ କଷ୍ଟ ଦେଇଥିବା ଲୋକ ସହିତ ଆମର କି ପ୍ରକାର ସ୍ୱାର୍ଥ, ସମ୍ପର୍କ ଜଡ଼ିତ ଅଛି। ଯାହା ଜରିଆରେ ଆମର କୌଣସି ପ୍ରକାର ସ୍ୱାର୍ଥ ସାଧନ ହେବାର ଆଶା ଥାଏ ଆମେ ତା' ଠାରୁ ଯେତେ କଷ୍ଟ ଅପମାନ ପାଉଥିଲେ ବି ତା'ର ସବୁ ଭୁଲ୍‌କୁ ଅଣଦେଖା କରି ତାକୁ ଅଯାଚିତ କ୍ଷମା ପ୍ରଦାନ କରୁ।



ଆଉ ଯାହାଠାରୁ କିଛି ପାଇବାର ଆଶା ନ ଥାଏ ବା ଆବଶ୍ୟକତା ନ ଥାଏ , ତା'ର ସାମାନ୍ୟତମ ଭୁଲ୍‌କୁ ମଧ୍ୟ ସହ୍ୟ ନ କରି ତାକୁ ଆମର ଶତ୍ରୁ ବିଚାର କରୁ।

ତାଙ୍କ କଥାସହ ତାଳ ମିଳେଇ କହିଲି, "ସବୁଠୁ ବଡ଼ ବିଡ଼ମ୍ବନା କ'ଣ ଜାଣିଛ ? ଆମର ଯାବତୀୟ ଅକ୍ଷମଣୀୟ ଅପରାଧସବୁକୁ ଆମ ମା'ବାପା ନିର୍ବିକାର ଚିତ୍ତରେ କ୍ଷମା କରିଆସିଥିଲେ ମଧ୍ୟ ସେଇ ମା'ବାପା ଆମ ଆଖିରେ ଏ ଦୁନିଆର ସବୁଠୁ ବଡ଼ ଅପରାଧୀ ପାଲଟି ଯାଆନ୍ତି। ବଡ଼ ହେଲା ପରେ ଆମେ ଏ ହିସାବରେ ଲାଗିଯାଉ ଯେ ସେମାନେ ଆମପାଇଁ କ'ଣ କରିବା ଉଚିତ ଥିଲା। ସେମାନଙ୍କ ତ୍ୟାଗ କଥା ଭୁଲିଯାଇ ସେମାନେ କରିଥିବା ପ୍ରତିଟି କାମ ଓ କହିଥିବା କଥାରେ ଭୁଲ୍ ବାହାର କରି ଆମେ ପ୍ରମାଣ କରିବାକୁ ଚେଷ୍ଟା କରୁ ଯେ ତାଙ୍କର କାର୍ଯ୍ୟକଳାପ ଯୋଗୁ ଆମ ଜୀବନ ନଷ୍ଟ ହୋଇଗଲା ଏବଂ ଆମେ ଯେତିକି ଉନ୍ନତି କରିବା କଥା ସେତିକି ହୋଇପାରିଲାନି। ତେଣୁ ତାଙ୍କୁ ଦୁର୍ବ୍ୟବହାର ଦେଖେଇ, ଆତ୍ମାକୁ ବାଧିଲାଭଳି କଥା କହି ହତାଦର କରି ଆମେ ପାପରେ ଭାଗୀଦାର ହୋଇଚାଲୁ। ଆମ ଚରିତ୍ରର ବିଚିତ୍ର ବିଡ଼ମ୍ବନା ଯେ, ମା'ବାପାଙ୍କୁ କ୍ଷମାର ଯୋଗ୍ୟ ବୋଲି ବିଚାର କରୁନା।"

ମୋର କଥା ଶେଷ ହେଲା ବେଳକୁ ବନ୍ଧୁ ବେଶି ଉଦାସ ଦିଶୁଥିଲେ। ଦୀର୍ଘଶ୍ୱାସଟିଏ ଛାଡି କହିଲେ, ଅନ୍ୟକୁ ଶାସ୍ତି ଦେଇପାରିବାର କ୍ଷମତା ଥିବାର ଅହଂକାରରେ ଆମେ ଏମିତି ଆଚରଣ ଦେଖେଇଥାଉ ଯେ ତା' ଦ୍ୱାରା ଅନେକ ସମ୍ପର୍କ ନଷ୍ଟ ହୋଇଯାଏ। ପରବର୍ତ୍ତୀ ସମୟରେ ଯେତେ ପଶ୍ଚାତ୍ତାପ କଲେ ମଧ୍ୟ ସେ ନଷ୍ଟ ସମ୍ପର୍କ ଆଉ ସଜାଡ଼ି ହୁଏନି। କ୍ଷମତା ଥିବାବେଳେ ଦଣ୍ଡ ଦେବାର ଶକ୍ତି ଅଛି ବୋଲି ଭାବି ଯେଉଁମାନଙ୍କର କୌଣସି ବି ଭୁଲ୍ କ୍ଷମା ନ କରି ସେମାନଙ୍କୁ ଶାସ୍ତି ଦେଇପାରୁଛି ବୋଲି ଗର୍ବ ଅନୁଭବ କରୁଥିଲି, ଆଜି ମୋର କ୍ଷମତା ଯିବା ପରେ ସେଇମାନେ ମତେ ଅପମାନିତ କରି ଆଜି ଶାସ୍ତି ଦେଉଛନ୍ତି। ମୁଁ ଡାଇରେକ୍ଟର ଥିଲାବେଳେ ମୋ ପାଖରେ କାମ କରୁଥିବା କେତେକଙ୍କୁ ମୁଁ କେତେବେଳେ ହୁଏତ ଖରାପ ବ୍ୟବହାର କରିଥାଇପାରେ, କିନ୍ତୁ କିଛି ପିଲା ସେଇ କଥାକୁ ଏମିତି ଧରି ରଖିଛନ୍ତି ଯେ ଆଜି ମତେ ସାମ୍ନାସାମ୍ନି ଦେଖି ବି ନ ଚିହ୍ନିଲା ପରି ଆସି ମୋ ପାଖରେ ଠିଆହୋଇ ସିଗାରେଟ ପିଇ ଗୁଳିଖଟି କରି ଚାଲିଗଲେ। ସେମାନଙ୍କ ବ୍ୟବହାର ଖୁବ୍ ଖରାପ ଲାଗିଲା, କିନ୍ତୁ ମନେମନେ ମୁଁ ମୋର ଅତୀତର ଦୁର୍ବ୍ୟବହାର ପାଇଁ ତାଙ୍କଠାରୁ କ୍ଷମା ମାଗିନେଲି। ଏବେ ବୁଝୁଛି ଯେ ପଦବୀ ଓ କ୍ଷମତାକୁ ନେଇ ଅହଂକାର ରଖି ନ ଥିଲେ ଆଜି ଏମିତି ପଶ୍ଚାତ୍ତାପ କରିବାକୁ ପଡ଼ି ନ ଥାନ୍ତା।

ସାନ୍ତ୍ୱନା ଦେଲାଭଳି କହିଲି, ବୁଝିଲ ବନ୍ଧୁ, ସୁଖଦୁଃଖର ଭାବନାରୁ ଊର୍ଦ୍ଧ୍ୱରେ ରହିବା ଦୂର କଥା, ଆମେ କେବଳ ଉଦାର ହୃଦୟର ହୋଇପାରିଲେ ଅନେକ ଭୁଲ୍‌କୁ ସହଜତାର ସହ ଗ୍ରହଣ କରି ସେସବୁକୁ କ୍ଷମା କରିପାରିବା ଏବଂ ନିଜର ପ୍ରତ୍ୟେକ ଭୁଲ୍ ପାଇଁ ନିଃସଙ୍କୋଚରେ କ୍ଷମା ମାଗିପାରିବା।

ଅଧ୍ୟାପକ, ଇଂଲିଶ ବିଭାଗ
ନିଆଳି କଲେଜ, ନିଆଳି
କଟକ, ମୋ: ୯୮୬୧୩୪୫୬୫୮

## ଏଇ ଭାରତରେ

ଭାରତରେ ଶିଶୁ ମୃତ୍ୟୁହାର ସ୍ୱାସ୍ଥ୍ୟସେବା ପ୍ରତି ଏକ ଚ୍ୟାଲେଞ୍ଜ। ଏହାକୁ ଦୂର କରିବା ଲାଗି ସରକାରୀ ସ୍ତରରେ ବିଭିନ୍ନ ଯୋଜନା କରାଯାଉଛି। ଏହି କ୍ରମରେ ଭାରତୀୟ ଇଞ୍ଜିନିୟର ମନୋଜ ଶଙ୍କର ଓ ପ୍ରତ୍ୟୁଷ ରେଡ୍ଡୀ ଶିଶୁମୃତ୍ୟୁ ହାର ରୋକିବା ସକାଶେ ଏକ ଜୀବନ ରକ୍ଷାକାରୀ ଟେକ୍ ଡିଭାଇସ ପ୍ରସ୍ତୁତ କରିଛନ୍ତି। ଏହାକୁ କୁହାଯାଉଛି 'ନେମୋକେୟାର ରକ୍ଷା'। ମନୋଜ ଏବଂ ପ୍ରତ୍ୟୁଷଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ନେମୋକେୟାର ୱେଲନେସ ଷ୍ଟାର୍ଟଅପ୍ ମାଧ୍ୟମରେ ଏହାକୁ ତିଆରି କରାଯାଇଛି। ଏହା ଦେଖିବାକୁ ସକ୍ସ ଭଳି ଓ ଏହାକୁ ନବଜାତକଙ୍କ ପାଦରେ ପିନ୍ଧାଇ ଦିଆଯାଉଛି। ଏହି ଉପକରଣ ନବଜାତକଙ୍କ ଇଣ୍ଟେନସିଭ କେୟାର ୟୁନିଟ( ଆଇସିୟୁ) ସ୍ତରର ମନିଟରିଂ କରି ପାରୁଛି। ଏହା ଲଗାତର ଭାବେ ଶିଶୁଙ୍କ ହାର୍ଟ ରେଟ୍, ଶ୍ୱାସକ୍ରିୟା ସ୍ଥିତି, ରକ୍ତରେ ଅମ୍ଳଜାନସ୍ତର ଏବଂ ଶରୀରର ତାପମାତ୍ରା ମାପକରି ଦର୍ଶାଉଛି। ଫଳରେ ଅଧିକ ନବଜାତକଙ୍କ ଜୀବନ ରକ୍ଷା ସମ୍ଭବ ହୋଇପାରୁଛି। ବିଶେଷକରି ସମ୍ବଳ ଅଭାବ ଥିବା ହସ୍ପିଟାଲ କିମ୍ବା କ୍ଲିନିକଗୁଡ଼ିକରେ ଏହା ବିଶେଷ ଉପଯୋଗୀ ହୋଇପାରୁଛି।

## ୫୦ ବର୍ଷ ତଳର ଧରିତ୍ରୀ

**୧୨ ଜାନୁଆରୀ ୧୯୭୬**

- ନୋବେଲ ପୁରସ୍କାର ବିଜେତା ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ଜନ କାଲଜିନଙ୍କୁ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଛି।
- ଆନ୍ତର୍ଜାତିକ ବୁଝାମଣା ନିମନ୍ତେ ଡଃ ଜୋନାସ ସାଲ୍‌କଙ୍କୁ ବିଜ୍ଞାନଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଜବାହରଲାଲ ନେହେରୁ ପୁରସ୍କାର ଅର୍ପଣ।

## ଚିରନ୍ତନୀ

ଥରଇ ହିୟା ମମ କୁମୁଦ-ଦଳ ସମ
ପ୍ରଥମ ପୀରତିର ଚେତନା
ଯେସନ ଉଠେ ଥରି ତରୁଣ ପ୍ରାଣ ଭରି
ବିକାଶି ନବ ନବ ବାସନା ।
-(ବର୍ଷାରତି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଆଇଓବି ଜମା ଅନୁସନ୍ଧାନ ସମ୍ପର୍କରେ

ମହାଶୟ,

ମୁଁ ଓ ମୋ ପତ୍ନୀ ଦିନ ମଜୁରିଆ। କିଛି ବର୍ଷ ତଳେ ଆମେ ସ୍ୱାମୀ ସ୍ତ୍ରୀ ଚରମ୍ପା ଇଣ୍ଡିଆନ ଓଭରସିଜ ବ୍ୟାଙ୍କ(ଆଇଓବି) ଶାଖାରେ ଦୁଇଟି ପାସ୍‌ବୁକ ଖୋଲିଥିଲୁ। ମୋ ପାଖରେ ଥିବା ଗୋଟିଏ ପୁରୁଣା ସାମ୍‌ସଙ୍ଗ ମୋବାଇଲ ଫୋନ ନମ୍ବର ଆମ ଦୁହିଁଙ୍କ ଆଧାରକାର୍ଡରେ ପଞ୍ଜୀକୃତ ହୋଇଥିବାରୁ ସେହି ଫୋନ ନମ୍ବରରେ ଦୁଇଟି ପାସ୍ ବୁକ ଖୋଲାଯାଇଥିଲା। କିଛି ବର୍ଷ ତଳେ ଦୁର୍ଘଟଣାରେ ଏକମାତ୍ର ପୁଅ ଚାଲିଗଲା। ପରେ ବ୍ୟାଙ୍କ କର୍ମଚାରୀ ଆମ ପାସବୁକ୍‌ଗୁଡିକୁ ମେଶିନରେ ପୂରାଇ ତାଜା ସ୍ଥିତି ଆଣି ଦେଉଥିଲେ। ଜାଣିବାକୁ ପାଇଲୁ ଯେ, ବ୍ୟାଙ୍କର ଏକ ଜମା ଅନୁସନ୍ଧାନ ନମ୍ବର ରହିଛି ଓ ବ୍ୟାଙ୍କ ପାସବୁକ୍‌ରେ ପଞ୍ଜୀକୃତ ମୋବାଇଲ ନମ୍ବରରୁ ଏହି ନମ୍ବରକୁ ମିସ୍‌ଡକଲ କଲେ ପାସ୍‌ବୁକ ସ୍ଥିତି ଜାଣି ହେଉଛି। ଆମେ ସେହି ନମ୍ବର ସଂଗ୍ରହ କରି ଆମ ମୋବାଇଲ ନମ୍ବରରୁ ମାରିଲେ କେବଳ ମୋ ପାସ୍‌ବୁକ୍‌ର ସ୍ଥିତି ଆସୁଛି, ମାତ୍ର ସ୍ତ୍ରୀଙ୍କ ପାସ୍‌ବୁକ୍‌ର କିଛି ଆସୁନାହିଁ। ତେବେ ମୋ ସ୍ତ୍ରୀଙ୍କ ପାସ୍‌ବୁକ୍ ସ୍ଥିତି ଜାଣିବା ପାଇଁ ମୋତେ ପୁଣି ନୂଆ ମୋବାଇଲ ନମ୍ବର ଦେବାକୁ ପଡ଼ିବ ଏବଂ ତାହା ନୂଆ ଆଧାରକାର୍ଡ ନମ୍ବର ସଂଯୋଗ ହୋଇଥିବା ଆବଶ୍ୟକ ବୋଲି ପରେ ଜାଣିଲି। ଏହା ଆମ ଭଳି ଗରିବଙ୍କ ପାଇଁ ବ୍ୟାଙ୍କ୍‌ର ଖେଳ ନୁହେଁ ତ ?

–ରଙ୍କନିଧି ବାରିକ, ଏରେଇ, ଚରମ୍ପା ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଠିକାଦାରଙ୍କୁ ହତ୍ୟା ଧମକ ମାମଲା: ଜେଲ୍ ଗଲେ ୩ ଅଭିଯୁକ୍ତ**

**ବାଲେଶ୍ୱର,(ବାଞ୍ଛାନିଧି ଦେ):** ବାଲେଶ୍ୱର ଜିଲା ଚାନ୍ଦିପୁର ଥାନା ଗବଗାଁର ଠିକାଦାର ଚିନ୍ତାମଣି ଦାସଙ୍କୁ ଗତ ୩ ତାରିଖରେ ଦାଦାବଟି ମାଗି ହତ୍ୟା ଧମକ ଦେବା ମାମଲାରେ ପୋଲିସ ରବିବାର ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଟାଉନ ଥାନା ଅଞ୍ଚଳର ଅଶୋକ ନାଏକ, ଗୁଟୁନା ଦାସ ଓ ମନୋଜ ଦାସ। ସେମାନଙ୍କ ନିକଟରୁ ୨ଟି ଦେଶୀ ବନ୍ଧୁକ, ଗୋଟିଏ ଜୀବନ୍ତ ଗୁଳି ସହ ବୁଲେଟ ଜବତ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ମୋବାଇଲରେ ଫୋନ କରି ଚିନ୍ତାମଣିଙ୍କୁ ୧୦ଲକ୍ଷ ଟଙ୍କା ଦାଦାବଟି ମାଗିଥିଲେ। ଟଙ୍କା ନ ଦେଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲେ।

# ଚନ୍ଦ୍ରମଣି ତ୍ରିପାଠୀଙ୍କ ବିୟୋଗରେ ରାଜ୍ୟ ଭାଜପାର ଶୋକ

**ଭୁବନେଶ୍ୱର,୧୧।୧ (ରବିନାରାୟଣ ଜେନା)**

ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀଙ୍କ ମାତା ଚନ୍ଦ୍ରମଣି ତ୍ରିପାଠୀଙ୍କ ଏମ୍ସ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୪ ବର୍ଷ ବୟସ ହୋଇଥିଲା। ସେ ଜଣେ ସ୍ନେହୀ, ମିଷ୍ଟଭାଷୀ, ଅମାୟିକ, ଧର୍ମପରାୟଣା ଓ ବନ୍ଧୁବତ୍ସଳ ମହିଳା ଥିଲେ। ତାଙ୍କ ବିୟୋଗରେ ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ କୁମାର ମହାନ୍ତି ଗଭୀର ଶୋକବ୍ୟକ୍ତ କରିଛନ୍ତି। ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଅସୀମ ଧୈର୍ଯ୍ୟ ପ୍ରଦାନ କରିବା ପାଇଁ ପ୍ରାର୍ଥନା କରିଛନ୍ତି।

# ଲାଇନଚ୍ୟୁତ ହେଲା କୋଇଲା ବୋଝେଇ ଟ୍ରେନ୍

**ବେଲପାହାଡ଼, ୧୧।୧ (ସୁବାସ ପ୍ରଧାନ)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ରେଳ ଫାଟକରେ ରବିବାର ଅପରାହ୍ନ ୫ଟାରେ ଏକ କୋଇଲା ପରିବହନ କରୁଥିବା ଟ୍ରେନ୍‌ଟି ଲାଇନଚ୍ୟୁତ ହୋଇଛି। ହାୱଡା-ନାଗପୁର ରେଳ ପଥରେ କୋଇଲା ନେଇ ଯାଉଥିବା ଏହି ଟ୍ରେନ୍‌ର ୩ଟି ବଗି ଲାଇନ୍‌ଚ୍ୟୁତ ହୋଇଥିବା ଜଣାପଡ଼ିଛି। କିନ୍ତୁ ଏହି ଦୁର୍ଘଟଣାରେ କାହାରି କିଛି କ୍ଷତି ହୋଇନାହିଁ। ତେବେ ଏହି ମାଲବାହୀ ଟ୍ରେନ୍‌ଟି ଲାଇନଚ୍ୟୁତ ହେବା ପରେ ବେଲପାହାଡ଼ ରେଳ ଫାଟକକୁ ବନ୍ଦ କରାଯାଇଛି। ରେଳ କର୍ମଚାରୀଙ୍କ ଅବହେଳା ଯୋଗୁ ଏଭଳି ଘଟିଥିବା ସ୍ଥାନୀୟ ଲୋକ କହୁଥିବା ବେଳେ ଠିଆ ହୋଇଥିବା ବେଳେ ହିଁ ଟ୍ରେନ୍‌ର ୩ଟି ବଗି ଲାଇନଚ୍ୟୁତ ହୋଇଥିଲା ବୋଲି ରେଳ କର୍ମଚାରୀ ପ୍ରକାଶ କରିଛନ୍ତି।



ଭୁବନେଶ୍ୱରସ୍ଥିତ 'ଲୋକଭବନ ଉଦ୍ୟାନ' ୨୦ ତାରିଖ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ଖୋଲାଯାଇଛି। ରବିବାର ଛୁଟିଦିନ ଥିବାରୁ ଲୋକଙ୍କ ଭିଡ଼ ଲାଗିଛି।

# ମାଲିକଙ୍କୁ ମଦ ପିଆଇ ଲୁଟିଲେ

## ଡ୍ରାଇଭର ସମେତ ୬ ଗିରଫ

**ସମ୍ବଲପୁର,୧୧।୧(ପ୍ରମୋଦ ବହିଦାର)**

ଭୁବନେଶ୍ୱର,୧୧।୧ (ସତ୍ୟଜିତ ରାଉତ) ଯାହାଙ୍କ ଦାନା ଓ ବିଶ୍ୱାସରେ ନିଜ ସହ ପରିବାରର ପେଟ ପୂରୁଥିଲା, ତାଙ୍କ ସହ ବିଶ୍ୱାସଘାତକ କଲେ ଡ୍ରାଇଭର। ମାଲିକଙ୍କୁ ଆକ୍ରମଣ କରି ଲୁଟ୍ କଲେ। ଏହି ମାମଲାରେ ମୈତ୍ରୀ ବିହାର ଥାନା ପୋଲିସ ମୁଖ୍ୟ ଅଭିଯୁକ୍ତ ଡ୍ରାଇଭର ପିଣ୍ଟୁ ଦିଗଲ (୧୯)ଙ୍କ ସମେତ ୬ଜଣଙ୍କୁ ଗିରଫ କରିଛି। ପିଣ୍ଟୁ ମୈତ୍ରୀ ବିହାର ଥାନା ଶ୍ରମିକ ବସ୍ତିରେ ରୁହନ୍ତି। ସେହିପରି ଗିରଫ ଅନ୍ୟ ଅଭିଯୁକ୍ତମାନେ ହେଲେ ତାଙ୍କ ସହଯୋଗୀ ଚନ୍ଦ୍ରଶେଖରପୁର ପାଣିଟାଙ୍କି ବସ୍ତିର ନିରଞ୍ଜନ ନାୟକ (୨୯), ସାଲିଆ ସାହିର ଶିବ ସ୍ୱାଇଁ (୨୩), କୃଷ୍ଣ ସାହୁ (୧୯), ଶୁଭମ ସାହୁ (୨୦) ଓ ସୁନୀଲ ଓରଫ ମନହୋର ପରିଡା (୪୩)। ସେମାନଙ୍କଠାରୁ ହୁଣ୍ଡାଇ କ୍ରେଟା କାର୍ , ୫ ହଜାର ଟଙ୍କା, ୨ଟି ଲୁହା ରଡ ଆଜି ଜବତ ହୋଇଛି। ପିଣ୍ଟୁଙ୍କ ନାଁରେ ବିଭିନ୍ନ ଥାନାରେ ୯ଟି ମାମଲା ଓ ନିରଞ୍ଜନଙ୍କ ନାଁରେ ୧୨ଟି ମାମଲା ରହିଛି। ସମସ୍ତଙ୍କୁ କୋର୍ଟଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମସଲା କମ୍ପାନୀ ସ୍ମକ୍ ଆଗ୍ରୋ ପ୍ରାଇଭେଟ୍ ଲିଃର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଜୟଦୀପ ମହାପାତ୍ରଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (୧୯/୨୬)ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ଏହି ପଦକ୍ଷେପ ଗ୍ରହଣ କରିଛି।

ଅଭିଯୋଗ ଅନୁସାରେ, ଲକ୍ଷ୍ମୀସାଗର ଅଞ୍ଚଳରେ ରହୁଥିବା ଜୟଦୀପ ୧୨ଦିନ ତଳେ ଅଭିଯୁକ୍ତ ପିଣ୍ଟୁଙ୍କୁ ଅସ୍ଥାୟୀ ଡ୍ରାଇଭର ଭାବେ ନିଯୁକ୍ତି ଦେଇଥିଲେ। ତେବେ ବିଶ୍ୱାସର ଫାଇଦା ନେଇ ପିଣ୍ଟୁ ତାଙ୍କୁ ଲୁଟ୍ କରିବାକୁ ଷଡ଼ଯନ୍ତ୍ର ରଚିଥିଲେ। ସେ ଏଥିପାଇଁ ସହଯୋଗୀ ନିରଞ୍ଜନ, ଶିବ, କୃଷ୍ଣ, ଶୁଭମ୍ ଓ ସୁନୀଲଙ୍କ ସହ ଯୋଜନା କରିଥିଲେ। ଯୋଜନା ଅନୁଯାୟୀ ଶୁକ୍ରବାର ରାତିରେ ଚନ୍ଦ୍ରଶେଖପୁର ଭେନମ କ୍ଲବ୍‌ରେ ପିଣ୍ଟୁ ଜାଣିଶୁଣି ମାଲିକଙ୍କୁ ମଦ ପିଆଇଥିଲେ। ଏହାପରେ ସେ ତାଙ୍କୁ ଲୟୋଲା ସ୍କୁଲ ୩ ନଂ ଗେଟ୍ ଆଡକୁ ନେଇଯାଇଥିଲେ। ସେଠାରେ ଅନ୍ୟ ଅଭିଯୁକ୍ତମାନେ ଛକି ରହିଥିଲେ। ସେଠାରେ ଥିବା ସହଯୋଗୀମାନେ ପିଣ୍ଟୁଙ୍କ ସହ ମିଶି ଜୟଦୀପଙ୍କୁ ଆକ୍ରମଣ କରି ୩୦ ହଜାର ଟଙ୍କା, ମୋବାଇଲ ଫୋନ ଓ କ୍ରେଟା ଗାଡି ଛଡାଇ ନେଇଥିଲେ। ତେବେ ସ୍ଥାନୀୟ ଲୋକଙ୍କ ସହାୟତାରେ ଜୟଦୀପ ମେଡିକାଲରେ ଭର୍ତ୍ତି ହୋଇଥିଲେ। ଶନିବାର ଏନେଇ ଥାନାରେ ଅଭିଯୋଗ କରିଥିଲେ।

# ରାସ୍ତା କାମକୁ ନେଇ ବିଜେଡି-ଭାଜପା କର୍ମୀଙ୍କ ମଧ୍ୟରେ ସଂଘର୍ଷ

**ହାଟଡିହୀ,୧୧।୧ (ଶୁଭକାନ୍ତ ନାୟକ)**

- ■ ୧୨ରୁ ଊର୍ଦ୍ଧ୍ୱ ଆହତ, ଗାଁରେ ପୋଲିସ ମୁତୟନ
- ■ ୫୦ ବିଜେଡି କର୍ମୀଙ୍କ ନାମରେ ମାମଲା

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଇଞ୍ଚୋଳ ପଞ୍ଚାୟତ ଇଞ୍ଚୋଳ ଗ୍ରାମରେ ଭାଜପା ଓ ବିଜେଡି କର୍ମୀଙ୍କ ମଧ୍ୟରେ ରାଜନୈତିକ ଛକାପଞ୍ଝା ଦେଖାଯାଇଛି। ପଞ୍ଚାୟତର ଭୂତପଦା ଛକଠାରୁ ପରମାନନ୍ଦପୁର ଗାଁ ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ରାସ୍ତାକୁ ନେଇ ୨ ଦଳର କର୍ମୀଙ୍କ ମଧ୍ୟରେ ରବିବାର ସଂଘର୍ଷ ହୋଇଛି। ମାରପିଟ୍‌ରେ ଉଭୟ ପକ୍ଷରୁ ୧୨ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଭାଜପା କର୍ମୀଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଉତ୍ତେଜନା ଲାଗି ରହିଥିବାରୁ ଗାଁରେ ପୋଲିସ ମୁତୟନ ହୋଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ପଞ୍ଚାୟତର ଭୂତପଦା ଛକଠାରୁ ପରମାନନ୍ଦପୁର ଗାଁ ପର୍ଯ୍ୟନ୍ତ ୯ ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ ପାଇଁ ଅନୁଦାନ ମିଳିଛି। ଭାଜପା କର୍ମୀମାନେ ରାସ୍ତା ନିର୍ମାଣ ଦାୟିତ୍ୱ ନେଇଥିବା କହୁଥିବା ବେଳେ ରବିବାର ବିଜେଡି କର୍ମୀମାନେ ରାସ୍ତା ନିର୍ମାଣକୁ ବିରୋଧ କରିଥିଲେ। ଏ ନେଇ ଉଭୟ କର୍ମୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇ ଆକ୍ରମଣ, ପ୍ରତି ଆକ୍ରମଣରେ ୨ ଜଣ ଗୁରୁତର ହୋଇଥିବା ବେଳେ ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ନନ୍ଦିପଦା, ସୋସୋ, ଆନନ୍ଦପୁର ଓ ଘସିପୁରା ପୋଲିସ ପହଞ୍ଚି ଉତ୍ତେଜନାକୁ ନିୟନ୍ତ୍ରଣ କରିଥିଲା। ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ କହିଛନ୍ତି, ବିଜେଡି କର୍ମୀଙ୍କୁ ରାସ୍ତା ନିର୍ମାଣ ଦାୟିତ୍ୱ ଦିଆଯାଇଥିଲା। ଭାଜପା କର୍ମୀ ଅଶାନ୍ତି ସୃଷ୍ଟି କରିଥିଲେ। ୪ରୁ ୫ ବିଜେଡି କର୍ମୀ ଆହତ ହୋଇଛନ୍ତି। ଅପରପକ୍ଷରେ ଭାଜପା ବିଧାୟକ ପ୍ରାର୍ଥୀ ଆଲୋକ ସେଠୀ କହିଛନ୍ତି, ତାଙ୍କ ଦଳର ଲୋକଙ୍କୁ ରାସ୍ତା କାର୍ଯ୍ୟ ଦାୟିତ୍ୱ ଦିଆଯାଇଥିଲା। ବିଧାୟକଙ୍କ ଇଙ୍ଗିତରେ ବିଜେଡି କର୍ମୀ ଭାଜପାର ୧୦ କର୍ମୀଙ୍କୁ ଆକ୍ରମଣ କରି ଆହତ ହୋଇଛନ୍ତି। ବିଡିଓ ରଞ୍ଜନ ପରିଡ଼ା କହିଛନ୍ତି, ଇଞ୍ଚୋଳ ପଞ୍ଚାୟତର ହରେକୃଷ୍ଣ ସ୍ୱାଇଁଙ୍କୁ ଉକ୍ତ ରାସ୍ତା ଦାୟିତ୍ୱ ଦିଆଯାଇଥିଲା। ଭାଜପା କର୍ମୀ ସଚ୍ଚିକାନ୍ତ ନାୟକଙ୍କ ଅଭିଯୋଗ ଆଧାରରେ ନନ୍ଦିପଦା ପୋଲିସ ମାମଲା(ନଂ. ୧୯/୨୬) ରୁଜୁ କରିଛି। ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି, ୫୦ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ଶାନ୍ତି ବଜାୟ ରଖିବା ପାଇଁ ପୋଲିସ ସମ୍ପୃକ୍ତ ଅଞ୍ଚଳରେ ନଜର ରଖିଛି। ଅଦ୍ୟାବଧି କେହି ଗିରଫ ହୋଇନାହାନ୍ତି।

# କଟକକୁ ଅଣଦେଖା କରିଛନ୍ତି ସରକାର: ସୋଫିଆ

## କଟକ ପାଇଁ କ'ଣ କାର୍ଯ୍ୟ କରିଛନ୍ତି ବାପା, ଝିଅ: ସ୍ମୃତି ପଟ୍ଟନାୟକ

**କଟକ,୧୧।୧(ଶିଳ୍ପା ପ୍ରିୟଦର୍ଶିନୀ)**

ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ରବିବାର ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି ବିଧାୟିକା ସୋଫିଆ ଫିର୍ଦ୍ଦୋସ। କଟକରେ ହୋଟେଲ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଅନୁମତି ଦେଇ ପାରିଥାନ୍ତେ। ଦେଢ଼ବର୍ଷର ସରକାର ସମୟରେ କଟକକୁ କୌଣସି ଗୁରୁତ୍ୱ ଦିଆଯାଇନାହିଁ ବୋଲି ସେ ପୋଷ୍ଟ କରିଛନ୍ତି। ସୋଫିଆ ଗଣମାଧ୍ୟମରେ ପ୍ରତିକ୍ରିୟା ରଖି କହିଛନ୍ତି, କଟକକୁ ଅଣଦେଖା କରାଯାଇଛି। ଗତ ସରକାର କଟକକୁ ଅଣଦେଖା କରିଥିବା ବେଳେ ଏବେ ଭାଜପା ସରକାର ମଧ୍ୟ ଅଣଦେଖା କରୁଛନ୍ତି। ବାରବାଟୀ ଷ୍ଟାଡ଼ିୟମରେ ଅନ୍ତର୍ଜାତୀୟ ମ୍ୟାଚ୍ ଗୋଟିଏ ପରେ ଗୋଟିଏ ହୁଏ ଏବଂ ବାଲିଯାତ୍ରା ସମୟରେ ମଧ୍ୟ କଟକକୁ ଅଧିକ ସଂଖ୍ୟକ ପର୍ଯ୍ୟଟକ ଆସିବେ। କିନ୍ତୁ ସେମାନଙ୍କ ପାଇଁ ରହିବାକୁ ଜାଗା ନାହିଁ। କେବଳ ଭିତ୍ତିଭୂମି ଅଭାବ ଯୋଗୁ ପର୍ଯ୍ୟଟକ କଟକକୁ ଆସୁନାହାନ୍ତି। କୌଣସି ପ୍ରକଳ୍ପ କଟକରେ ଆଗକୁ ବଢୁନାହିଁ। କଟକରେ କାହିଁକି ହୋଟେଲ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଅନୁମତି ଦେଇନାହାନ୍ତି ତାର ପ୍ରଶ୍ନ ଏବେ ପ୍ରତ୍ୟେକ କଟକବାସୀଙ୍କ ମନରେ ରହିଛି। ବିକଶିତ କଟକର ସ୍ୱପ୍ନ ପୂରଣ ନେଇ ଯେଉଁ ଆଶା ଦେଇଥିଲେ ସେ ପ୍ରତିଶ୍ରୁତି ଏବେ କୁଆଡ଼େ ଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି ମହାନଦୀ ରିଭର ଫ୍ରଣ୍ଟ ପ୍ରକଳ୍ପ, ପେଟାନାଳ, ଏସ୍‌ସିବି, ଶିଶୁଭବନ ଆଦି ଥାଇ ମଧ୍ୟ କଟକକୁ କାହିଁକି ଗୁରୁତ୍ୱ ଦିଆଗଲା ନାହିଁ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ରାଜ୍ୟ ଭାଜପା ସମ୍ପାଦିକା ସ୍ମୃତି ପଟ୍ଟନାୟକ କହିଛନ୍ତି, ଏଭଳି ଅଭିଯୋଗ କିଛି ନୂଆନୁହେଁ। ଏହା ଏକ ଡାଇଲଗ ଉଭୟ ବାପା ଝିଅଙ୍କର। ସାଢ଼େ ଛଅବର୍ଷ ମଧ୍ୟରେ କଟକ ସହରର କ'ଣ ଉନ୍ନତି ହୋଇଛି ସେ ନେଇ ପ୍ରଥମେ ଉତ୍ତର ରଖନ୍ତୁ। ତାଙ୍କ ନିର୍ବାଚନମଣ୍ଡଳୀରେ କ'ଣ କାମ ହୋଇଛି ତାହାର ଉତ୍ତର ରାଜ୍ୟ ସରକାର କିପରି ଦେବେ। ବିଧାନସଭାରେ ସୋଫିଆ କେତେଟା ପ୍ରସ୍ତାବ ଉପସ୍ଥାପନ କରିଛନ୍ତି ପ୍ରଥମେ କୁହନ୍ତୁ। ସୋଫିଆଙ୍କ କଟକିଆଙ୍କ ପ୍ରତି ପ୍ରୀତି ନାହିଁ, କେବଳ ଏଭଳି ଆକ୍ଷେପ କରୁଛନ୍ତି ବୋଲି ସ୍ମୃତି କହିଛନ୍ତି।

# କଂଗ୍ରେସ ଏକ ବିକଳ୍ପ ଶକ୍ତି ଭାବେ ଉଭା ହେବ: ଭକ୍ତ

**ଭୁବନେଶ୍ୱର,୧୧।୧ (ରବିନାରାୟଣ ଜେନା)**

କଂଗ୍ରେସ ଓଡ଼ିଶାର ଦଳିତ ଓ ଆଦିବାସୀମାନଙ୍କ ପାଖକୁ ଯାଇ ନେତୃତ୍ୱ ବିକାଶ ମିଶନ ଜରିଆରେ ନୂତନ ନେତୃତ୍ୱ ସୃଷ୍ଟି କରିବା ସହିତ ସମ୍ବିଧାନ ଓ ଗଣତନ୍ତ୍ରର ସୁରକ୍ଷା ଓ ବିକଳ୍ପ ଶକ୍ତି ଭାବେ ଉଭା ହେବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ରବିବାର ଓଡ଼ିଶା ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ବିଭାଗର ଅଧକ୍ଷ ମାନସ କୁମାର ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଖିଳ ଭାରତୀୟ କଂଗ୍ରେସ ଅନୁସୂଚିତ ଜାତି ବିଭାଗର ରାଷ୍ଟ୍ରୀୟ ସଂଯୋଜକ ଜଙ୍ଗା ଗୌତମ କହିଥିଲେ, ଗଣତନ୍ତ୍ରର ସୁରକ୍ଷା ପାଇଁ ପ୍ରତ୍ୟେକ କାର୍ଯ୍ୟକର୍ତ୍ତା ଜୀବନର ବ୍ରତଭାବେ ଗ୍ରହଣ କରିବା ଉଚିତ। ଏହି ବୈଠକରେ ଓଡ଼ିଶା ପ୍ରଦେଶ ଆଦିବାସୀ କଂଗ୍ରେସର ଅଧକ୍ଷ ଯଶୋବନ୍ତ ସିଂ ଲାଗୁରି, ପଛୁଆ ବର୍ଗର ପୂର୍ବତନ ଜାତୀୟ ସଂଯୋଜକ ରାଜକିଶୋର ବାରିକ, ପୂର୍ବତନ ପିସିସି ଅନୁସୂଚିତ ଜାତି ବିଭାଗ ଅଧକ୍ଷ ବାଙ୍କନିଧି ବେହେରା ପ୍ରମୁଖ ଯୋଗଦେଇଥିଲେ।

# ହାଇସ୍କୁଲ ଶିକ୍ଷକ ଦମ୍ପତି ବଦଳି ବିଳମ୍ବକୁ ନେଇ ଅସନ୍ତୋଷ

**ଭୁବନେଶ୍ୱର,୧୧।୧ (ସୁଚିସ୍ମିତା ସାହୁ)**

- ■ ପ୍ରତିଶ୍ରୁତିର ଦେଢ଼ ମାସ ପରେ ବି ଆରମ୍ଭ ହୋଇନି ପ୍ରକ୍ରିୟା
- ■ ପୁଣି ଆନ୍ଦୋଳନ ସହ କୋର୍ଟଙ୍କ ଆଶ୍ରୟ ନେବ ଶିକ୍ଷକ ସଂଘ

ମାଧ୍ୟମିକ ଶିକ୍ଷକ ଦମ୍ପତି ବଦଳି ବିଳମ୍ବକୁ ନେଇ ଅସନ୍ତୋଷ ତେଜିବାରେ ଲାଗିଛି। ମନ୍ତ୍ରୀଙ୍କ ପ୍ରତିଶ୍ରୁତିର ଦେଢ଼ମାସ ପରେ ବି ଏନେଇ ସରକାରୀସ୍ତରରେ କୌଣସି ପ୍ରକ୍ରିୟା ଆରମ୍ଭ ହୋଇ ନ ଥିବାରୁ ହାଇସ୍କୁଲ ଟିଚର୍ ଓ୍ୱାର୍କ ସ୍ୱାଉଜ୍ ଆସୋସିଏସନ କ୍ଷୋଭ ପ୍ରକାଶ କରିଛି। ନଭେମ୍ବର ୨୯ରେ ଆସୋସିଏସନ ପକ୍ଷରୁ ଲୋୟର ପିଏମ୍‌ଜିରେ ଗଣଧାରଣା ଦିଆଯାଇଥିଲା। ସେହିଦିନ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସପ୍ତାହକ ମଧ୍ୟରେ ଦମ୍ପତି ବଦଳି ପ୍ରକ୍ରିୟା କାର୍ଯ୍ୟକାରୀ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ପ୍ରତିଶ୍ରୁତିର ୪୩ ଦିନ ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଯେଉଁ ସମାଧାନ ଗଣଶିକ୍ଷା ବିଭାଗ ଚାହିଁଲେ ହୋଇପାରିବ, ତାହାକୁ ବିଭାଗୀୟ ଅଧିକାରୀ ଜାଣିଶୁଣି ବିଳମ୍ବ କରୁଛନ୍ତି ବୋଲି ସଂଘ ଆବାହକ ବିଭୂତି ଭୂଷଣ ନାୟକ, ବିଶ୍ୱଜିତ ମହାପାତ୍ର ଓ ଖଗେନ୍ଦ୍ର ବେହେରା କହିଛନ୍ତି।

ସଂଘ ସଭାପତି ପ୍ରଭାତ ମହାନ୍ତି ମହାନ୍ତି ମଧ ସମାନ ଅଭିଯୋଗ କରିଛନ୍ତି। ନଭେମ୍ବର ୨୯ରେ ଗଣଶିକ୍ଷା ମନ୍ତ୍ରୀଙ୍କୁ ଭେଟି ଆଲୋଚନା ବେଳେ ଜଣାପଡ଼ିଥିଲା ଯେ, ବିଭାଗୀୟ ଅଧିକାରୀ ମନ୍ତ୍ରୀଙ୍କୁ ଭୁଲ ତଥ୍ୟ ଦେଇ ବଦଳି ନ କରିବା ପାଇଁ ବିଭିନ୍ନ ବାହାନା କରୁଛନ୍ତି। ସପ୍ତାହକ ମଧ୍ୟରେ ବିଭାଗୀୟ ଅଧିକାରୀଙ୍କ ସହ କଥା ହୋଇ ବଦଳି ପ୍ରକ୍ରିୟାକୁ କାର୍ଯ୍ୟକାରୀ କରିବେ ବୋଲି ମନ୍ତ୍ରୀ ଗଣ୍ଡ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ପରେ ସେମାନେ ଆନ୍ଦୋଳନରୁ ଓହରିଥିଲେ। ଚଳିତବର୍ଷ ଟ୍ରାନ୍ସଫର କ୍ୟାଲେଣ୍ଡର ଅନୁଯାୟୀ ଡିଇଓଙ୍କ ପ୍ରସ୍ତାବିତ ହାଇସ୍କୁଲ ଶିକ୍ଷକ ଦମ୍ପତିଙ୍କ ବଦଳି କାହିଁକି କରାଯାଇନାହିଁ। ସମାନ ବିଭାଗରେ ଥାଇ ପ୍ରାଥମିକ ଶିକ୍ଷକ ଦମ୍ପତି ବଦଳି ହୋଇଥିଲେ ସୁଦ୍ଧା ହାଇସ୍କୁଲ ଶିକ୍ଷକ ଦମ୍ପତି କାହିଁକି ବଞ୍ଚିତ ହୋଇଛନ୍ତି ବୋଲି ଆବାହକ ପ୍ରଶାନ୍ତ ମେହେର ପ୍ରଶ୍ନ କରିଛନ୍ତି। ଏହ ପ୍ରକ୍ରିୟାକୁ ଯଦି ସପ୍ତାହକ ମଧ୍ୟରେ କାର୍ଯ୍ୟକାରୀ କରା ନ ଯାଏ ତେବେ ପୁନର୍ବାର ଆନ୍ଦୋଳନ କରାଯିବା ସହ ହାଇକୋର୍ଟଙ୍କ ଆଶ୍ରୟ ନେବା ପାଇଁ ନିଷ୍ପତ୍ତି ହୋଇଛି।

# ନିଯୁକ୍ତି ନାଁରେ ବିଶ୍ୱାସଘାତ କରିଚାଲିଛି ଜେଏସ୍‌ଡବ୍ଲ୍ୟୁ

**କୁଜଙ୍ଗ,୧୧।୧(ମନୋଜ ପ୍ରଧାନ)**

ଜଗତ୍‌ସିଂହପୁର ଜିଲା ଏରସମା ତହସିଲ ଅନ୍ତର୍ଗତ ଢିଙ୍କିଆ ଚାରିଦେଶରେ ନିର୍ମାଣାଧୀନ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ଆରମ୍ଭରୁ ସ୍ଥାନୀୟ ଜନତାଙ୍କ ସହ ବିଶ୍ୱାସଘାତକତା କରିଚାଲିଥିବା ଅଭିଯୋଗ ହେଉଛି। ବିଶେଷକରି ନିଯୁକ୍ତି କ୍ଷେତ୍ରରେ ପ୍ରତାରଣା ଦେଇଚାଲିଛି। ଏହି ସମସ୍ୟାର ତ୍ୱରିତ ସମାଧାନ କରିବା ପାଇଁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଦିନଦୟାଲ ପାରାଦୀପ ଇଣ୍ଡଷ୍ଟ୍ରିଆଲ ୱର୍କର୍ସ ୟୁନିୟନର ସଭାପତି କ୍ଷୀରୋଦ ଚନ୍ଦ୍ର ପରିଡା ଓ ଜିନ୍ଦଲ ପ୍ରଭାବିତ ଉନ୍ନୟନ ସମିତିର ଆବାହକ ବିଜୟ କେତନ ସାହୁ ଜିଲା ପ୍ରଶାସନ ଓ ଶିଳ୍ପ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଛନ୍ତି।

ଉକ୍ତ ପ୍ରେସ୍ ବିଜ୍ଞପ୍ତିରେ ଦର୍ଶାଯାଇଛି ଯେ, ଶିଳ୍ପ ପ୍ରଭାବିତ ଢିଙ୍କିଆ, ନୂଆଗାଁ ଓ ଗଡ଼କୁଜଙ୍ଗ ପଞ୍ଚାୟତବାସୀଙ୍କୁ ଜେଏସ୍‌ଡବ୍ଲ୍ୟୁ ଯେଉଁ ପ୍ରତିଶ୍ରୁତି ଦେଇଥିଲା ତାହା ପାଣିରଗାର ପାଲଟିଛି। ଅଦ୍ୟାବଧି ଉପଯୁକ୍ତ କ୍ଷତିପୂରଣ ଓ ଶ୍ରମିକ ଭତ୍ତା ପ୍ରଦାନ କରାଯାଇ ନ ଥିବା ବେଳେ ନିଯୁକ୍ତି କ୍ଷେତ୍ରକୁ ମଧ ସୀମିତ କରାଯାଇଛି। ୨୦୨୧ରେ ଜିଲା ପ୍ରଶାସନ, କମ୍ପାନୀ କର୍ତ୍ତୃପକ୍ଷ ଓ ୩ ପଞ୍ଚାୟତର ଜନପ୍ରତିନିଧିଙ୍କ ମଧ୍ୟରେ ନିଯୁକ୍ତି ସଂକ୍ରାନ୍ତରେ ଏକ ତ୍ରିପାକ୍ଷିକ ଆଲୋଚନା ହୋଇଥିଲା। ସେତେବେଳେ କମ୍ପାନୀ ପକ୍ଷରୁ କୁହାଯାଇଥିଲା ଯେ, ପ୍ରଭାବିତ ୩ ପଞ୍ଚାୟତର ଚାକିରି ଆଶାୟୀଙ୍କ ବୟସ ସୀମା ୧୮ରୁ ୩୨ ବର୍ଷ ରହିବ। ଗତ ୬ ତାରିଖ ଦିନ କମ୍ପାନୀ କର୍ତ୍ତୃପକ୍ଷଙ୍କ ପକ୍ଷରୁ ୨୦୩ ଜଣ ବୈଷୟିକ ଶିକ୍ଷାଧାରୀ ନିଯୁକ୍ତି ଆଶାୟୀଙ୍କ ଅନଲାଇନ ଜରିଆରେ ପରୀକ୍ଷା କରାଯାଇଛି। ହେଲେ ସେମାନଙ୍କ ବୟସ ସୀମା ୧୮ରୁ ୨୬ ବର୍ଷ ମଧ୍ୟରେ ରଖାଯାଇଥିବାରୁ ତଦୂର୍ଦ୍ଧ୍ୱ ବୟସର ବହୁ ଯୋଗ୍ୟ ଓ ଆଶାୟୀ ପ୍ରାର୍ଥିନୀ/ ପ୍ରାର୍ଥୀ ନିଯୁକ୍ତି ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଯେଉଁମାନେ ପ୍ରକଳ୍ପ ପାଇଁ ସବସ୍ୱ ହରାଇଲେ, ସେମାନଙ୍କ ଭବିଷ୍ୟତ ଜୀବନଜୀବିକା ଅନ୍ଧକାରରେ ଥିଲାବେଳେ କମ୍ପାନୀ କର୍ତ୍ତୃପକ୍ଷ ବୟସକୁ ନେଇ ଯେଉଁ ପ୍ରତାରଣା ଦେଉଛନ୍ତି ତାହା କଟା ଘା'ରେ ଚୂନ ମାରିବା ସଦୃଶ। କମ୍ପାନୀ ୩ ପଞ୍ଚାୟତର ଅଧିବାସୀଙ୍କୁ ରବର କଣ୍ଢେଇ ଭାବି କେତେବେଳେ ନିଯୁକ୍ତି ଦେଉଛି ତ କେତେବେଳେ ମୌଖିକ ନିର୍ଦ୍ଦେଶରେ ବାହାର କରିଦେଉଛି। ଏଥିଯୋଗୁ କମ୍ପାନୀ ପ୍ରତି ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ତୁରନ୍ତ କମ୍ପାନୀ କର୍ତ୍ତୃପକ୍ଷ ଏସବୁ ପ୍ରହସନ ବନ୍ଦ କରି ୨୬ ବର୍ଷରୁ ଊର୍ଦ୍ଧ୍ୱ ବା ୨୦୨୧ ମସିହା ନିଷ୍ପତ୍ତି ଅନୁଯାୟୀ ନିଯୁକ୍ତି ଦେଉ ଏବଂ ଅଣବୈଷୟିକ ଶିକ୍ଷାଧାରୀଙ୍କ ନିଯୁକ୍ତି ପାଇଁ ତୁରନ୍ତ ପଦକ୍ଷେପ ନିଆଯାଉ। ନଚେତ୍ ଜନସାଧାରଣ ଏହାର ଜବାବ ଦେବାକୁ ପଛାଇବେ ନାହିଁ ବୋଲି ଉକ୍ତ ପ୍ରେସ ବିଜ୍ଞପ୍ତ ଜରିଆରେ ଚେତାବନୀ ଦିଆଯାଇଛି। ଏ ସମ୍ପର୍କରେ କମ୍ପାନୀର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମିତ୍ରଭାନୁ ଚୌଧୁରୀଙ୍କ ସହ ମୋବାଇଲ୍ ଫୋନ ଜରିଆରେ ଯୋଗାଯୋଗ କରାଯାଇଥିଲେ ମଧ ସେ ଉଠାଇ ନ ଥିଲେ।

# କଂଗ୍ରେସର ଉପବାସ, ସାଙ୍କେତିକ ପ୍ରତିବାଦ

## 'ଏମ୍‌ଜିଏନ୍‌ଆର୍‌ଇଜିଏସ୍'ରୁ ଗାନ୍ଧୀଙ୍କ ନାମ କଟିବା ପ୍ରସଙ୍ଗ



ଭୁବନେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ଏକ୍ସଆଇଏମ୍‌ବି ନିକଟସ୍ଥ ମହାତ୍ମା ଗାନ୍ଧୀ ପାର୍କର ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ପ୍ରତିବାଦ କରାଯାଉଛି।

**ଭୁବନେଶ୍ୱର,୧୧।୧ (ରବିନାରାୟଣ ଜେନା)**

କେନ୍ଦ୍ର ସରକାରଙ୍କ ପକ୍ଷରୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ର ନାମ ଓ ନିୟମ ପରିବର୍ତ୍ତନକୁ ନେଇ ଭୁବନେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ଏକ୍ସଆଇଏମ୍‌ବି ନିକଟସ୍ଥ ମହାତ୍ମା ଗାନ୍ଧୀ ପାର୍କର ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଏକ ଉପବାସ ଓ ସାଙ୍କେତିକ ପ୍ରତିବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ପ୍ରକାଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ର ସରକାର ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ନାମକୁ ପରିବର୍ତ୍ତନ କରି 'ଭିବି ଜି ରାମ ଜି'ନାମକରଣ କରିବାକୁ ନେଇ ନିନ୍ଦା କରାଯାଇଥିଲା। ନୂତନ ଯୋଜନାରେ ଶ୍ରମିକଙ୍କ ଅଧିକାରକୁ ହନନ କରିବା ସହ ଅନୁଦାନ ରାଶି ରାଜ୍ୟ ଉପରେ କେନ୍ଦ୍ର ସରକାର ଲଦି ଦେଇଛନ୍ତି ବୋଲି କଂଗ୍ରେସ ନେତୃବୃନ୍ଦ କହିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, କିଶୋର ଜେନା, ଚିନ୍ମୟ ସୁନ୍ଦର ଦାସ, ସୁନିତା ବିଶ୍ୱାଳ ପ୍ରମୁଖ ସାମିଲ ଥିଲେ।

# ସ୍ୱୟଂଶାସିତ ମାନ୍ୟତାରେ ଟ୍ରିମ୍‌ସ ପଲିଟେକ୍‌ନିକ୍ ରାଜ୍ୟରେ ପ୍ରଥମ

**କଟକ,୧୧।୧(କାର୍ତ୍ତିକ ସାହୁ)**

ରାଜ୍ୟର ଅଗ୍ରଣୀ ବୈଷୟିକ ଶିକ୍ଷାନୁଷ୍ଠାନ ଟ୍ରିମ୍‌ସ ପଲିଟେକନିକ୍ ସ୍ୱୟଂଶାସିତ ମାନ୍ୟତା ହାସଲ କରିଛି। ଏଭଳି ମାନ୍ୟତା ପାଇବାରେ ଟ୍ରିମ୍‌ସ ପଲିଟେକ୍‌ନିକ ହେଉଛି ରାଜ୍ୟର ପ୍ରଥମ ଶିକ୍ଷାନୁଷ୍ଠାନ। ଗୁଣାତ୍ମକ ଶିକ୍ଷା ଓ ଉନ୍ନତ ଭିତ୍ତିଭୂମି, ଶୈକ୍ଷିକ ପରିବେଶ ଓ ଅନ୍ୟ କ୍ଷେତ୍ରରେ ଉତ୍କର୍ଷ ପ୍ରଦର୍ଶନ ଆଧାରରେ 'ଅଖିଳ ଭାରତ ବୈଷୟିକ ଶିକ୍ଷା ପରିଷଦ' (ଏଆଇସିଟିଇ) ପକ୍ଷରୁ ଏହି ମାନ୍ୟତା ପ୍ରଦାନ କରାଯାଇଛି। ଏବେ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ନିଜସ୍ୱ ପାଠକ୍ରମରେ ପଢ଼ିବେ, ଯାହାକି ସେମାନଙ୍କ ଦକ୍ଷତା ବୃଦ୍ଧି, ଜାତୀୟ ଶିକ୍ଷାନୀତିର ସଫଳ ରୂପାୟନ ହେବ। ସେହିପରି ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ବିଭାଗ ଦ୍ୱାରା ହୋଇଥିବା କ୍ୟୁସିଆଇ ର୍‍ୟାଙ୍କିଂରେ ଟ୍ରିମ୍‌ସ ପଲିଟେକନିକ୍ ରାଜ୍ୟର ସମସ୍ତ ବେସରକାରୀ ଶିକ୍ଷାନୁଷ୍ଠାନଙ୍କ ମଧ୍ୟରେ ୨ୟ ସ୍ଥାନରେ ରହିଛି। ପୂର୍ବରୁ ଭାରତ ସରକାରଙ୍କ ପକ୍ଷରୁ ରାଜ୍ୟର ପ୍ରଥମ ଶିକ୍ଷାନୁଷ୍ଠାନ ଭାବରେ ଏନ୍‌ବିଏ ସ୍ୱୀକୃତି ଏବଂ ଶିକ୍ଷାମନ୍ତ୍ରଣାଳୟ ପକ୍ଷରୁ ପ୍ରି-ଇନ୍‌କ୍ୟୁବେଶନ୍ ସେଣ୍ଟର ଭାବରେ 'ଥ୍ରୀ ଷ୍ଟାର' ମାନ୍ୟତା ହାସଲ କରିଛି। ଗ୍ରାମାଞ୍ଚଳ ଭିତ୍ତିଭୂମିରେ ଗଢ଼ି ଉଠିଥିବା ଏହି ଶିକ୍ଷାନୁଷ୍ଠାନର ଅନନ୍ୟ ସଫଳତା ପାଇଁ ଟ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ରାଜ୍ୟ ଓ ଭାରତ ସରକାର, ଦକ୍ଷତା ବିକାଶ ବିଭାଗ ଏବଂ ଏଆଇସିଟିଇ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ସହିତ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ନିର୍ଦ୍ଦେଶକ, ଅଧକ୍ଷା, ଅଧାପକ, ଅଧାପିକା ଓ କର୍ମଚାରୀଙ୍କୁ ଏହି ସଫଳ ପ୍ରୟାସ ନିମନ୍ତେ ଅଭିନନ୍ଦନ ଜଣାଇଛନ୍ତି।

# ଗଞ୍ଜାମରେ ବିଜେଡି ସଙ୍ଗଠନ ଦୁର୍ବଳ: ଲତିକା

**ଭୁବନେଶ୍ୱର,୧୧।୧ (ରବିନାରାୟଣ ଜେନା)**



ଲତିକା ପ୍ରଧାନ

ଗଞ୍ଜାମରେ ବିଜୁ ଜନତା ଦଳ(ବିଜେଡି)ର ସଙ୍ଗଠନ ଦୁର୍ବଳ ହୋଇପଡିଛି ବୋଲି ପୂର୍ବତନ ବିଧାୟିକା ଲତିକା ପ୍ରଧାନ କହିଛନ୍ତି। ରବିବାର ଲତିକା ଗଣମାଧ୍ୟମକୁ କହିଛନ୍ତି, ୨୦୨୪ ସାଧାରଣ ନିର୍ବାଚନରେ ଗଞ୍ଜାମ ଯେଭଳିଭାବେ ୧୦ଟି ଆସନ ହରାଇଲା ତାହା ପଛରେ ଅନେକ କାରଣ ରହିଛି। ଯେଉଁଥିପାଇଁ ବିଜେଡି ସଭାପତିଙ୍କୁ ମୁଖ୍ୟମନ୍ତ୍ରୀ ପଦ ହରାଇବାକୁ ପଡ଼ିଲା ବୋଲି ଲତିକା କହିଛନ୍ତି।

ସେ କହିଛନ୍ତି, ଗଞ୍ଜାମ ଜିଲାରେ ଦଳୀୟ ନେତାଙ୍କୁ ଦାୟିତ୍ୱ ନ ଦେବାରୁ ସଂଗଠନ ଅତି ଦୁର୍ବଳ ହୋଇଯାଇଛି। ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଦାୟିତ୍ୱ ନେବା ପରେ ଧୀରେ ଧୀରେ ରିକଭରି କରୁଥିଲୁ। କିନ୍ତୁ ଏବେ ଗଞ୍ଜାମ ନେତାଙ୍କୁ ଦାୟିତ୍ୱ ଦିଆ ନ ଯିବା ଫଳରେ ସଙ୍ଗଠନ ଅତି ଦୁର୍ବଳ ହୋଇଯାଇଛି। ଏସଂକ୍ରାନ୍ତରେ ଦଳର ନେତୃବୃନ୍ଦଙ୍କୁ ବାରମ୍ବାର ଅବଗତ କରାଇଥିଲେ ହେଁ କୌଣସି ଗୁରୁତ୍ୱ ଦିଆଯାଉନାହିଁ। ସଭାପତି ନବୀନ ପଟ୍ଟନାୟକ ହିଞ୍ଜିଳିର ବିଧାୟକ ରହି ମଧ ଗୁରୁତ୍ୱ ଦେଉନାହାନ୍ତି। ଏ ସମ୍ପର୍କରେ ସେ ଜାଣିଛନ୍ତି କି ନାହିଁ ତାହା ଜଣାପଡୁନି। ଗଞ୍ଜାମ ଜିଲା ସଙ୍ଗଠନ ପ୍ରତି ନିରନ୍ତର ଏଭଳି ପାତରଅନ୍ତର କରୁଛି ତାହା ସଭାପତିଙ୍କ ନଜରକୁ ଆସିବା ଦରକାର। ସଭାପତି ନିଜେ ଗଞ୍ଜାମ ଜିଲା ଦାୟିତ୍ୱ ନିଅନ୍ତୁ ଏବଂ ସଙ୍ଗଠନକୁ ସୁଦୃଢ଼ କରନ୍ତୁ। ଦଳର ଯେଉଁ ନେତା ବିଜେଡି ସଙ୍ଗଠନକୁ ନେଇ ସ୍ୱର ଉତ୍ତୋଳନ କରୁଛନ୍ତି, ସେମାନଙ୍କ ସ୍ୱରକୁ ଚପାଇ ଦିଆ ନ ଯାଉ। ସେମାନଙ୍କୁ ଶୁଣି ଠୋସ୍ ପଦକ୍ଷେପ ଗ୍ରହଣ କରିବାକୁ ଲତିକା କହିଛନ୍ତି।

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ମାନବ ସମ୍ବଳ ପରିଚାଳନା ବିଭାଗ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର -751001

**ତାଲିକାଭୁକ୍ତ ନିମନ୍ତେ ବିଜ୍ଞାପନ**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ଏହାର ଅଫିସ୍ ର ପୁରୁଷ କର୍ମଚାରୀ ମାନଙ୍କ ପାଇଁ ଏପ୍ରୋନ, ଗ୍ରୀଷ୍ମ ଏବଂ ଶୀତକାଳୀନ ପୋଷାକ ସିଲେଇ ନିମନ୍ତେ ପ୍ରତିଷ୍ଠିତ ସ୍ଥାନୀୟ ଟେଲରିଂ ସଂସ୍ଥା ମାନଙ୍କର ଏକ ତାଲିକା (ପ୍ୟାନେଲ) ଗଠନ କରିବାକୁ ଚାହୁଁଅଛି। ବର୍ଷକ ମଧ୍ୟରେ ଆପାତତଃ 400 ଯୋଡା ପୋଷାକ (ହାରାହାରୀ) ସିଲେଇ ଆବଶ୍ୟକ ହୋଇପାରେ। ସରକାରୀ/କର୍ପୋରେଟ୍ ପ୍ରତିଷ୍ଠାନର ପୋଷାକ ସିଲେଇ କରିବାରେ ଭଲ ଭିତ୍ତିଭୂମି ଏବଂ ଅଭିଜ୍ଞତା ଥିବା ଟେଲରିଂ ଫାର୍ମଗୁଡ଼ିକୁ ତାଲିକାଭୁକ୍ତ ନିମନ୍ତେ ଆବେଦନ କରିବାକୁ ଆମନ୍ତ୍ରିତ କରାଯାଉଛି।

ଟେଣ୍ଡର ଫର୍ମଗୁଡ଼ିକ RBI ୱେବସାଇଟ୍ (https://www.rbi.org.in) ର "ଟେଣ୍ଡର" ବିଭାଗରୁ ଡାଉନଲୋଡ୍ କରାଯାଇପାରିବେ କିମ୍ବା ଭାରତୀୟ ରିଜର୍ଭ ବ୍ୟାଙ୍କ, ମାନବ ସମ୍ବଳ ପରିଚାଳନା ବିଭାଗ, ଦ୍ୱିତୀୟ ମହଲା, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର - 751001 ରୁ ଯେକୌଣସି କାର୍ଯ୍ୟ ଦିବସରେ (ସୋମବାରରୁ ଶୁକ୍ରବାର) ସକାଳ 10:00 ରୁ ସନ୍ଧ୍ୟା 5:00 ମଧ୍ୟରେ ଜାନୁଆରୀ 12, 2026 ରୁ ଫେବୃଆରୀ 02, 2026 ମଧ୍ୟରେ ମାଗଣାରେ ପାଇପାରିବେ। ସଠିକ୍ ଭାବରେ ପୂରଣ ହୋଇଥିବା ଆବେଦନ ଫର୍ମ ବ୍ୟାଙ୍କରେ ଦାଖଲ କରିବାର ଶେଷ ତାରିଖ ଫେବୃଆରୀ 02, 2026 ସନ୍ଧ୍ୟା 5:00 ଟା ପର୍ଯ୍ୟନ୍ତ ରଖାଯାଇଛି। ଏହି କାର୍ଯ୍ୟ ପାଇଁ ପୂର୍ବରୁ ବ୍ୟାଙ୍କରେ ତାଲିକାଭୁକ୍ତ ଥିବା ସଂସ୍ଥାଗୁଡ଼ିକୁ ମଧ୍ୟ ନୂତନ ଆବେଦନ ଫର୍ମ ଦାଖଲ କରିବାକୁ ପଡିବ। ଅଧିକ ବିବରଣୀ ପାଇଁ ଦୟାକରି RBI ୱେବସାଇଟ୍ ରେ "ଟେଣ୍ଡର" ବିଭାଗକୁ ପରିଦର୍ଶନ କରନ୍ତୁ।

**କ୍ଷେତ୍ରୀୟ ନିର୍ଦ୍ଦେଶକ**
**ଭୁବନେଶ୍ୱର**

## ସ୍କୁଟିକୁ ଧକ୍କାଦେଲା କାର୍: ଜଣେ ମୃତ, ଚାଳକ ଗିରଫ

ବାଲିଅନ୍ତା,୧୧।୧(ନୀଳମାଧବ ସାହୁ)

ବାଲିଅନ୍ତା ଥାନା ଅଧୀନ ଭିଙ୍ଗାରପୁର ପଞ୍ଚାୟତର ସିଙ୍ଗଡ଼ାସାହି ନିକଟରେ ଶନିବାର ଏକ କାର୍ ଧକ୍କାରେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଥାନା ଅଧୀନ ମହୁଖଣ୍ଡା ଅଞ୍ଚଳର ଚିତ୍ତରଞ୍ଜନ ହାତୀ। ଏହି ଘଟଣାରେ ପୋଲିସ ଉଭୟ କାର୍ ଓ ସ୍କୁଟିକୁ ଜବତ କରି କାର୍‌ଚାଳକ ସ୍ମୃତି ରଞ୍ଜନ ପ୍ରଧାନ(୩୬)ଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୯/୨୬) ରୁଜୁ ହୋଇଛି। ପ୍ରକାଶ ଯେ, ଶନିବାର ରାତି ପ୍ରାୟ ସାଢ଼େ ୧୧ଟାରେ ଚିତ୍ତରଞ୍ଜନ ଭୁବନେଶ୍ୱରରୁ ଛେନା ବେପାର ସାରି ସ୍କୁଟି ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ଭୁବନେଶ୍ୱରରୁ ନିଆଳି ଅଭିମୁଖେ ଦ୍ରୁତଗତିରେ ଯାଉଥିବା ଏକ କାର୍ ଚିତ୍ତରଞ୍ଜନଙ୍କ ପଛପଟୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ କାର୍ ଚାଳକଙ୍କୁ ଅଟକ ରଖି ପୋଲିସ ଜିମା ଦେଇଥିଲେ।

# ପୋକ ସାଲୁବାଲୁ ଫଳରୁ ତିଆରି ହେଉଥିଲା ପୋଚ

### ସାଲିଆସାହିରେ ପୁଣି ଦେଶୀମଦ କାରଖାନା ଠାବ

### ୬ ହଜାର ଲିଟର ଦେଶୀମଦ ଜବତ, ୬ ଗିରଫ

ଭୁବନେଶ୍ୱର,୧୧।୧(ତ୍ରିନାଥ ମହାନ୍ତି)

ସାଲିଆସାହିରେ ଦେଶୀ ମଦ କାରଖାନା ସତେଯେମିତି କୁଟୀର ଶିଳ୍ପ ପାଲଟିଛି। ଯେତେ ଚଢ଼ାଉ ଓ ଉଚ୍ଛେଦ ହେଲେ ମଧ ଏହି ବେଆଇନ କାରବାର ବନ୍ଦ ହେଉନି। ରବିବାର ଅବକାରୀ ବିଭାଗ ସାଲିଆସାହିର ନୟାଗଡ଼ ବସ୍ତିରେ ଚଢ଼ାଉ କରି ପୁଣି ଏକାଧିକ ବେଆଇନ ଦେଶୀ ମଦ ଭାଟି ଠାବ କରିବା ସହ ସେଠାରୁ ବିପୁଳ ପୋଚ ସାଙ୍ଗକୁ ଇଷ୍ଟ ପାଉଡର, ଆଲକହଲ ମିଟର ଓ ମଦ ପ୍ରସ୍ତୁତି ସାମଗ୍ରୀ ଜବତ କରିଛି। ୬ଟି ସ୍ଥାନରେ ହେଉଥିଲା ଦେଶୀ ମଦ ପ୍ରସ୍ତୁତି। ଏକ ଘରେ ବଡ଼ ମଦ ଭାଟି ଚାଲିଥିଲା। ତଳେ କୁକୁଡ଼ା ଭାଡ଼ି କରାଯାଇଥିବା ବେଳେ ଉପରେ ଲୁଚାଇ ରଖାଯାଇଥିଲା ଡ୍ରମ୍ ଡ୍ରମ୍ ପୋଚ। ଅନ୍ୟ ଏକ ରୁମ୍‌ରେ ଚୁଲା କରାଯାଇ ପୋକ ସାଲୁବାଲୁ ହେଉଥିବା ପଚା ଫଳ, ପରିବା ଓ ଚାଉଳରୁ ପ୍ରସ୍ତୁତ ହେଉଥିଲା ଦେଶୀ ମଦ। ଚଢ଼ାଉ ହୋଇଥିବା



ଜବତ ହୋଇଥିବା ମଦ ତିଆରି ସାମଗ୍ରୀ।

୬ଟି ସ୍ଥାନରୁ ପ୍ରାୟ ୬ ହଜାର ଲିଟର ଦେଶୀ ମଦ ଜବତ କରାଯାଇଥିବାବେଳେ ଏଥିରେ ୩୦୦୦ ଲିଟର ରାଇସ୍ ପୋଚ, ୧୨୦୦ ଲିଟରରୁ ଅଧିକ ଫ୍ରୁଟ୍ ପୋଚ ରହିଥିଲା। ତେବେ ମଦ ପ୍ରସ୍ତୁତି ଓ କାରବାରରେ ସମ୍ପୃକ୍ତ ଥିବା ୬ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିବା ଅବକାରୀ ବିଭାଗ ସୂଚନା ଦେଇଛି।

ଅବକାରୀ ବିଭାଗର ୪ ଟିମ୍ ଏହି ଚଢ଼ାଉରେ ସାମିଲ ହୋଇଥିଲା। ଚଢ଼ାଉ ସମୟରେ କିପରି ବିପଜ୍ଜନକ ଭାବେ ଏହି ସ୍ୱାସ୍ଥ୍ୟହାନିକାରୀ ଦେଶୀ ମଦ ପ୍ରସ୍ତୁତ କରାଯାଉଥିଲା ତାହା ଦେଖିବାକୁ ପାଇଥିଲେ ଅଧିକାରୀମାନେ। ଡ୍ରମ୍‌ରେ ଅତି ଖରାପ ମାନର କମଳା, ଡାଳିମ୍ବ ଆଦି ବିଭିନ୍ନ ଫଳରେ ପୋଚ ତିଆରି କରାଯାଉଥିଲା। ପଚା ଫଳରେ ପୋକ ସାଲୁବାଲୁ ହେଉଥିଲେ। ଜବତ ଆଲକହଲ ମିଟରକୁ ଅଶିକ୍ଷିତ ମାନେ ପରିଚାଳନା କରୁଥିଲେ। ବଡ଼ କଥା ହେଲା, ଅବକାରୀ ବିଭାଗ ଏବଂ ପୋଲିସ ପକ୍ଷରୁ ସାଲିଆସାହିରେ ବାରମ୍ବାର ଚଢାଉ କରାଯାଇ ଦେଶୀ ମଦ ଭାଟି ଭଙ୍ଗା ଯାଉଛି। ହେଲେ କଠୋର କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ମଦ ମାଫିଆମାନେ ଲୋକଙ୍କ ଜୀବନ ସହ ଖେଳ ଖେଳିବାକୁ ସାହସ କରୁଛନ୍ତି।

## ୨୦୨୫ରେ ୨୦ ହଜାରରୁ ଉର୍ଦ୍ଧ୍ୱ ମୋବାଇଲ ଚୋରି

ଭୁବନେଶ୍ୱର,୧୧।୧(ତ୍ରିନାଥ ମହାନ୍ତି)

### କଟକକୁ ଟପିଲା ଭୁବନେଶ୍ୱର

ରାଜଧାନୀରେ ଦିନକୁ ଦିନ ମୋବାଇଲ୍ ଚୋରି ମାମଲା ବଢ଼ିବାରେ ଲାଗିଛି। ମୋବାଇଲ ଚୋରିରେ କଟକକୁ ଟପିଛି ଭୁବନେଶ୍ୱର। ୨୦୨୫ରେ କଟକରେ ମୋବାଇଲ୍ ଚୋରି ସଂଖ୍ୟା ୧୫ ହଜାର ରହିଥିବାବେଳେ ଭୁବନେଶ୍ୱରରୁ ୨୦ ହଜାରରୁ ଅଧିକ ମୋବାଇଲ୍ ଚୋରି ହୋଇଛି। ପାର୍ବଣ ଋତୁ ଅକ୍ଟୋବରରୁ ନଭେମ୍ବର ମାସ ପର୍ଯ୍ୟନ୍ତ ମୋବାଇଲ୍ ଚୋରିଜନିତ ମାମଲା ସର୍ବାଧିକ ରହିଛି। ଗତବର୍ଷ ଜାନୁୟାରୀରେ ୧୨୦୦ ମୋବାଇଲ୍ ଚୋରି ହୋଇଥିବା ବେଳେ ଫେବୃୟାରୀରେ ୧ ହଜାର ୮ଶହ ହୋଇଥିଲା। ମାର୍ଚ୍ଚରେ ୧ହଜାର ୩ଶହ, ଏପ୍ରିଲରେ ୨ହଜାର, ମେ'ରେ ୩ହଜାର, ଜୁନ୍‌ରେ ୧ହଜାର ୫ଶହ, ଜୁଲାଇରେ ୧ହଜାର ୩ଶହ, ଅଗଷ୍ଟରେ ୧ହଜାର ୫ଶହ, ସେପ୍ଟେମ୍ବରରେ ୨ହଜାର ୫ଶହ, ଅକ୍ଟୋବରରେ ୨ହଜାର, ନଭେମ୍ବରରେ ୧ହଜାର ୮ଶହ ଓ ଡିସେମ୍ବରରେ ୨ହଜାର ୯ଶହ ମାମଲା ହୋଇଛି। ହେଲେ ପୋଲିସ ମାତ୍ର ୯ ହଜାର ମୋବାଇଲ ଜବତ କରିଥିବା ସୂଚନା ଦିଆଯାଇଛି।

ମୋବାଇଲ୍ ଚୋରି କିମ୍ବା ଲୁଟ୍ ହେଲେ ସ୍ଥାନୀୟ ଥାନା ପୋଲିସ ମାମଲା ସହଜରେ ରୁଜୁ କରୁ ନ ଥିବା ଅଭିଯୋଗ ହେଉଛି। କେବଳ ଏକ ମିସିଂ ରିପୋର୍ଟ କରି କାଗଜ ଖଣ୍ଡେ ଧରାଇ ଛାଡ଼ି ଦେଉଛି। ଠିକ୍ ଭାବେ ତଦନ୍ତ କରୁ ନ ଥିବାରୁ ଲୁଟେରାମାନେ ମୋବାଇଲ ଚୋରି କରି ରାଜ୍ୟ ବାହାରେ ବିକ୍ରି କରୁଛନ୍ତି। ଏହା ପଛରେ ଏକାଧିକ ରାକେଟ କାମ କରୁଛି। ଚୋରି ମୋବାଇଲ ବ୍ୟବହାର କଲେ ଧରାପଡିବା ଭୟ ଥିବାରୁ ପାର୍ଟ ଖୋଲି ବିକ୍ରି କରାଯାଉଛି। ଅନ୍ୟପକ୍ଷରେ ରାଜଧାନୀରୁ ଚୋରି ହେଉଥିବା ମୋବାଇଲ୍ ବାଂଲାଦେଶ ଏବଂ ନେପାଳ ଚାଲାଣ କରାଯାଉଥିବା ନଜିର ରହିଛି। କାରଣ ସେଠାରେ ମୋବାଇଲ୍ ଆଇଏମ୍ଆଇ କାମ କରୁ ନ ଥିବାରୁ ଏପରି ଚୋରା କାରବାର ବଢୁଛି। ଚୋରି ମୋବାଇଲ୍ ଅନ୍ୟ ରାଜ୍ୟରେ ଠାବ ହେଲେ କମିଶନରେଟ୍ ପୋଲିସ ଜବତ କରିବାକୁ ଯିବା ପାଇଁ କୁଣ୍ଠୁ କୁଣ୍ଠ ହେଉଛି। ଟଙ୍କା ଖର୍ଚ୍ଚ କରି ଯିବାକୁ ମଙ୍ଗୁନଥିବାରୁ ମୋବାଇଲ ଚୋରି ବଢ଼ିବାରେ ଲାଗିଛି।

## ଯୁବତୀଙ୍କ ଆତ୍ମହତ୍ୟା ଉଦ୍ୟମ: ପ୍ରେମିକ ଗିରଫ

ଭୁବନେଶ୍ୱର,୧୧।୧(ତ୍ରିନାଥ ମହାନ୍ତ)

ପ୍ରେମରେ ପ୍ରତାରଣାର ଶିକାର ଜଣେ ଯୁବତୀଙ୍କ ଆତ୍ମହତ୍ୟା ଉଦ୍ୟମ ମାମଲାରେ ମଞ୍ଚେଶ୍ୱର ଥାନା ପୋଲିସ ସମ୍ପୃକ୍ତ ପ୍ରେମିକଙ୍କୁ ଗିରଫ କରିଛି। ସେ ହେଲେ ନୟାଗଡ଼ ଜିଲା ଫତେଗଡ଼ର ଶିବ ନାରାୟଣ ପଣ୍ଡା। ପୋଲିସ ସୂଚନା ଅନୁସାରେ, ଅଭିଯୁକ୍ତ ଶିବ ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ରହି କ୍ୟାଟେରିଂ କାମ କରୁଥିଲେ। ଏହି ସମୟରେ ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ୭ ବର୍ଷ ଦୁହେଁ ଏକାଠି ରହିବା ପରେ ଯୁବକ ଜଣଙ୍କ ବିବାହ ପାଇଁ ମନା କରି ଦେଇଥିଲେ। ଶେଷରେ ଯୁବତୀ ଜଣକ ଘରକୁ ଯାଇ ଫତେଗଡ଼ ଥାନାରେ ପ୍ରେମିକଙ୍କ ନାମରେ ଅଭିଯୋଗ କରିଥିଲେ। ଏପରିକି ତୁରନ୍ତ ଗିରଫ ନ କଲେ ସେ ଆତ୍ମହତ୍ୟା କରିବାକୁ ଧମକ ଦେଇଥିଲେ। ଏପରିକି ଯୁବତୀ ଜଣଙ୍କ ଥାନା ଆଗରେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଫତେଗଡ଼ ପୋଲିସ ତୁରନ୍ତ ଏକ ଜିରୋ ଏଫ୍ଆଇଆର କରି ମଞ୍ଚେଶ୍ୱର ଥାନାକୁ ମାମଲା ହସ୍ତାନ୍ତର କରିଥିଲେ। ମଞ୍ଚେଶ୍ୱର ପୋଲିସ ଯୁବତୀଙ୍କ ବୟାନ ରେକର୍ଡ କରିବା ସହ ଅଭିଯୁକ୍ତ ପ୍ରେମିକ ଶିବ ନାରାୟଣଙ୍କୁ ଗିରଫ କରିଛି।

# ଅଙ୍କିତା ହତ୍ୟାକାଣ୍ଡର ପୁନଃ ତଦନ୍ତ ଦାବିରେ ବିକ୍ଷୋଭ




ଏଆଇଏମ୍ଏସ୍ଏସ୍ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ।

ଭୁବନେଶ୍ୱର,୧୧।୧(ସୁଚିସ୍ମିତା ସାହୁ)

ଉତ୍ତରାଖଣ୍ଡର ଅଙ୍କିତା ଭଣ୍ଡାରୀ ହତ୍ୟାକାଣ୍ଡର ପୁନଃ ନିରପେକ୍ଷ ତଦନ୍ତ କରାଯାଉ। ଘଟଣାରେ ସମ୍ପୃକ୍ତ ଜଣେ ଭିଆଇପିଙ୍କ ସମେତ ଅନ୍ୟ ସମ୍ପୃକ୍ତ ଅପରାଧୀଙ୍କୁ କଠୋରରୁ କଠୋରତମ ଦଣ୍ଡ ଦାବିକରି ଅଲ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ(ଏଆଇଏମ୍ଏସ୍ଏସ୍) ରାଜରାସ୍ତାକୁ ଓହ୍ଲାଇଛି। ରବିବାର ମାଷ୍ଟରକ୍ୟାଣ୍ଟିନ ଛକଠାରେ ସଙ୍ଗଠନ ପକ୍ଷରୁ ଆୟୋଜିତ ବିକ୍ଷୋଭରେ ବହୁ ସଂଖ୍ୟକ ମହିଳା ସାମିଲ ହୋଇ ସ୍ୱର ଉଠାଇଥିଲେ। ୨୦୨୨ ମସିହାରେ ଉତ୍ତରାଖଣ୍ଡର ରିଷିକେଶସ୍ଥିତ ବନନ୍ତ୍ରା ରିସର୍ଟରେ ରିସେପ୍ସନିଷ୍ଟ ଭାବେ କାର୍ଯ୍ୟ କରୁଥିବା ଅଙ୍କିତାଙ୍କୁ ବଳାତ୍କାର ପରେ ଅତି ଜଘନ୍ୟ ଭାବେ ହତ୍ୟା କରାଯାଇଥିଲା। ଉକ୍ତ ରିସର୍ଟକୁ ଆସିଥିବା ଜଣେ ଭିଆଇପିଙ୍କ ସହ ସେ ଶାରୀରିକ ସମ୍ପର୍କ ରଖିବାକୁ ମନା କରିବାରୁ ଏହି ଘଟଣା ଘଟିଥିଲା। ସେତେବେଳେ ସାଧାରଣ ଜନତାଙ୍କ ଆନ୍ଦୋଳନ ଫଳରେ କେତେଜଣଙ୍କୁ ଗିରଫ କରାଯାଇ ଜେଲ ପଠାଇ ଦିଆଯାଇଥିଲା। ମାତ୍ର ଏହି ମାମଲାରେ ଜଣେ ଭିଆଇପିଙ୍କ ସମ୍ପୃକ୍ତି ରହସ୍ୟମୟ ହୋଇ ରହିଥିଲା। ୩ ବର୍ଷ ପରେ ଏବେ ସମ୍ପୃକ୍ତ ଭିଆଇପିଙ୍କ ପରିଚୟ ସାମ୍ନାକୁ ଆସିଲା ପରେ ପୁଣି ଆନ୍ଦୋଳନ ମୁଣ୍ଡ ଟେକିଛି। ଅଲ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନର ସର୍ବଭାରତୀୟ ସାଧାରଣ ସମ୍ପାଦିକା ଛବି ମହାନ୍ତି ମାମଲାର ପୁନଃ ତଦନ୍ତ ସହ ସମ୍ପୃକ୍ତ ଭିଆଇପିଙ୍କୁ ଗିରଫ କରାଯାଇ କଠୋର ଦଣ୍ଡ ଦେବାକୁ ଦାବି କରି ଆନ୍ଦୋଳନକୁ ଓହ୍ଲାଇଥିବାବେଳେ ସ୍ଥାନୀୟ ଅଞ୍ଚଳର ବହୁ ମହିଳା ଏଥିରେ ସାମିଲ ହୋଇଛନ୍ତି। ତେବେ ଭୁବନେଶ୍ୱର ଏଆଇଏମ୍ଏସ୍ଏସ୍‌ର ରାଜ୍ୟ ସଭାନେତ୍ରୀ ସ୍ୱୟଂପ୍ରଭା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ରାଜ୍ୟ ସମ୍ପାଦିକା ସରୋଜିନୀ ନାୟକଙ୍କ ସମେତ ରାଜ୍ୟ ନେତୃମଣ୍ଡଳୀ ଓ ସାଧାରଣ ମହିଳାମାନେ ସାମିଲ ହୋଇଥିଲେ।

## ମେଣ୍ଢାଶାଳ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାରଙ୍ଗ,୧୧।୧(ଲିଙ୍ଗରାଜ ରାଉତ)

ମେଣ୍ଢାଶାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ୩୭ତମ ବାର୍ଷିକ ଉତ୍ସବ ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବୀରେନ୍ଦ୍ର କୋରକେରା, ପୂର୍ବତନ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଜେନା, ସରପଞ୍ଚ କୌଶଲ୍ୟା ବଳିଆରସିଂ, ଆଲୁମ୍ନି କମିଟି ସଭାପତି ସନ୍ତୋଷ କୁମାର ରାୟ, ପୂର୍ବତନ ସରପଞ୍ଚ ଭାରତ ଚନ୍ଦ୍ର ରାଉତରାୟ, ପ୍ରଫୁଲ୍ଲ କୁମାର ପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରମାକାନ୍ତ ମହାପାତ୍ର, ସୁରେନ୍ଦ୍ର ସାମନ୍ତରାୟ, ଧୀରେନ ସିଂ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଭାସ୍କର ଚନ୍ଦ୍ର ସୁବୁଦ୍ଧି ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସଞ୍ଜୟ ରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ପ୍ରସନ୍ନ କୁମାର ମିଶ୍ର ସ୍ୱାଗତ ଭାଷଣ ଓ ସୁଶ୍ରୀ ସାଗରିକା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡ଼ା ଶିକ୍ଷକ ବିଶ୍ୱାମିତ୍ର ଷଡ଼ଙ୍ଗୀ ଓ ବ୍ରହ୍ମାନନ୍ଦ ମୁର୍ମୁ ଏହାକୁ ପରିଚାଳନା କରିଥିଲେ। ପିଲାମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଆମ ବସ୍ ଦୁର୍ଘଟଣାରେ ମୃତ ବିଷ୍ଣୁଚରଣଙ୍କ ପରିବାରକୁ ଭେଟିଲେ ଭାଜପା ପ୍ରତିନିଧି

ବାଲିଅନ୍ତା,୧୧।୧(ନୀଳମାଧବ ସାହୁ)

ଭୁବନେଶ୍ୱରରେ ଆମ ବସ୍ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ଭିଙ୍ଗାରପୁର ଗ୍ରାମର ବିଷ୍ଣୁଚରଣ ପାତ୍ରଙ୍କ ପରିବାରକୁ ରବିବାର ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ଭେଟିଛି। ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲିଙ୍କ ନେତୃତ୍ୱରେ ଭୁବନେଶ୍ୱର ସାଙ୍ଗଠନିକ ଜିଲା ଭାଜପା ସଭାପତି ନିରଞ୍ଜନ ମିଶ୍ର, ଝିଲି ସାମନ୍ତରାୟ, ସୌମ୍ୟରଞ୍ଜନ ଦାସ, ସଞ୍ଜୟ ତ୍ରିପାଠୀ, ପ୍ରସନ୍ନ କୁମାର ସାହୁଙ୍କ ସମେତ ବହୁ କର୍ମୀ ବିଷ୍ଣୁଚରଣଙ୍କ ଭିଙ୍ଗାରପୁରସ୍ଥିତ ବାସଭବନରେ ପହଞ୍ଚିଥିଲେ। ସେଠାରେ ତାଙ୍କ ପତ୍ନୀ ଓ ଝିଅପୁଅଙ୍କୁ ଭେଟି ସମବେଦନା ଜଣାଇବା ସହ ଆଗାମୀ ଦିନରେ ସହାୟତାର ହାତ ବଢ଼ାଇବା ପାଇଁ ଆଶ୍ୱାସନା ଦେଇଥିଲେ। ଏଥିସହ ତା'ଙ୍କ ପରିବାରକୁ ରାଶନ ସାମଗ୍ରୀ ପ୍ରଦାନ କରିଥିଲେ।

## ରୂପକ ଫାଉଣ୍ଡେଶନ ଟ୍ରଷ୍ଟର ନିଃଶୁଳ୍କ ଚକ୍ଷୁ ପରୀକ୍ଷଣ ଶିବିର




ଡାକ୍ତର ଜଣେ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

ଭୁବନେଶ୍ୱର,୧୧।୧(ସୁଚିସ୍ମିତା ସାହୁ)

ରୂପକ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଏକ ନିଃଶୁଳ୍କ ଚକ୍ଷୁ ପରୀକ୍ଷଣ ଶିବିର ରବିବାର ୟୁନିଟ୍-୮ସ୍ଥିତ ଇଲାଇଟ କ୍ଲବ ଇ-କଲୋନୀ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରୋଟାରୀର ପୂର୍ବତନ ଗଭର୍ଣ୍ଣର ଦେବାଶିଷ ମିଶ୍ର ଶିବିରକୁ ଉଦ୍‌ଘାଟନ କରିଥିଲେ। ଟ୍ରଷ୍ଟର ଚେୟାରମ୍ୟାନ ଅନିରୁଦ୍ଧ ପାଣି ଓ ସଦସ୍ୟମାନେ ଯୋଗଦେଇଥିଲେ। ଲୋକଙ୍କୁ ମାଗଣା ଚକ୍ଷୁ ଚିକିତ୍ସା ସହ ଡାକ୍ତରଙ୍କ ପରାମର୍ଶ ଅନୁସାରେ ମାଗଣା ଚଷମା ଯୋଗାଇ ଦିଆଥିଲା। ଆଗାମୀ ଦିନରେ ଟ୍ରଷ୍ଟ ସହରର ଜଳାଶୟ ସଫେଇ, ଚିକିତ୍ସାଳୟ ପରିସର ସଫେଇ, ଗୋମାତା ସେବା, ଚାରାରୋପଣ, ସମାଜସେବା, ସଙ୍ଗୀତ କାର୍ଯ୍ୟକ୍ରମ ଆଦି ଆୟୋଜନ କରିବାକୁ ଯୋଜନା କରିଛି। କାର୍ଯ୍ୟକ୍ରମରେ ଟ୍ରଷ୍ଟ ଉପାଧ୍ୟକ୍ଷ ରୂପକ ପାଣି, କୋଷାଧ୍ୟକ୍ଷ ସୁପ୍ରଭାତ ପାଣି, ମୁଖ୍ୟ ଉପଦେଷ୍ଟା ଡା. ସୁବାସ ଚନ୍ଦ୍ର ପାଣି, ସେଚ୍ଛାସେବୀ ରାଜକିଶୋର ଜେନା ଓ ବିଶ୍ୱଜିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବରିଷ୍ଠ ନାଗରିକ ସଂଘର ବାର୍ଷିକୋତ୍ସବ

ବାଲିପାଟଣା,୧୧।୧(ଅଭିମନ୍ୟୁ ନାୟକ)

ବରିଷ୍ଠ ନାଗରିକ ଜନକଲ୍ୟାଣ ସଂଘର ୧୦ମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଦୁର୍ଗା ମାଧବ କଲ୍ୟାଣମଣ୍ଡପରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସଭାପତି ସୁରେନ୍ଦ୍ର ନାଥ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାଲିପାଟଣା ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ପାଢ଼ୀ, ମୁଖ୍ୟବକ୍ତାଭାବେ ଯୋଗ ଶିକ୍ଷକ ପ୍ରଶାନ୍ତ କୁମାର ପ୍ରଧାନ, ସମ୍ମାନିତ ଅତିଥିଭାବେ ଏସ୍ଆଇ ପାୟଲ ପ୍ରଧାନ, ପ୍ରେସ କ୍ଲବ ସଭାପତି ଦିଲୀପ କୁମାର ଓଝା ଓ ରମାକାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏଥିସହ ବରିଷ୍ଠ ନାଗରିକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଦାବି ଉପସ୍ଥାପନା କରିବା ଆବଶ୍ୟକ। ସରକାରଙ୍କ ତରଫରୁ ମିଳୁଥିବା ବିଭିନ୍ନ ଯୋଜନାର ଲାଭ ମଧ ସେମାନେ ନେବା ଦରକାର ବୋଲି କହିଥିଲେ। ସମ୍ପାଦକ ଟହଲି ଭୋଇ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ପୂର୍ଣ୍ଣଚନ୍ଦ୍ର ଜେନା ଅତିଥି ପରିଚୟ ପ୍ରଦାନ ଓ ସାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟି ସଦସ୍ୟ ରବୀନ୍ଦ୍ର ନାଥ ସ୍ୱାଇଁ, ଅଶୋକ ସାହୁ, ଅଧାପକ ରାଧାକାନ୍ତ ମହାନ୍ତି, କୋଷାଧ୍ୟକ୍ଷ କ୍ଷେତ୍ରମୋହନ ଦୀକ୍ଷିତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଉପସ୍ଥିତ ସମସ୍ତ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ସରସ୍ୱତୀ ଶିକ୍ଷା ମନ୍ଦିରର ବାର୍ଷିକ କ୍ରୀଡ଼ା

## ୨୦ ଇଭେଣ୍ଟରେ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ପୁରସ୍କୃତ

ବାଲିଅନ୍ତା,୧୧।୧(ନୀଳମାଧବ ସାହୁ)

ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିରର ୨୧ତମ ବାର୍ଷିକ କ୍ରୀଡ଼ା ଉତ୍ସବର ପୁରସ୍କାର ବିତରଣ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଜୟଦେବ କଲେଜ ଖେଳପଡିଆରେ ୩ଦିନ ଧରି ଚାଲିଥିବା ଏହି କ୍ରୀଡ଼ା ପ୍ରତିଯୋଗିତାକୁ କର୍ପୋରେଟର ସୁକୁମାର ସାହୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପ୍ରତିଷ୍ଠାତା ସମ୍ପାଦକ ସୁରେନ୍ଦ୍ର କୁମାର ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୂର୍ବତନ ରଣଜୀ ଖେଳାଳି ଆଲୋକ ଚନ୍ଦ୍ର ସାହୁ ଓ ବିଶେଷ ଅତିଥିଭାବେ ଉତ୍କଳ ଶିକ୍ଷା ବିକାଶ ପରିଷଦ ଚେୟାରମ୍ୟାନ୍ ମଙ୍ଗୁଳି ଚରଣ ମହାନ୍ତି, ସମ୍ମାନିତ ଅତିଥିଭାବେ ପୂର୍ବତନ ଓସିଏ ଅମ୍ପାୟର ଓ କୋଚ୍ ଶରତ ଚନ୍ଦ୍ର



ସାହୁ ଓ ବିଦ୍ୟାଳୟ ବରିଷ୍ଠ ସଭ୍ୟ ଉମ୍ବରୁଧର ଜେନା ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟା ଜୟଶ୍ରୀ ମହାପାତ୍ର କ୍ରୀଡ଼ା ପ୍ରତିଯୋଗିତାର ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରତିଯୋଗିତାର ୪ଟି ବିଭାଗର ୨୦ଟି ଇଭେଣ୍ଟରେ କୃତିତ୍ୱ ଅର୍ଜନ କରିଥିବା ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ମେଡାଲ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଗୁରୁମା ଅନ୍ନପୂର୍ଣ୍ଣା ଜେନା ସ୍ୱାଗତ ଭାଷଣ ଓ ଗୁରୁମା' ମମତା ସାମଲ ଧନ୍ୟବାଦ ଦେଇଥିଲେ। ଗୁରୁଜୀ ବିଶ୍ୱଭୂଷଣ ବାରିକଙ୍କ ତତ୍ତ୍ୱାବଧାନରେ ଶିବପ୍ରସାଦ ସେନାପତି ଓ ଆଲୋକ ଚନ୍ଦ୍ର ବେହେରା ପରିଚାଳନା କରିଥିଲେ।

## ସାମ୍ବାଦିକା ଶିଳା ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୧୧।୧(ବନ୍ଦନା ସେଠୀ)

ଉତ୍କଳ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ (ଉସାକା) ଓ ଗିରିଜା ଫାଉଣ୍ଡେଶନ ପକ୍ଷରୁ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ରବିବାର ସାମ୍ବାଦିକା ଶିଳା ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଉସାକା ସଭାପତି ସରୋଜ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉସାକା କାର୍ଯ୍ୟକାରୀ ଅଧକ୍ଷ ପ୍ରକାଶ ତ୍ରିପାଠୀ, ଗିରିଜା ଫାଉଣ୍ଡେଶନ ମୁଖ୍ୟ ଅଧାପିକା ଅମୀୟବାଳା ପରିଡ଼ା, ସାଗର ଦାସ, ରୋଜା ଘୋଷ, ଦୀନବନ୍ଧୁ ପତି, ସ୍ୱୀକୃତି ମିଶ୍ର, ଆରାଧନା ସେନାପତ ପ୍ରମୁଖ ଯୋଗଦେଇ ଶିଳାଙ୍କ ସ୍ମୃତିଚାରଣ କରିଥିଲେ। ସୂଚନାଯୋଗ୍ୟ, ଶିଳା ସ୍କୁଟିରେ ଅନ୍ୟଜଣେ ଯୁବତୀଙ୍କ ସହ ପୁରୀ ଜିବାବେଳେ ବସ୍ ଚଢ଼ିଯିବାରୁ ଉଭୟଙ୍କର ମୃତ୍ୟୁ ଘଟିଥିଲା।

## ରାଜ୍ୟସ୍ତରୀୟ ମରିଚିଆ କପ୍: ପ୍ରତାପନଗରୀ ପ୍ରତାପ କ୍ଲବ୍ ଚାମ୍ପିୟନ

ବାରଙ୍ଗ,୧୧।୧(ଲିଙ୍ଗରାଜ ରାଉତ)

ରାଜ୍ୟସ୍ତରୀୟ ମରିଚିଆ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ମରିଚିଆ ୟୁଥ ସ୍ପୋର୍ଟସ କ୍ଲବ ଖେଳପଡ଼ିଆରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ପ୍ରତାପନଗରୀ ପ୍ରତାପ କ୍ଲବ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍ ପ୍ରତାପ କ୍ଲବ ପ୍ରତାପନଗରୀ ଏବଂ ଇନ୍‌ଭର୍ସସାଲ କ୍ଲବ କୁରାଙ୍ଗ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଯେଉଁ ଦଳର ଖେଳାଳି ପ୍ରଥମ ଗୋଲ ସ୍କୋର କରିବ, ତାଙ୍କୁ ୫ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ମ୍ୟାଚ୍‌ରେ ବାଜି ଲାଗିଥିଲା। ଏଥିରେ ପ୍ରଥମ ସ୍କୋର କୁରାଙ୍ଗ ଦଳର ସୋମନାଥ ନାୟକ ବାଜି ମାରି ନେଇଥିଲେ। ପ୍ରତାପନଗରୀ ୨-୧ ଗୋଲରେ କୁରାଙ୍ଗକୁ ପରାସ୍ତ କରି ଚଳିତବର୍ଷର ୩୦ତମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ମରିଚିଆ କପ୍ ୨୦୨୬ର ଚାମ୍ପିୟନ ମୁକୁଟ ପିନ୍ଧିଛି। ଟୁର୍ନାମେଣ୍ଟର ସର୍ବଶ୍ରେଷ୍ଠ ଖେଳାଳି ଭାବରେ ପ୍ରତାପନଗରୀର ପ୍ରକାଶ ନାୟକଙ୍କୁ ଅର୍ଥରାଶି ସହ ଟ୍ରଫି ପଦାନ କରାଯାଇଛି।

ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇ ଚାମ୍ପିୟନ ଦଳକୁ ନଗଦ ଅର୍ଥରାଶି ସହ ଟ୍ରଫି ପ୍ରଦାନ କରିଥିବା ବେଳେ ରନର୍ସ ଅଫ ଦଳକୁ ସମ୍ମାନିତ ଅତିଥି ଭାବେ କୃଷକନେତା ସଚିନ ମହାପାତ୍ର ନଗଦ ଅର୍ଥରାଶି ସହ ଟ୍ରଫି ପ୍ରଦାନ କରିଛନ୍ତି। ଅନ୍ୟତମ ଅତିଥି ଭାବରେ ଶିଳ୍ପପତି ଅଭୟ ମହାନ୍ତି, ପ୍ରତୀକ୍ଷା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଟୁର୍ନାମେଣ୍ଟର ପ୍ରତିଟି ମ୍ୟାଚ୍‌ର ଧାରା ବିବରଣୀ ରଙ୍କନିଧି ରାଉତ ପ୍ରଦାନ କରିଥିବା ବେଳେ ରେଫରି ମିକୁନ ମହାନ୍ତି,ଏସ୍ କେ ଆଲାମ, ଏମ୍‌ଡି ସାକଲୀନ ଓ ମହିଳା ରେଫରି ପିଙ୍କି ହଂସ ମ୍ୟାଚ୍ ପରିଚାଳନା କରିଥିବା ବେଳେ ମରିଚିଆର ୟୁଥ୍ ସ୍ପୋର୍ଟସ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।




ଟ୍ରଫି ସହ ଚାମ୍ପିୟନ ଟିମ୍।

# ଡ୍ରାଇଭର ରେଫରାଲ ପୋଷ୍ଟରକୁ ନେଇ ଚର୍ଚ୍ଚା

ଭୁବନେଶ୍ୱର, ୧୧।୧(ବନ୍ଦନା ସେଠୀ)

### ବିଶ୍ୱାସ ନ କରିବାକୁ କହିଲା କ୍ରୁଟ୍

ଜାତୀୟ ସ୍ତରରେ ପୁରସ୍କାର ପାଇଥିବା ଆମ ବସ୍ ସେବାକୁ ନେଇ ଏବେ ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଛି। ବାରମ୍ବାର ଦୁର୍ଘଟଣା ଘଟାଇ ଜୀବନ ନେଉଥିବାବେଳେ ଏବେ ନିଆଁ ଲାଗିବା ଘଟଣା ଏହି ବସ୍ ସେବା ପ୍ରତି ଭିନ୍ନ ଧାରଣା ସୃଷ୍ଟି କରିଛି। ଏଭଳି ସ୍ଥିତିରେ ଆମ ବସ୍ ସେବା ପରିଚାଳନା କରୁଥିବା କ୍ରୁଟ୍‌ର ଚନ୍ଦ୍ରଶେଖରପୁର ଡିପୋସ୍ଥିତ କାର୍ଯ୍ୟାଳୟ କାନ୍ଥରେ ଲାଗିଥିବା ଏକ ପୋଷ୍ଟରକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଡ୍ରାଇଭର ରେଫରାଲ୍ ପ୍ରୋଗ୍ରାମ' ନାମରେ ଏକ ବିଜ୍ଞାପନ ଦିଆଯାଇଛି। ସେଥିଲେ ଉଲ୍ଲେଖ ରହିଛି ଯେ, ଜଣେ ଡ୍ରାଇଭରଙ୍କୁ ରେଫର୍ କରନ୍ତୁ ଏବଂ ୩୦୦୦ହଜାର ଟଙ୍କା କମାନ୍ତୁ। ନୂଆ ଡ୍ରାଇଭର କାମରେ ଯୋଗଦେବା ମାତ୍ରେ ରେଫର କରିଥିବା ସମ୍ପୃକ୍ତ ବ୍ୟକ୍ତିଙ୍କୁ ୧୫୦୦ଟଙ୍କା ପ୍ରଦାନ କରାଯିବ। ସେହିପରି ନୂଆ ଡ୍ରାଇଭର ୨ମାସ କାର୍ଯ୍ୟକାଳ ପୂରଣ କରିବା ପରେ




କ୍ରୁଟ୍‌ର ଚନ୍ଦ୍ରଶେଖରପୁର ଡିପୋସ୍ଥିତ କାର୍ଯ୍ୟାଳୟ କାନ୍ଥରେ ଲାଗିଥିବା ପୋଷ୍ଟର।

ଆଉ ୧୫୦୦ ଟଙ୍କା ଦିଆଯିବ। ଏଥିସହ ଅଧିକ ସୂଚନା ପାଇଁ ଡିପୋ ସୁପରଭାଇଜର କିମ୍ବା ଡିପୋ ମ୍ୟାନେଜରଙ୍କୁ ଯୋଗାଯୋଗ କରିବା ଲାଗି ଦୁଇଟି ମୋବାଇଲ୍ ନମ୍ବର ଦିଆଯାଇଛି। ଏଥିରୁ କ୍ରୁଟ୍ ପକ୍ଷରୁ ଆମ ବସ୍‌ର ଡ୍ରାଇଭର ନିଯୁକ୍ତି ସମୟରେ କୌଣସି ପ୍ରକାରର ନିୟମ ପାଳନ କରାଯାଉ ନ ଥିବା ଅଭିଯୋଗ ହେଉଛି।

ଉକ୍ତ ବିଜ୍ଞାପନକୁ ନେଇ ଆଲୋଚନା ଜୋର୍‌ଧରିବା ପରେ କ୍ରୁଟ୍ ପକ୍ଷରୁ ସ୍ପଷ୍ଟୀକରଣ ରଖାଯାଇଛି। ରେଫରାଲରେ ଡ୍ରାଇଭର ନିଯୁକ୍ତି ନେଇ କୌଣସି କାର୍ଯ୍ୟକ୍ରମ ହେଉ ନ ଥିବା ଏବଂ ଏନେଇ କୌଣସି ବିଜ୍ଞାପନ ଲଗାଯାଇ ନ ଥିବା କ୍ରୁଟ୍ ପକ୍ଷରୁ କୁହାଯାଇଛି। କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ଏହି ବିଜ୍ଞାପନ ଲଗାଯାଇଛି। ଏହା ସମ୍ପୂର୍ଣ୍ଣ ଭିତ୍ତିହୀନ ଏବଂ ଏଥିରେ କ୍ରୁଟ୍‌ର କୌଣସି ସମ୍ପୃକ୍ତି ନାହିଁ। ଯେ କୌଣସି ବ୍ୟକ୍ତି ଏଭଳି କରିଥିବା ଜଣାପଡିଲେ ଆଇନ୍ ଅନୁଯାୟୀ କଠୋର ପଦକ୍ଷେପ ନିଆଯିବ। ସେହିପରି ବିଜ୍ଞାପନରେ ପ୍ରଦାନ କରାଯାଇଥିବା ମୋବାଇଲ୍ ନମ୍ବରଗୁଡିକ ସହିତ ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ ଦୃଢ ପଦକ୍ଷେପ ଗ୍ରହଣ ହେବ। କ୍ରୁଟ୍ ପକ୍ଷରୁ ବସ୍ ଚାଳକ ଚୟନ ନିମନ୍ତେ ଏକ ମାନକ ପ୍ରଣାଳୀ ପ୍ରଦାନ କରାଯାଇଛି। ଏଥିରେ କ୍ରୁଟ୍‌ର ଜଣେ ଅଧିକାରୀଙ୍କ ସହିତ ୫ଜଣ ସଦସ୍ୟ ଚୟନ ପ୍ରକ୍ରିୟାରେ ସାମିଲ ରହିଥାନ୍ତି। ଏଭଳି ମିଥ୍ୟା ବିଜ୍ଞାପନରୁ ନିବୃତ ରହିବାକୁ ସର୍ବସାଧାରଣଙ୍କୁ ଅନୁରୋଧ କରାଯାଇଛି।

## ସଂକ୍ଷେପରେ

### ମାଗଣା ଚକ୍ଷୁ ଚିକିତ୍ସା ଶିବିର

କଳାପଥର,୧୧।୧(ଗଙ୍ଗାଧର ସାହୁ)

ବୋଲଗଡ଼ ବ୍ଲକ ଧଳାପଥର ପଞ୍ଚାୟତ ଅଧୀନ ଧଳାପଥର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କଳାପଥର ମୋଟର କର୍ମଚାରୀ ସଂଘ ତରଫରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଓ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଶତାଧିକ ଲୋକ ଚକ୍ଷୁ ଓ ରକ୍ତ ପରୀକ୍ଷା କରିଥିବାବେଳେ ସେମାନଙ୍କ ମଧ୍ୟରୁ ୮ଜଣଙ୍କୁ ଆଖି ଅପରେଶନ ପାଇଁ ଭୁବନେଶ୍ୱର ପଠାଯାଇଛି। ଏହି ଶିବିର କିଓରବେ ଭୁବନେଶ୍ୱର ପକ୍ଷରୁ ଆୟୋଜିତ ହୋଇଥିଲା। ଡା. ପି ସୂର୍ଯ୍ୟକାନ୍ତ ଏବଂ ଡା. ଦୁର୍ଗାପ୍ରସାଦ ଦାସଙ୍କ ସହ ୫ଜଣ କର୍ମଚାରୀ କାର୍ଯ୍ୟ ପରିଚାଳନା କରିଥିଲେ। ମୋଟର କର୍ମଚାରୀ ସଂଘ ସଭାପତି ସୁରେନ୍ଦ୍ର କୁମାର ବିଶ୍ୱାଳ, କୃଷ୍ଣଚରଣ ମହାରଣା, ରାମଚନ୍ଦ୍ର ଚୌଧୁରୀ, ସୁକାନ୍ତ କୁମାର ଦଳେଇ, ନିରଞ୍ଜନ ମହାପାତ୍ର, ପ୍ରଦୀପ କୁମାର ଦାସ, କୁସୁନୀ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।

### ମକର ମହୋତ୍ସବ ପାଇଁ ସଜେଇ ହେଲାଣି ଅତ୍ରି

ବେଗୁନିଆ,୧୧।୧(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ବାଘମାରି ପଞ୍ଚାୟତ ଅନ୍ତର୍ଗତ ଅତ୍ରିସ୍ଥିତ ବାବା ହଟ୍ଟକେଶ୍ୱର ଦେବ ତଥା ଏକାଦଶ ରୁଦ୍ରଙ୍କ ପୀଠରେ ଆସନ୍ତା ୧୪ ତାରିଖରେ ମକର ମେଳା ସହ ଏସିଆ ମହାଦେଶର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଉଷ୍ଣ ପ୍ରସ୍ରବଣ ପରିସରରେ ମକର ମହୋତ୍ସବ ଅନୁଷ୍ଠିତ ହେବ। ଉଷ୍ଣପ୍ରସ୍ରବଣ ପରିସର ସମେତ ହଟ୍ଟକେଶ୍ୱରଙ୍କ ପୀଠକୁ ପରିଷ୍କାର ପରିଚ୍ଛନ୍ନ କରି ଦୋକାନ ବଜାର, ବିଭିନ୍ନ ପ୍ରକାର ଦୋଳି, ରଙ୍ଗ ବେରଙ୍ଗ ଆଲୋକମାଳା ସଜାଯିବା ସହ ଷ୍ଟଲ୍ ନିର୍ମାଣ ପାଇଁ ଜୋରଦାର କାର୍ଯ୍ୟ ଚାଲିଛି। ଗୁଆ ଖୋଜା ମାନସିକ କୁଣ୍ଡ ଓ ପାନ୍ଥ ନିବାସକୁ ରଙ୍ଗ ଦିଆଯାଉଛି। ପ୍ରଶାସନ ଓ ପୋଲିସ ପକ୍ଷରୁ ଆଇନଶୃଙ୍ଖଳା ରକ୍ଷା ସମେତ ଶ୍ରଦ୍ଧାଳୁଙ୍କ ନିମନ୍ତେ ଆବଶ୍ୟକ ବ୍ୟବସ୍ଥା କରାଯିବ। ମହୋତ୍ସବ କିଭଳି ଶୃଙ୍ଖଳିତ ଓ ସରସ ସୁନ୍ଦର ହେବ ସେଥିପାଇଁ ବିଧାୟକ ପ୍ରଦୀପ କୁମାର ସାହୁ ଉପସ୍ଥିତ ରହି କାର୍ଯ୍ୟ ତଦାରଖ କରୁଥିବା ଦେଖିବାକୁ ମିଳିଛି।

### ମେଣ୍ଢାଶାଳ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାରଙ୍ଗ,୧୧।୧(ଲିଙ୍ଗରାଜ ରାଉତ)

ମେଣ୍ଢାଶାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ୩୭ତମ ବାର୍ଷିକ ଉସବ ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବୀରେନ୍ଦ୍ର କୋରକେରା, ପୂର୍ବତନ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଜେନା, ସରପଞ୍ଚ କୌଶଲ୍ୟା ବଳିଆରସିଂ, ଆଲୁମ୍ନି କମିଟି ସଭାପତି ସନ୍ତୋଷ କୁମାର ରାୟ, ପୂର୍ବତନ ସରପଞ୍ଚ ଭାରତ ଚନ୍ଦ୍ର ରାଉତରାୟ, ପ୍ରଫୁଲ୍ଲ କୁମାର ପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରମାକାନ୍ତ ମହାପାତ୍ର, ସୁରେନ୍ଦ୍ର ସାମନ୍ତରାୟ, ଧୀରେନ ସିଂ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଭାସ୍କର ଚନ୍ଦ୍ର ସୁବୁଦ୍ଧି ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସଞ୍ଜୟ ରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ପ୍ରସନ୍ନ କୁମାର ମିଶ୍ର ସ୍ୱାଗତ ଭାଷଣ ଓ ସୁଶ୍ରୀ ସାଗରିକା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡ଼ା ଶିକ୍ଷକ ବିଶ୍ୱାମିତ୍ର ଷଡ଼ଙ୍ଗୀ ଓ ବ୍ରହ୍ମାନନ୍ଦ ମୁର୍ମୁ ଏହାକୁ ପରିଚାଳନା କରିଥିଲେ। ପିଲାମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# 'ଉଚ୍ଚ ସୋପାନ ଛୁଇଁବା ପାଇଁ ପ୍ରାଥମିକ ସ୍ତରରୁ ଉଦ୍ୟମ ଜରୁରୀ'

### ନାରଗୋଦା- ତମାଣ୍ଡୋ ଉପ୍ରା ବିଦ୍ୟାଳୟ ଶତବାର୍ଷିକୀ ଜୟନ୍ତୀ

ଯାଁଳା,୧୧।୧(ବୁଲା ବାରିକ)



ଶତବାର୍ଷିକୀ ଜୟନ୍ତୀ ଉତ୍ସବରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଜଣେ ବୟୋଜ୍ୟେଷ୍ଠ ମହିଳାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଭୁବନେଶ୍ୱର ବ୍ଲକ୍ ଅଧୀନ ନାରଗୋଦା-ତମାଣ୍ଡୋ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକୀ ଜୟନ୍ତୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ଓ ଆଲୁମନି ଟ୍ରଷ୍ଟ ଆନୁକୂଲ୍ୟରେ ଏହି ଜୟନ୍ତୀ ଉତ୍ସବ ଦୁଇ ଦିନ ଧରି ପାଳିତ ହୋଇଥିଲା। ଶନିବାର ଉଦ୍‌ଘାଟନ ଉତ୍ସବରେ ବାଚସ୍ପତି ସୁରମା ପାଢୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରବିବାର ବିଦ୍ୟାଳୟର ପୂର୍ବତନ ଛାତ୍ର କ୍ଷେତ୍ରବାସୀ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଖୋର୍ଦ୍ଧା ଜିଲା ଭାଜପା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା, ୨୩ ନମ୍ବର ୱାର୍ଡ କର୍ପୋରେଟର କିରଣବାଳା ମାଝୀ, ୪୯ ନମ୍ବର କର୍ପୋରେଟର ସଂଯୁକ୍ତା ସୁନ୍ଦରାୟ, ୬୫ ନମ୍ବର ୱାର୍ଡ କର୍ପୋରେଟର ରଶ୍ମିରଞ୍ଜନ ପାଟଶାଣୀ, ତମାଣ୍ଡୋ ସରପଞ୍ଚ ସନ୍ଧ୍ୟା ଜେନା, ମ୍ୟାନେଜିଂ ଟ୍ରଷ୍ଟି ସୁକାନ୍ତ କୁମାର ପଟ୍ଟନାୟକ ଓ ପ୍ରଧାନ ଶିକ୍ଷୟିତ୍ରୀ ଦେବସ୍ମିତା ବେହେରା ମଞ୍ଚାସୀନ ଥିଲେ। ଉଚ୍ଚରୁ ଉଚ୍ଚତର ସୋପାନକୁ ଛୁଇଁବାକୁ ହେଲେ ପ୍ରାଥମିକ ସ୍ତରରୁ ଛାତ୍ରୀଛାତ୍ରମାନେ ଉଦ୍ୟମ କରିବା ଉଚିତ। ଏଥିପାଇଁ ଶିକ୍ଷୟିତ୍ରୀଶିକ୍ଷକ ଏବଂ ଅଭିଭାବକମାନେ ଶିଶୁଙ୍କୁ ପ୍ରେରଣା ଦେଲେ ତାହା ସମ୍ଭବ ହୋଇପାରିବ। ପ୍ରାଥମିକ ବିଦ୍ୟାଳୟ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ, ଯେଉଁଠି ଶିଶୁ ପାଠପଢ଼ା ଆରମ୍ଭ କରିବା ସହ ଭବିଷ୍ୟତ ଗଢିବା ପାଇଁ ସ୍ୱପ୍ନ ଦେଖିବାର ଇଚ୍ଛାଶକ୍ତି ଜାଗ୍ରତ ହୋଇଥାଏ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ସଭାପତି ଜେନାଙ୍କ ଲିଖିତ ମହାଭାରତ ଓ ପୂର୍ବତନ ଛାତ୍ର ଲିଙ୍ଗରାଜ ମଲ୍ଲନଙ୍କ ଦ୍ୱାରା ଲିଖିତ ଶତାୟୁରେ ଶିଶୁଶ୍ରେଣୀ ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ବିଦ୍ୟାଳୟର ୨୫ ଜଣ ବୟୋଜ୍ୟେଷ୍ଠ ପୁରାତନ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ୨୭ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ୬୦ ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ପରିସରରେ ଏକ କର୍କଟ ରୋଗ ନିରୂପଣ ଓ ନିରାକରଣ ଶିବିର ଅନୁଷ୍ଠିତ ହୋଇଥିଲା। ଅଭିଜ୍ଞ ଆୟୁର୍ବେଦିକ ବିଶେଷଜ୍ଞମାନେ ଯୋଗଦେଇଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# କବାଟ ଭାଙ୍ଗି ସୁନା ଅଳଙ୍କାର ସହ ଟଙ୍କା ଲୁଟ୍

ନିରାକାରପୁର,୧୧।୧(ମାନସ ଚନ୍ଦ୍ର ପଟ୍ଟନାୟକ)



ନିରାକାରପୁର ଥାନା ଅନ୍ତର୍ଗତ ଲେଣ୍ଡୋ ପଞ୍ଚାୟତର ଆସେଲି ଗ୍ରାମରେ ଶନିବାର ରାତିରେ ପର୍ଶୁରାମ ହରିଚନ୍ଦନଙ୍କ ଘରେ ଦୁର୍ବୃତ୍ତମାନେ ପଶି ସୁନା ଅଳଙ୍କାର ସହ ନଗଦ ୨୦ହଜାର ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ଘର ମାଲିକ ହରିଚନ୍ଦନ ରବିବାର ନିରାକାରପୁର ଥାନାରେ ଅଭିଯୋଗ କରିଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି, ଶନିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ତାଙ୍କ ବାରିପଛପଟୁ ଘରେ ପଶି ଘର ତାଲା ଭାଙ୍ଗି ଏକ କାଠବାକ୍ସରେ ଥିବା ୧୦ ଗ୍ରାମ୍‌ର ଏକ ସୁନାଚେନ, ୧୨ଟି ସୁନାମୁଦି ସମେତ ନଗଦ ୨୦ ହଜାର ଟଙ୍କା ଲୁଟି ନେବା ସହ ବାକ୍ସଟିକୁ ବାରିଠାରୁ କିଛି ଦୂରରେ ଫୋପାଡ଼ି ଦେଇ ଫେରାର ହୋଇଯାଇଛନ୍ତି। ଅଭିଯୋଗକୁ ଭିତ୍ତିକରି ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟଙ୍କ ନିର୍ଦ୍ଦେଶକ୍ରମେ ଏଏସ୍‌ଆଇ ମିନତି ମଲ୍ଲିକ ଖୋର୍ଦ୍ଧା ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଛନ୍ତି। ତେବେ ଦୁର୍ବୃତ୍ତମାନଙ୍କ ସନ୍ଧାନ ମିଳିନାହିଁ। ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ସଂଗ୍ରହ କରି ପୋଲିସ ତଦନ୍ତ ଜାରି ରଖିଛି। ଏନେଇ ନିରାକାରପୁର ଥାନାରେ ଏକ ମାମଲା (ନଂ.୯/୨୬) ରୁଜୁ ହୋଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ତଦନ୍ତକାରୀ ଅଧିକାରିଣୀ ମଲ୍ଲିକ କହିଛନ୍ତି।

# ମା' ରାମଚଣ୍ଡୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ





ଟୁର୍ନାମେଣ୍ଟ ଉଦ୍‌ଘାଟନ ଅବସରରେ ଟ୍ରଫି ସହ ଅତିଥି ଏବଂ ଆୟୋଜକ।

କଳାପଥର/ବୋଲଗଡ଼, ୧୧।୧ (ଗଙ୍ଗାଧର ସାହୁ/ ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଧଳାପଥର ପଞ୍ଚାୟତ ଅଧୀନ କୋଦୁଅବେରେଣୀ ମା' ରାମଚଣ୍ଡୀ କ୍ରିକେଟ ଖେଳପଡ଼ିଆରେ ରବିବାର ଚତୁର୍ଦ୍ଦଶ ରାଜସ୍ତରୀୟ ମା' ରାମଚଣ୍ଡୀ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବେଗୁନିଆ-ବୋଲଗଡ଼ ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ ଖୋର୍ଦ୍ଧା ଭାଲିଆବାଡ଼ି ଏବଂ ଆଇଆର୍‌ସି ଭିଲେଜ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଭାଲିଆବାଡ଼ି ଟସ୍ ଜିତି ନିର୍ଦ୍ଧାରିତ ୨୦ ଓଭରରେ ୬ଉଇକେଟ ହରାଇ ୨୨୪ ରନ କରିଥିଲା। ଜବାବରେ ଆଇଆର୍‌ସି ଭିଲେଜ ଭୁବନେଶ୍ୱର ୧୮.୪ ଓଭରରେ ୬ ଉଇକେଟ ହରାଇ ଜିତିଥିଲା। ଅମ୍ପାୟର ଭାବେ ବିନୟ ପାଇକରାୟ ଓ ପାର୍ଥସାରଥୀ ରାୟଗୁରୁ ଖେଳକୁ ପରିଚାଳନା କରିଥିଲେ। ବିଜୟୀ ଦଳର ସତ୍ୟବ୍ରତ ସ୍ୱାଇଁ ୫୦ ରନର ଅପରାଜିତ ଇନିସ ପାଇଁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହେଇଥିଲେ। କାର୍ଯ୍ୟକ୍ରମକୁ କ୍ଲବ ସଭାପତି ବିଜୟାନନ୍ଦ ସାହୁ, ସୁଦର୍ଶନ ପ୍ରଦାନ, ପୂର୍ଣ୍ଣଚନ୍ଦ୍ର ମୁଦୁଲି, ଲକ୍ଷ୍ମୀଧର ପ୍ରଧାନ, ସଦାନନ୍ଦ ସାହୁ, ରାଜୁ ମହାରଣା, ସ୍ମୃତିରଞ୍ଜନ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

# ସ୍କୁଟିକୁ ଧକ୍କାଦେଲା କାର୍: ଜଣେ ମୃତ, ଚାଳକ ଗିରଫ

ବାଲିଅନ୍ତା,୧୧।୧(ନୀଳମାଧବ ସାହୁ)

ବାଲିଅନ୍ତା ଥାନା ଅଧୀନ ଭିଙ୍ଗାରପୁର ପଞ୍ଚାୟତର ସିଙ୍ଗଡ଼ାସାହି ନିକଟରେ ଶନିବାର ଏକ କାର୍ ଧକ୍କାରେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଥାନା ଅଧୀନ ମହୁଖଣ୍ଡା ଅଞ୍ଚଳର ଚିତ୍ତରଞ୍ଜନ ହାତୀ। ଏହି ଘଟଣାରେ ପୋଲିସ ଉଭୟ କାର୍ ଓ ସ୍କୁଟିକୁ ଜବତ କରି କାର୍‌ଚାଳକ ସ୍ମୃତି ରଞ୍ଜନ ପ୍ରଧାନ(୩୬)ଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୯/୨୬) ରୁଜୁ ହୋଇଛି।

ପ୍ରକାଶ ଯେ, ଶନିବାର ରାତି ପ୍ରାୟ ସାଢ଼େ ୧୧ଟାରେ ଚିତ୍ତରଞ୍ଜନ ଭୁବନେଶ୍ୱରରୁ ଛେନା ବେପାର ସାରି ସ୍କୁଟିରେ ଘରକୁ ଫେରୁଥିଲେ। ଏହି ସମୟରେ ଭୁବନେଶ୍ୱରରୁ ନିଆଳି ଅଭିମୁଖେ ଦ୍ରୁତଗତିରେ ଯାଉଥିବା ଏକ କାର୍ ଚିତ୍ତରଞ୍ଜନଙ୍କ ପଛପଟୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ କାର୍ ଚାଳକଙ୍କୁ ଅଟକ ରଖି ପୋଲିସ ଜିମା ଦେଇଥିଲେ।

# ପର୍ଯ୍ୟଟନସ୍ଥଳୀରେ ପ୍ଲାଷ୍ଟିକମୁକ୍ତ ପରିବେଶ ପାଇଁ ସଚେତନତା



ବାଘମାରି,୧୧।୧(ମିହିର ରଞ୍ଜନ ମହାପାତ୍ର)

ବେଗୁନିଆ ବ୍ଲକ୍ ପଙ୍ଗାରସିଂହ କ୍ଲଷ୍ଟରର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହାୟତାରେ ରବିବାର ପର୍ଯ୍ୟଟନସ୍ଥଳୀ ଅଂଶୁପା ହ୍ରଦ ନିକଟରେ ପ୍ଲାଷ୍ଟିକମୁକ୍ତ ପରିବେଶ ପାଇଁ ସେଠାକୁ ଆସୁଥିବା ପର୍ଯ୍ୟଟକ ଓ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ସଚେତନତା କରାଯାଇଛି। ଏ ନେଇ ଶିକ୍ଷକ କିଶୋର ପ୍ରଧାନଙ୍କ ଆବାହକତ୍ୱରେ ପ୍ରୟାସ ଆରମ୍ଭ ହୋଇଛି। ଏଥିରେ ପୂର୍ବତନ ସିଆର୍‌ସିସି ବିଶ୍ୱରଞ୍ଜନ ବେହେରା, ପ୍ରଧାନ ଶିକ୍ଷକ ରଞ୍ଜନ ନାୟକ, ବିଶ୍ୱଜିତ ପଟ୍ଟନାୟକ, ଗଙ୍ଗାଧର ବେହେରା, ସାଗରିକା ମାଝୀ, ଭାରତୀ ରାଉତ, ଅନାମ ପରିଡ଼ା, ଧ୍ରୁବ ସେଠୀ, ଗୋବିନ୍ଦ ଦେଉରୀ, ଅଖିଳେଶ ମହାପାତ୍ର, ବିପିନ ବିହାରୀ, ପ୍ରଭାକର ମହାପାତ୍ର, ଉଦ୍ଧବ ବାରିକ, ସୁମିତ୍ରା ଦେଉରୀ, ଅବକାଶ ସେଠୀ ପ୍ରମୁଖ ଯୋଗଦେଇ ପର୍ଯ୍ୟଟନ ସ୍ଥଳୀଗୁଡ଼ିକରେ ପ୍ଲାଷ୍ଟିକ ବ୍ୟବହାର ସେଠାରେ ଥିବା ଜୀବଜନ୍ତୁ ଓ ପରିବେଶ ଉପରେ କିଭଳି ଖରାପ ପ୍ରଭାବ ପକାଇଥାଏ, ସେ ବିଷୟରେ ଲୋକଙ୍କୁ ସଚେତନ କରିଥିଲେ। ଆଗକୁ କିଭଳି ପ୍ଲାଷ୍ଟିକ ସାମଗ୍ରୀର ବିକଳ୍ପ ବ୍ୟବହାର କରି ଏହି ଅଞ୍ଚଳକୁ ଓ ପରିବେଶକୁ ପ୍ରଦୂଷଣମୁକ୍ତ କରିପାରିବା ସେ ବିଷୟରେ ବୁଝାଇଥିଲେ। ପ୍ରତ୍ୟେକ ଛୁଟି ଦିବସରେ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀରେ ଏହିଭଳି କାର୍ଯ୍ୟକ୍ରମ କରାଯିବ ବୋଲି ଶିକ୍ଷୟିତ୍ରୀ ଗାୟତ୍ରୀ ବେହେରା କହିଛନ୍ତି।

# ଠାକୁରପଡ଼ାକୁ ହରାଇ ସିମୋର ବିଜୟୀ

### ସିମୋର କ୍ରିକେଟ ଟୁର୍ନାମେଣ୍ଟ

ବାଘମାରି, ୧୧।୧(ମିହିର ରଞ୍ଜନ ମହାପାତ୍ର)





ବେଗୁନିଆ ବ୍ଲକ୍ ସିମୋର ପଞ୍ଚାୟତ ଗ୍ରାମ ଖେଳପଡ଼ିଆରେ ରବିବାର ମା' ଗମେହିଁ କ୍ରିକେଟ୍ କ୍ଲବ୍ ପଞ୍ଚମ ବାର୍ଷିକ କ୍ରିକେଟ୍ ଟୁର୍ନାମେଣ୍ଟର ଚତୁର୍ଥ ଲିଗ୍ ମ୍ୟାଚ୍ ଠାକୁରପଡା କ୍ରିକେଟ୍ କ୍ଲବ ଏବଂ ସିମୋର କ୍ରିକେଟ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଠାକୁରପଡ଼ା ଟସ୍ ଜିଣି ବ୍ୟାଟିଂ କରି ୧୯.୩ ଓଭର୍‌ରେ ସମସ୍ତ ଉଇକେଟ୍ ହରାଇ ୧୧୪ ରନ୍ ସଂଗ୍ରହ କରିଥିଲା। ଜବାବରେ ସିମୋର୍ କ୍ରିକେଟ କ୍ଲବ ୧୯.୪ ଓଭରରେ ୧୧୯ ରନ କରି ବିଜୟୀ ହୋଇଥିଲା। ବିଜୟୀ ଟିମ୍‌ର ଜାନୁ ୮ ରନ୍ ଦେଇ ୪ ଉଇକେଟ ଓ ୨୨ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଜିଲା ପରିଷଦ ସଭ୍ୟ ଅନାଦି ସାହୁ ଅତିଥି ଭାବେ ଯୋଗଦେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ନରେଶ ଜେନା ଏବଂ ତରୁଣ ପ୍ରହରାଜ ମ୍ୟାଚ୍ ପରିଚାଳନା କରିଥିଲେ। ବିଶ୍ୱଜିତ ଓ ଦେବାଶିଷ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ବିଜୟ ମହାପାତ୍ର ଏବଂ ପ୍ରକାଶ ମାର୍ଥା ଧାରା ବିବରଣୀ ଦେଇଥିଲେ। ସୋମବାର ଚକାପଦା ଏବଂ ବାଙ୍କୀ ମଧ୍ୟରେ ଚତୁର୍ଥ ଲିଗ୍ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ କ୍ଲବ୍ ସଭାପତି ମୃତ୍ୟୁଞ୍ଜୟ ଜେନା କହିଛନ୍ତି।

# ସିକୋ ଫୁଟ୍‌ବଲ ଟୁର୍ନାମେଣ୍ଟ: ପାଇକତିଗିରିଆ ଏ.ଜେ. କ୍ଲବ ବିଜୟୀ

ବେଗୁନିଆ,୧୧।୧(ସନ୍ଧ୍ୟାରାଣୀ ମିଶ୍ର)





ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋସ୍ଥିତ ଚନ୍ଦ୍ରଶେଖର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ରାଇଜିଂ ସ୍ପୋର୍ଟିଂ ୟୁଥ୍ ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟର ତୃତୀୟ ଦିନରେ ରବିବାର କଳିଙ୍ଗ ସ୍ପୋର୍ଟିଂ ଭୁବନେଶ୍ୱର ଏବଂ ଏ.ଜେ. କ୍ଲବ, ପାଇକତିଗିରିଆ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏ.ଜେ. କ୍ଲବ, ପାଇକତିଗିରିଆ ୨-୧ ଗୋଲରେ ବିଜୟ ଲାଭ କରିଥିଲା। ଏ.ଜେ. କ୍ଲବର ଜଳଧର ନାୟକଙ୍କୁ ରାଇଜିଂ ସ୍ପୋର୍ଟିଂ ୟୁଥ୍ ଫୁଟବଲ ଆସୋସିଏଶନ ପକ୍ଷରୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇ କପ୍ ପ୍ରଦାନ କରାଯାଇଥିଲା। ଚିତ୍ତରଞ୍ଜନ ପରିଡ଼ା, ଏମ୍.ଏସ୍. ବେଗ୍, ବୈକୁଣ୍ଠ ମହାପାତ୍ର ଏବଂ ବଳଭଦ୍ର ପାଟଶାଣୀ ଖେଳ ପରିଚାଳନା କରିଥିଲେ। ଶଗଡ଼ଭଙ୍ଗା ସରପଞ୍ଚଙ୍କ ପ୍ରତିନିଧି ଦୁର୍ଗାଚରଣ ସ୍ୱାଇଁ ମୁଖ୍ୟ ଅତିଥି, ମନୋଜ କୁମାର ରଣସିଂହ, ଲିଙ୍ଗରାଜ ପରମଗୁରୁ, ରବିନାରାୟଣ ଚମ୍ପତି ଏବଂ ପୂର୍ବତନ ୱାର୍ଡସଭ୍ୟ ସାଧୁଚରଣ ଚମ୍ପତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସାମାଜିକ କର୍ମୀ ସଞ୍ଜୟ କୁମାର ବାହୁବଳେନ୍ଦ୍ର ମଞ୍ଚ ପରିଚାଳନା କରିଥିଲେ।

# କିମ୍ସ ପକ୍ଷରୁ ୫ ହଜାରରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

### ନାଚୁଣୀରେ ସ୍ୱାସ୍ଥ୍ୟସେବା ଶିବିର

ବାଲୁଗାଁ,୧୧।୧(ସଂଗ୍ରାମ ପାଇକରାୟ)



କାର୍ଯ୍ୟକ୍ରମରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଏମ୍‌ପି ସମ୍ବିତ୍ ପାତ୍ର, କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏବଂ ଅନ୍ୟ ଅତିଥି।

ଭୁବନେଶ୍ୱରସ୍ଥିତ କିମ୍ସ ହସ୍ପିଟାଲ ପକ୍ଷରୁ ଚିଲିକା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନାଚୁଣୀ ମହାବିଦ୍ୟାଳୟ ପରିସରରେ ରବିବାର ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରକୁ ରାଜ୍ୟ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ପୁରୀ ଏମ୍‌ପି ଡ. ସମ୍ବିତ୍ ପାତ୍ର, କିମ୍ସ, କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, କିମ୍ସ ଉପଦେଷ୍ଟା ପ୍ରଫେସର ଶଶାଙ୍କ ଶେଖର ଚୂଡ଼ାମଣି, ନାଚୁଣୀ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁନୀଲ ପଟ୍ଟନାୟକ, ଚିଲିକାର ପୂର୍ବତନ ବିଧାୟକ ଡ. ବିଭୂତି ଭୂଷଣ ହରିଚନ୍ଦନ, ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋସ୍ନାରାଣୀ ବେହେରା, ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ ଏବଂ ଭାଜପା ଜିଲା ସାଧାରଣ ସମ୍ପାଦକ ଦୁଷ୍ମନ୍ତ ହରିଚନ୍ଦନ ଉପସ୍ଥିତ ଥିଲେ। କିମ୍ସର ଏପରି ଏକ ଜନହିତକର କାର୍ଯ୍ୟକ୍ରମକୁ ମନ୍ତ୍ରୀ ହରିଚନ୍ଦନ ଏବଂ ଏମ୍‌ପି ପାତ୍ର ପ୍ରଶଂସା କରିଥିଲେ। ଶିବିର ସକାଳ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲିଥିଲା। କିମ୍ସ ହସ୍ପିଟାଲର ୨୫ଟି ବିଭାଗର ୭୫ରୁ ଊର୍ଦ୍ଧ୍ୱ ବିଶେଷଜ୍ଞ ଡାକ୍ତରଙ୍କ ସହିତ ପ୍ରାୟ ୧୫୦ ଜଣ କର୍ମଚାରୀ ଉପସ୍ଥିତ ରହି ବିଭିନ୍ନ ରୋଗରେ ପୀଡ଼ିତ ଥିବା ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକ ପରାମର୍ଶ ଦେବା ସହ ନିଃଶୁଳ୍କ ଔଷଧ ବଣ୍ଟନ କରିଥିଲେ। ପଞ୍ଜୀକୃତ ସମସ୍ତ ରୋଗୀଙ୍କୁ ଏକ ମାସ ପର୍ଯ୍ୟନ୍ତ ମାଗଣାରେ ଔଷଧ ଦିଆଯିବ ବୋଲି କୁହାଯାଇଛି। ଶିବିରରେ ଆଖପାଖ ଅଞ୍ଚଳର ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ରୋଗୀଙ୍କ ଚିକିତ୍ସା କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ନାଚୁଣୀ ମହାବିଦ୍ୟାଳୟ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଛାତ୍ରୀଛାତ୍ରମାନେ ସହଯୋଗ କରିଥିଲେ।

# ଗ୍ରାମଡିହ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

### ପ୍ରଥମ ଦିନରେ ୪ ଦଳ ବିଜୟୀ

ଜଟଣୀ,୧୧।୧(ରବୀନ୍ଦ୍ରନାଥ ମହାକୁଡ଼)



ଅତିଥି ତଥା ବିଜେଡି ନେତା ମନ୍ମଥ ରାଉତରାୟ ଏବଂ ଆୟୋଜକଙ୍କ ସହ ଖେଳାଳିମାନେ।

ଜଟଣୀ ବ୍ଲକ ଅନ୍ତର୍ଗତ ଗଙ୍ଗପଡ଼ା ପଞ୍ଚାୟତ ଗ୍ରାମଡିହରେ ରବିବାର ଗ୍ରାମଡିହ କପ୍ ଫୁଟବଲ ଟୁର୍ନାମେଣ୍ଟ-୨୦୨୬ ଉଦ୍‌ଘାଟିତ ହୋଇଯାଇଛି। ଉତ୍କଳ କେଶରୀ କ୍ଲବ ସଭାପତି ରମାକାନ୍ତ ନାୟକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ରୂପେ ବିଜେଡି ନେତା ମନ୍ମଥ ରାଉତରାୟ ଯୋଗଦେଇଥିଲେ। ପ୍ରଥମ ଦିନରେ ୮ଟି ଦଳ ଖେଳିଥିଲା ବେଳେ କୁମାରବସ୍ତ, ଜାମୁଝରୀ, ଦଲୁଆ ଏବଂ ପୋଡ଼ପଡା ବିଜୟୀ ହୋଇଛନ୍ତି। ଗିରିଙ୍ଗାପୁଟ ଓ କୁମାରବସ୍ତ ମଧ୍ୟରେ ପ୍ରଥମ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ୦-୧ ଗୋଲରେ କୁମାରବସ୍ତ ଜିତିଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ପଳାଶପୁର ଓ ଜାମୁଝରି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସେଥିରେ ୦-୧ ଗୋଲରେ ଜାମୁଝରି ଜିତିଥିଲା। ବାଘୁଆ ଓ ଦଲୁଆ ମଧ୍ୟରେ ତୃତୀୟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ୦-୧ ଗୋଲରେ ଦଲୁଆ ଜିତିଥିଲା। ସେହିପରି ଚତୁର୍ଥ ମ୍ୟାଚ ପୋଡପଡ଼ା ଓ ତଳକ୍ଷେତା ମଧ୍ୟରେ ଅନୁଷ୍ଠିତ ହୋଇଥିଲାବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଶେଷରେ ଟ୍ରାଇବେକର ଜରିଆରେ ପୋଡ଼ପଡା ଦଳ ବିଜୟୀ ହୋଇଥିଲା। ଏହି ପ୍ରତିଯୋଗିତାରେ ୱାର୍ଡମେମ୍ବର ରମେଶ ଦେହୁରୀ, ଦୀପକ ପ୍ରଧାନଙ୍କ ସହ ଅନୁଷ୍ଠାନର ବହୁ ସଦସ୍ୟ ଉପସ୍ଥିତ ଥିଲେ। ପ୍ରତିଯୋଗିତାକୁ ମୁଖ୍ୟ ରେଫରି ସୁବାସ ସିଂ ପରିଚାଳନା କରିଥିଲାବେଳେ ଶଶିକାନ୍ତ ପ୍ରଧାନ ଏବଂ କାହ୍ନୁ ପ୍ରଧାନ ଲାଇନ ମ୍ୟାନ ଭାବେ ଦାୟିତ୍ୱ ତୁଲାଇଥିଲେ।

**ଶ୍ରୀକ୍ଷେତ୍ର ପୁସ୍ତକମେଳାରେ ଭକ୍ତିସଙ୍ଗୀତ କାର୍ଯ୍ୟକ୍ରମ**

ପୁରୀ,(ଅଜିତ୍ କୁମାର ମହାନ୍ତି)-ଗୁଣ୍ଡିଚା ମନ୍ଦିର ସନ୍ନିକଟ ଭୋଳାନାଥ ବିଦ୍ୟାପୀଠ ପରିସରରେ ଚାଲିଥିବା ୩୦ତମ ଶ୍ରୀକ୍ଷେତ୍ର ପୁସ୍ତକ ମେଳାର ପଞ୍ଚମ ସନ୍ଧ୍ୟାରେ ଗୁରୁବାର ଶ୍ରୀକ୍ଷେତ୍ରର 'ଦୟାନିଧି ସଙ୍ଗୀତ ସୁଧା' ଅନୁଷ୍ଠାନ ପକ୍ଷରୁ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଭକ୍ତିସଙ୍ଗୀତ ପରିବେଷଣ କରାଯାଇଥିଲା। ଗୁରୁ ପ୍ରକାଶ କୁମାର ରଥଙ୍କ ସଂଯୋଜନାରେ କଲ୍ୟାଣମୟୀ ନାୟକ, ବନ୍ଦନା ଦାଶ, ପ୍ରୀତମ ବରାଡ଼, ଆଦ୍ୟାଶା ଗଜେନ୍ଦ୍ର, ଅସିତ୍ କୁମାର ସାହୁ, ଲକ୍ଷ୍ମୀପ୍ରିୟା ସମର୍ଥା ଏବଂ ଦିବ୍ୟଜ୍ୟୋତି ଦାଶ ପ୍ରମୁଖ କଣ୍ଠଶିଳ୍ପୀମାନେ ଭକ୍ତିସଙ୍ଗୀତ ପରିବେଷଣ କରିଥିଲେ। ଗୁରୁ ଶାରଦା ପ୍ରସନ୍ନ ମିଶ୍ର, ମନୋଜ କୁମାର ଶତପଥୀ ଏବଂ ପ୍ରଶାନ୍ତ ରାଉତ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ପୁସ୍ତକ ମେଳାରେ ସାହିତ୍ୟ ଏବଂ ସଙ୍ଗୀତର ଅପୂର୍ବ ସମନ୍ୱୟ ସମସ୍ତଙ୍କୁ ଆମୋଦିତ କରିଥିଲା।

**ସଂକ୍ଷେପରେ**

## ପ୍ରଧାନଶିକ୍ଷକ ଅବସର ସମ୍ବର୍ଦ୍ଧନା ଉତ୍ସବ

ପୁରୀ,୧୧।୧(ଅଜିତ୍ କୁମାର ମହାନ୍ତି)

ଭୋଳାନାଥ ବିଦ୍ୟାପୀଠ ସଭାଗୃହରେ ସିନିୟର ଏସ୍ଇଏସ୍ ପ୍ରଧାନଶିକ୍ଷକ ସଂଘ ଦ୍ୱାରା ଏକ ଅବସର ସମ୍ବର୍ଦ୍ଧନା ଉତ୍ସବରେ ସଭାପତି ସୁବାସ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ପ୍ରଥମେ ସମ୍ପାଦକ ଶିବପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ସହିତ ସଂଘର ଆଭିମୁଖ୍ୟ ପ୍ରତିପାଦନ କରିଥିଲେ। ବିଭିନ୍ନ ବ୍ଲକର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀମାନେ ଆଲୋଚନାରେ ଭାଗନେଇ ଏହି ସଂଘକୁ କିପରି ରାଜ୍ୟସ୍ତରୀୟ କରାଯିବ, ସେଥିପାଇଁ ସମସ୍ତ ପ୍ରଚେଷ୍ଟା ଜାରି ରଖିବାକୁ ସଂକଳ୍ପ କରିଥିଲେ। ନିମାପଡ଼ା ବ୍ଲକ ଅନ୍ତର୍ଗତ ଜେ.ବି.ଆର୍. ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଯୋଗମାୟା ସେନ୍, ସଦର ବ୍ଲକ ଅନ୍ତର୍ଗତ ଭୋଳାନାଥ ବିଦ୍ୟାପୀଠର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ମାନ୍ଧାତା ଓ ମହନ୍ତ ଗଦାଧର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିମ୍ବାଧର ନାୟକଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ଜେନା ଧନ୍ୟବାଦ ଦେଇଥିଲେ।

## ଗୋବିନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ପିପିଲି,୧୧।୧(ଦୁର୍ଗାମାଧବ ମିଶ୍ର)

ଗୋବିନ୍ଦପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ମଧୁଛନ୍ଦା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଖବରଦାତା ପୂର୍ଣ୍ଣଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ଏବିଇଓ ଡ. ଶରତ କୁମାର ଚଉଁରୀ, ଗୋବିନ୍ଦପୁର ହାଇସ୍କୁଲର ପ୍ରଧାନଶିକ୍ଷକ ସତ୍ୟବ୍ରତ ଜେନା, ସମିତି ସଭ୍ୟା କବିତା ଖଟେଇ, ସିଆର୍ସିସି ସୁନୀତା ନାୟକ, ୱାର୍ଡମେମ୍ବର ସସ୍ମିତା ନାୟକ, ସାମାଜିକ କର୍ମୀ ତ୍ରିଲୋଚନ ନାୟକ, ସୋମନାଥ ନାୟକ, ବିଦ୍ୟାଳୟ କମିଟି ଚେୟାରପର୍ସନ ବିଚିତ୍ରାନନ୍ଦ ନାୟକ, ଶିକ୍ଷୟିତ୍ରୀ ନିର୍ମଳା ନାୟକ, ଶିକ୍ଷୟିତ୍ରୀ ଅଞ୍ଜଳି ମହାନ୍ତି, ପ୍ରଧାନ ଶିକ୍ଷକ ସନ୍ତୋଷ ନାୟକ ଯୋଗଦେଇ ପିଲାଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶରେ ସହଶୈକ୍ଷିକ କାର୍ଯ୍ୟକ୍ରମ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଶିକ୍ଷକ ପ୍ରଦୀପ୍ତ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ ସହ ବାର୍ଷିକ ବିବରଣୀ ପାଠ ଓ ଶିକ୍ଷକ ସଞ୍ଜୀବ ରଥ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟର ନୂତନ ଶିଶୁ ଉଦ୍ୟାନକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଶିକ୍ଷକ ଉମେଶ ଚନ୍ଦ୍ର ନାୟକ, ଚିନ୍ତାମଣି ଓଝା, ବେବିରାଣୀ ବେହେରା, ସୁନାମଣି ଦେଇ, ପ୍ରଜ୍ଞା ପାରମିତା ରଥ, ପିଙ୍କି ମିଶ୍ର, ମୋନାଲିସା ରାଉତ, ବାସନ୍ତୀ ତ୍ରିପାଠୀ, ମିନତୀ ଦାସ, ସସ୍ମିତା ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିକାଶ ଖୋଜୁଛି ମା' ବିରଞ୍ଚି ନାରାୟଣୀ ପୀଠ

**ପର୍ଯ୍ୟଟନ ପାଇଁ ସୁଯୋଗ ଅଛି, ଆନ୍ତରିକତା ନାହିଁ**

କାକଟପୁର/ଅସ୍ତରଙ୍ଗ,୧୧।୧ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)



ମା' ବିରଞ୍ଚି ନାରାୟଣୀଙ୍କ ମନ୍ଦିର ।

ବିଶ୍ୱାସରେ ଜଗତ ବନ୍ଧା। ଚତୁର୍ପାର୍ଶ୍ୱ ଜଙ୍ଗଲ ଘେରା, ଉଇହୁଙ୍କା ମଧ୍ୟରେ କେଉଁ ଆବହମାନ କାଳରୁ ଆବିର୍ଭାବ ମା' ବିରଞ୍ଚି ନାରାୟଣୀ। ଅସ୍ତରଙ୍ଗ ବଜାରଠାରୁ ମାତ୍ର ୧ କି.ମି. ଗଲେ ବାଲିଆପଟା ନିକଟରେ ପଡ଼େ ମା' ବିରଞ୍ଚି ନାରାୟଣୀଙ୍କ ମନ୍ଦିର। ଛୋଟିଆ ମନ୍ଦିରରେ ଠାକୁରାଣୀ ପୂଜା ପାଉଥିଲେ ମଧ୍ୟ ଏହା ସାରା ଓଡ଼ିଶାରେ ପ୍ରସିଦ୍ଧି ଲାଭ କରିଛନ୍ତି। ଛୋଟ ପିଲାଙ୍କ ଶରୀରରେ ଚର୍ମ ଜାତୀୟ ରୋଗ ଅଥବା ବିଇଞ୍ଚି ରୋଗ ହେଲେ ଅନେକ ଲୋକ ବଡ଼ ମେଡିକାଲ ଯାଇ ଭଲ ହେଉ ନ ଥିବାବେଳେ ବିଶ୍ୱାସରେ ଧାଇଁ ଆସନ୍ତି ମା' ବିରଞ୍ଚି ନାରାୟଣୀଙ୍କ ନିକଟକୁ। ଯେକୌଣସି ଚର୍ମ ରୋଗ ସହ ଛୋଟପିଲାଙ୍କ ବିଇଞ୍ଚି ରୋଗ ପାଇଁ ଭକ୍ତମାନେ ଗୁରୁବାର ମା'ଙ୍କ ନିକଟରେ ପହଞ୍ଚି ମା'ଙ୍କ ସ୍ନାନ ମାର୍ଜନାର ଚୁଆ ହଳଦୀରେ ଚର୍ମ ରୋଗୀ ଅଥବା ବିଇଞ୍ଚି ହୋଇଥିବା ରୋଗୀ ସ୍ନାନ କଲେ ଭଲ ହୋଇଥାଏ। ମାନସିକ ରୂପକ ମା'ଙ୍କ ମନ୍ଦିର ସାମ୍ନାରେ ଏକ ଗଛରେ ମନସ୍କାମନା ପୂର୍ଣ୍ଣ ପରେ ବାଉଁଶରେ ନିର୍ମିତ ଛୋଟ କୁଲା ଓ ଭୋଗେଇ ବାନ୍ଧିଥାନ୍ତି। ସ୍ଥାନୀୟ ଲୋକେ କହିବା ମୁତାବକ, ଉଇହୁଙ୍କାରୁ ଆବିର୍ଭାବ ହୋଇଥିବା ମା'ଙ୍କ ନିକଟରେ ବିଇଞ୍ଚି ଭଳି ମାରାତ୍ମକ ରୋଗ ଭଲ ହେଉଥିବାରୁ ମା' ବିରଞ୍ଚି ନାରାୟଣୀ ଭାବେ ପରିଚିତ। ପ୍ରତ୍ୟେକ ଗୁରୁବାର ରାଜ୍ୟର କୋଣଅନୁକୋଣରୁ ଭକ୍ତଙ୍କ ସୁଅ ଛୁଟୁଛି। ଠାକୁରାଣୀ କେବେ ଓ କିପରି ଆବିର୍ଭାବ ହୋଇଥିଲେ କୌଣସି ତଥ୍ୟ ନ ଥିବାବେଳେ ମା' ବିରଞ୍ଚି ନାରାୟଣୀଙ୍କ ମହିମା ନେଇ ଭକ୍ତଙ୍କର ରହିଛି ଅଗାଢ଼ ବିଶ୍ୱାସ। ପ୍ରସିଦ୍ଧ ପୀଠକୁ ପର୍ଯ୍ୟଟନ ଋତୁରେ ଶତାଧିକ ଲୋକଙ୍କ ସୁଅ ଛୁଟୁଛି। ପ୍ରକୃତି କୋଳରେ ଏହି ଅନାଲୋଚିତ ପର୍ଯ୍ୟଟନ କ୍ଷେତ୍ର ବିକାଶ ଖୋଜୁଛି। ପରିବେଶ ପର୍ଯ୍ୟଟନ ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ରହିଥିଲେ ହେଁ କେବଳ ଆନ୍ତରିକତା ଅଭାବ ଯୋଗୁ ଏହି ପୀଠ ଆଜି ବି ଅବହେଳିତ ଅବସ୍ଥାରେ ରହିଥିବା ଅଭିଯୋଗ ହୋଇଛି। ବର୍ଷସାରା ଏହି ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମେ। ବିଶେଷକରି ଶୀତ ଦିନରେ ବିଭିନ୍ନ ଲୋକଙ୍କ ଭୋଜି ଅନୁଷ୍ଠିତ ହୁଏ। ମୁଖ୍ୟତଃ ଯାତାୟାତ ପାଇଁ ସୁଗମ ରାସ୍ତା ମରାମତି ଆବଶ୍ୟକତା ରହିଛି। ଏହାବ୍ୟତୀତ ରୋଷଘର ମରାମତି ଆବଶ୍ୟକତା ରହିଥିବା ବେଳେ ଏହି ପୀଠରେ ଶୌଚାଳୟ ବ୍ୟବସ୍ଥା ନ ଥିବାରୁ ଭକ୍ତ ଓ ଶ୍ରଦ୍ଧାଳୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରାକୃତିକ ପରିବେଶରେ ଭରପୂର ଏହି ପୀଠର ଉନ୍ନତୀକରଣ ଆବଶ୍ୟକ ଥିବାବେଳେ ଏହାକୁ ଇକୋ ଟ୍ୟୁରିଜମ୍ ମାନ୍ୟତା ପ୍ରଦାନ କରାଯିବାକୁ ବିଭିନ୍ନ ମହଲରେ ଦାବି ହେଉଛି।

# ନିଶାଠୁ ଦୂରେଇ ରହିଲେ ଦୁର୍ଘଟଣା ହ୍ରାସ ହେବ

**ସୁରକ୍ଷା ପାଇଁ ଶିକ୍ଷା, ସଚେତନତା ଜରୁରୀ**

କାକଟପୁର/ଅସ୍ତରଙ୍ଗ,୧୧।୧ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ରାସ୍ତା ଦୁର୍ଘଟଣା ରୋକିବା ନେଇ ଜନସାଧାରଣଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପୁରୀ ଜିଲା କାକଟପୁର ପୋଲିସ ଥାନା ତରଫରୁ ଜାତୀୟ ସଡ଼କ ସୁରକ୍ଷା ମାସ ୨୦୨୬ ପାଳିତ ହୋଇଯାଇଛି। ଏହି ଅବସରରେ 'ସଚେତନତାରୁସୁରକ୍ଷା' ପ୍ରଯୁକ୍ତିରୁପରିବର୍ତ୍ତନ ବାର୍ତ୍ତାକୁ ଆଗେଇ ନେଇ ଜନସାଧାରଣ ଯାନଚାଳନା ସମୟରେ ହେଲ୍‌ମେଟ ଓ ସିଟବେଲ୍ଟ ବ୍ୟବହାର, ମଦ୍ୟପାନ କରି ଗାଡ଼ିଚାଳନା ନ କରିବା, ଗତିସୀମା ମାନିବା ଓ ଟ୍ରାଫିକ ନିୟମ ଅନୁସରଣ କରିବାକୁ ଆହ୍ୱାନ କରାଯାଇଥିଲା। ଅତିଥି ଭାବେ କାକଟପୁର ଥାନାଧିକାରୀ ବସନ୍ତ କୁମାର ସାହୁ କହିଥିଲେ, ସମସ୍ତେ ଯାତାୟାତ ନିୟମ ମାନିବା, ହେଲ୍‌ମେଟ ଓ ସିଟ୍‌ବେଲ୍ଟ ବ୍ୟବହାର କରିବା, ମଦ୍ୟପାନ କରି ଯାନଚାଳନା ନ କରିବା ଓ ସୁରକ୍ଷିତ ଗତି ସୀମା ରକ୍ଷା କରିବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଶିକ୍ଷାବିତ୍ ପ୍ରତାପ ରାଉତ କହିଥିଲେ, ଦେଶରେ ପ୍ରତିଦିନ ପ୍ରାୟ ଶତାଧିକ ସଡ଼କ ଦୁର୍ଘଟଣା ଘଟୁଥିବାର ଗଭୀର ଚିନ୍ତାର ବିଷୟ। ଏହାକୁ ରୋକିବା ପାଇଁ ଶିକ୍ଷା, ସଡ଼କଯନ୍ତ୍ରୀକରଣ ଓ କାନୁନ ପ୍ରୟୋଗ ୩ଟି ଉପାଦାନକୁ ସମନ୍ୱୟ ଭାବେ କାର୍ଯ୍ୟାନ୍ୱୟନ କରିବା ଅତ୍ୟାବଶ୍ୟକ। ଏହି ଅବସରରେ ପିଏମ୍ ଶ୍ରୀ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ମଙ୍ଗଳା ମହାବିଦ୍ୟାଳୟ ଛାତ୍ରୀଛାତ୍ର, ପରିବହନ ବିଭାଗର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ସଡ଼କ ସୁରକ୍ଷା ସଚେତନତା ଅନୁଷ୍ଠିତ ହୋଇଥିଲା।

# ଭାର୍ଗବୀ ସାହିତ୍ୟ ସଂସଦର କବିତା ଆସର




କବିତା ଆସରରେ ଜଣକୁ ସମ୍ବର୍ଦ୍ଧିତ କରାଯାଉଛି ।

ବଳଙ୍ଗା,୧୧।୧(କେଦାରେଶ୍ୱର ନନ୍ଦ)

ଭାର୍ଗବୀ ସାହିତ୍ୟ ସଂସଦର କବିତା ଆସର ଓ ସମ୍ବର୍ଦ୍ଧନା ସଭା ବଳଙ୍ଗା ନିଗମ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି କୃପାସିନ୍ଧୁ ଦତ୍ତଙ୍କ ଅଧ୍ୟକ୍ଷତାରେ ସଭାରେ ସଂସଦର ସମ୍ପାଦକ ଶିଶୁ କବି ସୁରେନ୍ଦ୍ର ନାଥ ପଣ୍ଡା, ଗଙ୍ଗାଧର ପ୍ରଧାନ, ସରୋଜ କୁମାର ଦେଓ, ଲକ୍ଷ୍ମୀଧର ପୃଷ୍ଟି, ତପନ କୁମାର ନନ୍ଦ, ସନ୍ତୋଷ କୁମାର ପାତ୍ର, ଗୀତା ସାହୁ, ସ୍ୱର୍ଣ୍ଣଲତା ପଣ୍ଡା, ଉଷାରାଣୀ ଓଝା, ଦୁର୍ଯ୍ୟୋଧନ ସ୍ୱାଇଁ ପ୍ରମୁଖ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ବଳଙ୍ଗା ଧରିତ୍ରୀ ଖବରଦାତା କେଦାରେଶ୍ୱର ନନ୍ଦ, ଖବରଦାତା ମାନସ ଦାଶ, ସନ୍ତୋଷ ବରାଳ, ପ୍ରେମାନନ୍ଦ ମହାରଣା, ସୁରେଶ ଚନ୍ଦ୍ର ମହାନ୍ତି ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ହେମନ୍ତ କୁମାର ଦେଓ ଧନ୍ୟବାଦ ଦେଇଥିଲେ।

# ଭୁଶୁଡ଼ି ପଡ଼ିବ ନୋଡାଲ୍ ସ୍କୁଲ ଗୃହ

- ଛାତ୍ରୀଛାତ୍ରଙ୍କ ସୁରକ୍ଷା ପାଇଁ ତାଲା
- ୫ ଶ୍ରେଣୀ ଚାଲିଛି ଦୁଇଟି ଗୃହରେ

ଗୋପ,୧୧।୧(ଭାରତୀ ଭୂଷଣ ଉପାଧ୍ୟାୟ)



ବ୍ରିଟିଶ ଅମଳର ନିଗମାନନ୍ଦ ସ୍ମାର୍ଟ ସ୍କୁଲ ଏବେ ଅବହେଳିତ ଅବସ୍ଥାରେ। ୭ଶହରୁ ଅଧିକ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ଏହି ସ୍କୁଲରେ ଶ୍ରେଣୀଗୃହ ଅଭାବ ଥିବାବେଳେ ଏବେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଚାଲୁଥିବା ଗୃହ ଅସୁରକ୍ଷିତ ଥିବାରୁ ପ୍ରଧାନଶିକ୍ଷୟିତ୍ରୀ ବିଜୟିନୀ ଶତପଥୀ ଏହି ଗୃହରେ ତାଲା ପକାଇ ଦେଇଛନ୍ତି। ସ୍କୁଲ ପରିସରରେ ଥିବା ୨ଟି ଶ୍ରେଣୀଗୃହରେ ୫ଟି ଶ୍ରେଣୀ ଚାଲିଛି।

ପ୍ରକାଶ ଯେ, ୧୯୪୪ ମସିହାରେ ନିଗମାନନ୍ଦ ସ୍ମାର୍ଟ ସ୍କୁଲ ପ୍ରତିଷ୍ଠା ହୋଇଥିଲା। ଅତି ପୁରାତନ ହୋଇଥିବା ଏହି ସ୍କୁଲରେ ଆବଶ୍ୟକତା ଶ୍ରେଣୀଗୃହ ସହିତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଆବଶ୍ୟକତା ଅନୁଯାୟୀ ୪ର୍ଥ ଶ୍ରେଣୀ କର୍ମଚାରୀ ନାହାନ୍ତି। ସରକାର ଗୁଣାତ୍ମକ ଶିକ୍ଷାକୁ ଅଧିକ ମାତ୍ରାରେ ଗୁରୁତ୍ୱ ଦେଇ ବିଭିନ୍ନ ଯୋଜନା କରୁଥିବା ବେଳେ ଏହି ସ୍କୁଲର ଏପରି ଅବସ୍ଥା ସମସ୍ତଙ୍କୁ ଚକିତ କରିଛି। ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ନିଗମାନନ୍ଦ ସ୍ମାର୍ଟ ସ୍କୁଲକୁ କିଛି ବର୍ଷ ପୂର୍ବରୁ ନୋଡାଲ ସ୍କୁଲ ମାନ୍ୟତା ମିଳିଥିବା ବେଳେ ଆବଶ୍ୟକ ଅନୁସାରେ ଭିତ୍ତିଭୂମି ନାହିଁ। କିଛିବର୍ଷ ପୂର୍ବରୁ ଲକ୍ଷାଧିକ ଟଙ୍କା ବିନିମୟରେ ନିର୍ମିତ ୫ଟି କୋଠରୀରେ ପ୍ରଥମରୁ ପଞ୍ଚମ ଶ୍ରେଣୀର ଛାତ୍ରୀଛାତ୍ର ପଢୁଥିଲେ। ହେଲେ ନିମ୍ନମାନର କାର୍ଯ୍ୟ ଯୋଗୁ ଗୃହଗୁଡ଼ିକ କେତେକାଂଶରେ ଭାଙ୍ଗିରୁଜି ଯିବାରୁ ପ୍ରଧାନଶିକ୍ଷୟିତ୍ରୀ ଏପରି ପଦକ୍ଷେପ ନେଇଥିବା କହିଛନ୍ତି।

ଏ ସମ୍ପର୍କରେ ମଧ୍ୟ ଶିକ୍ଷା ବିଭାଗର ଉପରିସ୍ଥ ଅଧିକାରୀଙ୍କୁ ଅଭିଯୋଗ କରିଛନ୍ତି। ଏପରିକି ଏହି ସ୍କୁଲରେ ୪ର୍ଥ ଶ୍ରେଣୀ କର୍ମଚାରୀ ନ ଥିବାରୁ ଶିକ୍ଷୟିତ୍ରୀମାନେ ଘର ଓଳାଇବା ଭଳି ଦେଖିବାକୁ ମିଳୁଛି। ଏପରି ଅଭିଯୋଗ ସମ୍ପର୍କରେ ପ୍ରଧାନଶିକ୍ଷୟିତ୍ରୀ ଶତପଥୀଙ୍କୁ ପଚାରିବାରେ ମୋର ଯୋଗଦାନ ପରେ ସମସ୍ତ କାର୍ଯ୍ୟ ଉପରେ ନଜର ଦେଇଛି। କିନ୍ତୁ କୁନିକୁନି ପିଲାମାନେ ପଢୁଥିବା ଗୃହଗୁଡ଼ିକ ଭଲ ନ ଥିବାରୁ ଏପରି ପଦକ୍ଷେପ ନେଇଥିବା କହିଛନ୍ତି। ଏ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି କରାଯାଇଛି।

# ସ୍ୱାଭିମାନୀ, ସ୍ୱାବଲମ୍ବୀ କରିବାର ମୂଳଦୁଆ ଶିକ୍ଷା

ଡେଲାଙ୍ଗ,୧୧।୧(ରଶ୍ମିରଞ୍ଜନ ପ୍ରଧାନ):

ପ୍ରତ୍ୟେକ ବିଦ୍ୟାର୍ଥୀ ମନଦେଇ ଅଧ୍ୟୟନ କରିବାର ଆବଶ୍ୟକତା ରହିଛି। ଶିକ୍ଷକମାନେ ଉତ୍ତମ ଶିକ୍ଷାଦାନ ପାଇଁ ବିଭିନ୍ନ ମାର୍ଗ ଆପଣେଇବା ଦରକାର। ଶିକ୍ଷା ହିଁ ବିଦ୍ୟାର୍ଥୀଙ୍କୁ ସ୍ୱାଭିମାନୀ ଓ ସ୍ୱାବଲମ୍ବୀ କରବିର ମୂଳଦୁଆ ହୋଇଥାଏ ବୋଲି ଡେଲାଙ୍ଗ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ସୂଚନା କମିଶନର ଜଗଦାନନ୍ଦ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ କାମିନିପ୍ରଭା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପ୍ରଥମ ମହିଳା ସ୍ଥପତି ଗୀତା ପଟ୍ଟନାୟକ, ବ୍ଲକ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା, ସହଶିକ୍ଷାଧିକାରୀ ଲକ୍ଷ୍ମଣ ପ୍ରଧାନ, ସଂଯୁକ୍ତା ମିଶ୍ର, ସାମାଜିକ କର୍ମୀ ସନ୍ଧ୍ୟାବତୀ ପ୍ରଧାନ, ଋତୁପର୍ଣ୍ଣା ମହାନ୍ତି, ସ୍ଥାନୀୟ ସରପଞ୍ଚ ଦୀପକ କୁମାର ସାହୁ, ଶିକ୍ଷାବିତ୍ ସତ୍ୟବାଦୀ ଦାଶ, ପରିଚାଳନା କମିଟି ଅଧ୍ୟକ୍ଷ ବିନୋଦିନୀ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ନାୟକ ଓ ଶିକ୍ଷାବିତ୍ ସନ୍ତୋଷ କୁମାର ମହାନ୍ତି ସଭା ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ ମୀନା ମଙ୍ଗରାଜ, ଝରଣା ଦାଶ, ବିଜୟଲକ୍ଷ୍ମୀ ଛାଟୋଇ, ସେମନ ଶବର, ଲିନାରାଣୀ ସ୍ୱାଇଁ, ସଂଯୁକ୍ତା ପ୍ରଧାନ, ଶିକ୍ଷକ ସୁବାସ ବେହେରା, ନିରଞ୍ଜନ ଦାଶ ପ୍ରମୁଖ ସହଯୋଗ କରିଥିଲେ। ଛାତ୍ରୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ନୟାହାଟ-ଶିଖରଘାଟ ରାସ୍ତା ନିର୍ମାଣ ବିଳମ୍ବ

**ଜନ ଆନ୍ଦୋଳନ ଦାନା ବାନ୍ଧୁଛି**

ଯୋଗେଶ୍ୱରପୁର,୧୧।୧(ରଶ୍ମିରଞ୍ଜନ ସାହୁ)

ନୟାହାଟରୁ ଶିଖରଘାଟ ୩କି.ମି. ପର୍ଯ୍ୟନ୍ତ ରାସ୍ତାରୁ ମେଟାଲ ଉଠି ବଡ଼ ବଡ଼ ଖାଲ ହୋଇଛି। ଏହି ରାସ୍ତା ନିର୍ମାଣ ବିଳମ୍ବ ହେଉଥିବାରୁ ଲୋକେ ଯାତାୟାତ ଲାଗି ହଇରାଣ ହେଉଛନ୍ତି। ଫଳରେ ଜନ ଆନ୍ଦୋଳନ ଦାନା ବାନ୍ଧୁଛି। ପ୍ରତିଦିନ ବିଭିନ୍ନ ଗାଡ଼ି ମୋଟର ଯାତାୟାତ ଫଳରେ ବାଲି ଧୂଳି ଉଡ଼ି ପରିବେଶକୁ ପ୍ରଦୂଷଣ କରୁଛି। ଏହି ରାସ୍ତା ଦେଇ ତିନୋଟି ପଞ୍ଚାୟତ ଧୁମାଳ, ବିନିଶିପୁର, ନିଭରଣର ଲୋକେ ନୟାହାଟ ବଜାରକୁ ଯାତାୟାତ କରନ୍ତି। ଉକ୍ତ ରାସ୍ତା ନଷ୍ଟ ହୋଇଯାଇଥିବାରୁ ନୂତନ ରାସ୍ତା ନିର୍ମାଣ ପାଇଁ ଧୁମାଳ ସରପଞ୍ଚ ମୋନାଲିସା ସିଂହ, ସମିତି ସଭ୍ୟା ଭାନୁମତି ମାଣିକ, ବ୍ୟବସାୟୀ ସଂଘ ସଭାପତି ଫକୀର ବାରିକ, ସାମାଜିକ କର୍ମୀ ଅଭିମନ୍ୟୁ ସିଂହ, ଅଶୋକ ସାହୁ, ସହଦେବ ମାଣିକ, ଦିଲୀପ ରାୟ ପ୍ରମୁଖ ଦାବି କରିଛନ୍ତି। ତୁରନ୍ତ ରାସ୍ତା ନିର୍ମାଣ ନହେଲେ ଆନ୍ଦୋଳନ କରାଯିବ ବୋଲି ସେମାନେ କହିଛନ୍ତି।

# ଅଦିନିଆ ରଥଯାତ୍ରା ବନ୍ଦ କରିବାକୁ ଚିଠି ଲେଖିଲା ଉତ୍କଳ ବିଦ୍ୱତ୍ ପରିଷଦ

ପୁରୀ,୧୧।୧(ଅଜିତ୍ କୁମାର ମହାନ୍ତି)

ଶାସ୍ତ୍ର ଏବଂ ପରମ୍ପରାର ଉଲ୍ଲଂଘନ କରି ଋଷିକେଶି ମଧୁବନ ଆଶ୍ରମ ଦ୍ୱାରା ପରିଚାଳିତ ଶ୍ରୀଜଗନ୍ନାଥ ମନ୍ଦିରରେ ଅଦିନିଆ ରଥଯାତ୍ରା ବନ୍ଦ କରିବାକୁ ଦାବି କରି ଉତ୍କଳ ବିଦ୍ୱତ ପରିଷଦ ପକ୍ଷରୁ ରାଧାଗୋବିନ୍ଦ ମନ୍ଦିରର ଅଧ୍ୟକ୍ଷ ସ୍ୱାମୀ ପରମାନନ୍ଦ ମହାରାଜଙ୍କୁ ଚିଠି ଲେଖାଯାଇଛି। ପରିଷଦର ସଭାପତି ମନୋଜ କୁମାର ରଥ ଚିଠିରେ ଉଲ୍ଲେଖ କରିଛନ୍ତି, ଆଶ୍ରମ ହରିଦ୍ୱାରରେ ଶ୍ରୀଜଗନ୍ନାଥ ରଥଯାତ୍ରା ଆୟୋଜନ କରିଛି। ୧୫ ତାରିଖରେ ଡେରାଡୁନରେ ଆଉ ଏକ ଶ୍ରୀଜଗନ୍ନାଥ ରଥଯାତ୍ରା ଆୟୋଜନ କରିବାକୁ ପ୍ରସ୍ତାବ ଦେଇଛି। ଏହା ପ୍ରକୃତରେ ଏକ ଗମ୍ଭୀର ଚିନ୍ତାର ବିଷୟ। ପବିତ୍ର ଶାସ୍ତ୍ର ଏବଂ ପ୍ରାଚୀନ ସୁପ୍ରତିଷ୍ଠିତ ପରମ୍ପରା ଅନୁସାରେ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରା ପ୍ରତିବର୍ଷ ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟ ତିଥିରେ ଆରମ୍ଭ ହେଉଥିବା ନବଦିନାତ୍ମକ-ଯାତ୍ରା। ଉକ୍ତ ଦିନ ବ୍ୟତୀତ ଅନ୍ୟଦିନରେ ଶ୍ରୀଜଗନ୍ନାଥ ରଥଯାତ୍ରା କରିବା ଶାସ୍ତ୍ର ଏବଂ ପରମ୍ପରାର ବିରୋଧ। ଏପରି ଅଦିନିଆ ରଥଯାତ୍ରା ବିଶ୍ୱର ଅଗଣିତ ଭକ୍ତଙ୍କ ଧାର୍ମିକ ଭାବନାକୁ ଆଘାତ କରୁଛି। ଗଜପତି ମହାରାଜା ଏବଂ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ, ଓଡ଼ିଶାର ଇସ୍କନ ସଂଗଠନକୁ ଭାରତର ବିଭିନ୍ନ ସ୍ଥାନରେ ଅଦିନରେ ଶ୍ରୀଜଗନ୍ନାଥ ରଥଯାତ୍ରା ଆୟୋଜନ ବନ୍ଦ କରିବାକୁ ରାଜି କରାଇପାରିଛନ୍ତି। ବିଶ୍ୱବ୍ୟାପୀ ଏହି ପ୍ରଥାକୁ ବନ୍ଦ କରିବା ପାଇଁ ପ୍ରୟାସ ଚାଲିଛି। ଆଶା କରୁଛୁ ଯେ, ରାଧାଗୋବିନ୍ଦ ମନ୍ଦିର ଡେରାଡୁନ୍‌ରେ ଅଦିନରେ ରଥଯାତ୍ରା କରିବାରୁ ନିବୃତ୍ତ ରହିବ। ଆମର ପବିତ୍ର ଶାସ୍ତ୍ର ଏବଂ ପ୍ରାଚୀନ ସୁପ୍ରତିଷ୍ଠିତ ପରମ୍ପରାର ପାଳନ କରିବ ଏବଂ କେବଳ ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟ ତିଥିରେ ଶ୍ରୀଜଗନ୍ନାଥ ରଥଯାତ୍ରା କରିବେ ବୋଲି ରଥ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି।

# ବୈଷ୍ଣବୀୟ ଚେତନା ହିଁ ଶ୍ରୀଜଗନ୍ନାଥ ସଂସ୍କୃତିକୁ ବିଶ୍ୱବ୍ୟାପୀ କରିଥିଲା

ପୁରୀ,୧୧।୧(ଅଜିତ୍ କୁମାର ମହାନ୍ତି)

ଆଧ୍ୟାତ୍ମିକ ଅନୁଷ୍ଠାନ ଶ୍ରୀରାଧାରମଣ ଫାଉଣ୍ଡେସନର ୩୬ତମ ପ୍ରତିଷ୍ଠା ଦିବସ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସଦାଶିବ ପରିସରରେ ଶନିବାର ପାଳିତ ହୋଇଛି। ଏହି ଅବସରରେ 'ବୈଷ୍ଣବୀୟ ଚେତନାରେ ଶ୍ରୀଜଗନ୍ନାଥ' ଶୀର୍ଷକ ଏକ ଜାତୀୟ ସମ୍ମାନ ଅନୁଷ୍ଠିତ ହୋଇଥିଲା। ବୈଷ୍ଣବ ଚେତନା ଏକ ବ୍ୟାପକ ଚେତନା, ଯାହା ଶ୍ରୀଜଗନ୍ନାଥ ସଂସ୍କୃତିକୁ ବିଶ୍ୱବ୍ୟାପୀ କରିଥିଲା। ବୈଷ୍ଣବ ଚେତନାରେ ଉଦ୍‌ବୁଦ୍ଧ ହୋଇ ଏ କ୍ଷେତ୍ରକୁ ନାନକ, କବିର, ମୀରାବାଈ, ଜଗଦ୍‌ଗୁରୁ ରାମାନୁଜାଚାର୍ଯ୍ୟ, ନିମ୍ବାର୍କ ଓ ଶ୍ରୀଚୈତନ୍ୟ ମହାପ୍ରଭୁ ଆସି ଶ୍ରୀଜଗନ୍ନାଥ ସଂସ୍କୃତିକୁ ପରିପୁଷ୍ଟ କରିଥିଲେ। ବର୍ତ୍ତମାନ ସମୟରେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ଶ୍ରୀଜଗନ୍ନାଥ ସଂସ୍କୃତିହେଉଛିଅନ୍ୟଏକମାର୍ଗବୋଲିପ୍ରମୁଖ ବକ୍ତା ମତ ରଖିଥିଲେ। ଫାଉଣ୍ଡେଶନର ପ୍ରତିଷ୍ଠାତା ସମ୍ପାଦକ ଗୁରୁଚରଣ ଦାସଙ୍କ ସଂଯୋଜନାରେ ଆୟୋଜିତ ସମ୍ମାନରେ ଅନୁଷ୍ଠାନର ସଭାପତି ଡାକ୍ତର ଜଗନ୍ନାଥ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ।

ଉତ୍ସବକୁ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ମନ୍ତ୍ରଣାଳୟ ଅତିରିକ୍ତ ଶାସନ ସଚିବ ବିଶ୍ୱରଞ୍ଜନ ସାସମଲ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଭାରତର ପୂର୍ବତନ ରାଷ୍ଟ୍ରଦୂତ ଡ. ମଳୟ ମିଶ୍ର, ଶ୍ରୀମନ୍ଦିର ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର, ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଭାତ କୁମାର ମହାପାତ୍ର, ଶିବାନନ୍ଦ ଆଶ୍ରମର ସ୍ୱାମୀ ଗୁରୁପ୍ରସାଦାନନ୍ଦ ସରସ୍ୱତୀ, କୈଳାଶ ଆଶ୍ରମ ଋଷିକେଶର ସ୍ୱାମୀ ଶିବାନନ୍ଦ ଗିରି, ସ୍ୱାମୀ ବ୍ରହ୍ମନିଷ୍ଠାନନ୍ଦ ଜୀ ମହାରାଜ ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ନିଜ ନିଜର ମତ ରଖିଥିଲେ। ପ୍ରଥମ ଅଧିବେଶନରେ ଇଞ୍ଜିନିୟର ଦିଲୀପ କୁମାର ପଟ୍ଟନାୟକ, ବନଫୁଲ ନିର୍ଦ୍ଦେଶକ ବ୍ରହ୍ମପୁତ୍ର ନାୟକ, ବିଜୟଲକ୍ଷ୍ମୀ ଦାଶ, ଶ୍ରୀନିବାସ ଆଚାର୍ଯ୍ୟ ମଞ୍ଚାସୀନ ଥିବାବେଳେ ୧୦ଜଣ ଗବେଷକ ନିଜ ନିଜର ପ୍ରବନ୍ଧ ପାଠ କରିଥିଲେ। ଚଳିତବର୍ଷ ଶ୍ରୀରାଧା ରମଣ ସ୍ମୃତି ସମ୍ମାନ କଟକର ଡ. ନୀହାରିକା ଦାସଙ୍କୁ ପ୍ରଦାନ କରାଯାଇଥିବାବେଳେ ଅନ୍ନପୂର୍ଣ୍ଣା ମିଶ୍ର ସ୍ମୃତି ସମ୍ମାନ ବିଜୟଲକ୍ଷ୍ମୀ ଦାଶ, ପରମେଶ୍ୱରୀ ସ୍ମୃତି ସମ୍ମାନ ଡ. ସୁଶାନ୍ତ କୁମାର ଶତପଥୀଙ୍କୁ ପ୍ରଦାନ କରାଯାଇଥିଲା। ଶେଷରେ ନୃତ୍ୟଗୁରୁ ସନ୍ତୋଷ କୁମାର ସାହୁଙ୍କ ସଂଯୋଜନାରେ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ସର୍ବପ୍ରଥମେ ବେଦ ପାଠ ସହିତ ଇଞ୍ଜିନିୟର ପ୍ରମୋଦ କୁମାର ଦାସ ଭକ୍ତି ସଙ୍ଗୀତ ଗାନ କରିଥିଲେ। ଶେଷରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ହରିଶଙ୍କର ମିଶ୍ର ଧନ୍ୟବାଦ ଦେଇଥିଲେ।



ଫାଉଣ୍ଡେଶନର ପତ୍ରିକାକୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି ।

# ଖୋର୍ଦ୍ଧା ଜିଲା କ୍ରିକେଟ୍ ଆସୋସିଏଶନ ଚାମ୍ପିୟନ

**ରାଜ୍ୟସ୍ତରୀୟ ୩୦ତମ ନିମାପଡ଼ା କପ୍ କ୍ରିକେଟ**

ନିମାପଡ଼ା,୧୧।୧(ବିଚିତ୍ରାନନ୍ଦ ସାହୁ)




ଅତିଥିଙ୍କ ଗହଣରେ ଚାମ୍ପିୟନ୍ ଟ୍ରଫି ସହ ଦଳର ଖେଳାଳିବୃନ୍ଦ।

ନିମାପଡ଼ା ଆଥ୍ଲେଟିକ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଆୟୋଜିତ ରାଜ୍ୟସ୍ତରୀୟ ୩୦ତମ ନିମାପଡ଼ା କପ୍ କ୍ରିକେଟ ପ୍ରତିଯୋଗିତା ରବିବାର ଶେଷ ହୋଇଛି। ଉଦ୍‌ଯାପନୀ ଦିବସର ଗ୍ରାଣ୍ଡ ଫାଇନାଲ ମ୍ୟାଚରେ ଭୁବନେଶ୍ୱର ପ୍ରଗତି ସ୍ପୋର୍ଟିଂକୁ ପରାସ୍ତ କରି ଖୋର୍ଦ୍ଧା ଜିଲା କ୍ରିକେଟ ଆସୋସିଏଶନ ୪ ଉଇକେଟରେ ବିଜୟ ହାସଲ କରି ଚଳିତବର୍ଷର ନିମାପଡ଼ା କପ ଚାମ୍ପିୟନ ଟ୍ରଫି ହାସଲ କରିଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଭୁବନେଶ୍ୱର ପ୍ରଗତି ସ୍ପୋର୍ଟିଂ ନିର୍ଦ୍ଧାରିତ ୩୦ ଓଭରରେ ୯ଟି ଉଇକେଟ ହରାଇ ୧୪୦ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରଘୁନାଥ ମଲ୍ଲ ସର୍ବାଧିକ ୫୬ ରନ, କୁବେର ସାହୁ ୨୮ ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଖୋର୍ଦ୍ଧା ଜିଲା କ୍ରିକେଟ ଆସୋସିଏଶନ ବୋଲର ପ୍ରକାଶ ଜେନା ୩ଟି, ଶୁଭମ୍ ନାୟକ, ବାସୁକୀନାଥ ତିୱାରୀ, ଦିବ୍ୟାଂଶୁ ଦାସ ପ୍ରମୁଖ ପ୍ରତ୍ୟେକ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଏହାର ଜବାବରେ ଦ୍ୱିତୀୟାର୍ଦ୍ଧରେ ବ୍ୟାଟିଂ କରି ଖୋର୍ଦ୍ଧା ଜିଲା କ୍ରିକେଟ ଆସୋସିଏଶନ ନିର୍ଦ୍ଧାରିତ ୩୦ ଓଭରରୁ ୨୫.୨ ଓଭରରେ ୬ଟି ଉଇକେଟ ହରାଇ ୧୪୪ ରନ୍ ସଂଗ୍ରହ କରି ବିଜୟ ହାସଲ କରିଥିଲେ। ଦଳ ପକ୍ଷରୁ ଦିବ୍ୟାଂଶୁ ଦାସ ସର୍ବାଧିକ ୪୮ରନ୍, ଆୟଶ୍ରୀ ଡି ଭଟ୍ଟ ୪୦ ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଭୁବନେଶ୍ୱର ପ୍ରଗତି ସ୍ପୋର୍ଟିଂର ବୋଲର୍ ଟୁକୁନା ସାହୁ ସର୍ବାଧିକ ୫ଟି ଉଇକେଟ ନେଇଥିଲେ। ଅମ୍ପାୟାର ଭାବେ ନିର୍ମଳ ମିଶ୍ର, ଅଭିନନ୍ଦନ ପାତ୍ର ମ୍ୟାଚ ପରିଚାଳନା କରିଥିଲେ। ସଂଗ୍ରାମ କେଶରୀ ଭୋଳ ଧାରା ବିବରଣୀ ପ୍ରଦାନ କରିଥିଲେ। ସ୍କୋର୍‌ର ଭାବେ ପ୍ରିୟାଂଶୁ ପଲେଇ ଓ ଆନନ୍ଦ ପ୍ରସାଦ ମଲ୍ଲିକ ମ୍ୟାଚ୍‌ର ସଂଯୋଜନା କରିଥିଲେ। ଏହି ଗ୍ରାଣ୍ଡ ଫାଇନାଲ ମ୍ୟାଚ୍‌ରେ ଖୋର୍ଦ୍ଧା ଜିଲା କ୍ରିକେଟ ଆସୋସିଏଶନର ଖେଳାଳି ଦିବ୍ୟାଂଶୁ ଦାସ ମ୍ୟାନ୍ ଅଫ୍ ଦ ମ୍ୟାଚ୍, ଭୁବନେଶ୍ୱର ପ୍ରଗତି ସ୍ପୋର୍ଟିଂର ଖେଳାଳି ରଘୁନାଥ ମଲ୍ଲ ମ୍ୟାନ୍ ଅଫ ଦ ସିରିଜ୍ ଓ ଶ୍ରେଷ୍ଠ ବ୍ୟାଟ୍ସ ମ୍ୟାନ୍, ଖୋର୍ଦ୍ଧା ଜିଲା କ୍ରିକେଟ ଆସୋସିଏଶନର ଖେଳାଳି ଶୁଭମ ନାୟକ ଶ୍ରେଷ୍ଠ ବୋଲର, ନିମାପଡ଼ା ଟାଉନ୍ କ୍ଲବର ଖେଳାଳି ସାଇସ୍ୱରୂପ ସାହୁ ଶ୍ରେଷ୍ଠ ଫିଲ୍ଡର ଓ ବିଶ୍ୱଜିତ୍ ତ୍ରିପାଠୀ ଶ୍ରେଷ୍ଠ ଉଇକେଟକିପର୍ ଭାବେ ବିବେଚିତ ହୋଇ ସ୍ୱତନ୍ତ୍ର ଭାବେ ପୁରସ୍କୃତ ହୋଇଥିଲେ।

ଉଦ୍‌ଯାପନୀ ସମାରୋହରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ଭାଜପାର ରାଜ୍ୟ ମୁଖପାତ୍ର ସମୀର ରଞ୍ଜନ ଦାଶ, ଚଳଚ୍ଚିତ୍ର ଅଭିନେତ୍ରୀ ଓ ବିଶିଷ୍ଟ କଣ୍ଠଶିଳ୍ପୀ ଡ. ଅନୁରାଧା ପାଣିଗ୍ରାହୀ, ନିମାପଡ଼ା ଆଥ୍ଲେଟିକ ଆସୋସିଏଶନର ସମ୍ପାଦକ ଜୀବନାନନ୍ଦ ମହାପାତ୍ର, କ୍ରିକେଟ ସମ୍ପାଦକ ଅକ୍ଷୟ କୁମାର ବେହେରା, ଟୁର୍ନାମେଣ୍ଟର ପୃଷ୍ଠପୋଷକ ବାସୁଦେବ ଜୁଏଲାରୀର ପ୍ରୋପାଇଟର ପୂର୍ଣ୍ଣଚନ୍ଦ୍ର ସାହୁ, କ୍ରୀଡ଼ାବିତ୍ ସାଦବ ସୋୟାତ, ସାମାଜିକ କର୍ମୀ ପାର୍ଥସାରଥୀ ଛୋଟରାୟ ପ୍ରମୁଖ ଯୋଗଦେଇ କୃତୀ ଚାମ୍ପିୟନ ଦଳ ଖୋର୍ଦ୍ଧା ଜିଲା କ୍ରିକେଟ ଆସୋସିଏଶନକୁ ନଗଦ ୫୦ ହଜାର ଟଙ୍କା ଓ ଚାମ୍ପିୟନ ଟ୍ରଫି ଓ ରନର୍ସ ଅପ୍ ଦଳ ଭୁବନେଶ୍ୱର ପ୍ରଗତି ସ୍ପୋର୍ଟିଂକୁ ନଗଦ ୩୦ହଜାର ଟଙ୍କା ଓ ରନର୍ସ ଅପ ଟ୍ରଫି ଓ କୃତୀ ଖେଳାଳିଙ୍କୁ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯଇଥିଲା। ଦୀର୍ଘ ୩୦ବର୍ଷ ଧରି ଏହି ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ପରିଚାଳନା କରୁଥିବା ନିମାପଡ଼ା ଆଥ୍ଲେଟିକ ଆସୋସିଏଶନର ସମ୍ପାଦକ ଅକ୍ଷୟ କୁମାର ବେହେରାଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ ପ୍ରଦାନ କରାଯାଇ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। କଣ୍ଠଶିଳ୍ପୀ ଡ. ଅନୁରାଧା ପାଣିଗ୍ରାହୀଙ୍କ ସୁମଧୁର ସଙ୍ଗୀତ ଅତିଥି, ଦର୍ଶକ, କ୍ରୀଡ଼ାପ୍ରେମୀଙ୍କୁ ବେଶ୍ ବିମୋହିତ କରିଥିଲା।

**ନୂତନ ସାମାଜିକ ସଙ୍ଗଠନ ଏକତା ଉଦ୍‌ଘାଟିତ**

କଟକ,(ଶିଲ୍ପା ପ୍ରିୟଦର୍ଶିନୀ): କଟକସ୍ଥିତ ଟାଉନହଲରେ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ ଏକତା ନାମକ ନୂତନ ସାମାଜିକ ଓ ସାଂସ୍କୃତିକ ସଂଗଠନ ଗଠନ କରାଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଓଡ଼ିଆ ଭାବେ ରମାକାନ୍ତ ପଣ୍ଡା, ଅବ୍ରହମ ଦାସ, ଗୁରମନ୍ଦିର ସିଂ, ସେଖ ମହମ୍ମଦ, ଆଲୋକ ନାୟକ ଯୋଗଦେଇ ଏହାର ବିଧିବଦ୍ଧ ଭାବେ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସଂଗଠନର ସଭାପତି ଟି. ଜଗଦୀଶ ରାଓ, ସାଧାରଣ ସମ୍ପାଦକ ଶୟଦ୍ ଅବ୍ରାର ହୁସେନ, ଉପସଭାପତି ମଧୁସୂଦନ ସେଠୀ, ଯୁଗ୍ମ ସମ୍ପାଦକ ପୀୟୂଷ ନାୟକ, କୋଷାଧ୍ୟକ୍ଷ ଅମର ପ୍ରସାଦ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଦିଲ୍ଲୀପଙ୍କୁ ନିତାଇ ପାଲିତ, ପ୍ରଦ୍ୟୁମ୍ନଙ୍କୁ ଭୀମ ସିଂ ସ୍ମାରକୀ ସମ୍ମାନ

**ଚଳଚ୍ଚିତ୍ର ଜଗତ ପତ୍ରିକାର ସୁବର୍ଣ୍ଣ ଜୟନ୍ତୀ**

କଟକ,୧୧।୧(କାର୍ତ୍ତିକ ସାହୁ)

ଚଳଚ୍ଚିତ୍ର ପତ୍ରିକା 'ଚଳଚ୍ଚିତ୍ର ଜଗତ'ର ସୁବର୍ଣ୍ଣ ଜୟନ୍ତୀ ଓ ଚଳଚ୍ଚିତ୍ର ଜଗତ ପ୍ରତିଭା ସମ୍ମାନ ଉତ୍ସବ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମଠାରେ ରବିବାର ପାଳିତ ହୋଇଯାଇଛି। ପତ୍ରିକାର ଉପଦେଷ୍ଟା ପ୍ରଫେସର ଶକ୍ତି ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଚଳଚ୍ଚିତ୍ର ବ୍ୟକ୍ତିତ୍ୱ ଓ ଲେଖକ ଡ. ପ୍ରଶାନ୍ତ ନନ୍ଦ, ଓଡ଼ିଶା ଚଳଚ୍ଚିତ୍ର ଶିଳ୍ପର ଦ୍ରୋଣାଚାର୍ଯ୍ୟ ପଦ୍ମଶ୍ରୀ ଶିଶିର ମିଶ୍ର ଯୋଗଦେଇଥିଲେ। ବିଶେଷ ଅତିଥି ଭାବେ ବଲିଉଡ୍ ଅଭିନେତ୍ରୀ ପଦ୍ମିନୀ କୋହ୍ଲାପୁରୀ ଯୋଗଦେଇ ଉପସ୍ଥିତ ଦର୍ଶକମାନଙ୍କୁ ଗୀତ ଓ ସଂଳାପରେ ମନ୍ତ୍ରମୁଗ୍ଧ କରିଥିଲେ। ସହ ସମ୍ପାଦକ ସ୍ଥିତପ୍ରଜ୍ଞ ରାଉତ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ଦିବଂଗତ ଚଳଚ୍ଚିତ୍ର ବ୍ୟକ୍ତିତ୍ୱମାନଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଏକ ମିନିଟ ନିରବ ପ୍ରାର୍ଥନା ପରେ ସହସମ୍ପାଦକ ବିଜୟ ରାଉତରାୟ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ପତ୍ରିକାର ସମ୍ପାଦକ ଅଦିକନ୍ଦ ରାଉତ ବିବରଣୀ ପାଠ କରିଥିଲେ। ଅତିଥିମାନେ 'ଚଳଚ୍ଚିତ୍ର ଜଗତ'କୁ ଭୂୟସୀ ପ୍ରଶଂସା କରିବା ସହ ଓଡ଼ିଆ ସିନେମାର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିଜୟ ମଲ୍ଲ ଓ ଲୋପିଆ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବରିଷ୍ଠ ସିନେମାଟୋଗ୍ରାଫର ଦିଲ୍ଲୀପ ରାୟଙ୍କୁ ନିତାଇ ପାଲିତ ସମ୍ମାନ, ପ୍ରଯୋଜକ ଓ ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କାଙ୍କୁ ଭୀମ ସିଂ ସ୍ମାରକୀ ସମ୍ମାନ, କଣ୍ଠଶିଳ୍ପୀ ଓ ସଙ୍ଗୀତକାର ବିକାଶ ଦାଶଙ୍କୁ ସ୍ୱଦେଶାରାଣୀ ଅଗ୍ରୱାଲ ସ୍ମାରକୀ ସମ୍ମାନ ଏବଂ ଅଭିନେତା ଶ୍ରୀତମ ଦାସଙ୍କୁ ମିହିର ଦାସ ସ୍ମାରକୀ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ୨୦୨୫ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିବା ଓଡ଼ିଆ ଚଳଚ୍ଚିତ୍ରଗୁଡ଼ିକର ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠ ବିବେଚିତ ୩୦ଜଣ କଳାକାର ଓ ଟେକ୍ନିସିଆନଙ୍କୁ, ଦୂରଦର୍ଶନରେ ପ୍ରସାରିତ କାର୍ଯ୍ୟକ୍ରମର ୪ଟି ବିଭାଗରେ ୪ଜଣଙ୍କୁ ଚଳଚ୍ଚିତ୍ର ଜଗତ ପ୍ରତିଭା ସମ୍ମାନ ଏବଂ ଚିକିତ୍ସା, ଶିକ୍ଷା, ବିଜ୍ଞାନ, ଶିଳ୍ପ, ସାହିତ୍ୟ, କୃଷି, ନୃତ୍ୟ, ବୈଷୟିକ ଜ୍ଞାନ କୌଶଳ, କଳା ସ୍ଥାପତ୍ୟ ଆଦି ବର୍ଗରୁ ୩୫ଜଣ ପ୍ରତିଷ୍ଠିତ ପ୍ରତିଭାଧରଙ୍କୁ ସୁବର୍ଣ୍ଣ ଜୟନ୍ତୀ ସମ୍ମାନ ପ୍ରଦାନ କରାଯାଇଥିଲା। ବିଜୟ ରାଉତରାୟ, ବନସ୍ମିତା ରାଉତରାୟ ସମ୍ମାନ ଓ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମନ୍ମଥ ମିଶ୍ର ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ସୈଫୁଲା ହକ (ବାବୁ)ଙ୍କ ନିର୍ଦ୍ଦେଶନାରେ ଉଦ୍‌ଘାଟନୀ ନୃତ୍ୟ ବେଶ ଆକର୍ଷଣୀୟ ହୋଇଥିଲା। ଇଂ. ସ୍ଥିତପ୍ରଜ୍ଞ ରାଉତଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ସୌରଭ ଭରଦ୍ୱାଜ, ଟି. ସୌରୀ, ସଞ୍ଜନା ରାଉତ, ବାବୁ ଡ୍ୟାନ୍ସ ଗ୍ରୁପ ଓ ସିଦ୍ଧାର୍ଥ ଟିଭି ଧାରାବାହିକ କଳାକାରମାନେ। ସହ-ସମ୍ପାଦକ ବିଜୟ ରାଉତରାୟ ଧନ୍ୟବାଦ ଦେଇଥିଲେ।



ଜେ.ଏନ୍. ଇନଡୋର ଷ୍ଟାଡିୟମରେ ଚଳଚ୍ଚିତ୍ର ଜଗତର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ବଲିଉଡ୍ ଅଭିନେତ୍ରୀ ପଦ୍ମିନୀ କୋହ୍ଲାପୁରୀ ଅଭିନେତା ଶ୍ରୀତମ ଦାସ ଓ ପ୍ରଯୋଜକ, ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ରଙ୍କୁ ସମ୍ମାନିତ କରୁଛନ୍ତି।

# ଯୁବକଙ୍କୁ ପଥରରେ ଛେଚି ହତ୍ୟା

**ଖାନ୍‌ନଗର ରିଂବନ୍ଧ ପାର୍ଶ୍ୱରୁ ମିଳିଲା କ୍ଷତାକ୍ତ ମୃତଦେହ**

କଟକ,୧୧।୧(କାର୍ତ୍ତିକ ସାହୁ)

କାଠଯୋଡ଼ି ରିଂବନ୍ଧ ପାର୍ଶ୍ୱ ଖାନ୍‌ନଗର ଦୁର୍ଗାମଣ୍ଡପ ନିକଟରୁ ଜଣେ ଯୁବକଙ୍କ କ୍ଷତାକ୍ତ ମୃତଦେହ ପୋଲିସ ରବିବାର ଜବତ କରିଛି। ମୃତକ ହେଲେ ପୁରୀଘାଟ ଥାନା ଅନ୍ତର୍ଗତ ହଜାରୀଲେନ୍‌ର ପପୁ ଓରଫ ପ୍ରକାଶ ଦାସ (୪୫)। ପଥରରେ ତାଙ୍କ ମୁଣ୍ଡକୁ ଛେଚି ହତ୍ୟା କରାଯାଇଥିବା ବାଦାମବାଡି ଥାନା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ପୋଲିସ ଏସ୍‌ସିବି ମେଡିକାଲକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏକ ହତ୍ୟା ମାମଲା ରୁଜୁ କରିଛି। ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସାହାଯ୍ୟରେ ପୋଲିସ ତଥ୍ୟ ପ୍ରମାଣ ସଂଗ୍ରହ କରିଛି। ପୋଲିସ ତଦନ୍ତ ଆରମ୍ଭ କରି ହତ୍ୟାକାଣ୍ଡର କାରଣ ଜାଣିବାକୁ ପ୍ରୟାସ କରୁଛି। ଏ ନେଇ ମୃତକ ପ୍ରକାଶଙ୍କ ପୁତୁରା ରାଜେଶ ଦାସ ଥାନାରେ ଏତଲା ଦେଇଛନ୍ତି।

ସୂଚନା ଅନୁସାରେ, ଖାନନଗର ଦୁର୍ଗାମଣ୍ଡପ ନିକଟ ଏକ ହୋଟେଲ ସମ୍ମୁଖରେ ଜଣେ ଯୁବକଙ୍କ କ୍ଷତାକ୍ତ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ବାଦାମବାଡ଼ି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଯାଞ୍ଚ କରିବା ସମୟରେ ମୃତକଙ୍କ ମୁଣ୍ଡ ପଛପାର୍ଶ୍ୱକୁ ଶକ୍ତ ଆଘାତ ଦିଆଯାଇଥିବା ଦେଖିବାକୁ ପାଇଥିଲା। ପାଖରେ ରକ୍ତ ଦାଗ ଲାଗିଥିବା ଏକ ପଥର ଖଣ୍ଡ ପଡ଼ିଥିଲା। ଉକ୍ତ ପଥରରେ ମୁଣ୍ଡକୁ ଛେଚି ତାଙ୍କୁ ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ପୋଲିସ ସନ୍ଦେହ କରିଛି। ମୃତକଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ପ୍ରକାଶ ପ୍ରାୟ ୮ରୁ ୧୦ ବର୍ଷ ହେବ ଘରୁ ପଳାଇଆସି ଅଲଗା ରହୁଥିବା ପରିବାର ଲୋକେ ପୋଲିସକୁ କହିଛନ୍ତି। ପ୍ରକାଶ ଅବିବାହିତ ଥିଲେ। ସେ ଖାନନଗର ରିଂବନ୍ଧ ରାସ୍ତାରେ ଜରିପାଲ ଟାଣି ଏକୁଟିଆ ରହୁଥିଲେ। ଖପୁରିଆସ୍ଥିତ ଜଣେ ବ୍ୟକ୍ତିଙ୍କ ଦୋକାନରେ ମାଛ କାଟିବା କାମ କରି ନିଜ ଗୁଜ୍‌ରାଣ ମେଣ୍ଟାଉଥିଲେ। ସେ ମଧ ପାଖାପାଖି ଅନ୍ୟ ମାଛ ଦୋକାନରେ କାମ କରୁଥିଲେ। କିନ୍ତୁ ସେ ନିଜ ଘରକୁ ଆସୁ ନ ଥିଲେ। ଘରେ କାହାରି ସହିତ ତାଙ୍କର ମତଭେଦ ନ ଥିଲା ବୋଲି ପରିବାର ଲୋକେ ପୋଲିସକୁ କହିଛନ୍ତି। ଶନିବାର ବିଳମ୍ବିତ ରାତିରେ ଏହି ହତ୍ୟାକାଣ୍ଡ ଘଟିଥିବା ଜଣାପଡ଼ିଛି। ସମ୍ଭବତଃ ନିଶା ସେବନକୁ କେନ୍ଦ୍ର କରି ହତ୍ୟାକାଣ୍ଡ ଘଟିଥିବା ପୋଲିସ ସନ୍ଦେହ କରୁଛି। ହତ୍ୟାକାରୀଙ୍କୁ ଧରିବା ପାଇଁ ପୋଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରୁଛି।

## ସଂକ୍ଷେପରେ

### ଫୁଟବଲ ଟୁର୍ନାମେଣ୍ଟ: କୁରାଙ୍ଗ ଟିମ୍ ଚାମ୍ପିୟନ

କଟକ ସଦର,୧୧।୧(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ଆୟଉପୁର କ୍ରୀଡା ସଂସଦ ଆନୁକୂଲ୍ୟରେ ସ୍ୱର୍ଗତ ଉମାକାନ୍ତ ମହାପାତ୍ର-ସ୍ୱର୍ଗତ ଚନ୍ଦ୍ରମଣି ଓଝା ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ରବିବାର ଫାଇନାଲ ମ୍ୟାଚରେ ଆୟଉପୁର ଶାସନ ଟିମକୁ ହରାଇ କୁରାଙ୍ଗ ଟିମ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ କ୍ରୀଡା ସଂସଦ ସଭାପତି ଲୋକନାଥ ଓଝା, ଦେବବ୍ରତ ମହାପାତ୍ର, ସମ୍ପାଦକ କୃଷ୍ଣ ଚନ୍ଦ୍ର ମହାପାତ୍ର ଚାମ୍ପିୟନ ଓ ରନର ଅପ୍ ଦଳକୁ କପ ପ୍ରଦାନ କରିଥିଲେ। ଏଥିରେ ୧୬ ଟି ଦଳ ଅଂଶ ଗ୍ରହଣ କରିଥିଲେ।

### ପ୍ରତ୍ୟେକ ନାଗରିକଙ୍କ ପାଇଁ କାର୍ଯ୍ୟ କରିବା ଆବଶ୍ୟକ

କଟକ,୧୧।୧(ଶିଳ୍ପା ପ୍ରିୟଦର୍ଶିନୀ)

ଓଡ଼ିଶା ଉଚ୍ଚନ୍ୟାୟାଳୟ ଅବସରପ୍ରାପ୍ତ କର୍ମଚାରୀ ସଂଘର ଏକାଦଶତମ ବାର୍ଷିକୋତ୍ସବ ରବିବାର କ୍ୟାଣ୍ଟନମେଣ୍ଟ ରୋଡସ୍ଥିତ କମ୍ୟୁନିଟି ସେଣ୍ଟରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଚୌଧୁରୀ ବିଚିତ୍ରାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଭାବେ ସର୍ବୋଚ୍ଚ ନ୍ୟାୟାଳୟର ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ଗୋପାଳ ବଲ୍ଲଭ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଜିଲା ବିଚାରପତି ଅମୀୟ କୁମାର ସାହୁ ଯୋଗଦେଇଥିଲେ। ସମାଜ ପାଇଁ ଜାଗ୍ରତ ହୋଇ ପ୍ରତ୍ୟେକ ନାଗରିକ କାର୍ଯ୍ୟ କରିବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ସିଂ ବାର୍ଷିକ ବୀବରଣୀ ପାଠ ଏବଂ କୋଷାଧ୍ୟକ୍ଷ ଦୁର୍ଗାପ୍ରସନ୍ନ ପଟ୍ଟନାୟକ ଆୟବ୍ୟୟର ବିବରଣୀ ଉପସ୍ଥାପନା କରିଥିଲେ। ଏହି ଅବସରରେ ସଂଘ ସଭାପତି ଭାବେ ରବିନାରାୟଣ ପରିଜାଙ୍କୁ ଚୟନ କରାଯାଇଥିଲା। ସଂଘର ବରିଷ୍ଠ ସଦସ୍ୟ ପରମାନନ୍ଦ ସ୍ୱାଇଁ ଓ ପୂର୍ଣ୍ଣଚନ୍ଦ୍ର ଛାଟୋଇଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉପସଭାପତି ସତ୍ୟେନ୍ଦ୍ର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ସାରଳା ଭବନରେ ୨୬ତମ ବାରବାଟୀ ନୃତ୍ୟ ଉତ୍ସବର ରବିବାର ଉଦ୍‌ଯାପନୀ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥିମାନେ। (ଫଟୋ: ରାଜକିଶୋର ମହାନ୍ତି)

# ପ୍ରଜ୍ଞାନ ମିଶନ ପକ୍ଷରୁ ଗୀତା ଜ୍ଞାନଯଜ୍ଞ ଉଦ୍‌ଯାପିତ

କଟକ,୧୧।୧(କାର୍ତ୍ତିକ ସାହୁ)

କଟକ ପ୍ରଜ୍ଞାନ ମିଶନ ପକ୍ଷରୁ ବିଜୁ ପଟ୍ଟନାୟକ ଛକ ଆନନ୍ଦ ଭବନ ସମ୍ମୁଖ ଖେଳ ପଡ଼ିଆରେ ଚାଲିଥିବା ତ୍ରିଦିବସୀୟ ଗୀତା ଜ୍ଞାନ ଯଜ୍ଞ ରବିବାର ଉଦଯାପିତ ହୋଇଯାଇଛି। ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ ଗୀତାର ଚତୁର୍ଥ ଅଧ୍ୟାୟ ଓ ଗୁରୁ ପରମ୍ପରା ଉପରେ ପ୍ରବଚନ ଦେଇ ସ୍ୱାର୍ଥକୁ ଆହୁତି ଦେଲେ ସଫଳତା ମିଳେ ବୋଲି କହିଥିଲେ। ସ୍ୱାମୀ ଅନିର୍ବାଣାନନ୍ଦ ଗିରି ପ୍ରାଥମିକ ସୂଚନା ଦେଇଥିଲେ। ସ୍ୱାମୀ ସମର୍ପଣା ନନ୍ଦ, ସ୍ୱାମୀ ସୁଧାନନ୍ଦ ଗିରି, ସ୍ୱାମୀ ପରିପୂର୍ଣ୍ଣା ନନ୍ଦ, ସ୍ୱାମୀ ନିତ୍ୟପ୍ରେମାନନ୍ଦ, ସ୍ୱାମୀ ବିଜ୍ଞାନାନନ୍ଦ, ସ୍ୱାମୀ ବ୍ରହ୍ମଜ୍ଞାନା ନନ୍ଦ, ସ୍ୱାମୀ ଅନିର୍ବାଣାନନ୍ଦ, ସ୍ୱାମୀ ଆନନ୍ଦାନନ୍ଦ, ସ୍ୱାମୀ ପୂଜାନନ୍ଦ, ସ୍ୱାମୀ ଅଖଣ୍ଡାନନ୍ଦ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଏ. କାମେଶ୍ୱର ରାଓ ଏବଂ ଅନ୍ୟ କଳାକାରମାନେ ଭଜନ ପରିବେଷଣ କରିଥିଲେ। ସ୍ୱାମୀ ବିଜ୍ଞାନାନନ୍ଦ ଗିରି ପ୍ରାରମ୍ଭିକ ସୂଚନା ଦେଇଥିଲେ। ପ୍ରଜ୍ଞାନ ମିଶନର ସନ୍ନ୍ୟାସୀ ବ୍ରହ୍ମଚାରୀବୃନ୍ଦ ଗୀତା ଧ୍ୟାନମ ଆବୃତ୍ତି କରିଥିଲେ। ସକାଳେ ଚିଦାନନ୍ଦ ଘାଟସ୍ଥିତ ଦିବ୍ୟଜୀବନ ସଂଘ କଟକ ଶାଖା ଶିବାନନ୍ଦ ଆଶ୍ରମ ପରିସରରେ ଗୁରୁଜୀ ଆଶୀର୍ବଚନ ପ୍ରଦାନ କରିଥିଲେ। ସାତ ଜଣ ସାଧକ ଦମ୍ପତି ଗୀତା ମା'ଙ୍କ ପୂର୍ଣ୍ଣାହୁତିରେ ଆରତି ପ୍ରଦାନ କରିଥିଲେ।

# ଫେବୃଆରୀ ୨ରେ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

କଟକ,୧୧।୧(କାର୍ତ୍ତିକ ସାହୁ)

କଟକ ଜିଲାରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀଙ୍କ ସମସ୍ୟା ବୁଝିବା ପାଇଁ ସରକାର ପ୍ରତିଶ୍ରୁତି ଦେଇଥିବା ବେଳେ ତାହା କାର୍ଯ୍ୟକାରୀ ହେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସରକାର ଦାବି ପୂରଣ ନ କଲା ଯାଏ ଆଉଟସୋର୍ସିଂ କର୍ମଚାରୀମାନେ ଆସନ୍ତା ଫେବୃଆରୀ ୨ରୁ ଅନିର୍ଦ୍ଦିଷ୍ଟକାଳ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। କଟକ ଚୌଧୁରୀ ବଜାରସ୍ଥିତ କଳିଙ୍ଗ ଅତିଥି ଭବନରେ କଟକ ଆଉଟସୋର୍ସିଂ କର୍ମଚାରୀଙ୍କ ସାଧାରଣ ବୈଠକ ଅବସରରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ମହାସଂଘର ଅଧ୍ୟକ୍ଷ ପ୍ରଭାତ ମହାନ୍ତି ଏବଂ ସଭାପତି ସଞ୍ଜୟ ପଟ୍ଟନାୟକ ଏହି ସୂଚନା ଦେଇଛନ୍ତି।

ସୂଚନାନୁସାରେ, ଗତ ମାର୍ଚ୍ଚ ୨୬ରେ ଓଡ଼ିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ଭୁବନେଶ୍ୱର ଗାନ୍ଧୀମାର୍ଗରେ ଏକ ବିଶାଳ ଆନ୍ଦୋଳନ କରାଯାଇଥିଲା। ବର୍ତ୍ତମାନ ସରକାରଙ୍କ ପ୍ରମୁଖ ଦୁଇ ବିଧାୟକ ଆନ୍ଦୋଳନ ସ୍ଥଳକୁ ଆସି ମହାସଂଘର ତିନି ଦାବି ଯଥାଶୀଘ୍ର ସରକାର ଏକ ମନ୍ତ୍ରୀସ୍ତରୀୟ ବୈଠକରେ ଅନୁମୋଦନ କରି ଶୁଣାଣି କରିବା ପାଇଁ ଆଉଟସୋର୍ସିଂ କର୍ମଚାରୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଆଜକୁ ୧୦ ମାସ ବିତିଯାଇଥିଲେ ମଧ ସରକାର ଦେଇଥିବା କଥା କାର୍ଯ୍ୟରେ ପରିଣତ କରିନାହାନ୍ତି। ଅପରପକ୍ଷରେ ରାଜ୍ୟର ସବୁ ଜିଲା ପରି କଟକ ଜିଲାରେ ସରକାର ଆଉଟସୋର୍ସିଂ କର୍ମଚାରୀଙ୍କ କଥା ବୁଝିବା ବଦଳରେ ଅନେକ ଆଉଟସୋର୍ସିଂ କର୍ମଚାରୀଙ୍କୁ ଛଟେଇ କରିବା, ଦୀର୍ଘ ଦିନଧରି ଦରମା ନ ଦେବା ଏବଂ ଅନ୍ୟାନ୍ୟ ସମସ୍ୟାର ଚାପ ସୃଷ୍ଟି କରିବାରେ ଲାଗିପଡ଼ିଛନ୍ତି ବୋଲି ମହାସଂଘ ପକ୍ଷରୁ କୁହାଯାଇଛି। ସହ କୋଷାଧ୍ୟକ୍ଷ ବିଶ୍ୱଜିତ ନାଥ, ସଭାପତି ସାରଦା ପ୍ରସାଦ ଦାସ, ମହାସଚିବ ଅରୁଣ ସାମନ୍ତରାୟ, ସାଧାରଣ ସମ୍ପାଦକ ପ୍ରଦୀପ୍ତ ନାୟକ, ସାଙ୍ଗଠନିକ ସମ୍ପାଦକ ପ୍ରିୟକାନ୍ତ ରାଉତ, କୋଷାଧ୍ୟକ୍ଷ ପ୍ରଶାନ୍ତ ମିଶ୍ରଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

### ଆଗ୍ରାହାଟ କପ୍-୨୦୨୬ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଚୌଦ୍ୱାର,୧୧।୧(ଆଶୁତୋଷ ଦାସ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଆଗ୍ରାହାଟ ପଞ୍ଚାୟତରେ ରାଜ୍ୟସ୍ତରୀୟ ଆଗ୍ରାହାଟ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। କ୍ରୀଡ଼ାବିତ୍ ସ୍ୱର୍ଗତ ବିଷ୍ଣୁ ଚରଣ ସ୍ୱାଇଁଙ୍କ ସ୍ମୃତିରେ ଆଗ୍ରାହାଟ ସ୍ପୋର୍ଟ୍ସ କ୍ଲବ୍ ଖେଳ ପଡ଼ିଆରେ ଅନୁଷ୍ଠିତ ଟୁର୍ନାମେଣ୍ଟକୁ ବରିଷ୍ଠ କ୍ରୀଡ଼ାବିତ୍ ତଥା କ୍ଲବ୍ ସଭାପତି ନିର ପରିଡ଼ା ଉଦ୍‌ଘାଟନ କରିଥିଲେ। ଅକ୍ଷୟ କୁମାର ବରାଳ, ପ୍ରମୋଦ ପରିଡ଼ା, ଅଶୋକ ବରାଳ, ଶିବରାମ ପରିଡ଼ା, ପ୍ରମୋଦ କୁମାର ପଣ୍ଡା, ପ୍ରିୟବ୍ରତ ସ୍ୱାଇଁ, ହୃଷୀକେଶ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କଟକସ୍ଥିତ ଫୁଟବଲ ଆସୋସିଏଶନ୍ ଅଫ ଓଡ଼ିଶା ଓ ଖୁଣ୍ଟକଟା କ୍ରୀଡ଼ା ପରିଷଦ ମଧ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚ୍‌ରେ ଖୁଣ୍ଟକଟା ଗୋଟିଏ ଗୋଲ ସ୍କୋର କରିଥିବାବେଳେ କଟକ ଫାଓ ଟିମ୍ ଖୁଣ୍ଟକଟା ବିପକ୍ଷରେ ୨ଟି ଗୋଲ ସ୍କୋର କରି ବିଜେତା ହୋଇଥିଲେ। ରେଫେରି ଅବଦୁଲ ମାଥିନ୍, ପ୍ରିତି ଜେନା, ଫଗୁରାମ ମୁର୍ମୁ ଓ ତ୍ରିଲୋଚନ ବେଉରା ମ୍ୟାଚ୍ ପରିଚାଳନା କରିଥିଲେ। ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଟୁର୍ନାମେଣ୍ଟରେ ରାଜ୍ୟର ବିଭିନ୍ନ ପ୍ରତିଷ୍ଠିତ ଫୁଟ୍‌ବଲ ଟିମ୍ ଅଂଶ ଗ୍ରହଣ କରିବେ ବୋଲି ଆୟୋଜକ ମଣ୍ଡଳୀ ସୂଚନା ଦେଇଛନ୍ତି। ସୋମବାର କଟକର ସାଇରାମ ମର୍ନିଂ ଓ ଖୋର୍ଦ୍ଧାର ୟୁନିଭରସାଲ ଫୁଟବଲ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ


ଟେଟ୍ରାହେଡ୍ରେନ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ଅନୁଷ୍ଠିତ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ।

ମଙ୍ଗୁଳି-ଜଗତପୁର,୧୧।୧(ମାନସ ସାମଲ)

ଟାଙ୍ଗୀ ପୋଲିସ ପକ୍ଷରୁ ରାସ୍ତାରେ ଦୁର୍ଘଟଣାକୁ ନିୟନ୍ତ୍ରଣ କରିବା ପାଇଁ 'ସଡ଼କ ସୁରକ୍ଷା-ଜୀବନ ରକ୍ଷା' ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ଟେଟ୍ରାହେଡ୍ରେନ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଟେଟ୍ରାହେଡ୍ରେନ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍ ପ୍ରତିଷ୍ଠାତା ତ୍ରିଦେବ ବେହେରା ଯୋଗଦେଇ ସମସ୍ତେ ହେଲମେଟ୍ ପିନ୍ଧିବା ସହ ସରକାରଙ୍କ ନିୟମାବଳୀକୁ ମାନନ୍ତୁ ବୋଲି ସଚେତନ କରାଇଥିଲେ। ପରେ କଲେଜ ପରିସରରୁ ଶତାଧିକ ଛାତ୍ରୀଛାତ୍ର ବ୍ୟାନର, ପ୍ଲାକାର୍ଡ଼ ଧରି ୧୬ ନମ୍ବର ଜାତୀୟ ରାଜପଥ ଦେଇ ଟାଙ୍ଗୀ ବ୍ଲକ ଅଫିସ୍‌କୁ ଯାଇଥିଲେ। ଏଥିମଧ୍ୟରେ ଜାତୀୟ ରାଜପଥରେ ହେଲମେଟ୍ ପରିଧାନ ନ କରି ଯାଉଥିବା ବହୁ ଦୁଇଚକିଆ ଗାଡ଼ି ଚାଳକଙ୍କୁ ହେଲମେଟ୍ ଦେବା ସହ ଯେଉଁମାନେ ପରିଧାନ କରିଥିଲେ ସେମାନଙ୍କୁ ଗୋଲାପ ଫୁଲ ଦେଇ ଶୁଭେଚ୍ଛା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଟାଙ୍ଗୀ ଥାନାର ବହୁ ପୋଲିସ ସାମିଲ ଥିଲେ।

# କ୍ରିକେଟ୍: ବାଲି ମା' ବନଦୁର୍ଗା କ୍ରିକେଟ ଟିମ୍ ଚାମ୍ପିୟନ

ଚୌଦ୍ୱାର,୧୧।୧(ଆଶୁତୋଷ ଦାସ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅନ୍ତର୍ଗତ କଖଡ଼ି ଗାନ୍ଧୀହାଟ ପଡ଼ିଆରେ ଦିନିକିଆ ପଞ୍ଚାୟତସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ପ୍ରିନ୍ସ କ୍ଲବ୍ ଓ ରୟାଲ କ୍ରିକେଟ ସ୍ପୋର୍ଟ୍ସର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ମୋଟ ୧୬ଟି ଟିମ୍ ଅଂଶ ଗ୍ରହଣ କରିଥିଲେ। ବାଲି ମା' ବନଦୁର୍ଗା କ୍ରିକେଟ ଟିମ୍ ଓ ଜେମାଦେଈପୁର କ୍ରିକେଟ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ବାଲି ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୭ ଉଇକେଟ ହରାଇ ୮୧ ରନ୍ ସଂଗ୍ରହ କରିଥିଲା। ଜବାବରେ ଜେମାଦେଈପୁର ୫ ଉଇକେଟ ହରାଇ ମାତ୍ର ୭୩ ରନ୍ ସଂଗ୍ରହ କରିଥିଲା। ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଦସ୍ୟ ବଳଭଦ୍ର ବାଘ, କଖଡ଼ି ଗ୍ରାମ୍ୟ କମିଟି ସଭାପତି ଦିଲ୍ଲୀପ କୁମାର ଛତାର, ବିଜୁ ଜନତାଦଳ ସଭାପତି ରଞ୍ଜନ ମୁଦୁଲି, ଶେଷଦେବ ମୁଦୁଲି, ଶିଳାଦିତ୍ୟ ପରିଡ଼ା, ସତ୍ୟରଞ୍ଜନ ସାହୁ, ସନ୍ତୋଷ କୁମାର ବାରିକ, ସ୍ୱେତକାନ୍ତ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜୟୀ ବାଲି ଟିମ୍‌କୁ ଚାମ୍ପିୟନ୍ ଟ୍ରଫି ଓ ଜେମାଦେଈପୁରକୁ ରନର ଅପ୍ ପ୍ରଦାନ କରିଥିଲେ। ଉଭୟ ଆୟୋଜକ କ୍ଲବ୍‌ର ସଦସ୍ୟମାନେ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।


ଅତିଥିଙ୍କ ଗହଣରେ ଚାମ୍ପିୟନ ଟିମ୍‌ର ଖେଳାଳିମାନେ।

# ବିଦ୍ୟୁତପ୍ରଭାଙ୍କ କବିତା କାଳେକାଳେ ହୃଦୟକୁ ଦ୍ରବୀଭୂତ କରୁଥିବ

**ଜନ୍ମ ଶତବାର୍ଷିକୀ ଆଲୋଚନାଚକ୍ର**

କଟକ,୧୧।୧(କାର୍ତ୍ତିକ ସାହୁ)

ସାହିତ୍ୟ ଅକାଦେମି ଓ ଉତ୍କଳ ସାହିତ୍ୟ ସମାଜର ମିଳିତ ଆନୁକୂଲ୍ୟରେ କବି ବିଦ୍ୟୁତ୍‌ପ୍ରଭା ଦେବୀ ଜନ୍ମ ଶତବାର୍ଷିକୀ ଆଲୋଚନାଚକ୍ର ରବିବାର ଶତାବ୍ଦୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ଅକାଦେମିର ଉପଦେଷ୍ଟା ମଣ୍ଡଳୀ ଆବାହକ ଗୌରହରି ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରଥମ ଅଧିବେଶନକୁ ଲେଖିକା ବନଜ ଦେବୀ ଉଦ୍‌ଘାଟନ କରି ବିଦ୍ୟୁତ୍‌ପ୍ରଭାଙ୍କ କବିତା କାଳେକାଳେ ହୃଦୟକୁ ଦ୍ରବୀଭୂତ କରୁଥିବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ରୂପେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ସଦସ୍ୟ ସଚ୍ଚିଦାନନ୍ଦ ମହାନ୍ତି ଯୋଗଦେଇଥିଲେ। ଲେଖିକା ଜୟନ୍ତୀ ରଥ ମୂଳ ଭାଷଣ ପ୍ରଦାନ କରିଥିଲେ। ସାହିତ୍ୟ ଅକାଦେମିର ସହାୟକ ସମ୍ପାଦକ କ୍ଷେତ୍ରବାସୀ ନାଏକ ସ୍ୱାଗତ ଭାଷଣ, ଉତ୍କଳ ସାହିତ୍ୟ ସମାଜର ସଭାପତି ଗୋବିନ୍ଦ ଚନ୍ଦ୍ର ଚାନ୍ଦ ପ୍ରାରମ୍ଭିକ ସୂଚନା ଓ ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ। ସେହିପରି କବି ଅମରେଶ ପଟ୍ଟନାୟକଙ୍କ ପୌରୋହିତ୍ୟରେ ପରବର୍ତ୍ତୀ ଅଧିବେଶନରେ କବି ଗୌତମ ଜେନା, କବି ଜ୍ଞାନୀ ଦେବାଶିଷ ମିଶ୍ର ଓ ଗଙ୍ଗାଧର ରଥ ଫାଉଣ୍ଡେଶନ ସମ୍ପାଦିକା ସୁସ୍ମିତା ରଥ ବିଦ୍ୟୁତ୍‌ପ୍ରଭାଙ୍କ ସମ୍ପର୍କିତ ପ୍ରବନ୍ଧ ପାଠ କରିଥିଲେ। ଉତ୍କଳ ସାହିତ୍ୟ ସମାଜର ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। କବି ରଞ୍ଜିତା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶେଷ ଅଧିବେଶନରେ ବୈଜୟନ୍ତୀ ନାୟକ, କବିତା ବାରିକ ଓ ସଞ୍ଜିତା ମିଶ୍ର ପ୍ରବନ୍ଧ ପାଠ କରିଥିଲେ। ଉତ୍କଳ ସାହିତ୍ୟ ସମାଜର ସଙ୍ଗଠନ ସମ୍ପାଦକ ଶଶିକାନ୍ତ ରାଉତ ଧନ୍ୟବାଦ ଦେଇଥିଲେ। ବହୁ ସାହିତ୍ୟିକ ଓ ସାହିତ୍ୟପ୍ରେମୀ ଯୋଗଦେଇଥିବା ବେଳେ ସାହିତ୍ୟ ଅକାଦେମିର ପୁସ୍ତକ ପ୍ରଦର୍ଶନୀ ଓ ବିକ୍ରୟ ମଧ ହୋଇଥିଲା।


ବିଦ୍ୟୁତପ୍ରଭା ଦେବୀ ଜନ୍ମ ଶତବାର୍ଷିକୀ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିବୃନ୍ଦ।




ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ଶିଶିର ସରସ ମେଳାରେ ଲୋକଙ୍କ ଭିଡ଼ । ମେଳା ମଞ୍ଚରେ ରାଜସ୍ଥାନୀ ଶିଳ୍ପୀମାନେ ଲୋକନୃତ୍ୟ ପରିବେଷଣ କରୁଛନ୍ତି ।

# ଶିଶିର ସରସ ମେଳାରେ ଅସମ୍ଭାଳ ଭିଡ଼

## ସୁଆଦିଆ ଖାଦ୍ୟକୁ ଆକର୍ଷଣୀୟ ଜିନିଷ, ସଙ୍ଗୀତ, ନୃତ୍ୟ

ଭୁବନେଶ୍ୱର,୧୧।୧(ସୁଚିସ୍ମିତା ସାହୁ): ରାଜ୍ୟ ସରକାରଙ୍କ ଓର୍‌ମାସ ଓ ସୁଭଦ୍ରା ଶକ୍ତିର ମିଳିତ ଉଦ୍ୟମରେ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ଶିଶିର ସରସ ମେଳାର ରବିବାର ଦ୍ୱିତୀୟ ଦିନରେ ପ୍ରବଳ ଭିଡ଼ ହୋଇଥିଲା । ଓଡ଼ିଶା ସେମତ ୨୦ ରାଜ୍ୟର କାରିଗର ଓ ଉତ୍ପାଦକମାନେ ୩୪୦ ଷ୍ଟଲ୍‌ରେ ସେମାନଙ୍କ ହାତ ତିଆରି ଜିନିଷ ପ୍ରଦର୍ଶନ ସହ ବିକ୍ରିବଟା କରୁଥିବାବେଳେ ସବୁଠୁ ଚାହିଦା ଦେଖିବାକୁ ମିଳିଥିଲା । ବିଶେଷକରି ବିଭିନ୍ନ ରାଜ୍ୟରୁ ଆସିଥିବା ମହିଳା ସ୍ୱୟଂସହାୟକ ଗୋଷ୍ଠୀର କଳାକୃତି ବିଶେଷ ଆକର୍ଷଣ ସାଜିଥିଲା । ଲୋକେ ବୁଲାବୁଲି ଓ କିଣାକିଣି କରିବା ସହ ସୁଆଦିଆ ଖାଦ୍ୟ ଓ ସାଂସ୍କୃତିକ ଉତ୍ସବର ଭରପୂର ମଜା ଉଠାଇଥିଲେ । କଳାହାଣ୍ଡିର ପ୍ରସିଦ୍ଧ ଘୁମୁରା ନୃତ୍ୟ, ରାୟଗଡ଼ାର ଢେମସା ଏବଂ ରାଜସ୍ଥାନୀ ଲୋକନୃତ୍ୟ ମେଳା ମଞ୍ଚକୁ ଜୀବନ୍ତ କରିଦେଇଥିଲା । ବଲିଉଡର ଲୋକପ୍ରିୟ କଣ୍ଠଶିଳ୍ପୀ ଦିବ୍ୟ କୁମାରଙ୍କ ସଙ୍ଗୀତର ଗୀତର ତାଳେ ତାଳେ ଦର୍ଶକ ଝୁମି ଉଠିଥିଲେ ।



### ମିଲେଟ ସାମଗ୍ରୀର ବେଶି ଚାହିଦା

ବର୍ତ୍ତମାନ ସମୟରେ ଲୋକେ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ୍ ହେଉଛନ୍ତି। ତେଲ ମସଲା ଜିନିଷ ବ୍ୟବହାର କମ୍ କରି ସ୍ୱାସ୍ଥ୍ୟପ୍ରଦ ଖାଦ୍ୟକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ମେଳାର ମିଲେଟ ଷ୍ଟଲ୍‌ରେ ହୋଇଥିବା ଭିଡ଼ରୁ ଏହା ବାରି ହୋଇପଡୁଛି। ମିଲେଟ ବିସ୍କୁଟ, ବରା, ସିଙ୍ଗଡା, ଚକୋଲେଟ, ପ୍ରୋବାଓଟିକ ଡ୍ରିଙ୍କ୍, କେକ୍, ଚାଓମିନ ବିକ୍ରି କରାଯାଉଛି। ସେହିପରି ଯଅ ଓ ବାଜରା ମିକ୍ସଚର, ବିସ୍କୁଟ, କେକ, ଲଡ୍ଡୁ, ମୁଡି ଓ ମିଠା ଭଳି ବିଭିନ୍ନ ପ୍ରକାରର ଜିନିଷର ମଧ ଚାହିଦା ଅଧିକ ରହୁଛି। ଏହି ବ୍ୟବସାୟ୍;ରେ ୨୫ ଜଣ ମହିଳା କାର୍ଯ୍ୟ କରୁଛନ୍ତି। ସେମାନେ ନିଜେ ସ୍ୱାବଲମ୍ବୀ ହେବା ସହିତ ପରିବାର ପ୍ରତିପୋଷଣରେ ସହଯୋଗର ହାତ ବଢ଼ାଇଛନ୍ତି ବୋଲି ଷ୍ଟଲ୍‌ରେ ଉପସ୍ଥିତ ଅଭିମନ୍ୟୁ ସାହୁ କହିଛନ୍ତି।



### ମନ ଜିଣୁଛି ବରେହିପାଣି ଡ୍ରିଙ୍କ୍

ଶୀତୁଆ ସନ୍ଧ୍ୟାରେ ମେଳାବୁଲିବା ସାଙ୍ଗକୁ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ଚଟପଟା ଖାଦ୍ୟର ମଜା ନେଉଛନ୍ତି ରାଜଧାନୀବାସୀ। ତେବେ ମେଳାର ସ୍ୱତନ୍ତ୍ର ଆକର୍ଷଣ ସାଜିଛି ଶିମିଳିପାଳର ବରେହିପାଣି ଡ୍ରିଙ୍କ । ଦେଶୀ ନାଲି ଭାତରୁ ପ୍ରସ୍ତୁତ ଏହି ଡ୍ରିଙ୍କ ପିଇବାକୁ ଭିଡ଼ ଜମୁଛି। ସେହିପରି ଲୋକପ୍ରିୟ ବାରିପଦା ମୁଢ଼ି ମାଂସ ଷ୍ଟଲ୍‌ରେ ପାରମ୍ପରିକ ମଟନ ମୁଢ଼ି ସହ ମାଂସ ପିଠା, ମାଂସ ପୋଡପିଠା, ମାଂସ ପତ୍ରୁଆ, ଶାଳପତ୍ରରେ ମାଂସ ପାତ୍ର ପୋଡା ଭଳି ଦେଶୀ ଖାଦ୍ୟ ଖାଇବାକୁ ଲୋକେ ଅଧିକ ପସନ୍ଦ କରୁଛନ୍ତି। ନବରଙ୍ଗପୁର ଜିଲାର ଛତୁ ପକୋଡା ସହ ବିଭିନ୍ନ ପ୍ରକାର ଛତୁ ଆଇଟମ ଓ ତାଜା ଚଟଣି ଏବଂ ଯାଜପୁର ଏସ୍‌ଏଚ୍‌ଜି ମହିଳାଙ୍କ ଧିଙ୍ଗିରି ଛତୁ ପକୋଡା ଭାରି ସୁଆଦ ଲାଗୁଛି।

### ମନ ଜିଣୁଛି ସବାଇ ଘାସର ଭ୍ୟାନିଟ୍

ଅବିକଳ ଲେଦରର ଭ୍ରମ ସୃଷ୍ଟି କରୁଛି ସବାଇ ଘାସରେ ତିଆରି ଭେନିଟ। ମୟୂରଭଞ୍ଜ ଜିଲା ପଲାସବଧା ଅଞ୍ଚଳର ମହିଳାମାନେ ସବାଇ ଘାସ ସହ ସୂତା ଓ ଅଠାକୁ ବ୍ୟବହାର କରି ଆକର୍ଷଣୀୟ ବ୍ୟାଗ ପ୍ରସ୍ତୁତ କରିଛନ୍ତି। ସେହିପରି ସବାଇ ଘାସରେ ୩୦ରୁ ଅଧିକ ପ୍ରକାର ଘରସଜା ଓ ବ୍ୟବହୃତ ସାମଗ୍ରୀ ତିଆରି କରିଛନ୍ତି। ଭେନିଟ୍‌ର ଦର ୩୦୦ଟଙ୍କାରୁ ଆରମ୍ଭ ହୋଇ ୭ଶହ ଟଙ୍କା ପର୍ଯ୍ୟନ୍ତ ରହିଛି। ସବାଇ ଘାସ ଫୁଲ ଚାଙ୍ଗୁଡ଼ି, ଟେବୁଲ ମ୍ୟାଟ, ପେନ୍ ଷ୍ଟାଣ୍ଡ, ଟୋପି, ଡ଼ାଲା, ଗହଣା ପେଡ଼ି, ବିଞ୍ଚଣା ଆଦି ଜିନିଷର ଭିନ୍ନ ଭିନ୍ନ ଦର ରହିଛି ବୋଲି ମଞ୍ଜୁଲତା କହିଛନ୍ତି।

# ସରିଲା ପୁଷ୍ପ ପ୍ରଦର୍ଶନୀ

## ୨୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଓ ଅନୁଷ୍ଠାନ ପୁରସ୍କୃତ, ୩୦ରୁ ଅଧିକ ଚାମ୍ପିୟନ




ଭୁବନେଶ୍ୱର, ୧୧।୧ (ବନ୍ଦନା ସେଠୀ)

ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର ଓ ପ୍ଲାଣ୍ଟ ଲଭର୍ସ ସଂଘ ମିଳିତ ସହଯୋଗରେ ଏକାମ୍ରକାନନରେ ୩ଦିନ ଧରି ଚାଲିଥିବା ବାର୍ଷିକ ପୁଷ୍ପ ପ୍ରଦର୍ଶନୀ ରବିବାର ଶେଷ ହୋଇଛି। ରବିବାର ଛୁଟିଦିନ ସହ ଶେଷ ଦିନ ହୋଇଥିବାରୁ ପ୍ରଦର୍ଶନୀରେ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଥିଲା। ଅପରାହ୍ନରୁ ପାର୍କିଂରେ ଗାଡ଼ି ରଖିବାକୁ ଜାଗା ନ ଥିଲା। ଲୋକେ ପ୍ରଦର୍ଶନୀ ବୁଲିବା ସହ ଫୁଲ ବୋହି ନେଉଥିବା ଦେଖିବାକୁ ମିଳିଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ସୁଧାଂଶୁ ଶେଖର ଖୋରା, ପ୍ଲାଣ୍ଟ ଲଭର୍ସ ଆସୋସିଏଶନ ସଭାପତି କ୍ଷୀରୋଦ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ବଗିଚା ପ୍ରତିଯୋଗିତା, କମ୍ ସ୍ଥାନରେ ଅଧିକ ଫୁଲକୁ ସୁସଜ୍ଜିତ କରିବା ପ୍ରତିଯୋଗିତା, ସ୍ୱତନ୍ତ୍ର ଗଛ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍କର୍ଷ ପ୍ରଦର୍ଶନୀ ପାଇଁ ୨ଶହରୁ ଅଧିକ ବ୍ୟକ୍ତି ଓ ଅନୁଷ୍ଠାନ ପୁରସ୍କୃତ ହେବା ସହ ୩୦ରୁ ଅଧିକ ବ୍ୟକ୍ତି ଚାମ୍ପିୟନ ହୋଇଥିଲେ।

# ରେଳଷ୍ଟେଶନ ପାର୍କିଂରେ ଲୁଚାଉଥିଲେ ଚୋରା ବାଇକ୍

ଭୁବନେଶ୍ୱର,୧୧।୧(ତ୍ରିନାଥ ମହାନ୍ତି)

## ୨ ଲୁଟେରା ଗିରଫ, ୧୨ ବାଇକ ଜବତ

ରାଜଧାନୀ ଭୁବନେଶ୍ୱରରେ ସକ୍ରିୟ ଥିବା ଏକ ବାଇକ୍ ଲୁଟେରା ଗ୍ୟାଙ୍ଗ୍‌କୁ କ୍ୟାପିଟାଲ ଥାନା ପୋଲିସ ଧରିଛି। ଗ୍ୟାଙ୍ଗ୍‌ର ୨ଜଣଙ୍କୁ ଗିରଫ କରିବା ସହ ମାଷ୍ଟରକ୍ୟାଣ୍ଟିନ ରେଳ ଷ୍ଟେଶନ ପାର୍କିଂରେ ଲୁଚାଇ ରଖିଥିବା ୧୨ ବାଇକ୍ ଜବତ କରିଛି। ଏଥିସହ ସେମାନଙ୍କ ନିକଟରୁ ୭ଟି ନକଲି ଚାବି ଓ ୩ ମୋବାଇଲ୍ ଫୋନ୍ ଜବତ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଶିଖରଚଣ୍ଡିନଗରର ଟି. ସୁରେଶ ଓରଫ ଚାଇନା ଏବଂ ରାଜ ଖାନ୍। ଏମାନେ ପେଷାଦାର ବାଇକ୍ ଚୋର ବୋଲି ପୋଲିସ କହିଛଇ। ବିଭିନ୍ନ ଥାନାରେ ଟି. ସୁରେଶ ନାମରେ ୭ଟି ଓ ରାଜ ଖାନ୍‌ଙ୍କ ନାମରେ ୫ଟି ମାମଲା ରହିଛି। ପୋଲିସ ସୂଚନାନୁସାରେ, ସୁରେଶ ଓ ରାଜ୍ ୟୁନିଟ୍-୨ ମାର୍କେଟ ଓ ସହରର ବିଭିନ୍ନ ଗହଳି ସ୍ଥାନରେ ବାଇକ୍ ଚୋରି କରୁଥିଲେ। ସେମାନେ ବାଇକ୍ ଚୋରି କରିବା ପରେ ମାଷ୍ଟରକ୍ୟାଣ୍ଟିନ୍ ପାର୍କିଂରେ କିଛିଦିନ ରଖି ସୁଯୋଗ ଦେଖି କନ୍ଧମାଳ ଏବଂ ଗଜପତି ଜିଲାରେ ବିକ୍ରି କରୁଥିଲେ। ସହରରୁ ଏକାଧିକ ବାଇକ୍ ଚୋରି ହେବା ପରେ ଡିସିପି ଘଟଣାକୁ ଗୁରୁତ୍ୱର ସହ ନେଇ ଏହା ତଦନ୍ତ ଭାର କ୍ୟାପିଟାଲ ଥାନାର ଇନ୍ସପେକ୍ଟର ନିରଞ୍ଜନ ବେହେରାଙ୍କୁ ଦେଇଥିଲେ। ନିରଞ୍ଜନ ଓ ତାଙ୍କ ଟିମ୍ ଶନିବାର ରାତି ୭ଟାରେ ୟୁନିଟ୍-୨ ମାର୍କେଟ ବିଲ୍ଡିଂରେ ସାଧା ପୋଷାକରେ ଜଗି ରହିଥିଲେ। ଏହି ସମୟରେ ଦୁଇ ଅଭିଯୁକ୍ତ ବାଇକ୍ ଚୋରି କରି ନେଉଥିବା ସମୟରେ ପୋଲିସ ଟିମ୍ ସେମାନଙ୍କୁ ମାଡ଼ି ବସିଥିଲା। ସେମାନଙ୍କୁ ଥାନାକୁ ନେଇ ପଚରାଉଚରା କରିବା ପରେ ପୂରା ଘଟଣା ଜଣାପଡିଥିଲା। ସେମାନେ ଚୋରା ବାଇକକୁ ଷ୍ଟେଶନ ପାର୍କିଂରେ ଲୁଚାଇ ରଖିଥିବା କହିବା ସହ ପୂର୍ବରୁ ଏକାଧିକ ବାଇକ୍ ଚୋରି କରି ବିକ୍ରି କରିଥିବା ସ୍ୱୀକାର କରିଥିଲେ।



ଭୁବନେଶ୍ୱର ରେଳଷ୍ଟେଶନ ପାର୍କିଂରୁ ଜବତ ଚୋରା ବାଇକ୍।

# ଚାର୍ଜିଂବେଳେ ଆମ ବସ୍‌ରେ ଲାଗିଲା ନିଆଁ



ଭୁବନେଶ୍ୱର, ୧୧।୧ (ବନ୍ଦନା ସେଠୀ)

ପୁଣି ଆମ ବସ୍‌ରେ ଲାଗିଲା ନିଆଁ। ରବିବାର ଚନ୍ଦ୍ରଶେଖରପୁର ଡିପୋରେ ଥିବା ଏକ ଇ-ବସ୍‌ରେ ନିଆଁ ଲାଗିଥିଲା। ଚାର୍ଜିଂବେଳେ ଶର୍ଟ ସର୍କିଟ୍‌ରୁ ନିଆଁ ଲାଗିଥିବା ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଛି। ସମ୍ପୃକ୍ତ ଇ-ବସ୍‌ଟି ଟ୍ରିପ୍ ଶେଷ କରି ଆସିବା ପରେ ଡିପୋରେ ଇଣ୍ଟରମିଡ଼ିଏଟ୍ ଚାର୍ଜିଂରେ ବସାଯାଇଥିଲା। ପରବର୍ତ୍ତୀ ସମୟରେ ବ୍ୟାଟେରୀ କମ୍ପାର୍ଟମେଣ୍ଟରୁ ହଠାତ୍ ଧୂଆଁ ଦେଖିବାକୁମିଳିଥିଲା। ଦାୟିତ୍ୱରେ ଥିବା କର୍ମଚାରୀ ଏହାକୁ ଆୟତ୍ତ କରିବାକୁ ଯାଇ ଡ଼ିପୋରେ ଥିବା ଅଗ୍ନି ନିର୍ବାପକ ଯନ୍ତ୍ରଗୁଡ଼ିକ ବ୍ୟବହାର କରିଥିଲେ। ତେବେ ଅଗ୍ନିଶମ ବିଭାଗର ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିଥିବାରୁ ବସ୍‌ର ବିଶେଷ କିଛି କ୍ଷତି ହୋଇ ନ ଥିବା କ୍ରୁଟ୍ ପକ୍ଷରୁ ସୂଚନା ଦିଆଯାଇଛି। ଏହି କ୍ରମରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ଏଥିରେ ଟିପିସିଓଡ଼ିଲ୍ ଅଧିକାରୀ, ପରିବହନ ବିଭାଗ, ବସ୍ ମାନ୍ୟୁଫାକ୍ଟର କମ୍ପାନୀ, କ୍ରୁଟ୍ ବୈଷୟିକ ଅଧିକାରୀ ଟିମ୍ ରହିଛନ୍ତି। ବସ୍‌ରେ ନିଆଁ ଲାଗିବାର ପ୍ରକୃତ କାରଣ ସମ୍ପର୍କରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦେବାଂଶୀ



@ ନିତ୍ୟାନନ୍ଦ



@ ପୀତାମ୍ବର



@ ପ୍ରଭାତ



@ ଚନ୍ଦନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମହାବିଦ୍ୟାଳୟ ଅଧ୍ୟକ୍ଷ, ଅଧ୍ୟାପକଙ୍କ ଦକ୍ଷତା ବିକାଶ କର୍ମଶାଳା

ଭୁବନେଶ୍ୱର,୧୧।୧
(ସୁଚିସ୍ମିତା ସାହୁ)

ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ଓ ଜାଭିୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଭୁବନେଶ୍ୱର ପକ୍ଷରୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ବରିଷ୍ଠ ଅଧ୍ୟାପକଙ୍କ ପାଇଁ ଦକ୍ଷତା ଓ ନେତୃତ୍ୱ ବିକାଶ କର୍ମଶାଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ୬ ଦିନିଆ କର୍ମଶାଳାରେ ବିଶିଷ୍ଟ ଶିକ୍ଷାବିତ ଓ ବିଶ୍ୱବିଦ୍ୟାଳୟର କୁଳପତିମାନେ ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ। ଏହି କର୍ମଶାଳା ମହାବିଦ୍ୟାଳୟ ଅଧ୍ୟକ୍ଷମାନଙ୍କୁ ସଶକ୍ତ କରିବା ସହ ଉଚ୍ଚ ଶିକ୍ଷାନୁଷ୍ଠାନରେ ଗୁଣାତ୍ମକ ଶିକ୍ଷା ପ୍ରଦାନକୁ ସୁନିଶ୍ଚିତ କରିବା ସହ ଉଚ୍ଚକୋଟୀର ଗବେଷଣାକୁ ପ୍ରୋତ୍ସାହନ ଦେବ ଓ ଆମ ଶୈକ୍ଷିକ ସମାଜର ବିକାଶ ଏବଂ ମହାବିଦ୍ୟାଳୟର ସୁପରିଚାଳନା ଦିଗରେ ନିଶ୍ଚିତ ରୂପେ ସହାୟକ ହେବ ବୋଲି ପ୍ରଶିକ୍ଷକମାନେ ମତପ୍ରକାଶ କରିଛନ୍ତି। କର୍ମଶାଳାରେ ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଧରଣୀଧର ନନ୍ଦ, ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ, ରମାଦେବୀ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥ, ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ଏକ୍‌ଜିକ୍ୟୁଟିଭ୍ ସଦସ୍ୟ ପ୍ରଫେସର ଅତନୁ କୁମାର ପତି ଏବଂ ଆସିଷ୍ଟାଣ୍ଟ ପ୍ରଫେସର ଓ ପ୍ରୋଗ୍ରାମ କୋର୍ଡିନେଟର ଡ. ଲିପ୍ସା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



କର୍ମଶାଳାରେ ପ୍ରଶିକ୍ଷକମାନଙ୍କ ସହ ମହାବିଦ୍ୟାଳୟ ଅଧ୍ୟକ୍ଷ ଓ ଅଧ୍ୟାପକମାନେ ।

## ସଂକ୍ଷେପରେ

### ପତ୍ରିକା ‘ଗାଁର ମହକ’ ଉନ୍ମୋଚନ ପାଇଁ ପ୍ରସ୍ତୁତି

**ବାଙ୍କୀ, ୧୧।୧ (ଶୁଭେନ୍ଦୁ ମହାପାତ୍ର):** ବିଜ୍ଞାପିତ କ୍ଷେତ୍ର ପରିଷଦ ଅନ୍ତର୍ଗତ ଚକାପଦା ଗ୍ରାମର ଭୂତନାଥ ସାହିତ୍ୟ ଓ ସାଂସ୍କୃତିକ ସଂସଦର ଅଷ୍ଟମ ବାର୍ଷିକ ଉତ୍ସବ ଜାନୁଆରୀ ୨୬ରେ ପାଳନ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ଯୁବବନ୍ଧୁ ଭବନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ମୁଖପତ୍ର ‘ଗାଁର ମହକ’ ପତ୍ରିକା ଉନ୍ମୋଚନ କରାଯିବ। ପାଖାପାଖି ୧୦ଟି ଜିଲାର କବି, ସାହିତ୍ୟିକ, ସାମାଜିକ କର୍ମୀ, ସଂଗଠକମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ ବୋଲି ସହମତି ପ୍ରକାଶ କରିଛନ୍ତି। ଆବାହକ ଅକ୍ଷୟ କୁମାର ସାମଲଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ଲଲାଟେନ୍ଦୁ ପଣ୍ଡା, ସମ୍ପାଦକ ବାବୁଲି ରଣାଙ୍କ ସମେତ ଆଧ୍ୟାତ୍ମିକ ପରାମର୍ଶଦାତା କୁମାର ଅମିୟ(ବୁଲୁ ବାବା), ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ବରିଷ୍ଠ ସାହିତ୍ୟିକ କିଶୋର ନୀଳମାଧବ ମିଶ୍ର, ସଂଗଠକ ବିଶ୍ୱରଞ୍ଜନ ସ୍ୱାଇଁ, ଶଶିଭୂଷଣ ତ୍ରିପାଠୀ, ଶକୁନ୍ତଳା ମଲ୍ଲିକ, ଅମ୍ରିତ କୁମାର ସାମଲ, ବଳଭଦ୍ର ରଣା, ଶଙ୍କର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିବର୍ଷ ପରି ଚଳିତବର୍ଷ ଜାନୁଆରୀ ୨୬ ସକାଳ ପ୍ରାୟ ୯ଟାରୁ ୧୨ଟା ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ କବିତା ଆସର ଓ ପରେ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିସହ ବାର୍ଷିକ ପତ୍ରିକା ଗାଁର ମହକ ପୁସ୍ତକ ଲୋକାର୍ପଣ କରାଯିବା ପରେ ଅତିଥିମାନେ ନିଜର ସାହିତ୍ୟ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିବା ହେବେ। ସେହିପରି ରାଜ୍ୟର ୧୦ ଜଣ ଆଦର୍ଶ ସାରସ୍ୱତ ଓ ସାମାଜିକ କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯିବା ନେଇ ବୈଠକରେ ନିଷ୍ପତ୍ତି ନିଆଯାଇଛି। ନିରଞ୍ଜନ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବୈଦ୍ୟେଶ୍ୱର ଗ୍ରାମର ବରିଷ୍ଠ ସଂଗଠକ, ସାମାଜିକ କର୍ମୀ, ସାରସ୍ୱତ ସାଧକ କବି ରବିନାରାୟଣ ମଙ୍ଗରାଜଙ୍କୁ ଚଳିତବର୍ଷ ‘ଗାଁର ମହକ’ ସମ୍ମାନରେ ସମ୍ମାନିତ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଅଛି।

# ପାର୍ଶ୍ୱପ୍ରତିକ୍ରିୟା ନ ଥିବା ଇଲେକ୍ଟ୍ରୋ ହୋମିଓପାଥିର ପ୍ରଚାର ପ୍ରସାର କର

### ଇଲେକ୍ଟ୍ରୋ ହୋମିଓପାଥି ଜନକଙ୍କ ୨୧୭ତମ ଜୟନ୍ତୀ

**ଆଠଗଡ଼, ୧୧।୧ (ସତ୍ୟ ପ୍ରସାଦ ରଥ):** ରାଜ୍ୟ ଇଲେକ୍ଟ୍ରୋ ହୋମିଓପାଥି ପ୍ରାକ୍ଟିଶନର ଆସୋସିଏଶନ ପକ୍ଷରୁ ଇଲେକ୍ଟ୍ରୋ ହୋମିଓପାଥିର ଜନକ ଡାକ୍ତର କାଉଣ୍ଟସିଜର ମେଟିଙ୍କ ୨୧୭ତମ ଜୟନ୍ତୀ ପାଳିତ ହୋଇଯାଇଛି। ଆଠଗଡ଼ସ୍ଥିତ ବୀରକିଶୋରପୁର ମେଟି ହର୍ବାଲ ଇଲେକ୍ଟ୍ରୋ ହୋମିଓପାଥି ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବନସ୍ପତିରୁ ନିର୍ମିତ ଏହି ଔଷଧ ସମ୍ପୂର୍ଣ୍ଣ ପାର୍ଶ୍ୱପ୍ରତିକ୍ରିୟାରହିତ ଏବଂ ଆଶୁ ଫଳପ୍ରଦ। ଏଣୁ ଏହାର ବ୍ୟାପକ ପ୍ରଚାର ପ୍ରସାର


ଇଲେକ୍ଟ୍ରୋ ହୋମିଓପାଥିର ଜନକ ଡାକ୍ତର କାଉଣ୍ଟସିଜର ମେଟିଙ୍କ ଜୟନ୍ତୀରେ ଉପସ୍ଥିତ ଅତିଥି।

କରିବାକୁ କାର୍ଯ୍ୟକ୍ରମରେ ଅତିଥିମାନେ ମତ ଦେଇଥିଲେ। ଏହି ସମାରୋହରେ ରାଜ୍ୟ ତଥା ରାଜ୍ୟ ବାହାରୁ ୧୦୦ରୁ ଊର୍ଦ୍ଧ୍ୱ ଚିକିତ୍ସକ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଆଠଗଡ଼ର ବରିଷ୍ଠ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡା. ଭୁବନାନନ୍ଦ ଦାସ ମୁଖ୍ୟ ଅତିଥି, ବାରିପଦାର ଡ. ଚୂଡ଼ାମଣି ପାତ୍ର ନିମନ୍ତ୍ରିତ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତାଭାବେ କସ୍ତୁରବା ଇଲେକ୍ଟ୍ରୋ ହୋମିଓପାଥି ରିସର୍ଚ୍ଚ ଫାଉଣ୍ଡେଶନର ମୁଖ୍ୟ ଡ. ଅଜୟ କୁମାର ପତି, ଶ୍ରୀଜଗନ୍ନାଥ ଇଲେକ୍ଟ୍ରୋ ହୋମିଓପାଥି ମେଡିକାଲ କଲେଜ ଅଧ୍ୟକ୍ଷ ଡା. ସତ୍ୟନାରାୟଣ ପାତ୍ର ପ୍ରମୁଖ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଡା. ଲଲାଟେନ୍ଦୁ ଦଳାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମା’ ଅମ୍ବିକା ଇଲେକ୍ଟ୍ରୋ ହୋମିଓପାଥି କଲେଜର ଅଧ୍ୟକ୍ଷ ଡା. ଦିଲୀପ କୁମାର ରାଉତ, ସଂଘର ସାଧାରଣ ସମ୍ପାଦକ ଡା. ସୁଧାକର ବର୍ଦ୍ଧନ ବାର୍ଷିକ ବିବରଣୀ ପାଠ କରିଥିଲେ। ଡାକ୍ତର ନୀହାର ରଞ୍ଜନ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା. ଦୀପକ ପୃଷ୍ଟି, ଲକ୍ଷ୍ମୀଧର ପ୍ରଧାନ, ପ୍ରୀତିରଞ୍ଜନ ସାମନ୍ତ, ସୁଜାତା ସାହୁ, ଲକ୍ଷ୍ମୀପ୍ରିୟା ଦଳେଇ, ଗାୟତ୍ରୀ ସାହୁ, ସ୍ନେହଲତା ଦାସ, ଡାକ୍ତର ଯଶସ୍ୱିନୀ ବ୍ରହ୍ମା, ଡାକ୍ତର ଭରତ ବେହେରା, ରଞ୍ଜିତା ପରିଡ଼ା ଉପସ୍ଥିତ ଥିଲେ। ଶେଷରେ ଡା. ପ୍ରଦୀପ ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ।

# ମଧ୍ୟାହ୍ନଭୋଜନ ଚାଉଳ ଚୋରି ଉଦ୍ୟମ ପଣ୍ଡ

- ରାତ୍ର ଜଗୁଆଳିଙ୍କୁ କାବୁ କଲେ ଗ୍ରାମବାସୀ
- ବହିଷ୍କାର ଦାବିରେ ହୋହଲ୍ଲା

**ବାଙ୍କୀ, ୧୧।୧ (ଶୁଭେନ୍ଦୁ ମହାପାତ୍ର):**



ବାଙ୍କୀ ବ୍ଲକ ଅନୁଆରୀ ପଞ୍ଚାୟତ ଅନ୍ତର୍ଗତ ମଇଯୋରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୂର୍ବରୁ ମଧ୍ୟାହ୍ନଭୋଜନ ଚାଉଳ ରଖାଯାଇଥିଲା। ଏହାକୁ ଅସ୍ଥାୟୀ ଭାବେ ନିଯୁକ୍ତି ପାଇଥିବା ରାତ୍ର ଜଗୁଆଳି ଚୋରି କରିବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ଜଗୁଆଳିଙ୍କୁ ଗ୍ରାମବାସୀ କାବୁ କରିଛନ୍ତି।

ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଦଶମ ଶ୍ରେଣୀ ଗୃହରେ ମଧ୍ୟାହ୍ନଭୋଜନ ଚାଉଳ ଗୋଟିଏ ବସ୍ତାରେ ରଖାଯାଇଥିଲା। ସମ୍ପୃକ୍ତ ଜଗୁଆଳି ରାତିରେ ଶ୍ରେଣୀ ଗୃହର ଚାବି ଖୋଲି ଉକ୍ତ ଚାଉଳକୁ ୨ଟି ଜରି ବସ୍ତାରେ ଭର୍ତ୍ତି କରି ବାହାରକୁ ଆଣୁଥିଲେ। ଏହି ସମୟରେ ପୂର୍ବରୁ ଛକି ରହିଥିବା ୩ ଜଣ ଯୁବକ ତାଙ୍କୁ ଧରିଥିଲେ।

ସ୍କୁଲ ଗୃହ ଖୋଲି ଚାଉଳ କେଉଁ ଆଡେ ବିକ୍ରି କରିବାକୁ ନେଉଛ ବୋଲି ଯୁବକମାନେ ପଚାରିବାରୁ ସମ୍ପୃକ୍ତ ଜଗୁଆଳି ସଙ୍ଗେ ସଙ୍ଗେ ଚାଉଳ ବସ୍ତା ରଖି ତାଲା ପକାଇ ପଳାଇ ଆସିଥିଲେ। ପରଦିନ ସ୍କୁଲ ଖୋଲିବା ପରେ ମଇଯୋରୀ ବିଦ୍ୟାଳୟର ଛାତ୍ର ଅଭିଭାବକ ଓ ଗ୍ରାମର ଯୁବକମାନେ ପହଞ୍ଚି ଚୋରି କରିବାକୁ ଉଦ୍ୟମ କରୁଥିବା ରାତ୍ର ଜଗୁଆଳିକଙ୍କୁ ସ୍କୁଲରୁ ବହିଷ୍କାର କରିବା ପାଇଁ ଦାବି କରିଥିଲେ। ଏନେଇ ବିଦ୍ୟାଳୟ ପରିସରରେ ପ୍ରବଳ ହୋ ହଲ୍ଲା ହୋଇଥିଲା। ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜୟମାଳା ଦେବତା କହିଛନ୍ତି, ଯେହେତୁ ସ୍କୁଲର ବାର୍ଷିକ ଉତ୍ସବ ପାଳନ ହେବ, ସେଥିପାଇଁ ଚାରିଆଡ଼ ସଫା କରିବା ପାଇଁ କହିଥିଲୁ। ତେଣୁ ଚୋରି ନୁହେଁ ବରଂ ବସ୍ତାରୁ ତଳେ ପଡ଼ି ରହିଥିବା ଚାଉଳକୁ ଅନ୍ୟ ବସ୍ତାରେ ସାଇତି ରଖିବା ପାଇଁ ପରାମର୍ଶ ଦିଆଯାଇଥିଲା। ତେବେ ଗ୍ରାମବାସୀ ଓ ପରିଚାଳନା କମିଟି ସଭାରେ ଏ ପ୍ରସଙ୍ଗରେ ଆଲୋଚନା ପରେ ସମ୍ପୃକ୍ତ ଜଗୁଆଳିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କମିଟି ସଦସ୍ୟମାନେ ସୂଚନା ଦେଇଛନ୍ତି । ଏ ସମ୍ପର୍କରେ ବାଙ୍କୀ ବ୍ଲକ ବିଇଓ ଜ୍ୟୋତି ଷଡ଼ଙ୍ଗୀଙ୍କୁ ପଚାରିବାରେ ଘଟଣା ସମ୍ପର୍କରେ ସେ ଜାଣିନାହାନ୍ତି। ଅଭିଯୋଗ ମୁତାବକ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ୧୨୮ ୟୁନିଟ୍ ରକ୍ତ ସଂଗୃହୀତ

**ତିଗିରିଆ, ୧୧।୧ (ଜାଫର ଖାଁ)**–ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ନୂଆପାଟଣା ଗ୍ରାମ ଓ ଆଖପାଖ ଅଞ୍ଚଳର ଯୁବଗୋଷ୍ଠୀଙ୍କୁ ନେଇ ଗଠିତ ମା’ କଳାପାଟ ସେବାସଂଘ ତରଫରୁ ରବିବାର ନୂଆପାଟଣା ତଳସାହି ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୨୮ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିବା ସଭାପତି ନୀହାର ରଞ୍ଜନ ସାହୁ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସମ୍ପାଦକ ସ୍ୱାଧୀନ ଗୁଇଁ, କୋଷାଧ୍ୟକ୍ଷ ଲକ୍ଷ୍ମୀଧର ସାହୁ, ଉପସଭାପତି ଜିତେନ୍ଦ୍ର କରଣ, ସହସମ୍ପାଦକ ଚିତ୍ତରଞ୍ଜନ ଦାଶ, ଉପଦେଷ୍ଟା ମହେନ୍ଦ୍ର କୁଣ୍ଟୁ, ଲିଙ୍ଗରାଜ ସାହୁ, ମାନସ ରଣା, ଶିଶିର ଭଞ୍ଜ, ପ୍ରତାପ ରାଉତ, ସୁଦାମ ନାୟକ, ସୁଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ରହି ସମସ୍ତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। କଟକ ବଡ଼ ମେଡିକାଲର ରକ୍ତଭଣ୍ଡାର ଡାକ୍ତର ଓ ଅନ୍ୟ ସହଯୋଗୀ ରକ୍ତ ସଂଗ୍ରହ କରିଥିଲେ।

# ଅନ୍ତର୍ନିହିତ ଗୁଣାବଳୀର ବିକାଶ କରେ ପିଏମ୍‌ଶ୍ରୀ ଉତ୍ସବ

**ସାଲେପୁର, ୧୧।୧ (ଅରବିନ୍ଦ ଭୂୟାଁ):** ପିଏମ୍‌ଶ୍ରୀ ସାଲେପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ, ଦୋକାନ ଯାତ୍ରା, ଅର୍ଥନୈତିକ ସାକ୍ଷରତା କାର୍ଯ୍ୟକ୍ରମ, ଆକାଂକ୍ଷୀ ମେଳା–ଇନ୍‌ସ୍ପାଏରିଂ ଓଡ଼ିଶା–୨୦୩୬ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶ୍ରୀକାନ୍ତ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ କଟକ ମନୋରଞ୍ଜନ ବାରିକ, ମୁଖ୍ୟ ବକ୍ତାଭାବେ ସାଲେପୁର ମଣ୍ଡଳ ଶିକ୍ଷା ଅଧିକାରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା, ସମ୍ମାନିତ ଅତିଥିଭାବେ ସାଲେପୁର ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଫିରୋଜ୍ ଖାନ୍, ହାଇସ୍କୁଲ ଆଲୁମ୍ନି ଆସୋସିଏଶନ ସଭାପତି ମିହିର କୁମାର ଜେନା, ସାଲେପୁର ଆଞ୍ଚଳିକ ଖବରଦାତା ସଂଘ ସଭାପତି ଅକ୍ଷୟ କୁମାର ଦାଶ, ପୂର୍ବତନ ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ଭୂୟାଁ, ଅବସରପ୍ରାପ୍ତ ଶିକ୍ଷକ କମଳାକାନ୍ତ ମୁଦୁଲି, କଟକ ଜିଲା ଖବରଦାତା ସଂଘ ସମ୍ପାଦକ ଶିଶିର କୁମାର ଦାଶ ଯୋଗଦେଇଥିଲେ। ଏହି ମେଳା ଦ୍ୱାରା ପିଲାମାନଙ୍କର ଅନ୍ତର୍ନିହିତ ଗୁଣାବଳୀର ବିକାଶ ହେବା ସହିତ ସମାଜରେ ସୁନାଗରିକ ହେବାରେ ସହାୟକ ହେବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଦୋକାନ ଯାତ୍ରା ଓ ଅର୍ଥନୈତିକ ସାକ୍ଷରତା କାର୍ଯ୍ୟକ୍ରମ ଅନୁଯାୟୀ ଛାତ୍ରୀଛାତ୍ରମାନେ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରକାର ଷ୍ଟଲ୍ ଖୋଲି କିଭଳି ବ୍ୟବସାୟ କରିବେ ସେ ବିଷୟରେ ଅଭିଜ୍ଞତା ହାସଲ କରିଥିଲେ। ଶିକ୍ଷୟିତ୍ରୀ ନିବେଦିତା ଖଣ୍ଡୁଆଳ ଧନ୍ୟବାଦ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ବିଚିତ୍ର କୁମାର ଷଡ଼ଙ୍ଗୀ, ନିଶିଗନ୍ଧା ପ୍ରିୟଦର୍ଶିନୀ, ପ୍ରିୟଙ୍କା ସାମଲ, କଲ୍ୟାଣୀ ଯାଦବ, ଦିବ୍ୟରଞ୍ଜନ ସେଠୀ, ନୀଳିମା ପ୍ରିୟଦର୍ଶିନୀ, ପ୍ରଦୀପ୍ତ କୁମାର କବି, କୈଳାସ ଚନ୍ଦ୍ର ସାମଲ ପ୍ରମୁଖ ସହଯୋଗ କରିଥିଲେ।

# ରାଜ୍ୟସ୍ତରୀୟ କର୍କବଲ କ୍ରିକେଟ: ବିଏନ୍‌ସିସି ରତାପାଟ ଚାମ୍ପିୟନ



ଅତିଥି ଚାମ୍ପିୟନ ଦଳର ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି।

**ବଡ଼ମ୍ବା, ୧୧।୧ (ମାୟାଧର ମଲ୍ଲିକ):** ବଡ଼ମ୍ବା ବ୍ଲକ ଅନ୍ତର୍ଗତ କନ୍ତପଡାସ୍ଥିତ ସହିଦ ପଡିଆରେ ଚାଲୁ ଥିବା କନ୍ତପଡ଼ା ରାଜ୍ୟସ୍ତରୀୟ କର୍କବଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିଏନ୍‌ସିସି ରତାପାଟ ଦଳ ଚାମ୍ପିୟନ ହୋଇଛି। ବ୍ରଦର ଆଣ୍ଡ ବ୍ରଦର କ୍ରିକେଟ କ୍ଲବ, କନ୍ତପଡ଼ା ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ ଟୁର୍ନାମେଣ୍ଟରେ ଆର୍‌ଏସିଏ, ବନ୍ଧାଣିମା ଓ ବିଏନ୍‌ସିସି, ରତାପାଟ କ୍ରିକେଟ ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ରତାପାଟ ଦଳ ପ୍ରଥମେ ଟସ୍ ଜିତି ବୋଲିଂ ପାଇଁ ନିଷ୍ପତି ନେଇଥିଲା। ବିନ୍ଧାଣିମା ଦଳ ବ୍ୟାଟିଂ କରି ୯.୨ ଓଭରରେ ୧୦ ଉଇକେଟ ହରାଇ ମାତ୍ର ୬୧ ରନ୍ ସଂଗ୍ରହ କରିଥିଲେ। ଜବାବରେ ରତାପାଟ ଦଳ ୫ ଓଭରରେ ୨ ଉଇକେଟ ହରାଇ ୬୪ ରନ ସଂଗ୍ରହ କରି ଚାମ୍ପିୟନ୍ ହୋଇଛି। ରତାପାଟ ଦଳ ଖେଳାଳି ମୃତ୍ୟୁଞ୍ଜୟ ମାନସିଂ ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ଆଖ୍ୟା ଅର୍ଜନ କରି ପୁରସ୍କୃତ ହୋଇଛନ୍ତି। ଏଥିରେ ମୁଖ୍ୟ ଅତିଥିଭାବେ ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ଓ ସମ୍ମାନିତ ଅତିଥିଭାବେ ବଡ଼ମ୍ବା ବ୍ଲକ ପୂର୍ବତନ ଅଧ୍ୟକ୍ଷ ବିଭୁଦତ୍ତ ପଟ୍ଟନାୟକ ଯୋଗଦେଇ ଚାମ୍ପିୟନ ଓ ରନର ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଆୟୋଜକ ବ୍ରଦର ଆଣ୍ଡ ବ୍ରଦର କ୍ରିକେଟ କ୍ଲବ, କନ୍ତପଡା ସଭାପତି ବଟକୃଷ୍ଣ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଶଙ୍ଖାମେରୀ ଗ୍ରାମ ପଞ୍ଚାୟତ ନାଏବ ସରପଞ୍ଚ ରବୀନ୍ଦ୍ର କୁମାର ସ୍ୱାଇଁ, ସାମାଜିକ କର୍ମୀ ଦିଲୀପ ପଙ୍ଗାରୀ ପ୍ରମୁଖ ଯୋଗଦେଇଥିଲେ। ଶଙ୍ଖାମେରୀ ଗ୍ରାମପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ମାନସ ମୁଦୁଲି ଅତିଥି ପରିଚୟ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅମ୍ପାୟାର ସର୍ବେଶ୍ୱର ନନ୍ଦ ଓ ସୂର୍ଯ୍ୟକାନ୍ତ ବାରିକ ମ୍ୟାଚ୍ ପରିଚାଳନା କରିଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦେବାଂଶୀ


@ ନିତ୍ୟାନନ୍ଦ


@ ପୀତାମ୍ବର


@ ଚନ୍ଦନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠର ଉନ୍ନତୀକରଣ ନିମନ୍ତେ ସାଲେପୁର ବ୍ଲକର ସତ୍ୟଭାମାପୁରଠାରେ ବିଧାୟକ ପ୍ରଶାନ୍ତ ବେହେରା ତଦାରଖ କରୁଛନ୍ତି। (ଫଟୋ: ଅରବିନ୍ଦ ଭୂୟାଁ)

# ଦ୍ୱିତୀୟ ଧବଳେଶ୍ୱର କ୍ରିକେଟ୍: କୁମାରବସ୍ତ ଚାମ୍ପିୟନ

**ଆଠଗଡ଼, ୧୧।୧ (ସତ୍ୟପ୍ରସାଦ ରଥ):** ଆଠଗଡ଼ ଭେଟେରାନ୍ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଅନୁଷ୍ଠିତ ଆନ୍ତଃରାଜ୍ୟ ୨ୟ ଧବଳେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ମେଣ୍ଢାଶାଳ ଖୋର୍ଦ୍ଧାକୁ ୭ ଉଇକେଟରେ ପରାସ୍ତକରି କୁମାରବସ୍ତ ଖୋର୍ଦ୍ଧା ଚାମ୍ପିୟନ ହୋଇଛି। ଟସ୍ ଜିତି ମେଣ୍ଢାଶାଳ ପ୍ରଥମେ ବ୍ୟାଟିଂକରି ୧୯.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୮୨ ରନ୍ କରିଥିଲା। ଶିତିକଣ୍ଠ ପଟ୍ଟନାୟକ ୩୪ ବଲ୍‌ରେ ୫୨ ଓ ମଳୟ ସାହୁ ୬ ବଲ୍‌ରେ ୨୬ ରନ୍ କରିଥିଲେ। କୁମାରବସ୍ତ ଦଳ ପକ୍ଷରୁ ବିକାଶ ସାହୁ ୪ ଓଭର ବୋଲିଂ କରି ୨୪ ରନ୍ ଦେଇ ୩ ଉଇକେଟ ଓ ବସନ୍ତ ସାହୁ ୩.୨ ଓଭର ବୋଲିଂ କରି ୪୮ ରନ୍ ଦେଇ ୩ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ୧୮୩ ରନ୍‌ର ଲକ୍ଷ ନେଇ କୁମାରବସ୍ତ ଦଳ ୧୪.୧ ଓଭରରେ ଆବଶ୍ୟକ ୧୮୩ ରନ୍ ସଂଗ୍ରହକରି ଚାମ୍ପିୟନ ହୋଇଛି। ବ୍ୟାଟ୍ସମ୍ୟାନ ପ୍ରଦୀପ ରାଉତ ୩୯ ବଲ୍‌ରେ ୧୦୩ ଓ ଉତ୍ତମ ମହାନ୍ତି ୨୨ଟି ବଲ୍‌ରେ ୩୬ ରନ୍ ସଂଗ୍ରହ କରିଛନ୍ତି। ମ୍ୟାଚ୍‌ରେ



ଚାମ୍ପିୟନ ଟିମ୍‌କୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

ଅମ୍ପାୟର ଭାବେ ଅଲୁପ ଦାଶ ଓ ଅରୂପ ତ୍ରିପାଠୀ ମ୍ୟାଚ୍ ପରିଚାଳନା କରିଥିଲେ। ଯୁବ ଶିଳ୍ପୋଦ୍ୟୋଗୀ ଅନିଲ କୁମାର ମିଶ୍ର ଓ ବିଶିଷ୍ଟ କ୍ରୀଡ଼ା ସଙ୍ଗଠକ ଗୁରୁ ପଦାରବିନ୍ଦ ରାଉତ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତ, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ବିଶୁଭ୍ର ଶଙ୍କର ଜ୍ୟୋତି, ସଦାନନ୍ଦ ପଟ୍ଟନାୟକ, ପ୍ରଭାକର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଆୟୋଜକ ଦଳର ସଭାପତି ଆଇନଜୀବୀ ମନୋରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ଉତ୍ସବରେ ଟୁର୍ନାମେଣ୍ଟରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା କୁମାରବସ୍ତ ଦଳର ପ୍ରଦୀପ ରାଉତଙ୍କୁ ଟୁର୍ନାମେଣ୍ଟ ଫାଇନାଲର ଶ୍ରେଷ୍ଠ ଖେଳାଳି ଓ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ପୁରସ୍କୃତ କରାଯାଇଥିଲା। ସେହିପରି କୁମାରବସ୍ତ ଦଳର ବସନ୍ତ ସାହୁଙ୍କୁ ଶ୍ରେଷ୍ଠ ବୋଲର ରୂପେ ପୁରସ୍କୃତ କରାଯାଇଥିଲା। ଶେଷରେ ଅତିଥିମାନେ ଚାମ୍ପିୟନ ଓ ରନରଅପ୍ ଦଳକୁ ଟ୍ରଫି ସହ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ।

# ‘ଦିବ୍ୟ ଆଲୋକ ହିଁ ଦିବ୍ୟ ଚେତନା’

### ଆଧ୍ୟାତ୍ମିକ ପତ୍ରିକା ଦିବ୍ୟାଲୋକ ସନ୍ଧାନେର ରୌପ୍ୟ ଜୟନ୍ତୀ

**ଫୁଲନଖରା, ୧୧।୧ (ସତ୍ୟରଞ୍ଜନ ଦାସମହାପାତ୍ର)**

ଆଧ୍ୟାତ୍ମିକ ପତ୍ରିକା ଦିବ୍ୟାଲୋକ ସନ୍ଧାନେର ରୌପ୍ୟ ଜୟନ୍ତୀ ଅବସରରେ ମହାସତ୍‌ସଙ୍ଗ ଓ ରାଜ୍ୟସ୍ତରୀୟ ନବରତ୍ନ ସମ୍ମାନ ପ୍ରଦାନ ମହୋତ୍ସବ ଫୁଲନଖରା ଅନନ୍ତପୁରସ୍ଥିତ ବିଶ୍ୱଶାନ୍ତି ସରୋବରଠାରେ ରବିବାର ପାଳିତ ହୋଇଯାଇଛି। ପତ୍ରିକାର ମୁଖ୍ୟ ସମ୍ପାଦକ ଡ ଶରତ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାକୁ ତ୍ରିଦଣ୍ଡି ସ୍ୱାମୀ ଭକ୍ତି ଗୌରବ ସଚ୍ଚିଦାନନ୍ଦ ଦାସ ମହାରାଜ ଉଦ୍‌ଘାଟନ କରି ପ୍ରତି ମଣିଷ ଭିତରେ ଥିବା ଦିବ୍ୟାଲୋକକୁ ଖୋଜିବା ସମସ୍ତଙ୍କ କର୍ତ୍ତବ୍ୟ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଶଶିକାନ୍ତ ମିଶ୍ର ଯୋଗଦେଇ ଦିବ୍ୟ ଆଲୋକ ହିଁ ଦିବ୍ୟ ଚେତନା ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ


ଅତିଥିମାନେ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରୁଛନ୍ତି।

ବକ୍ତା ଭାବେ ଅବସରପ୍ରାପ୍ତ ଆଇଏଏସ ରଞ୍ଜନ କୁମାର ଦାସ ଯୋଗଦେଇ ସାଧୁତା ଏକ ଚେତନାର କଥା ବୋଲି କହିଥିଲେ। ସମ୍ମାନିତ ଅତିଥି ଗଣଶିକ୍ଷା ବିଭାଗର ପୂର୍ବତନ ନିର୍ଦ୍ଦେଶକ ଡ. ଶରତ କୁମାର ବିଶ୍ୱାଳ ଦୈନନ୍ଦିନ ଜୀବନରେ ପ୍ରାର୍ଥନାର ଆବଶ୍ୟକତା ଥିବା କହିଥିଲେ। ଚଳିତବର୍ଷ ଅନୁଷ୍ଠାନର ସର୍ବୋଚ୍ଚ ଦିବ୍ୟାଲୋକ ସନ୍ଧାନେ ରତ୍ନ ସମ୍ମାନ ମାତ୍ର ୧ ଟଙ୍କା ଦେୟ ନେଇ ନିଷ୍ଠାପର ଭାବେ ରୋଗୀ ସେବା କରୁଥିବା ବୁର୍ଲା ଭୀମ୍‌ସାର କଲେଜର ସହଯୋଗୀ ପ୍ରଫେସର ଡାକ୍ତର ଶଙ୍କର ରାମଚନ୍ଦାନିଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ପ୍ରଫେସର ତ୍ରିଦିବ ବେହେରାଙ୍କୁ ଶିକ୍ଷା ରତ୍ନ, ପ୍ରବଚକ ଗୋପାଳ ରାଜଗୁରୁଙ୍କୁ ପ୍ରବକ୍ତା ରତ୍ନ, ଛନ୍ଦା ମିଶ୍ରଙ୍କୁ ଲେଖିକା ରତ୍ନ, ପଣ୍ଡିତ ଗୌରାଙ୍ଗ ଚରଣ ପତିଙ୍କୁ କର୍ମକାଣ୍ଡି ରତ୍ନ, ବିଷ୍ଣୁପ୍ରିୟା ଚାରିଟେବୁଲ ଟ୍ରଷ୍ଟକୁ ସାମାଜିକ ସେବା ରତ୍ନ, ଏସିପି କୃଷ୍ଣଚନ୍ଦ୍ର ସେଠୀଙ୍କୁ ପୋଲିସ ସେବା ରତ୍ନ, ଧୃତିକାମ ମହାନ୍ତିଙ୍କୁ ସାମ୍ବାଦିକ ରତ୍ନ, ପାଲାକାର ଲକ୍ଷ୍ମୀଧର ଦାଶଙ୍କୁ ଗାୟକ ରତ୍ନ ସମ୍ମାନରେ ଭୂଷିତ କରାଯାଇଥିଲା। ଏଥିସହ ୫୦ଟି ଗାଁରୁ ୫୦ ଜଣଙ୍କୁ ଭଲ ଲୋକ ସମ୍ମାନ ଏବଂ ୫୦ଟି ହାଇସ୍କୁଲର ୫୦ଜଣଙ୍କୁ ଭଲ ପିଲା ସମ୍ମାନ ପ୍ରଦାନ କରାଯାଇଥିଲା। ସ୍ୱାମୀ ତ୍ରିଲୋକେଶ୍ୱର ଭାରତୀ ଅତିଥି ସ୍ୱାଗତ ଭାଷଣ, ରାଜେନ୍ଦ୍ର ପ୍ରସାଦ ମହାପାତ୍ର ଅତିଥି ପରିଚୟ ଓ ପତ୍ରିକାର ସମ୍ପାଦକ ଶ୍ରୀସନ୍ନ୍ୟାସୀ ଜୀ ସମ୍ପାଦକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। କଟକ ସଦର ପ୍ରେସ କ୍ଲବ ସଭାପତି ସୁରେନ୍ଦ୍ର ମହାପାତ୍ର, ବରିଷ୍ଠ ମୁରବି ପୀତବାସ ମହାପାତ୍ର, ଆର୍ତ୍ତତ୍ରାଣ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ପଣ୍ଡିତ ଅଜୟ କୁମାର ପତି ଧନ୍ୟବାଦ ଦେଇଥିଲେ।

# ହାତୀ ପାଇଁ ଅନ୍ଧାରରେ ଗ୍ରାମବାସୀ

ଖୋର୍ଦ୍ଧା,୧୧।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବନଖଣ୍ଡ ଅନ୍ତର୍ଗତ ଖୋର୍ଦ୍ଧା, ଟାଙ୍ଗୀ, ବେଗୁନିଆ ଓ ବୋଲଗଡ଼ ବନାଞ୍ଚଳରେ ହାତୀଙ୍କ ଉପଦ୍ରବ ଲାଗିରହିଛି। ଚନ୍ଦକା ଅଞ୍ଚଳରୁ ଖସିଆସିଥିବା ହାତୀପଲ ଏବେ ଏହି ଅଞ୍ଚଳରେ ରହିଛନ୍ତି। ସେମାନେ ଖାଦ୍ୟ ଲାଳସାରେ ଗାଁ ମୁହାଁ ହେଉଛନ୍ତି। ଚାଷୀଙ୍କ ଏକର ଏକର ଚାଷଜମିରେ ଫସଲ ଖାଇଯିବା ସହ ଦଳିମକଚି ନଷ୍ଟ କରୁଛନ୍ତି। ଗତ ଦୁଇ ସପ୍ତାହ ହେଲା ଏକ ହାତୀପଲ ଖୋର୍ଦ୍ଧା ବନାଞ୍ଚଳ ଅନ୍ତର୍ଗତ ଜରିପୁଟ, ଦଲେଇପୁଟ, ପାନବରଜ, ଦେଉଳଟାଙ୍ଗୀ, କାଇପଦର, ବେରୁଆଁ, ବଙ୍ଗିଦା ଏବଂ ଟାଙ୍ଗୀ ବନାଞ୍ଚଳର ଗୟାବନ୍ଧ, ଡମଣଭୂଇଁ, ଜଙ୍କିଆ, ବାଲିଗାଡ଼ିଆ,ମୋଟା, ଗୋଲବାଇ, ହଜ୍, ନାରଗୋଦା, ଟାଙ୍କୋଲ, ସିକୋ ଜଙ୍ଗଲରେ ରହିଛନ୍ତି। ସନ୍ଧ୍ୟା ହେଲେ ଗାଁ ମୁହାଁଉଛନ୍ତି। ହାତୀ ଭୟରେ ଗ୍ରାମବାସୀ ଘରୁ ବାହାରୁନାହାନ୍ତି। ସନ୍ଧ୍ୟା ହେଲେ କେହି ଲାଇଟ୍ ଲିଭାଇ ଅନ୍ଧାରରେ ଘରେ ରହୁଛନ୍ତି। ଉଭୟ ବନାଞ୍ଚଳ ପକ୍ଷରୁ କେତେଜଣ କର୍ମଚାରୀ ନିକଟ ଜଙ୍ଗଲରେ ଡ୍ୟୁଟି କରୁଛନ୍ତି। ତେବେ ହାତୀ ଗଉଡ଼ାଇବା ଲାଗି ଆବଶ୍ୟକ ଉପକରଣ ନ ଥିବାରୁ ବନ କର୍ମଚାରୀମାନେ ଭୟଭୀତ ଅବସ୍ଥାରେ ରହିଥିବା ଜଣାପଡିଛି।

ଧାନ ଅମଳ ସମୟରେ ହାତୀପଲ ଦାଉ ସାଧୁଛନ୍ତି। ଧାନକ୍ଷେତକୁ ହାତୀ ଦାଉରୁ ରକ୍ଷା କରିବା ଲାଗି ଚାଷୀମାନେ ପାଳି କରି ରାତିରେ କ୍ଷେତ ପାଖରେ ମଞ୍ଚାବାନ୍ଧି ଜଗିରହୁଛନ୍ତି। ଅନ୍ୟପଟେ ହାତୀ ରହୁଥିବା ଅଞ୍ଚଳରେ ରାତି ୭ଟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଦ୍ୟୁତ କାଟ କରାଯାଉଛି। ଫଳରେ ଗ୍ରାମବାସୀ ହଇରାଣ ହେଉଛନ୍ତି। ଜଙ୍ଗଲ ନିକଟବର୍ତ୍ତୀ ୨୦ରୁ ଊର୍ଦ୍ଧ୍ୱ ଗ୍ରାମର ଲୋକେ ହାତୀଙ୍କ ଉପଦ୍ରବ ପାଇଁ ଅନ୍ଧାରରେ ରାତି କାଟୁଛନ୍ତି। ହାତୀପଲ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ଏବଂ ୧୬ ନମ୍ବର ଜାତୀୟ ରାଜପଥ ନିକଟ ଜଙ୍ଗଲରେ ବୁଲୁଛନ୍ତି। କିଛିଦିନ ତଳେ ହାତୀ ଆକ୍ରମଣରେ ବେଗୁନିଆ ଅଞ୍ଚଳର ଜଣେ ଯୁବକଙ୍କ ଜୀବନ ଯାଇଥିଲା। ହାତୀଙ୍କୁ ନିୟନ୍ତ୍ରଣ ଲାଗି ବନ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପଦକ୍ଷେପ ନିଆଯାଉନାହିଁ ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ହାତୀ ଓ ମଣିଷ ଲଢେଇର ସ୍ଥାୟୀ ସମାଧାନ ଲାଗି ପଦକ୍ଷେପ ନିଆଯିବା ଉଚିତ ବୋଲି ପରିବେଶବିତ୍‌ମାନେ ମତ ଦେଇଛନ୍ତି। ଏନେଇ ଖୋର୍ଦ୍ଧା ବନ ଅଧିକାରୀ ଜୟକୃଷ୍ଣ ପଣ୍ଡା କହିଛନ୍ତି, ହାତୀଙ୍କ ଗତିପଥ ଉପରେ ନଜର ରଖାଯାଇଛି। ନିୟନ୍ତ୍ରଣ ଲାଗି ଏକ ସ୍କାଡ୍ ହାତୀ ଚଲାବୁଲା କରୁଥିବା ଅଞ୍ଚଳରେ ପଇଁତରା ମାରୁଛନ୍ତି। ହାତୀ ଫସଲ ନଷ୍ଟ କରୁଥିବା ନେଇ ଅଭିଯୋଗ ଆସିଲେ, ଉପଯୁକ୍ତ କ୍ଷତିପୂରଣ ଦିଆଯିବ।



## ବେଗୁନିଆ କଂଗ୍ରେସ ପକ୍ଷରୁ ବିକ୍ଷୋଭ, ପ୍ରତିବାଦ ସଭା



ବେଗୁନିଆ,୧୧।୧(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ନିର୍ବାଚନମଣ୍ଡଳୀ କଂଗ୍ରେସ ଦଳ ପକ୍ଷରୁ ରବିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ବେଗୁନିଆ ଥାନା ସମ୍ମୁଖସ୍ଥ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ବିଭିନ୍ନ ଦାବି ନେଇ ଧାରଣା ଦିଆଯିବା ସହ ପ୍ରତିବାଦ ସଭା କରାଯାଇଥିଲା। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ନାମ ପରିବର୍ତ୍ତନ, ବିଦ୍ୟୁତ୍ ଉପଭୋକ୍ତାଙ୍କ ଉପରେ ମାତ୍ରାଧିକ ଟିକସ ଲାଗୁ ଏବଂ ଚାଷୀ ସମସ୍ୟା ଆଦି ପ୍ରସଙ୍ଗ ନେଇ ସରକାରଙ୍କୁ ନିନ୍ଦା କରାଯାଇଛି। ଆଗକୁ ବଡ଼ ଆନ୍ଦୋଳନ କରାଯିବାକୁ ଚେତାବନୀ ଦିଆଯାଇଛି। ବିକ୍ଷୋଭରେ ବେଗୁନିଆ ଅଞ୍ଚଳର ମହମ୍ମଦ ମହିଉଦ୍ଦିନ ଅହମ୍ମଦ, କାଳନ୍ଦୀ ଚରଣ ମହାପାତ୍ର ଏବଂ ବଂଶୀଧର ପଣ୍ଡାଙ୍କ ସମେତ ବହୁ କଂଗ୍ରେସ କର୍ମୀ ଓ ନେତା ଯୋଗଦେଇଥିଲେ।

## ରେଳଧାରଣାରୁ ଖଣ୍ଡବିଖଣ୍ଡିତ ମୃତଦେହ ଜବତ: ହତ୍ୟା ସନ୍ଦେହ

ନିରାକାରପୁର,୧୧।୧(ମାନସ ଚନ୍ଦ୍ର ପଟ୍ଟନାୟକ)

ଭୂଷଣ୍ଡପୁର ଷ୍ଟେଶନ ଓ ହରିପୁର ଗେଟ୍ ମଧ୍ୟବର୍ତ୍ତୀ ଅଞ୍ଚଳରେ ଡାଉନ ଲାଇନ ରେଳଧାରଣା ଉପରୁ ଜଣେ ବ୍ୟକ୍ତିଙ୍କ ଖଣ୍ଡବିଖଣ୍ଡିତ ମୃତଦେହକୁ ଜବତ କରାଯାଇଛି। ଟ୍ରେନ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ଅନ୍ୟପକ୍ଷରେ ତାଙ୍କୁ ହତ୍ୟା ଉଦ୍ଦେଶ୍ୟରେ ଚଳନ୍ତା ଟ୍ରେନ୍‌ରୁ ଠେଲିଦିଆଯାଇଥାଇପାରେ ବୋଲି ମଧ୍ୟ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ମୃତକ ହେଲେ ପୁରୀ ଜିଲା ଗଡ଼ିଶାଗୋଦା ଥାନା ଅନ୍ତର୍ଗତ ସାନଓରା ଗ୍ରାମର ଯୁଧିଷ୍ଠିର ସାହୁ (୭୭)। ରେଲୱେ ପୋଲିସ ସୂଚନା ଅନୁଯାୟୀ, ରବିବାର ସନ୍ଧ୍ୟାରେ ଭୂଷଣ୍ଡପୁର ଷ୍ଟେଶନ ଓ ହରିପୁର ଗେଟ୍ ମଧ୍ୟବର୍ତ୍ତୀ ଅଞ୍ଚଳରେ ଡାଉନ ଲାଇନ ରେଳଧାରଣା ଉପରୁ ଜଣେ ବ୍ୟକ୍ତିଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହକୁ ଜବତ କରାଯାଇଛି। କେଉଁ ଟ୍ରେନରେ ଓ କିପରି ଦୁର୍ଘଟଣା ଘଟିଲା ତାହା ଜଣାପଡ଼ିନାହିଁ। ଏନେଇ ନିରାକାରପୁର ରେଲୱେ ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା (ନଂ.୧/୨୬) ରୁଜୁ ହୋଇଛି। ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିବା ଫାଣ୍ଡି ଅଧିକାରୀ ଦିଲ୍ଲୀପ କୁମାର ସାହୁ ସୂଚନା ଦେଇଛନ୍ତି।

## ନିରାକାରପୁର ବଣିକ ସଂଘର ବାର୍ଷିକ ବୈଠକ

ନିରାକାରପୁର,୧୧।୧(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ବଣିକ ସଂଘର ବାର୍ଷିକ ଉତ୍ସବ ମଞ୍ଜାରିଆସ୍ଥିତ ମା' ଦହିଖାଇଙ୍କ ପୀଠରେ ଅନୁଷ୍ଠାନର ସଭାପତି ଆର୍ତ୍ତତ୍ରାଣ ରାଉତରାୟଙ୍କ ପୌରାହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ବଳରାମ ରାଉତରାୟ ବାର୍ଷିକ ବିବରଣୀ ପାଠ ଓ ସହସମ୍ପାଦକ ଆନନ୍ଦ ବାଘସିଂହ ଆୟବ୍ୟୟ ସମ୍ପର୍କରେ ସୂଚନା ଦେଇଥିଲେ। ବ୍ୟବସାୟୀ ଭାଇମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅନୁଷ୍ଠାନର ଉନ୍ନତି ନିମନ୍ତେ ରଜନୀକାନ୍ତ ପରିଡ଼ା, କେଶବ ଚନ୍ଦ୍ର ରାଉତରାୟ, ମାନସ ଚନ୍ଦ୍ର ପଟ୍ଟନାୟକ, ଜନ୍ମେଜୟ ସାହୁ, ବଳରାମ ବାରିକ ପ୍ରମୁଖ ବରିଷ୍ଠ ସଦସ୍ୟ ସୁଚିନ୍ତିତ ମତାମତ ରଖିଥିଲେ। ଉପସଭାପତି ସନାତନ ବାରିକ, କୋଷାଧ୍ୟକ୍ଷ ମୁକ୍ତିକାନ୍ତ ସାହୁଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଓ ସମସ୍ତ ସଦସ୍ୟ ଉପସ୍ଥିତ ରହି ଗତବର୍ଷ ଯେଉଁ କର୍ମକର୍ତ୍ତାମାନେ ଥିଲେ, ସେମାନେ ମଧ୍ୟ ଚଳିତ ବର୍ଷ ସର୍ବସମ୍ମତି କ୍ରମେ ଚୟନ ହେଲେ ବୋଲି ଘୋଷଣା କରିଥିଲେ। ଶେଷରେ ଡ. ଆର୍ତ୍ତତ୍ରାଣ ସାହୁ ଧନ୍ୟବାଦ ଦେଇଥିଲେ।

## ନେତାଜୀଙ୍କ ଜୀବନ ସଂଗ୍ରାମ ସଂକ୍ରାନ୍ତ ପ୍ରତିଯୋଗିତା

ଖୋର୍ଦ୍ଧା,୧୧।୧(ପ୍ରଭାତ ପାଣିଗ୍ରାହୀ)




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ମହାପୁରୁଷ ସ୍ମୃତିଚାରଣ ପରିଷଦ ଖୋର୍ଦ୍ଧା ଜିଲା ସଙ୍ଗଠନ ପକ୍ଷରୁ ଗୀତାଭବନରେ ରବିବାର ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୀବନ ସଂଗ୍ରାମ ଉପରେ ଛାତ୍ରୀଛାତ୍ରଙ୍କୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନତା ଆନ୍ଦୋଳନରେ ନେତାଜୀଙ୍କ ଭୂମିକା ଉପରେ ଓଡ଼ିଆ ପ୍ରବନ୍ଧ ଲିଖନ, ନେତାଜୀଙ୍କ ସ୍ୱପ୍ନର ଭାରତ ଓଡ଼ିଆ ବକ୍ତୃତା, ଦେଶାତ୍ମବୋଧ ସଙ୍ଗୀତ ଗାନ ଓ ନେତାଜୀଙ୍କ ଫଟୋଚିତ୍ର ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ବିଚାରପତି ଭାବେ ଶିକ୍ଷାବିତ୍ ବୈକୁଣ୍ଠନାଥ ରାଜଗୁରୁ, ଜ୍ଞାନରଞ୍ଜନ ଦାଶ, କବିତା ପଟ୍ଟନାୟକ, ମନସ୍ୱିନି ଭୁଜବଳ, ଚିତ୍ରଶିଳ୍ପୀ ଅନୁପମ ମହାନ୍ତି, ଲେଖକ ଭବାନୀ ପ୍ରସାଦ କର ଉପସ୍ଥିତ ଥିଲେ। ସଂଗଠନ ସମ୍ପାଦକ ଜୟନ୍ତ ମହାନ୍ତି, ତନୱିର ସ୍ୱାଲେହିନ, ଛାତ୍ରନେତା ରାକେଶ କାଣ୍ଡି, ସାଗର ସାହୁ, ଅବିନାଶ ପ୍ରଧାନ, ମନ୍ଦାକିନୀ ସାହୁ ଓ ଧର୍ମ ପ୍ରକାଶ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ବହୁ ଛାତ୍ରୀଛାତ୍ର ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ୨୧ ତାରିଖରେ ଶ୍ୟାମାମାଧବ ବାସନ୍ତୀ ଦେବୀ ମେମୋରିଆଲ ପାଠାଗାରରେ ଜୟନ୍ତୀ ସମାରୋହରେ ପୁରସ୍କୃତ କରାଯିବ।

## ପଥର ବୋଝେଇ ଟ୍ରକ୍ ଜବତ

ବେଗୁନିଆ,୧୧।୧(ସନ୍ଧ୍ୟାରାଣୀ ମିଶ୍ର)

ବାଘମାରୀ ଥାନା ଅନ୍ତର୍ଗତ କୋଟପଲା-ଓସ୍ତପୁରରୁ ଶନିବାର ବାଘମାରୀ ପୋଲିସ ଏକ ବେଆଇନ ପଥର ବୋଝେଇ ଟ୍ରକ୍ ଜବତ କରିଥିବା ବେଳେ ଚାଳକ ଫେରାର ହୋଇଯାଇଛନ୍ତି। ଏ ନେଇ ଏକ କେସ୍ ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ସୁଚିତ୍ରା ଜେନା କହିଛନ୍ତି।

## ମହିଳାଙ୍କୁ ଧକ୍କା ଦେଇ ବାଇକ୍ ଚାଳକ ଗୁରୁତର

କଳାପଥର/ ବେଗୁନିଆ, ୧୧।୧
(ଗଙ୍ଗାଧର ସାହୁ/ହରପ୍ରସନ୍ନ ପଣ୍ଡା)

ବାଘମାରୀ-କଣ୍ଟିଲୋ ରାଜ୍ୟ ସଡ଼କ ପଥର କୋଦବେରେଣି ତ୍ରିନାଥ ମଣ୍ଡପ ଛକଠାରେ ରବିବାର ସନ୍ଧ୍ୟାରେ ଜଣେ ମହିଳାଙ୍କୁ ଧକ୍କା ଦେଇ ଜଣେ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ବାଇକ୍ ଚାଳକ ହେଲେ ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ କାଇପଦର ଗ୍ରାମର ସୋମନାଥ ରାଉତରାୟ। ତେବେ ଏ ନେଇ ଥାନାରେ ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି। ପୋଲିସ ସୂଚନା ଅନୁଯାୟୀ, ସୋମନାଥ ତାଙ୍କ ଶ୍ୱଶୁର ଘର ବୈଦେଶ୍ୱର ଥାନା ଅଧୀନ ମଧୁଆପଲ୍ଲୀ ଗ୍ରାମକୁ ଯାଇଥିଲେ। ସନ୍ଧ୍ୟାରେ ସେ ବାଇକ୍ ଯୋଗେ ଘରକୁ ଫେରୁଥିବାବେଳେ ପ୍ରାୟ ସାଢ଼େ ୬ଟାରେ ବେଗୁନିଆ ଥାନା ଧଳାପଥର ଫାଣ୍ଡି ଅନ୍ତର୍ଗତ କୋଦବେରେଣି ଛକଠାରେ ଭାରସାମ୍ୟ ହରାଇ ହମ୍ପ ସହିତ ପିଟିହୋଇଯାଇଥିଲେ। ସେହି ସମୟରେ ରାସ୍ତା ପାର୍ଶ୍ୱରେ ଯାଉଥିବା ଜଣେ ମହିଳାଙ୍କୁ ଧକ୍କା ଦେବାରୁ ତାଙ୍କ ଶରୀରରେ ଗଭୀର ଆଘାତ ଲାଗିଛି। ଖବର ପାଇ ଧଳାପଥର ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ବାଇକ୍ ଜବତ କରିବା ସହ ଉଭୟ ଆହତଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଏ ସମ୍ପର୍କରେ ବେଗୁନିଆ ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ କହିଛନ୍ତି, ଗୁରୁତର ସୋମନାଥଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି, ହେଲେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଡାକ୍ତରଙ୍କ ପକ୍ଷରୁ କୌଣସି ସୂଚନା ମିଳିନାହିଁ।

## ଗିନି କପ୍: ସୋଲାର କ୍ରିକେଟ୍ କ୍ଲବ ଚାମ୍ପିୟନ



ମୁଖ୍ୟ ଅତିଥି ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଚାମ୍ପିୟନ ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରୁଛନ୍ତି।

ଖୋର୍ଦ୍ଧା,୧୧।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା କ୍ରିକେଟ୍ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ସବ୍ୟସାଚୀ-ଦୀନେଶ ମେମୋରିଆଲ ଗିନିକପ୍ କ୍ରିକେଟ ଟୁର୍ନାମେଣ୍ଟରେ ଚଳିତବର୍ଷ ସୋଲାର କ୍ରିକେଟ୍ କ୍ଲବ ଚାମ୍ପିୟନ ହୋଇଛି। ରବିବାର ସ୍ଥାନୀୟ ଖେଳପଡ଼ିଆରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ସୋଲାର କ୍ଲବ କଟକ ୨୪ ରନରେ ଜେସିଏ ଭୁବନେଶ୍ୱରକୁ ହରାଇ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ସୋଲାର କ୍ରିକେଟ କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୮.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୫୨ ରନ କରିଥିଲା। ସୋଲାର କ୍ରିକେଟ୍ କ୍ଲବର ଗିରିଜା ରାଉତ ୪୩ ଓ ସାୱନ୍ ପାହାଡ଼ିଆ ୨୮ ରନ କରିଥିଲେ। ଜେସିଏ ଭୁବନେଶ୍ୱର ପକ୍ଷରୁ ଏସ୍‌କେ ସଲମାନ ୩ ଉଇକେଟ୍ ନେଇଥିଲେ। ଜବାବରେ ଜେସିଏ ଦଳ ୧୮.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୨୯ ରନ କରିପାରିଥିଲେ। ଜେସିଏ ଦଳ ପକ୍ଷରୁ ସତ୍ୟଜିତ ସାବତ ୩୮ ଓ ସୁମନ ରାଉତ ୨୪ ରନ କରିଥିଲେ। ସୋଲାର କ୍ଲବ ପକ୍ଷରୁ ମଳୟ ଜେନା ଓ ଶେଷଦୀପ ପାତ୍ର ୩ଟି ଲେଖାଏ ଉଇକେଟ୍ ନେଇଥିଲେ। ଚାମ୍ପିୟନ ସୋଲାର କ୍ରିକେଟ୍ କ୍ଲବକୁ ଟ୍ରଫି ସହ ୫୦ ହଜାର ଏବଂ ରନର୍ସ ଅପ୍ ଜେସିଏ ଟିମ୍‌କୁ କପ୍ ସହ ୩୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି। ସୋଲାର କ୍ରିକେଟ ଟିମ୍‌ର ଶେଷଦୀପ ପାତ୍ରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଟ୍ରଫି ସହ ୫ ହଜାର ଟଙ୍କା ଓ ସ୍ମାର୍ଟ ୱାଚ୍ ଦିଆଯାଇଛି। ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ଜେସିଏର ଏସ୍. କେ. ସଲ୍‌ମାନଙ୍କୁ ୧୦ ହଜାର ଟଙ୍କା ଓ ସ୍ମାର୍ଟ ୱାଚ୍ ଦିଆଯାଇଛି। ଏହି ଅବସରରେ ଗିନି କପ୍ ପ୍ରତିଷ୍ଠାତା ମହେଶ ଅଗ୍ରୱାଲ ଉପସ୍ଥିତ ଥିଲେ। ଆସୋସିଏଶନ ସମ୍ପାଦକ ଭବାନୀଶଙ୍କର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଓ ସମ୍ମାନିତ ଅତିଥିଭାବେ ପୂର୍ବତନ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ପୂର୍ବତନ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଖୋର୍ଦ୍ଧା ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି, ପୂର୍ବତନ ଜିଲାପରିଷଦ ଅଧକ୍ଷା ବାସନ୍ତୀ ମହାପାତ୍ର, କ୍ରୀଡ଼ା ଶିକ୍ଷାବିତ୍ ଚିତ୍ତରଞ୍ଜନ ବେଉରା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଆସୋସିଏଶନର ବରିଷ୍ଠ ସଭ୍ୟ ମହେଶ ଅଗ୍ରୱାଲ ଓ ଜ୍ୟୋତିରୀନ୍ଦ୍ରନାଥ ମିତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଭାଷ୍ୟକାର ବିଭାବସୁ ମହାନ୍ତି ଓ ସୁଶାନ୍ତ ଦାସ ମଞ୍ଚ ପରିଚାଳନା କରିଥିଲେ। ଅମ୍ପାୟାର ଭାବେ ରାକେଶ ମିଶ୍ର ଏବଂ ଲୁଲୁ ମହାପାତ୍ର, ସ୍କୋରର ଭାବେ ଜନ୍ମେଜୟ ଓ ରବିନାରାୟଣ ପରିଡ଼ା ଦାୟିତ୍ୱ ତୁଲାଇଥିଲେ। ଆସୋସିଏଶନ କୋଷାଧକ୍ଷ ତନ୍ମୟ ବୋଷ ଧନ୍ୟବାଦ ଦେଇଥିଲେ। ମନୋଜ ପ୍ରଧାନ, ତାପସ ବୋଷ, ସୌରରଞ୍ଜନ ମହାନ୍ତି, ଦେବୀ ଶଙ୍କର ପଣ୍ଡା, ବିଜୟ ଗୋଛି, ବିଜ୍ଞାନ ସୁନ୍ଦରାଏ, ସୌମେନ୍ଦ୍ର ଦାସ, ସୁରେଶ ଭୂଷଣ ପଟ୍ଟନାୟକ, ସାରଳା ପଟ୍ଟନାୟକ, ଶଶିକାନ୍ତ ଦାସ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦେବାଂଶୀ



@ ନିତ୍ୟାନନ୍ଦ



@ ପୀତାମ୍ବର



@ ପ୍ରଭାତ



@ ଚନ୍ଦନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସିଦ୍ଧ ମହାବୀରଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ

ଜଟଣୀ,୧୧।୧(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ଅନ୍ତର୍ଗତ ମୁଣ୍ଡଳ ଗ୍ରାମରେ ଭକ୍ତିମୟ ପରିବେଶ ମଧ୍ୟରେ ଶନିବାରଠାରୁ ୧୮ତମ ସିଦ୍ଧ ମହାବୀର ଦେବଙ୍କ ବାର୍ଷିକ ଉତ୍ସବ ତଥା ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଯାଇଛି। ରବିବାର ସକାଳେ ମାନସିକଧାରୀମାନେ ନିକଟସ୍ଥ ରଙ୍ଗିଆ ନଦୀଘାଟରୁ ପୂଜାକର୍ମ ସାରି କଳସ ଶୋଭାଯାତ୍ରାରେ ଜଳ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ରୀତିନୀତି ମୁତାବକ ଜଳଯାତ୍ରା, ଶାଳାଦି ମଣ୍ଡନ, ସର୍ବଦେବଦେବୀ ଆବାହନ, ଅଗ୍ନି ସ୍ଥାପନ, ସନ୍ଧ୍ୟା ଆଳତି ଅନୁଷ୍ଠିତ ହୋଇଥିଲା। ସୋମବାର ସୂର୍ଯ୍ୟପୂଜା, ଗୋପୂଜା, ଗୀତାପାଠ, ସନ୍ଧ୍ୟା ଆଳତି, ଭଜନ ସମାରୋହ, ନାମ ସଂକୀର୍ତ୍ତନ ଏବଂ ମଙ୍ଗଳବାର ରୁଦ୍ରାଭିଷେକ, ଚଣ୍ଡୀପାଠ କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ୩ଦିନ ଧରି ରାମଲୀଳା ପରିବେଷଣ ହେବ। ବ୍ରହ୍ମଗିରି ଅଞ୍ଚଳର ଧର୍ମ ମହାବୀର ନାଟ୍ୟ ସଂସଦ ପକ୍ଷରୁ ଶନିବାର ସନ୍ଧ୍ୟାରେ ଇନ୍ଦ୍ରଜିତ ବଧ ଓ ରବିବାର ସନ୍ଧ୍ୟାରେ ବିଞ୍ଝେଶ୍ୱରୀ ରାମନାଟ୍ୟ ପରିଷଦ ପକ୍ଷରୁ ଲଙ୍କାପୋଡ଼ି ପରିବେଷଣ କରାଯାଇଛି। ସୋମବାର ସନ୍ଧ୍ୟାରେ ରାମ, ହନୁମାନ ଯୁଦ୍ଧ ନାଟକ ପରିବେଷଣ କରାଯିବ। ମଙ୍ଗଳବାର ଅନ୍ତିମ ଦିବସରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ପ୍ରାୟ ୧୦ହଜାର ଲୋକଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା ହୋଇଛି। ମନ୍ଦିର ପୂଜକ ଜ୍ଞାନ ରଞ୍ଜନ ଦାଶ ଓ କୁଳ ପୁରୋଧା ବାଳକୃଷ୍ଣ ମିଶ୍ର, କଳାକାହ୍ନୁ ସାମନ୍ତଶର୍ମା ଏହି ମହାଯଜ୍ଞର ପରିଚାଳନା ଦାୟିତ୍ୱ ତୁଲାଉଥିବା ମନ୍ଦିର କମିଟି ପକ୍ଷରୁ ସୂଚନା ଦିଆଯାଇଛି।



ମହିଳା ଓ ପୁରୁଷମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

# ଧାର୍ମିକ ଭାବନା ସମାଜକୁ ସଂସ୍କାର ପଥରେ ଆଗେଇନେବ

## ଅନୁକୂଳଚନ୍ଦ୍ରଙ୍କ ୧୦୪ତମ ଆଗମନ ସ୍ମୃତିର ବିଶାଳ ସମାବେଶ

ପୁରୀ,୧୧।୧(ଅଜିତ୍ କୁମାର ମହାନ୍ତି)

ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆଜକୁ ୧୦୩ ବର୍ଷ ତଳେ ବିଶ୍ୱର ଅନନ୍ୟ ଆଧ୍ୟାତ୍ମିକ ପୀଠ ଉତ୍କଳର ପୁରୀ ମାଟିରେ ପଦାର୍ପଣ କରିଥିଲେ। ଏହି ପବିତ୍ର ସ୍ମୃତିକୁ ସ୍ମରଣକରି ପ୍ରତିବର୍ଷ ଜାନୁଆରୀରେ ଅନୁକୂଳଚନ୍ଦ୍ରଙ୍କର ଆଗମନ ସ୍ମୃତି ସମାବେଶ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଠାକୁରଙ୍କର ପୁଣ୍ୟ ଉତ୍କଳ ଆଗମନର ଶୁଭ ମହୋତ୍ସବ ରବିବାର ତାଳବଣିଆଠାରେ ଅନୁଷ୍ଠିତ ହୋଇଯାଇଛି।

ଉତ୍ସବ ସ୍ଥଳରେ ଏକାଧିକ ମଣ୍ଡପ ମାଧ୍ୟମରେ ବିବିଧ ମାଙ୍ଗଳିକ କାର୍ଯ୍ୟକ୍ରମ ଯଥା ବ୍ରାହ୍ମମୁହୂର୍ତ୍ତେ ବେଦ ମାଙ୍ଗଳିକ ଓ ନହବତ, ପ୍ରତ୍ୟୁଷେ ଉଷାକୀର୍ତ୍ତନ, ସକାଳ ୬ଟା ୨୨ରୁ ଉଷାବିନତି, ଦର୍ଶନ, ପ୍ରଣାମ ଓ ପରେ ପୁଣ୍ୟ ଉତ୍ସବର ଶୁଭ ଉଦ୍‌ଘାଟନ ହୋଇଥିଲା। ପରେ ସତ୍‌ସଙ୍ଗ ଠାକୁରବାଡ଼ିରୁ ସକାଳ ୭ଟା ୩୦ରେ ଶ୍ରୀବିଗ୍ରହଙ୍କୁ ରଥରେ ବସାଯାଇ ରେଲ୍‌ୱେ ଷ୍ଟେଶନ, ସୁଭାଷ ବୋଷ୍ ଛକ ଦେଇ ତାଳବଣିଆ ପଡ଼ିଆକୁ ଏକ ଭବ୍ୟ ଶୋଭାଯାତ୍ରାରେ ହଜାର ହଜାର ଭକ୍ତଙ୍କ ଗହଣରେ ଅଣାଯାଇଥିଲା। ତାଳବଣିଆ



ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆଗମନ ସ୍ମୃତିର ବିଶାଳ ସମାବେଶରେ ଯୋଗ ଦେଇଥିବା ମହିଳା ଓ ପୁରୁଷମାନେ।

ପଡ଼ିଆରେ ସଙ୍ଗୀତାଞ୍ଜଳି, ସାଧାରଣ ସଭା, ସତ୍‌ସଙ୍ଗୀ ସମ୍ମିଳନୀ, ଡି ପି ସମ୍ମିଳନୀ, ଚିକିତ୍ସକ ସମ୍ମିଳନୀ, ମାତୃ ସମ୍ମିଳନୀ, ପୂର୍ବାହ୍ନ ୧୧ଟାରୁ ପ୍ରସାଦସେବନ ସହ ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟୂନ ୫୦,୦୦୦ରୁ ଊର୍ଦ୍ଧ୍ୱ ଭକ୍ତ ଅନୁରାଗୀ ଏହି ମହୋତ୍ସବରେ ଯୋଗଦାନ କରିଥିଲେ। ଜିଲା ଓ ପୋଲିସ ପ୍ରଶାସନ ସହଯୋଗରେ ଏହି ମହୋତ୍ସବ ଶାନ୍ତିଶୃଙ୍ଖଳାର ସହ ଉଦ୍‌ଯାପିତ ହୋଇଛି। ଉତ୍ସବ କମିଟିର ସଭାପତି ଡ. ସୁରେଶ ଦଳାଇ, ସମ୍ପାଦକ ଡ. ହୃଷୀକେଶ ସେନାପତି, ଉପସଭାପତି ଡମ୍ବରୁଧର ଦାସ, ସହସମ୍ପାଦକ ନିରଞ୍ଜନ ବେହେରା, ନୃସିଂହ ଶ୍ରୀଚନ୍ଦନ, ଅରୁଣ କୁମାର ସାହୁ, ଉମାକାନ୍ତ ସାହୁ, ପ୍ରଭାକର ଦାଶ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ସତ୍‌ସଙ୍ଗ ଦେଓଘରର ସମ୍ପାଦକ ଡା. ବିନାୟକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉତ୍କଳ ମାଟିରେ ପୁରୁଷୋତ୍ତମଙ୍କର ପଦାର୍ପଣ ସ୍ମୃତିରେ ପୁଲକ ଆଜି ପ୍ରତ୍ୟେକ ପ୍ରାଣକୁ ଭକ୍ତି ରସାଣିତ କରିଛି। ଆଧ୍ୟାତ୍ମିକତା ଓ ଧାର୍ମିକ ଭାବନା ସମାଜକୁ ସଂସ୍କାର ପଥରେ ଆଗେଇ ନେବାରେ ସହାୟକ ହେବ ବୋଲି ମତପ୍ରକାଶ ପାଇଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୧।୧।୨୦୨୬

| | |
|---|---|
| | ୮,୬୮,୩୦୬ ଟଙ୍କା |
| ସୁନା | ୭.୧୭୦ ଗ୍ରାମ୍ |
| ରୁପା | ୮୭.୧୦୦ ଗ୍ରାମ୍ |

## ସଂକ୍ଷେପରେ

### ଆଜି ମହାପ୍ରଭୁଙ୍କ ଦୁଧ ମେଲାଣ ନୀତି

ପୁରୀ,୧୧।୧(ଅଜିତ୍ କୁମାର ମହାନ୍ତି)

ପୌଷମାସ ସଂକ୍ରାନ୍ତି ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ମକର ସଂକ୍ରାନ୍ତି ନୀତି ଅନୁଷ୍ଠିତ ହେବ। ଏଥିପାଇଁ ଶ୍ରୀମନ୍ଦିର ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିନିମନ୍ତେ ସୋମବାର ଶ୍ରୀମନ୍ଦିରରେ ଦୁଧ ମେଲାଣ ନୀତି ଅନୁଷ୍ଠିତ ହେବ। ଦକ୍ଷିଣୀ ଘର ଭୋଗ ସମ୍ପନ୍ନ ହେବା ପରେ ଦକ୍ଷିଣୀ ଘରୁ ମହାଜନ ସେବକମାନେ ହସ୍ତରେ ଶ୍ରୀରାମକୃଷ୍ଣଙ୍କ ଧରି ରତ୍ନସିଂହାସନକୁ ବିଜେ କରିବେ। ସେଠାରେ ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ବାଡ଼ରୁ ଏକ ଆଜ୍ଞାମାଳ ଆଣି ରାମକୃଷ୍ଣଙ୍କୁ ପ୍ରଦାନ କରିବା ପରେ ଠାକୁରଙ୍କୁ ପାଲିଙ୍କିରେ ବିଜେ କରାଯିବ। ରୋଷଶାଳା ପରିସରକୁ ଯାଇ ଦୁଧ ଭାର ଆସିବା ପରେ ଠାକୁରଙ୍କୁ ପାଲିଙ୍କିରେ ଶ୍ରୀଜଗନ୍ନାଥବଲ୍ଲଭକୁ ବିଜେ କରାଯିବ। ସେଠାରେ ବିଶେଷ ନୀତି ଅନୁଷ୍ଠିତ ହେବା ପରେ ଠାକୁରମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିବେ। ପରେ ଠାକୁରଙ୍କ ମା'ମହାଲକ୍ଷ୍ମୀ ମନ୍ଦିର ପରିସରରେ ପଡ଼ିଥିବା ଖଟଶେଜ ଉପରେ ବିଜେ କରାଯାଇ ସେଠାରେ ଠାକୁରଙ୍କୁ ଦୁଧ ମୋହଣି କରାଯିବା ସହ ବନ୍ଦାପନା ଏବଂ ଅନ୍ୟାନ୍ୟ ନୀତି କରାଯିବ। ନୀତି ସମ୍ପନ୍ନ ହେବା ପରେ ଠାକୁର ଦକ୍ଷିଣୀ ଘରକୁ ବିଜେ କରିବେ।

### ଜିଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ

ପୁରୀ,୧୧।୧(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ଜରାଶ୍ରମର ଅନ୍ତେବାସୀଙ୍କୁ ଶୀତବସ୍ତ୍ର ବା କମ୍ବଳ ବଣ୍ଟନ କରାଯାଇଛି। ମଞ୍ଚ ପକ୍ଷରୁ ବେଲଦଳସ୍ଥିତ ହୋପ୍ ଇନ୍ ଲାଇଫ ଏବଂ ଜ୍ୟୋତିପ୍ରଭା ବୃଦ୍ଧାଶ୍ରମ ବାଲିଘାଟର ଅନ୍ତେବାସୀଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ଏଥିସହ ପୁରୀ ସହରର ବିଭିନ୍ନ ସ୍ଥାନରେ ଖୋଲା ଆକାଶ ତଳେ ରାତିଯାପନ କରୁଥିବା ନିରାଶ୍ରୟ ବୃଦ୍ଧାବୃଦ୍ଧଙ୍କୁ ଅନୁଷ୍ଠାନ ପକ୍ଷରୁ କମ୍ବଳ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ରବି ନାରାୟଣ ପ୍ରହରାଜ, କାର୍ଯ୍ୟକାରୀ ସଭାପତି ବିଶ୍ୱନାଥ ପଞ୍ଚ, ସାଧାରଣ ସମ୍ପାଦକ କୃତ୍ତିବାସ କାମଲ, ଯୋଜନା ଓ ସମନ୍ୱୟ କମିଟିର ଅଧ୍ୟକ୍ଷ ଡ. ମନୋଜ କୁମାର ସାମନ୍ତରାୟ, ମୁଖ୍ୟ ପରାମର୍ଶଦାତା ଭୀମସେନ୍ ପଣ୍ଡା, କାର୍ଯ୍ୟକାରୀ ସଭ୍ୟ ପ୍ରଦେଶ କୁମାର ଜେନା, ପ୍ରଫୁଲ କୁମାର ସାହୁ, ସଂଗ୍ରାମ କେଶରୀ ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଉଭୟ ଜରାଶ୍ରମ ସମ୍ପାଦକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ମେଗା ରକ୍ତଦାନ ଶିବିର, ୬୫ ୟୁନିଟ୍ ସଂଗ୍ରହ

ନିମାପଡ଼ା,୧୧।୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ କଲେଜର ଜାତୀୟ ସେବା ଯୋଜନା, ଯୁବ ରେଡ୍‌କ୍ରସ, ଏନ୍‌ସିସି ଓ ଆଇକ୍ୟୁଏସି ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷା ଶିକ୍ଷାବିତ୍ ଅମିତା ମହାନାୟକ, ପ୍ରଶାସନିକ ଅଧିକାରୀ ଡ. ରବୀନ୍ଦ୍ର ନାଥ ପାଢ଼ୀ, ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଡ. ବିଷ୍ଣୁପ୍ରସାଦ ସାହୁ, ଯୁବ ରେଡ୍‌କ୍ରସର କାଉନ୍‌ସିଲର ଡ. ମମତା ସାହୁ, ଦେବୀଦତ୍ତ ବେହେରା, ଏନ୍‌ସିସିର ସିଓ ପ୍ରେମରାଜ ଗହିର, ଆଇକ୍ୟୁଏସିର ସଂଯୋଜକ ନନ୍ଦିନୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଆଜିର ଛାତ୍ର ଓ ଯୁବ ସମାଜ ଅନ୍ୟଲୋକଙ୍କ ଜୀବନ ବଞ୍ଚାଇବାକୁ ରକ୍ତଦାନ ପାଇଁ ଆଗେଇ ଆସିବା ଏକାନ୍ତ ଅପରିହାର୍ଯ୍ୟ ବୋଲି ଅତିଥିମାନେ ଆଲୋକପାତ କରିଥିଲେ। ଇଣ୍ଡିଆନ ରେଡ୍‌କ୍ରସ ସୋସାଇଟି ଭୁବନେଶ୍ୱର ସହାୟତାରେ ଅନୁଷ୍ଠିତ ହୋଇଥିଲା। ଶିବିରରେ ମୋଟ ୬୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

# ନିଶାମୁକ୍ତ ଭାରତ ଅଭିଯାନର ଶୁଭାରମ୍ଭ



ପୁରୀ ଈଶ୍ୱରୀୟ ରାଜଯୋଗ ସାଧନା କେନ୍ଦ୍ର ପକ୍ଷରୁ ପୁରୀରେ ନିଶାମୁକ୍ତି ଭାରତ ଅଭିଯାନର ଶୁଭାରମ୍ଭ କରାଯାଉଛି।

ପୁରୀ,୧୧।୧(ଅଜିତ୍ କୁମାର ମହାନ୍ତି)

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଶନିବାର ପୁରୀ ବଳିଆପଣ୍ଡାସ୍ଥିତ ଈଶ୍ୱରୀୟ ରାଜଯୋଗ ସାଧନା କେନ୍ଦ୍ରରେ ନିଶାମୁକ୍ତ ଅଭିଯାନର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଭାରତର ବିଭିନ୍ନ ରାଜ୍ୟରୁ ୧୫୦ ଜଣ ସ୍ୱାସ୍ଥ୍ୟ ବିଶାରଦ ଏବଂ ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ଡ. ବି କେ ମହାପାତ୍ର, ମୁଖ୍ୟବକ୍ତା ଭାବେ ବ୍ରହ୍ମାକୁମାରୀ ମୁଖ୍ୟାଳୟ ମାଉଣ୍ଟଆବୁ ସ୍ୱାସ୍ଥ୍ୟ ପ୍ରଭାଗର ସେକ୍ରେଟାରୀ ରାଜଯୋଗୀ ବ୍ରହ୍ମାକୁମାର ଡ. ବନାରସି ଲାଲ ଯୋଗଦେଇ କହିଥିଲେ ଯେ, ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥା ଦ୍ୱାରା ନିଶା ନିବାରଣ ସମ୍ବନ୍ଧୀୟ ବହୁ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଥିଲେ ମଧ୍ୟ ସେମାନଙ୍କ ସଫଳତା ହାର ଶତକଡ଼ା ୨୦/୩୦ ଶତକଡ଼ା ଠାରୁ କମ୍।

ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ ଡ. ପ୍ରଦୀପ କୁମାର ଗୁରୁ ଓ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର, ଅତିରିକ୍ତ ନିର୍ଦ୍ଦେଶକ ଡ. ସୁଶାନ୍ତ କୁମାର ସ୍ୱାଇଁ, କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକ ଡ. ରୂପଭାନୁ ମିଶ୍ର, ପୁରୀ ବ୍ରାଞ୍ଚ ଆଇଏମ୍‌ଏର ସେକ୍ରେଟାରୀ ଡ. ବାନାମ୍ବର ସେନାପତି, ପୁରୀ ସିଡିଏମ୍‌ଓ ଡ. ଏ.କେ. ଶତପଥୀ ଅତିଥି ଭାବେ ଯୋଗଦେଇ ନିଶା ମୁକ୍ତି ସମ୍ବନ୍ଧୀୟ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ସାଧନା କେନ୍ଦ୍ରର ନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମାକୁମାରୀ ଡ. ନିରୁପମା ସମସ୍ତଙ୍କୁ ନିଶାଦ୍ରବ୍ୟ ସେବନ ନ କରିବା ପାଇଁ ଶପଥ ପାଠ କରାଇଥିଲେ। ଡ. ସତ୍ୟାନନ୍ଦ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ପ୍ରାକ୍ତନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ରାଜଯୋଗୀ ବ୍ରହ୍ମାକୁମାର ଡକ୍ଟର ଏ ଏନ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟାଳୟ ସଂଯୋଜିକା ରାଜଯୋଗିନୀ ବ୍ରହ୍ମାକୁମାରୀ ମନୀଷା ଧନ୍ୟବାଦ ଦେଇଥିଲେ।

## ସାରସ୍ୱତ ଆଲୋଚନା, କବିତା ପାଠୋତ୍ସବ

ପୁରୀ,୧୧।୧(ଅଜିତ୍ କୁମାର ମହାନ୍ତି)

'ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ପରିଷଦ' ପକ୍ଷରୁ ଶ୍ରୀକ୍ଷେତ୍ର ପୁସ୍ତକ ମେଳା ସଭା ମଞ୍ଚରେ ସାରସ୍ୱତ ଆଲୋଚନା ଓ କବିତା ପାଠୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଉପଦେଷ୍ଟା ବିଶିଷ୍ଟ ପ୍ରାବନ୍ଧିକ ଅଦ୍ୱୈତ ଚରଣ ଧଳଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ପ୍ରଫୁଲ୍ଲ କୁମାର ମିଶ୍ର ଯୋଗଦେଇ ସାହିତ୍ୟର ଶ୍ରେଷ୍ଠ ପୁରସ୍କାର ହିଁ ଉତ୍ତମ ପୁସ୍ତକ ଅଧ୍ୟୟନ ଓ ମନନରେ ଅଛି। ସହୃଦୟ ହେଉଛି ସେମାନଙ୍କ ଶ୍ରେଷ୍ଠ ବିଚାରକ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ମାଧ୍ୟମିକ ଶିକ୍ଷା ପରିଷଦର ଅବସରପ୍ରାପ୍ତ ବିଜ୍ଞାନ ବିଶାରଦ ଡ. କିଶୋର ଚନ୍ଦ୍ର ମହାନ୍ତି ଯୋଗଦେଇ ଜ୍ଞାନ, ବିଜ୍ଞାନ ଓ ପ୍ରଜ୍ଞାନ ସମସ୍ତ ରଚନା ବେଦ, ଉପନିଷଦ ଓ ପୁରାଣରେ ସର୍ଜନା ହୋଇଛି। ତା'ର ସରଳ କରି ଭାବନାର ପ୍ରଭାବ ଯୁବ ପିଢ଼ି ପାଇଁ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ପ୍ୟାରୀମୋହନ ପଟ୍ଟନାୟକ ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ କବି ଅଜୟ ପ୍ରଧାନଙ୍କ କବିତା ସଂକଳନ 'ଜୀବନ ସାଢ଼େ ତିନି ଅକ୍ଷର' ଲୋକାର୍ପିତ ହୋଇଥିଲା। ସାଧାରଣ ସମ୍ପାଦକ ଶିଶୁ ସାହିତ୍ୟିକ ସତ୍ୟ ନାରାୟଣ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷା ପ୍ରଶାସିକା ବିଜୟଲକ୍ଷ୍ମୀ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ କବି ସୌମ୍ୟରଞ୍ଜନ ମଲ୍ଲିକ ଧନ୍ୟବାଦ ଦେଇଥିଲେ। କବି ଶ୍ୟାମ ପ୍ରକାଶ ସେନାପତି ଓ କମଳ କୁମାର ଦାଶ ମଞ୍ଚ ସଞ୍ଚାଳନ କରିଥିଲେ। କବି କ୍ରୀଷ୍ଟା ମହାପାତ୍ର ଓ ମନ୍ଦାକିନୀ ପଟ୍ଟନାୟକଙ୍କ ସଂଯୋଜନାରେ କବିତା ଆସରରେ ୪୦ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ।

## ଆତସବାଜି ସମୟରେ ଅଘଟଣ

# ପୂର୍ଣ୍ଣାହୁତି ପରେ ଜଳିଗଲା ଯଜ୍ଞମଣ୍ଡପ

ଗୋପ,୧୧।୧(ଭାରତୀ ଭୂଷଣ ଉପାଧ୍ୟାୟ)

ରବିବାର ସନ୍ଧ୍ୟାରେ ଗୋପ ବ୍ଲକ ଅନ୍ତର୍ଗତ ବେଦପୁର ପଞ୍ଚାୟତ ବାଲିକନ୍ଦଳ ଗ୍ରାମରେ ବିଶଶାନ୍ତି ମହାଯଜ୍ଞର ଯଜ୍ଞମଣ୍ଡପ ଜଳି ଯାଇଥିବା ଜଣାପଡ଼ିଛି। ଖବରପାଇ ସଙ୍ଗେ ସଙ୍ଗେ ଗୋପ ଦମକଳ କେନ୍ଦ୍ର ଅଧିକାରୀ ମନୋଜ କୁମାର ପାତ୍ରଙ୍କ ନେତୃତ୍ୱରେ ଏକ ଟିମ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ହେଲେ ଆତସବାଜି ସମୟରେ ଏଭଳି ଅଘଟଣ ଘଟିଥିବା ସୂଚନା ମିଳିଛି।

କିଛିବର୍ଷ ଧରି ଏହି ଗ୍ରାମରେ ବିଶ୍ୱଶାନ୍ତି ମହାଯଜ୍ଞ ହେଉଥିଲା। ଚଳିତ ବର୍ଷ ୩ରୁ ଏହି ବିଶ୍ୱଶାନ୍ତି ମହାଯଜ୍ଞ ହେଉଥିବା ବେଳେ ରବିବାର ଅପରାହ୍ନରେ ଏହି ମହାଯଜ୍ଞର ପୂର୍ଣ୍ଣାହୁତି ଶେଷ ହୋଇଥିଲା। ୯ଦିନ ବ୍ୟାପୀ ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞର ଶେଷ ସମୟରେ ପରମ୍ପରା ଅନୁଯାୟୀ ଆତସବାଜି କରାଯିବା ବେଳେ କିଛି ବ୍ୟକ୍ତି କୁମ୍ଭି ବାଣ ଫୁଟାଇବା ସମୟରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ଯଜ୍ଞମଣ୍ଡପ ରେ ଖୁମ୍ଭି ବାଣ ନିଆଁ ପଡ଼ିଯିବାରୁ ସଙ୍ଗେ ସଙ୍ଗେ ନିର୍ମାଣ ହୋଇଥିବା ଯଜ୍ଞମଣ୍ଡପ ଜଳି ଥିଲା। ମାତ୍ର ଅଗ୍ନିକାଣ୍ଡକୁ ଲିଭାଇବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥିଲା ।

# ପୃଥିବୀର ମୁଖ୍ୟ ଦେବତା ଅଗ୍ନି

ପୁରୀ,୧୧।୧(ଅଜିତ୍ କୁମାର ମହାନ୍ତି)

## ମକର ପରମ୍ପରା ଓ ଶ୍ରୀଜଗନ୍ନାଥ ଶୀର୍ଷକ ଆଲୋଚନାଚକ୍ର

ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ପୁରୀ, ଓଡ଼ିଶା ଆନୁକୂଲ୍ୟରେ ଡେଲ୍‌ଟା ମଙ୍ଗଳା ମନ୍ଦିର ପରିସରରେ ଓଡ଼ିଶାରେ ମକର ପରମ୍ପରା ଓ ଶ୍ରୀଜଗନ୍ନାଥ ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଟ୍ରଷ୍ଟର ଉପାଧ୍ୟକ୍ଷ ବିନୋଦ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି ଡ. ଶତ୍ରୁଘ୍ନ ପାଣିଗ୍ରାହୀ ଯୋଗଦେଇ କହିଥିଲେ, ପୃଥିବୀର ମୁଖ୍ୟ ଦେବତା ଅଗ୍ନି, ଅନ୍ତରୀକ୍ଷର ଦେବତା ଇନ୍ଦ୍ର ଓ ବାୟୁ ଏବଂ ଆକାଶର ଦେବତା ସୂର୍ଯ୍ୟ ଏକକ ସ୍ୱରୂପ। ଶ୍ରୀଜଗନ୍ନାଥ ଚେତନାରେ ସୂର୍ଯ୍ୟତତ୍ତ୍ୱର ସମାରୋପ ଘଟି ବ୍ରହ୍ମତତ୍ତ୍ୱରେ ପରିପ୍ରକାଶ ହୋଇଛନ୍ତି। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବିଚାରପତି ମାନସ ରଞ୍ଜନ ମିଶ୍ର ଯୋଗଦେଇ କହିଥିଲେ, ଧନୁ ସଂକ୍ରାନ୍ତିର ଶେଷ ମାସାନ୍ତ ତିଥି ପରେ ସୂର୍ଯ୍ୟ ମକର ରାଶିରେ ଅବସ୍ଥାନ କରନ୍ତି। ଓଡ଼ିଶାର ଆଦିବାସୀ ପରମ୍ପରା ବିଶେଷକରି ମୟୂରଭଞ୍ଜର ସାନ୍ତାଳ, ପଶ୍ଚିମ ଓଡ଼ିଶା ଏବଂ ଓଡ଼ିଶାର ବିଭିନ୍ନ ଦେବଦେବୀ ପୀଠରେ ଏହି ଦିନ ନୂତନ ଶସ୍ୟରୁ ଉତ୍ପନ୍ନ ଚାଉଳରେ ମକରଭୋଗ ଅର୍ପଣ କରାଯାଏ।

କିମ୍ବଦନ୍ତୀ ଅନୁଯାୟୀ, ଦେବୀ ଲକ୍ଷ୍ମୀ ପୌଷମାସରେ ବାପଘରକୁ ଯାଇଥାନ୍ତି ଏବଂ ତାଙ୍କ ପିତା ବରୁଣ ମକରଭାର ପଠାଇଥାନ୍ତି। ମକର ପୂର୍ବଦିନ ଫୁଲମିଳନ, ଦଧି ମିଳନ ଓ ନବାଙ୍କ ବେଢ଼ା ଜଗନ୍ନାଥ ସଂସ୍କୃତିର ମୌଳିକ ସ୍ୱରୂପ ପ୍ରତିପାଦନ କରେ। ସମ୍ମାନିତ ଅତିଥିଭାବେ ଟ୍ରଷ୍ଟର ବରିଷ୍ଠ ସଦସ୍ୟା ପ୍ରତିଭା ତ୍ରିପାଠୀ, ପ୍ରଫେସର ଅଭିମନ୍ୟୁ ଭୂୟାଁ, ବରିଷ୍ଠ ଆଇନଜୀବୀ ବିନୟ ନୃସିଂହ ମହାପାତ୍ର, ଐତିହାସିକ ମଦନମୋହନ ମହାପାତ୍ର ଓ ଟ୍ରଷ୍ଟର ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଐତିହାସିକ ମଦନ ମୋହନ ଆଲୋଚନାଚକ୍ରର ଆଭିମୁଖ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ସଙ୍ଗୀତଜ୍ଞ ବିଜୟ କୁମାର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ଆଲୋଚନା ଚକ୍ରରେ ପଣ୍ଡିତ ଦୟାନିଧି ତ୍ରିପାଠୀ, ଅଧ୍ୟାପକ ଅଶୋକ କୁମାର ମିଶ୍ର, ଲେଖକ ଅନନ୍ତ ପ୍ରଧାନ, ସୁନନ୍ଦା ମହାନ୍ତି, ସାରଙ୍ଗଧର ଷଡ଼ଙ୍ଗୀ, ଅଧିବକ୍ତା ସୁବାସ ପରିଡ଼ା, ପ୍ରତିଭା ଦାଶ, ରତିକାନ୍ତ ପ୍ରତିହାରୀ, ଭାଗବତ ପ୍ରସାଦ ପଟ୍ଟନାୟକ, ମାନସୀ ରଥ, ଅଜୟ ଦାସ, ରଚିତା ରାଉତରାୟ, ପ୍ରଫୁଲ୍ଲ କୁମାର ରାଉତ ପ୍ରମୁଖ ଅଂଶଗ୍ରହଣକରି ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ତପନ କୁମାର ସେଠୀ, ସର୍ବାଣୀ ଦାସ, ସୌମ୍ୟରଞ୍ଜନ ମଲ୍ଲିକ ଓ ସନ୍ଦୀପ କର୍ମକାର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ କ୍ରିଷ୍ଟା ଦେବୀ ଧନ୍ୟବାଦ ଦେଇଥିଲେ।




ଆଲୋଚନାଚକ୍ରରେ ଭାଗ ନେଇଥିବା ଅତିଥିମାନେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଦେବାଂଶୀ



@ ନିତ୍ୟାନନ୍ଦ



@ ପୀତାମ୍ବର



@ ପ୍ରଭାତ



@ ଚନ୍ଦନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ ନାମ ପରିବର୍ତ୍ତନ ପ୍ରତିବାଦରେ ପୁରୀ କଂଗ୍ରେସର ଧାରଣା

ପୁରୀ,୧୧।୧(ଅଜିତ୍ କୁମାର ମହାନ୍ତି)

କେନ୍ଦ୍ର ସରକାରଙ୍କ ପକ୍ଷରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ରୋଜଗାର ଗ୍ୟାରେଣ୍ଟି ଆଇନର ନାମ ପରିବର୍ତ୍ତନ ଏବଂ ଆଇନର ମୂଳ ଉଦ୍ଦେଶ୍ୟରେ ପରିବର୍ତ୍ତନ କରିବାକୁ ବିରୋଧ କରି ଜିଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ଗାନ୍ଧୀଘାଟଠାରେ ପ୍ରତିବାଦ ଗଣଧାରଣା ପ୍ରଦାନ କରାଯାଇଥିଲା। ଜିଲା କଂଗ୍ରେସ ସଭାପତି ଇଂ. ରାଜେଶ କୁମାର ମିଶ୍ରଙ୍କ ନେତୃତ୍ୱରେ ଗଣଧାରଣା କରାଯାଇଥିଲା। ଗଣଧାରଣାରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ସମ୍ପାଦିକା ଶିଳ୍ପୀଶ୍ରୀ ହରିଚନ୍ଦନ, ପୂର୍ବତନ ଜିଲା ସଭାପତି ଶରତ ରଥ, ପୁଷ୍କର ମହାପାତ୍ର, ସେବାଦଳ ଜିଲା ପ୍ରମୁଖ ବିଶ୍ୱକେସନ ହରିଚନ୍ଦନ ମହାପାତ୍ର, ଜିଲା ଆଇନ ସେଲ୍ ସଭାପତି କାଳୀପ୍ରସାଦ ନାୟକ, ପିସିସି ପୂର୍ବତନ ସମ୍ପାଦକ ବିଶ୍ୱନାଥ ଦାଶ, ବିଦ୍ୟୁତ୍‌ଲତା ଆଚାର୍ଯ୍ୟ, ସୁକାନ୍ତ କୁମାର ପ୍ରଧାନ, ପୂର୍ବତନ ୱାର୍ଡମେମ୍ବର ସୀତାକାନ୍ତ ମହାନ୍ତି, ବିଭୁଦତ୍ତ ମିଶ୍ର, ଆଶୁତୋଷ ମିଶ୍ର, ଅର୍ଜୁନ ସାହୁ, ଉମାକାନ୍ତ ବେହେରା, କୃଷ୍ଣଚନ୍ଦ୍ର ଦାଶ, ପ୍ରକାଶ ପ୍ରଧାନ, ମନୋଜ ମହାପାତ୍ର, ଦୁର୍ଗାପ୍ରସାଦ ସାମନ୍ତରାୟ, ଜିବେଶ ଚନ୍ଦ୍ର ରଥ, ସୌମ୍ୟକାନ୍ତ ପ୍ରଧାନ, ରଞ୍ଜନ ସାହୁ, ସୁରେନ୍ଦ୍ର ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ।



ଧାରଣାରତ କଂଗ୍ରେସ କର୍ମୀମାନେ।



ଉତ୍ତରାଖଣ୍ଡର ପୌରିସ୍ଥିତ ବନନ୍ତ୍ରା ରିସର୍ଟରେ ରିସେପ୍ସନିଷ୍ଟ ଭାବେ କାର୍ଯ୍ୟ କରୁଥିବା ଅଙ୍କିତା ଭଣ୍ଡାରୀଙ୍କୁ ୨୦୨୨ ସେପ୍ଟେମ୍ବର ୧୮ରେ ବଳାତ୍କାର ଓ ହତ୍ୟା କରାଯାଇଥିଲା। ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ତତ୍ତ୍ୱାବଧାନରେ ଏହି ମାମଲାର ସିବିଆଇ ତଦନ୍ତ ଦାବିରେ ରବିବାର ଉତ୍ତରାଖଣ୍ଡ ବନ୍ଦ ପାଳନ କରାଯାଇଛି। ଡେରାଡୁନ୍‌ରେ ମହିଳାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଭାରତକୁ ଧମକାଉଛନ୍ତି ପାକ୍ ଆତଙ୍କବାଦୀ



ସୈଫୁଲ୍ଲା କସୁରି



ମାସୁଦ୍ ଅଜହର

**ନୂଆଦିଲ୍ଲୀ,୧୧।୧**

ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ମୁଖ୍ୟ ମାସୁଦ୍ ଅଜହରଙ୍କ ଏକ ନୂଆ ଅଡିଓ ରେକର୍ଡିଂ ଶୁଣିବାକୁ ମିଳିଛି। ଭାରତ ଉପରେ କୌଣସି ସମୟରେ ବଡ଼ ଧରଣର ଅନେକ ଆତ୍ମଘାତୀ ଆକ୍ରମଣ କରାଯାଇପାରେ ବୋଲି ଏଥିରେ ସେ କହୁଛନ୍ତି। ଗୋଟିଏ କି ଦୁଇଟି ନୁହେଁ, ଏପରି କି ୧,୦୦୦ ବି ନୁହେଁ। ହଜାରେରୁ ଅଧିକ ଆତ୍ମଘାତୀ ବମ୍ବର ଭାରତରେ ଅନୁପ୍ରବେଶ ପାଇଁ ତାଙ୍କ ଉପରେ ଚାପ ପକାଉଥିବା ଅଜହର କହିଛନ୍ତି। ଏତେ ସଂଖ୍ୟକ ସୁଇସାଇଡ୍ ବମ୍ବରଙ୍କ ନାମ ସାର୍ବଜନୀନ ହେଲେ ସାରା ବିଶ୍ୱ ଚକିତ ହୋଇଯିବ ବୋଲି ଧମକ ଦେଇଛନ୍ତି। ସେହିପରି ଲଶ୍କର-ଇ-ତୋଇବା (ଏଲ୍‌ଇଟି)ର ସୈଫୁଲ୍ଲା କସୁରି ପାକିସ୍ତାନ ଓ ଏହାର ସେନା ଅଧିକାରୀମାନଙ୍କ ସହ ତାଙ୍କ ସମ୍ପର୍କକୁ ସ୍ୱୀକାର କରିଛନ୍ତି। ହାଫିଜ୍ ସଇଦ୍‌ଙ୍କ ଆତଙ୍କବାଦୀ ସଙ୍ଗଠନର ଉପମୁଖ୍ୟ କସୁରି ଏକ ଭିଡିଓରେ ପାକିସ୍ତାନୀ ସ୍କୁଲ ଛାତ୍ରୀଛାତ୍ରମାନଙ୍କୁ ସମ୍ବୋଧନ କରୁଥିବା ଦେଖିବାକୁ ମିଳିଛି। ଉକ୍ତ କାର୍ଯ୍ୟକ୍ରମରେ ସେ କହୁଛନ୍ତି, ଭାରତ ଅପରେଶନ୍ ସିନ୍ଦୂର କରି ବଡ଼ ଭୁଲ୍ କରିଦେଇଛି। ସୈନ୍ୟମାନଙ୍କ ମୃତଦେହ ସଂସ୍କାର ବେଳେ ପାକ୍ ସେନା ତାଙ୍କୁ ନିମନ୍ତ୍ରଣ କରିଥାଏ। କଶ୍ମୀର ପ୍ରସଙ୍ଗରେ ସେ ଚୁପ୍ ବସିଯିବେ ନାହିଁ। ଭାରତ ତାଙ୍କୁ ଭୟ କରିବା ଉଚିତ ବୋଲି କସୁରି କହିଛନ୍ତି।

## ବିଳମ୍ବ ପୂର୍ବରୁ ଚୁକ୍ତି କର



**କ୍ୟୁବାକୁ ଟ୍ରମ୍ପଙ୍କ ଚେତାବନୀ**

**ୱାଶିଂଟନ୍,୧୧।୧**

ଭେନେଜୁଏଲାର ଗାଦିଚ୍ୟୁତ ରାଷ୍ଟ୍ରପତି ନିକୋଲାସ୍ ମାଦୁରୋ ଆମେରିକା ଜେଲରେ ଥିବାବେଳେ ତାଙ୍କ ସହଯୋଗୀ କ୍ୟୁବାକୁ ଅନୁରୂପ କାର୍ଯ୍ୟାନୁଷ୍ଠାନର ଚେତାବନୀ ଦେଇଛନ୍ତି ରାଷ୍ଟ୍ରପତି ଟ୍ରମ୍ପ୍। କ୍ୟୁବାର ତୈଳ ଯୋଗାଣକୁ ଆମେରିକୀୟ ସୈନ୍ୟମାନେ ବନ୍ଦ କରିଦେଇଛନ୍ତି। ଭେନେଜୁଏଲାର ତୈଳ ଓ ଅର୍ଥକୁ ନେଇ ତିଷ୍ଠିଥିବା କ୍ୟୁବା ଆଗ ଭଳି ସୁବିଧା ପାଇବ ନାହିଁ। ସେଠାରେ ସୁରକ୍ଷା ବନ୍ଦୋବସ୍ତକୁ କଡ଼ାକଡ଼ି କରାଯିବ। ଅତି ବିଳମ୍ବ ହୋଇଯିବା ପୂର୍ବରୁ ଆମେରିକା ସହ ଡିଲ୍ କରିବାକୁ ଟ୍ରମ୍ପ ଚେତାବନୀ ଦେଇଛନ୍ତି। ଗତ ସପ୍ତାହରେ ଅମେରିକା ପକ୍ଷରୁ ମାଦୁରୋଙ୍କୁ କାବୁ କରିବା ପାଇଁ ଉଦ୍ଦିଷ୍ଟ ମିଶନ ବେଳେ କ୍ୟୁବାର ୩୨ ସୈନ୍ୟ ନିହତ ହୋଇଥିବା ହଭାନା ପକ୍ଷରୁ କୁହାଯାଇଛି। ହଭାନା ଟ୍ରମ୍ପଙ୍କ ବ୍ୟବହାରକୁ 'ଆପରାଧିକ' ବୋଲି କହିଛି।

# ଆମେରିକା, ଇରାନ୍ ଯୁଦ୍ଧ ପ୍ରସ୍ତୁତି

**ବିକ୍ଷୋଭ ମୃତ୍ୟୁସଂଖ୍ୟା ୫୩୮**

**ଇସ୍‌ଲାମିକ୍ ରାଷ୍ଟ୍ର ଇରାନ୍‌ରେ ଆର୍ଥିକ ଦୁର୍ଗତି ଓ ରିଆଲ ମୁଦ୍ରାର ପତନକୁ ନେଇ ମୁଣ୍ଡ ଟେକିଥିବା ବିକ୍ଷୋଭ ଏବେ ଗୃହଯୁଦ୍ଧର ରୂପ ନେଇସାରିଛି। ୨୦୨୫ ଡିସେମ୍ବର ଶେଷଭାଗରୁ ଚାଲିଥିବା ଏହି ଗଣଆନ୍ଦୋଳନରେ ୫୩୮ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ବହୁସଂଖ୍ୟକ ଲୋକ ଆହତ ହେଲେଣି। ଇରାନ୍ ସରକାରଙ୍କ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଯୋଗୁ ଏତେ ଲୋକଙ୍କ ମୃତ୍ୟୁ ଘଟିଥିବା କହି ଅଧିକ ବଳ ପ୍ରୟୋଗ କଲେ ଇରାନ୍ ଉପରେ ଏୟାର ଷ୍ଟ୍ରାଇକ୍ କରାଯିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚେତାବନୀ ଦେଇଛନ୍ତି। ଇରାନ୍ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇ ଟ୍ରମ୍ପଙ୍କ ଚେତାବନୀକୁ ଭ୍ରୂକ୍ଷେପ ନ କରି ଉଭୟ ଆମେରିକା ଓ ଇସ୍ରାଏଲ୍‌କୁ ଆକ୍ରମଣର ଧମକ ଦେଇଛନ୍ତି।**

**ତେହରାନ୍/ୱାଶିଂଟନ,୧୧।୧**

ରାଜଧାନୀ ତେହରାନ୍ ସମେତ ଇରାନ୍‌ର ଶତାଧିକ ସହରରେ ବିକ୍ଷୋଭକାରୀମାନେ ରାସ୍ତାକୁ ଓହ୍ଲାଇ ସରକାର ବିରୋଧୀ ସ୍ଲୋଗାନ ଦେଉଛନ୍ତି। ସେମାନଙ୍କୁ ହଟାଇବା ପାଇଁ ପୋଲିସ ବଳ ପ୍ରୟୋଗ କରୁଛି। ଫଳରେ ମୃତ୍ୟୁସଂଖ୍ୟା ଦିନକୁ ଦିନ ବଢ଼ିଚାଲିଛି। ଆନ୍ଦୋଳନ ହିଂସାର ରୂପେ ନେଇଥିବାବେଳେ ୫୩୮ ଜଣଙ୍କ ମୃତ୍ୟୁ ଘଟିଲାଣି। ସେମାନଙ୍କ ମଧ୍ୟରୁ ୪୯୦ ବିକ୍ଷୋଭକାରୀ ଓ ୪୮ ଜଣ ସୁରକ୍ଷା ବଳର। ମୃତ୍ୟୁସଂଖ୍ୟା ଆହୁରି ବଢ଼ିପାରେ ବୋଲି ଆମେରିକାର ମାନବ ଅଧିକାର ଆକ୍ଟିଭିଷ୍ଟ ନ୍ୟୁଜ୍ ଏଜେନ୍ସି ପକ୍ଷରୁ ସତର୍କ କରାଯାଇଛି। ଏପରି ସ୍ଥିତି ଉପୁଜିଛି ଯେ, ମୃତଦେହ ରଖିବା ପାଇଁ ହସ୍ପିଟାଲଗୁଡ଼ିକରେ ସ୍ଥାନାଭାବ ଦେଖାଦେଲାଣି। ରୋଗୀମାନେ ଭର୍ତ୍ତି ହେବା ପାଇଁ ଶଯ୍ୟା ମଧ୍ୟ ପର୍ଯ୍ୟାପ୍ତ ନୁହେଁ। ପୋଉର୍ସିନା ହସ୍ପିଟାଲରେ କେବଳ ଶୁକ୍ରବାର ରାତିରେ ୭୦ ମୃତଦେହ ଠୁଳ ହୋଇଥିଲା। ମୃତଦେହଗୁଡ଼ିକୁ ଗୋଟିଏ ଉପରେ ଗୋଟିଏ ରଖାଯାଇଥିଲା। ୨୬ଟି କୋଠାରେ ବିକ୍ଷୋଭକାରୀ ନିଆଁ ଲଗାଇଦେଇଥିବାବେଳେ ୧୦,୬୦୦ରୁ ଅଧିକ ଲୋକଙ୍କୁ ଅଟକ ରଖାଯାଇଛି। ଆଉ କେତେଜଣ ସରକାର ସପକ୍ଷବାଦୀ ଆନ୍ଦୋଳନକାରୀଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଦେଶରେ ଇଣ୍ଟରନେଟ୍‌କୁ ବନ୍ଦ କରାଯାଇଛି।

ଏସବୁ ସତ୍ତ୍ୱେ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇ ନଇଁବାର ନାଁ ଧରୁନାହାନ୍ତି। ନିର୍ବାସିତ କ୍ରାଉନ୍ ପ୍ରିନ୍ସ ରେଜା ପହଲ୍‌ଭି ବିକ୍ଷୋଭ ସମର୍ଥନରେ ବାହାରିଛନ୍ତି। ଲକ୍ଷ୍ୟ ପୂରଣ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ସେ କହିଛନ୍ତି। ଏପରି କି ଆମେରିକାରୁ ଇରାନ୍‌କୁ ଫେରିବା ପାଇଁ ସେ ପ୍ରସ୍ତୁତି ଚଳାଇଥିବା ସୂଚନା ଦେଇଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆକ୍ରମଣ ଧମକକୁ ନେଇ ଇରାନ୍ ପାର୍ଲାମେଣ୍ଟ ବାଚସ୍ପତି ମହମ୍ମଦ ବଘେର କାଲିବାଫ୍ କହିଛନ୍ତି, ଆମେରିକା ପକ୍ଷରୁ ଆକ୍ରମଣ କରାଗଲେ ଇରାନ୍ ମଧ୍ୟ ବୈଧ ରୂପେ ଉଚିତ ଜବାବ ଦେବ। ଏଥର ଉଭୟ ଆମେରିକା ଓ ଇସ୍ରାଏଲ୍ ତେହରାନ୍‌ର ଟାର୍ଗେଟରେ ରହିଛନ୍ତି। ସେପଟେ ଇରାନ୍ ବିକ୍ଷୋଭରେ ଟ୍ରମ୍ପଙ୍କ ହସ୍ତକ୍ଷେପକୁ ଦେଖି ଆକ୍ରମଣ ଆଶଙ୍କାରେ ଇସ୍ରାଏଲ୍ ମଧ୍ୟ ହାଇଆଲର୍ଟରେ ରହିଛି। ଆମେରିକା ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ଓ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏହା ଉପରେ ଫୋନ୍‌ରେ ବିସ୍ତୃତ ଆଲୋଚନା କରିଥିବା ଜଣେ ଆମେରିକୀୟ ଅଧିକାରୀ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ୨୦୨୨ ପରେ ଇରାନ୍ ସବୁଠୁ ବଡ଼ ସରକାର ବିରୋଧୀ ବିକ୍ଷୋଭର ସମ୍ମୁଖୀନ ହୋଇଛି। କିଛିଦିନ ହେଲା ଟ୍ରମ୍ପ୍ ଏଥିରେ ହସ୍ତକ୍ଷେପ କରିବେ ବୋଲି ତେହରାନ୍‌କୁ ବାରମ୍ବାର ଚେତାବନୀ ଦେଉଛନ୍ତି। ବିକ୍ଷୋଭକାରୀମାନଙ୍କୁ ସାହାଯ୍ୟ କରିବାକୁ ଆମେରିକା ପ୍ରସ୍ତୁତ ବୋଲି ଟ୍ରମ୍ପ୍ କହୁଛନ୍ତି। ଗତବର୍ଷ ଜୁନ୍‌ରେ ଇସ୍ରାଏଲ୍ ଓ ଇରାନ୍ ମଧ୍ୟରେ ୧୨ ଦିନ ଧରି ଯୁଦ୍ଧ ଚାଲିଥିଲା। ଆମେରିକା ଏଥିରେ ଇସ୍ରାଏଲ୍‌କୁ ସମର୍ଥନ କରି ଇରାନ୍ ଉପରେ ଏୟାର ଷ୍ଟ୍ରାଇକ୍ କରିଥିଲା। ଇରାନ୍ ମଧ୍ୟ କାତାରସ୍ଥିତ ଆମେରିକାର ଏକ ଏୟାରବେସ୍ ଉପରେ ଆକ୍ରମଣ କରିଥିଲା। ତେଣୁ ଏଥର ଯୁଦ୍ଧ ପାଇଁ ସବୁ ପକ୍ଷ ପ୍ରସ୍ତୁତ ହୋଇଛନ୍ତି। କିନ୍ତୁ ଯୁଦ୍ଧ ଥରେ ଆରମ୍ଭ ହେଲେ କେତେ ଲମ୍ବା ଚାଲିବ ତାହା କହିହେଉନାହିଁ।



ତେହରାନ୍‌ରେ ସରକାରୀ ବିରୋଧୀ ବିକ୍ଷୋଭ।

## ନିଜ ଗୁଳିରେ ଟଳିଲେ ଚାଷୀ

**୪ କୋଟିର ଠକେଇରେ ପଡ଼ିଥିଲେ**

**ହଲ୍‌ଦ୍ୱାନି,୧୧।୧**

ଉତ୍ତରାଖଣ୍ଡର ଜଣେ ଚାଷୀ ଏକ ଜମି କିଣିବା ପାଇଁ ୪ କୋଟି ଟଙ୍କା ଠକେଇରେ ପଡ଼ି ଶେଷରେ ନିଜକୁ ଗୁଳି ଆତ୍ମହତ୍ୟା କରିଛନ୍ତି। କାଶୀପୁରସ୍ଥିତ ପଇଗା ଗ୍ରାମର ସୁଖୱନ୍ତ ସିଂ(୪୦) ଜମି କିଣା ବାବଦରେ ୪ କୋଟି ଟଙ୍କା ଠକେଇରେ ପଡ଼ି ଦୁଶ୍ଚିନ୍ତାରେ ଥିଲେ। ରବିବାର ସେ ନିଜ ସ୍ତ୍ରୀ ଓ ପୁଅଙ୍କ ସହ ନୈନିତାଲ ଯାଇ ଫେରିବାବେଳେ କାଠଗୋଦାମରେ ସେ ଏକ ହୋଟେଲ ରୁମ୍ ନେଇଥିଲେ। ସୁଖନ୍ତ ନିଜକୁ ଗୁଳି କରିବା ପୂର୍ବରୁ ଇଣ୍ଟରନେଟ୍‌ରେ ଏକ ଭିଡିଓ ପୋଷ୍ଟ କରିଥିଲେ। ତାଙ୍କ ସହ ବିତିଥିବା ସବୁକଥା ଓ ଅଭିଯୁକ୍ତଙ୍କ ନାମ ମଧ୍ୟ ସେ ପ୍ରକାଶ କରିଥିଲେ।

# 'ଶୌର୍ଯ୍ୟ ଯାତ୍ରା'ରେ ପ୍ରଧାନମନ୍ତ୍ରୀ

**ସୋମନାଥ,୧୧।୧**



ଗୁଜରାଟର ଗିର ସୋମନାଥ ଜିଲାସ୍ଥିତ ପ୍ରସିଦ୍ଧ ସୋମନାଥ ମନ୍ଦିରର ସୁରକ୍ଷା ପାଇଁ ପ୍ରାଣବଳି ଦେଇଥିବା ବୀର ଯୋଦ୍ଧାଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଆୟୋଜିତ 'ଶୌର୍ଯ୍ୟ ଯାତ୍ରା' ଅନୁଷ୍ଠିତ ହୋଇଛି। ଏହି ଅବସରରେ ସୋମନାଥ ମନ୍ଦିର ପ୍ରାଙ୍ଗଣରୁ ଏକ ଭବ୍ୟ ଶୋଭାଯାତ୍ରା କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଆୟୋଜିତ ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଡମ୍ବରୁ ପ୍ରଦର୍ଶିତ କରାଯାଇଥିବାବେଳେ ୧୦୮ ଘୋଡ଼ା ଆସିଥିଲେ। ବୀର ହମିରଜୀ ଗୋହିଲ ସର୍କଲକୁ ପ୍ରଧାନମନ୍ତ୍ରୀ ମୋଦି ସୋମନାଥ ମନ୍ଦିରରେ ପଣ୍ଡିତଙ୍କ ମନ୍ତ୍ରୋଚ୍ଚାରଣ ସହ ପାରମ୍ପରିକ ପୂଜାର୍ଚ୍ଚନା କରିଥିଲେ। ଏହା ପରେ ଏକ ସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ, ସ୍ୱାଧୀନତା ପରେ ସୋମନାଥ ମନ୍ଦିରର ପୁନଃ ନିର୍ମାଣକୁ ବିରୋଧ କରିଥିବା ତତ୍ତ୍ୱ ଏବେ ମଧ୍ୟ ସକ୍ରିୟ ଅଛନ୍ତି। ସେମାନଙ୍କୁ ହରାଇବାକୁ ହେଲେ ଭାରତକୁ ସତର୍କ ହୋଇ ଏକାଠି ହେବାକୁ ପଡ଼ିବ। ସୋମନାଥ ମନ୍ଦିରର ୧,୦୦୦ ବର୍ଷର ଇତିହାସ ଧ୍ୱଂସ ଓ ପରାଜୟର ସାକ୍ଷୀ ନୁହେଁ, ବରଂ ବିଜୟ ଓ ପୁନଃ ନିର୍ମାଣର ଇତିହାସ ବୋଲି ମୋଦି କହିଥିଲେ।

# ନୌସେନାର ପ୍ରାକ୍ତନ ମୁଖ୍ୟଙ୍କୁ ଏସ୍‌ଆଇଆର୍ ନୋଟିସ

**ନୂଆଦିଲ୍ଲୀ,୧୧।୧**

ନିର୍ବାଚନ କମିଶନ (ଇସି)ଙ୍କ ଦ୍ୱାରା ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟାରେ ନାନା ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହେଉଛି। ନିକଟରେ ବିଶିଷ୍ଟ ଅର୍ଥନୀତିଜ୍ଞ ତଥା ନୋବେଲ ବିଜେତା ଅମର୍ତ୍ତ୍ୟ ସେନଙ୍କୁ ତାଙ୍କ ନାଗରିକତ୍ୱ ପ୍ରମାଣ ଦେବା ପାଇଁ କୁହାଯାଇଥିବାବେଳେ ଏବେ ଭାରତୀୟ ନୌସେନାର ପୂର୍ବତନ ମୁଖ୍ୟ ଆଡ୍‌ମିରାଲ ଅରୁଣ ପ୍ରକାଶଙ୍କ ନିକଟକୁ ଅନୁରୂପ ଏସ୍‌ଆଇଆର୍ ନୋଟିସ ପଠାଯାଇଛି। ଏନେଇ ଆଡ୍‌ମିରାଲ ପ୍ରକାଶ X ରେ ପୋଷ୍ଟ କରି ଲେଖିଛନ୍ତି, ଯଦି ଏସ୍‌ଆଇଆର୍ ଫର୍ମଗୁଡ଼ିକରେ ଆବଶ୍ୟକ ତଥ୍ୟ ରହୁନାହିଁ, ତେବେ ଫର୍ମରେ ଜରୁରୀ



ଆଡ୍‌ମିରାଲ ଅରୁଣ ପ୍ରକାଶ

ପରିବର୍ତ୍ତନ ଅଣାଯିବା ଉଚିତ। ବ୍ଲକ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ) ଆମ ପାଖକୁ ୩ ଥର ଆସିଥିଲେ। ସେମାନେ ଆମକୁ ଅଧିକ ତଥ୍ୟ ମାଗିପାରିଥାନ୍ତେ। ମୋତେ ୮୨ ବର୍ଷ ହେଉଥିବାବେଳେ ମୋ ସ୍ତ୍ରୀଙ୍କୁ ୭୮ ହେଉଛି। ଆମକୁ ୧୮ କି.ମି. ଦୂରରେ ଥିବା ଭିନ୍ନ ଭିନ୍ନ ସ୍ଥାନରେ ୨ଟି ତାରିଖରେ ହାଜର ହେବାକୁ କୁହାଯାଉଛି। ଏହା ଦୁର୍ଭାଗ୍ୟଜନକ ବିଷୟ ବୋଲି ଆଡ୍‌ମିରାଲ ପ୍ରକାଶ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ଇସିଙ୍କ ଏଭଳି ପଦକ୍ଷେପକୁ ଏକ ବଡ଼ ଭୁଲ୍ ଦର୍ଶାଇ ସୋସିଆଲ ମିଡିଆ ୟୁଜର୍ସ ସମାଲୋଚନା କରିଛନ୍ତି। ପ୍ରକାଶ ତାଙ୍କ କ୍ୟାରିୟରର ୪୦ ବର୍ଷ ନୌସେନାକୁ ସେବା ଦେଇ ଅତିବାହିତ କରିଥିବାବେଳେ ୨୦ ବର୍ଷ ତଳେ ଅବସର ନେଇଥିଲେ। ୧୯୭୧ରେ ସେ ବୀରଚକ୍ର ସମ୍ମାନ ପାଇଥିଲେ। ଇସିଙ୍କ ୱେବ୍‌ସାଇଟରେ ପ୍ରକାଶିତ ଗୋଆ ଭୋଟର ଚିଠା ତାଲିକାରେ ପ୍ରକାଶ ଓ ତାଙ୍କ ସ୍ତ୍ରୀଙ୍କ ନାମ ଉଲ୍ଲେଖ ରହିଛି। ତେବେ ତାଙ୍କ ନିକଟକୁ ଇସି କାହିଁକି ନୋଟିସ ପଠାଇଛନ୍ତି ସେ ବୁଝିପାରୁ ନାହାନ୍ତି ବୋଲି କହିଛନ୍ତି।

# କଡ଼ାକଡ଼ି ହେଲା କ୍ରିପ୍ଟୋ ନିୟମ

**ନୂଆଦିଲ୍ଲୀ,୧୧।୧**

**ୟୁଜର୍ସଙ୍କ ପାଇଁ ଲାଇଭ୍ ସେଲ୍ଫି, ଜିଓଟ୍ୟାଗିଂ ବାଧ୍ୟତାମୂଳକ**



ଭାରତର ଡିଜିଟାଲ ଆସେଟ୍ ମାର୍କେଟରେ ବେଆଇନ କାର୍ଯ୍ୟକଳାପକୁ ବନ୍ଦ କରିବା ପାଇଁ ଫାଇନାନ୍ସିଆଲ ଇଣ୍ଟେଲିଜେନ୍ସ ୟୁନିଟ୍ (ଏଫ୍‌ଆଇୟୁ) ପକ୍ଷରୁ କ୍ରିପ୍ଟୋ ନିୟମକୁ କଡ଼ାକଡ଼ି କରାଯାଇଛି। ଏଫ୍‌ଆଇୟୁ କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜରେ ମନି ଲଣ୍ଡରିଂ ନିରୋଧୀ (ଏମ୍‌ଏମ୍‌ଏଲ୍) ଏବଂ ନୋ ୟୋର କଷ୍ଟମର (କେୱାଇସି) ପ୍ରୋଟୋକଲରେ ପରିବର୍ତ୍ତନ ଆଣି ନୂଆ ନିୟମ ଜାରି କରିଛି। ତଦନୁସାରେ ୟୁଜର୍ସଙ୍କ ପାଇଁ ଲାଇଭ୍ ସେଲ୍ଫି ଓ ଜିଓଟ୍ୟାଗିଂକୁ ବାଧ୍ୟତାମୂଳକ କରାଯାଇଛି।

ଜାନୁଆରୀ ୮ରେ ପ୍ରକାଶିତ ନୂଆ ଗାଇଡ୍‌ଲାଇନ୍ ଅନୁସାରେ କ୍ରିପ୍ଟୋ ଏକ୍ସଚେଞ୍ଜଗୁଡ଼ିକ ଭର୍ଚୁଆଲ ଆସେଟ୍ ଡିଭାଇସ୍ (ଭିଡିଏ) ସର୍ଭିସ୍ ପ୍ରୋଭାଇଡର୍ସ ରୂପେ ପରିଚିତ ହେବେ। ସେଗୁଡ଼ିକ ପୂର୍ବଭଳି କେବଳ ସାଧାରଣ ଦସ୍ତାବିଜ ଅପ୍‌ଲୋଡ୍ କରିବା ପରିବର୍ତ୍ତେ ଅଧିକ ଦାୟିତ୍ୱସମ୍ପନ୍ନ ହୋଇ କାର୍ଯ୍ୟ କରିବେ। ସଫ୍ଟୱେର ଜରିଆରେ ୟୁଜର୍ସଙ୍କ ଉପସ୍ଥିତିକୁ ଯାଞ୍ଚ କରିବା ପାଇଁ ଲାଇଭ୍ ସେଲ୍ଫି ନେବାକୁ ପଡ଼ିବ। ସ୍ଥିର ଫଟୋ କିମ୍ବା ଡିପ୍‌ଫେକ୍‌ର ବ୍ୟବହାର ଏଡ଼ାଇବାରେ ଏହା ସହାୟକ ହେବ। ବ୍ୟବହାରକାରୀ ଏକ ଆକାଉଣ୍ଟ ତିଆରି ଆରମ୍ଭ କରିବା ମାତ୍ରେ ଏକ୍ସଚେଞ୍ଜଗୁଡ଼ିକ ତାରିଖ, ଟାଇମ୍‌ଷ୍ଟାମ୍ପ୍ ଏବଂ ଆଇପି ଆଡ୍ରେସ୍ ରେକର୍ଡ କରିବା ଜରୁରୀ। ସେହିପରି ୟୁଜର୍ସଙ୍କୁ ପର୍ମାନେଣ୍ଟ ଆକାଉଣ୍ଟ ନମ୍ବର (ପାନ୍) ସହ ଏକ ପାସ୍‌ପୋର୍ଟ, ଆଧାର କିମ୍ବା ଭୋଟର ଆଇଡି ଭଳି ଅତିରିକ୍ତ ପରିଚୟପତ୍ର ଦାଖଲ କରିବାକୁ ପଡ଼ିବ। ଓଟିପି ଭେରିଫିକେଶନ୍ ପାଇଁ ଇ-ମେଲ୍ ଆଇଡି ଏବଂ ଫୋନ୍ ନମ୍ବର ଦେବାକୁ ପଡ଼ିବ। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଅଧୀନରେ ପରିଚାଳିତ ଏଫ୍‌ଆଇୟୁ ଏହି ନିୟମଗୁଡ଼ିକୁ ବଧ୍ୟତାମୂଳକ କରିଛି।

# ୬୦୦ ଆକାଉଣ୍ଟ ହଟାଇଲା X

**ଗ୍ରୋକ୍ ଏଆଇ ଅଶ୍ଳୀଳ କଣ୍ଟେଣ୍ଟ ପ୍ରସଙ୍ଗ**

**ନୂଆଦିଲ୍ଲୀ,୧୧।୧(ପି.ଟି.)**

ଏଲନ୍ ମସ୍କଙ୍କ ଏଆଇ ଚାଟ୍‌ବୋଟ୍ ଗ୍ରୋକ୍‌ରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଦ୍ୱାରା ପ୍ରସ୍ତୁତ ଅଶ୍ଳୀଳ କଣ୍ଟେଣ୍ଟ ଜେନେରେଟ୍ ହେବା ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ଆଇଟି ମନ୍ତ୍ରଣାଳୟ ଆପତ୍ତି ଉଠାଇବା ପରେ ମାଇକ୍ରୋବ୍ଲଗିଂ ପ୍ଲାଟ୍‌ଫର୍ମ X ନିଜ ଭୁଲ୍ ସ୍ୱୀକାର କରିବା ସହ ୬୦୦ ଆକାଉଣ୍ଟ ଡିଲିଟ୍ କରିଛି। ଏଥିସହ ସେଥିରେ ଥିବା ୩,୫୦୦ ଅଶ୍ଳୀଳ କଣ୍ଟେଣ୍ଟକୁ ହଟାଇଦେଇଛି। ସରକାରୀ ସୂତ୍ରରୁ ରବିବାର ଏହା ଜଣାପଡ଼ିଛି।





କିଛିଦିନ ତଳେ ମହିଳାମାନଙ୍କ ବିନା ଅନୁମତିରେ ସେମାନଙ୍କ ଅଶ୍ଳୀଳ ଫଟୋ ଓ ଭିଡିଓ X ରେ ବହୁଳ ପ୍ରସାରିତ ହୋଇଥିଲା। ଗ୍ରୋକ୍ ଉପରେ ସାରା ବିଶ୍ୱର ବିଭିନ୍ନ ଦେଶର ସରକାରମାନଙ୍କ ପକ୍ଷରୁ ନିୟାମକ ଚାପ ପଡ଼ିବା ପରେ X ଏହି ପଦକ୍ଷେପ ନେଇଛି। X ଭାରତୀୟ ଆଇନଗୁଡ଼ିକର ଅନୁପାଳନ କରିବ ବୋଲି ସରକାରଙ୍କୁ ପ୍ରତିଶ୍ରୁତି ଦେଇଛି। ସରକାରୀ ସୂତ୍ରରୁ ଜଣାପଡ଼ିଛି ଯେ, X ନିଜ ଭୁଲ୍‌କୁ ମାନିନେଇଛି। ସାଇଟ୍‌ରେ ୬୦୦ରୁ ଊର୍ଦ୍ଧ୍ୱ ଆକାଉଣ୍ଟ ଏବଂ ସେଥିରେ ଥିବା ୩,୫୦୦ଟି କଣ୍ଟେଣ୍ଟକୁ ଡିଲିଟ୍ କରାଯାଇଛି। ଆଗକୁ ଏହାର ପୁନରାବୃତ୍ତି ନ ହେବା ଲାଗି ପଦକ୍ଷେପ ନେବ ବୋଲି କହିଛି।

ଉଲ୍ଲେଖଯୋଗ୍ୟ, ଜାନୁଆରୀ ୨ରେ ଗ୍ରୋକ୍ ଦ୍ୱାରା ପ୍ରସ୍ତୁତ ସମସ୍ତ ବେଆଇନ କଣ୍ଟେଣ୍ଟକୁ ହଟାଇବା ପାଇଁ ଆଇଟି ମନ୍ତ୍ରଣାଳୟ Xକୁ କହିଥିଲା। ନ ହଟାଇଲେ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ଉକ୍ତ ଆମେରିକୀୟ ସୋସିଆଲ ମିଡିଆ କମ୍ପାନୀକୁ ଚେତାବନୀ ଦେଇଥିଲା। ଏପରି କି ୭୨ ଘଣ୍ଟା ମଧ୍ୟରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ବିସ୍ତୃତ ରିପୋର୍ଟ ଦାଖଲ ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା।

# ଭୁବନେଶ୍ୱରରେ ଆନ୍ତଃରାଜ୍ୟ ସାଇବର ଠକଙ୍କ କଲ୍ ସେଣ୍ଟର

**୧୨ ସାଇବର ଅଭିଯୁକ୍ତ ଗିରଫ**

**୬୦ ମୋବାଇଲ, ୨ ଲାପଟପ୍, ଥାର୍ ଗାଡି ଆଦି ଜବତ**



ଭୁବନେଶ୍ୱର,୧୧।୧(ସତ୍ୟଜିତ ରାଉତ)

ଓଡ଼ିଶାରୁ ଅପରେଟ୍ ହେଉଥିଲା ଆନ୍ତଃରାଜ୍ୟ ସାଇବର ଠକେଇ ର୍ୟାକେଟ। ଭୁବନେଶ୍ୱରରେ କଲ୍ ସେଣ୍ଟର ଖୋଲି ବିଭିନ୍ନ ରାଜ୍ୟର ଲୋକଙ୍କୁ ଫସାଇ ଲୁଟୁଥିଲେ। ଏହା ଜଣାପଡ଼ିବା ପରେ କମିଶନରେଟ୍ ପୋଲିସ ରବିବାର ବଡ଼ଗଡ଼ ଥାନା ଅନ୍ତର୍ଗତ ଟଙ୍କପାଣି ରୋଡ୍‌ର ପ୍ଲଟ ନଂ.୨୧୭୧/୧୬ସ୍ଥିତ ଘରେ ଚଢ଼ାଉ କରି ୧୨ଜଣ ସାଇବର ଠକଙ୍କୁ ଗିରଫ କରିଛି। ଏମାନଙ୍କ ମଧ୍ୟରେ ୭ଜଣ ବିହାର, ୪ଜଣ କେରଳ ଏବଂ ଜଣେ ଓଡ଼ିଶାର ରହିଛନ୍ତି। ଅଭିଯୁକ୍ତମାନେ ହେଲେ ବିହାର ନୱାଦା ଜିଲାର ବିଜୟ କୁମାର (୨୪), ସଞ୍ଜୟ କୁମାର ରାୟ (୪୨), ଅର୍ଜୁନ ରାଜ (୨୨), ନାଳନ୍ଦା ଜିଲାର ପଙ୍କଜ କୁମାର (୩୭), ପିଣ୍ଟୁ କୁମାର (୨୭), ଗୁଞ୍ଜନ କୁମାର (୪୦) ଓ ମନୀଷ କୁମାର (୨୦), କେରଳ ଏର୍ନାକୁଲମ୍ ଜିଲାର ଅଜୟ ରାଜ (୩୯), ଇଡ୍ଡୁକି ଜିଲାର ସନ୍ତୁରୁ ଭି (୨୫), ଅଜିତ ଏମ୍ (୨୮), ସରଥଶଶି (୨୫) ଏବଂ ଭୁବନେଶ୍ୱର ବଡ଼ଗଡ ଥାନା ଅଞ୍ଚଳର ଦେବାଶିଷ ତ୍ରିପାଠୀ (୪୪)। ଅଭିଯୁକ୍ତଙ୍କଠାରୁ ୩୦ଟି କି-ପ୍ୟାଡ୍ ମୋବାଇଲ, ୩୦ଟି ଆଣ୍ଡ୍ରଏଡ୍ ସ୍ମାର୍ଟଫୋନ୍, ୨ଟି ଲାପଟପ୍, ଥାର୍ ଗାଡି, ସ୍କୁଟି, ୬ଟି ସିମ୍‌କାର୍ଡ, ସ୍ପିଡ୍‌ପୋଷ୍ଟ ଷ୍ଟାମ୍ପ, ସ୍କ୍ରାଚ୍ କାର୍ଡ ଓ ଅନ୍ୟାନ୍ୟ କାଗଜପତ୍ର ଜବତ ହୋଇଛି। ଏନେଇ ପୋଲିସ ଶନିବାର ଏକ ମାମଲା (ନଂ.୨୬/୨୦୨୬) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ ପରେ ଜେଲକୁ ପଠାଇ ଦିଆଯାଇଛି। ଏହି ର୍ୟାକେଟରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାକୁ ଛାନଭିନ୍ ଚାଲିଥିବା ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ସୂଚନା ଦେଇଛନ୍ତି।

**ବିହାରକୁ ଯାଉଥିଲା ଠକେଇ ଟଙ୍କା**

କିଛିମାସ ହେବ ଅଭିଯୁକ୍ତ ଦେବାଶିଷଙ୍କ ଘରେ ଏହି କଲ୍ ସେଣ୍ଟର ଚାଲିଥିଲା। ଦେବାଶିଷଙ୍କ ସହ ଅର୍ଜୁନ ଓ ପଙ୍କଜ ଏହି ର୍ୟାକେଟର ମାଷ୍ଟରମାଇଣ୍ଡ୍ ବୋଲି ପୋଲିସ କହିଛି। ଏଜେଣ୍ଟଙ୍କ ଜରିଆରେ ନାପାଟୋଲ, ମେସୋ ଏବଂ ଅନ୍ୟାନ୍ୟ ଇ-କମର୍ସ ପ୍ଲାଟଫର୍ମରୁ ଗ୍ରାହକଙ୍କ ତଥ୍ୟ ପଙ୍କଜ ଯୋଗାଡ କରୁଥିଲେ। ଏଥିସହ ଟଙ୍କା ଟ୍ରାନ୍ସଫର୍ ପାଇଁ ସେ ବିହାରରେ ନିୟୋଜିତ କରିଥିବା ଏଜେଣ୍ଟଙ୍କ ଜରିଆରେ ମ୍ୟୁଲ୍ ଆକାଉଣ୍ଟ ଆଣୁଥିଲେ। ୟୁପିଆଇ ଆଡି ସମେତ ମ୍ୟୁଲ ଆକାଉଣ୍ଟ ଜରିଆରେ ଲୋକଙ୍କଠାରୁ ଟଙ୍କା ଠକେଇ କରି ଆଣୁଥିଲେ। ଏଥିସହ ସେମାନେ ଏଜେଣ୍ଟଙ୍କ ଜରିଆରେ ଫେକ୍ ପ୍ରି ଆକ୍ଟିଭେଟେଡ୍ ସିମ୍ ସଂଗ୍ରହ କରି ଠକେଇ କାର୍ଯ୍ୟରେ ବ୍ୟବହାର କରୁଥିଲେ। ଓଡ଼ିଶାରେ ଏହି ସାଇବର ଠକେଇ କଲ୍ ସେଣ୍ଟର ଚାଲୁଥିବା ବେଳେ ଠକେଇ ଟଙ୍କା ମ୍ୟୁଲ ଆକାଉଣ୍ଟ ଜରିଆରେ ବିହାରକୁ ଯାଉଥିଲା।

**ଲୋକଙ୍କୁ ଏମିତି ଫସାଇ ଠକୁଥିଲେ**

ସାଇବର ଠକମାନେ ଗିଫ୍ଟ ଭାଉଚର, କେରଳ ଲଟେରି, ଲୋନ୍ ଦେବାକୁ କହି ଠକୁଥିଲେ। ଦେବାଶିଷ ଗ୍ରାଫିକ୍ସ ଡିଜାଇନର ହୋଇଥିବବେଳେ ସେ ସ୍କ୍ରାଚ୍ କାର୍ଡ, ଗିଫ୍ଟ ଭାଉଚର, ଲକି କୁପନ, ଅଫର ଲେଟର ଓ ଫେସ୍‌ବୁକରେ ବିଜ୍ଞାପନ ଦେବା ପାଇଁ ଇମେଜ୍ ବନାଉଥିଲେ। ସେଥିରେ ସେ ହେଲ୍ପଲାଇନ୍ ନମ୍ବର ରଖି ଜାଲ ବିଛାଉଥିଲେ। ସାଇବର ଠକମାନେ ବସ୍ ଜରିଆରେ ଏହି ଲେଟରକୁ କୋଲକାତାକୁ ପଠାଉଥିଲେ। ଏଜେଣ୍ଟଙ୍କ ଦ୍ୱାରା ସ୍ପିଡ୍ ପୋଷ୍ଟ ଜରିଆରେ କୁପନ, ସ୍କ୍ରାଚ କାର୍ଡ, ଲକି ଡ୍ର କୁପନ ଆଦି ପଠାଇ ଲକ୍ଷାଧିକ ଟଙ୍କା ଓ ଗାଡ଼ି ଜିତିବାର ପ୍ରଲୋଭନ ଦେଖାଉଥିଲେ। ଗ୍ରାହକମାନେ ପୁରସ୍କାର ପାଇବା ପାଇଁ ହେଲ୍ପଲାଇନ୍ ନମ୍ବରକୁ କଲ୍ କଲେ ଠକମାନେ ୫ହଜାର ୫୦୦ ଟଙ୍କାରୁ ୧୨ ହଜାର ପର୍ଯ୍ୟନ୍ତ ବିଭିନ୍ନ ଫି ଦେବାକୁ କହି ଟଙ୍କା ନେଇ ଆସୁଥିଲେ। ସେହିପରି ଲୋନ୍ ଦେବାକୁ ଫେସ୍‌ବୁକରେ ବିଜ୍ଞାପନ ଦେଉଥିଲେ। କମ୍ ସୁଧରେ ବିଭିନ୍ନ ଫାଇନାନ୍ସିଆଲ କମ୍ପାନୀ ନାମରେ ଋଣ ଦେବାକୁ କହି ଲୋକମାନଙ୍କୁ ଫସାଉଥିଲେ। ଗ୍ରାହକମାନେ ଋଣ ନେବାକୁ ରାଜି ହେଲେ ବିଭିନ୍ନ ଫି ବାହାନାରେ ଟଙ୍କା ଲୁଟୁଥିଲେ। ଏଥିସହ ଅଭିଯୁକ୍ତମାନେ କେରଳ ଲଟେରି ନାଁରେ ଫେସବୁକ୍‌ରେ ବିଜ୍ଞାପନ ଦେଉଥିଲେ। ଗ୍ରାହକମାନେ ହେଲ୍ପଲାଇନ୍ ନମ୍ବରରେ ଯୋଗାଯୋଗ କରିବା ପରେ କଲ୍ ସେଣ୍ଟର ଜରିଆରେ ଠକମାନେ ବିଭିନ୍ନ ଫି ବାହାନାରେ ଟଙ୍କା ଠକିନେଉଥିଲେ।

**ରିମାଣ୍ଡରେ ଆସିବେ ୩ ମାଷ୍ଟରମାଇଣ୍ଡ**

ମାଷ୍ଟରମାଇଣ୍ଡ ଦେବାଶିଷ, ଅର୍ଜୁନ ଓ ପଙ୍କଜଙ୍କୁ ରିମାଣ୍ଡରେ ଆଣିବାକୁ ଯୋଜନା କରିଛି ପୋଲିସ। ଏମାନଙ୍କ ଲିଙ୍କ୍‌ରେ ଥିବା ଅନ୍ୟ ଏଜେଣ୍ଟମାନଙ୍କ ତଥ୍ୟ ମିଳିଲେ ର୍ୟାକେଟ୍‌ର ପୂରା ପର୍ଦ୍ଦାଫାଶ ହୋଇପାରିବ। ତେବେ ଅଭିଯୁକ୍ତମାନେ କିଭଳି ଓଡ଼ିଶା ଆସିଲେ, ଦେବାଶିଷଙ୍କ ସହ କିପରି ସମ୍ପର୍କ ହେଲା, ସେନେଇ ଜାଣିବାକୁ ପୋଲିସ ଅଧିକ ତଦନ୍ତ ଚଳାଇଛି। ଅଭିଯୁକ୍ତମାନଙ୍କୁ ପଚରାଉଚରା କଲେ ଅଧିକ ସୂଚନା ମିଳିପାରିବ ବୋଲି ପୋଲିସ କମିଶନର କହିଛନ୍ତି।

# ଜୁଆ ଆଡ୍ଡାରେ ଚଢ଼ାଉ ବେଳେ ପୋଲିସକୁ ଆକ୍ରମଣ, ୨୬ ଗିରଫ



ଗିରଫ ଅଭିଯୁକ୍ତମାନେ।

**୯.୨୪ ଲକ୍ଷ ଟଙ୍କା, ୧୦ ବାଇକ୍, କାର୍ ଜବତ**

ଦିଗପହଣ୍ଡି,୧୧।୧(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା କରପଡ଼ା ପଞ୍ଚାୟତ ଜଙ୍ଗମା ଗ୍ରାମ ନିକଟ ଜଙ୍ଗଲରେ ଶନିବାର ସନ୍ଧ୍ୟାରେ ଜୁଆଖେଳ ଚାଲିଥିବା ଖବରପାଇ ଚଢ଼ାଉ କରିବାକୁ ଯାଇଥିବା ପୋଲିସକୁ ଆକ୍ରମଣ ହୋଇଛି। ଏଏସ୍‌ଆଇ ମନୋଜ ସିଂଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ସ୍କ୍ୱାଡ୍ ଉକ୍ତ ଆଡ୍ଡାରେ ପହଞ୍ଚିବାରୁ ଜୁଆ ଖେଳୁଥିବା ବହୁସଂଖ୍ୟକ ବ୍ୟକ୍ତି ସେମାନଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ଏପରି କି କେତେଜଣ କନଷ୍ଟେବଲଙ୍କୁ ସେମାନେ ହତ୍ୟା ଉଦ୍ୟମ କରିଥିଲେ। ଖବରପାଇ ଚିକିଟି ଏସ୍‌ଡିପିଓ ବିଶ୍ୱାମିତ୍ର ହରପାଲ, ଦିଗପହଣ୍ଡି ଥାନା ଭାରପ୍ରାପ୍ତ ଆଇଆଇସି ପ୍ରଶାନ୍ତ କୁମାର ପାତ୍ର ଅଧିକା ଫୋର୍ସ ଧରି ଘଟଣାସ୍ଥଳରେ ପହଞ୍ଚିଥିଲେ। ପୋଲିସ ଟିମ୍ ସେଠାରୁ ୨୬ ଅଭିଯୁକ୍ତଙ୍କୁ ଧରିବା ସହ ଜୁଆଆଡ୍ଡାରୁ ୯ ଲକ୍ଷ ୨୪ ହଜାର ଟଙ୍କା, ୩୨ଟି ମୋବାଇଲ ଫୋନ୍, ୧୨ଟି ବାଇକ, ଗୋଟିଏ କାର ଏବଂ ୧୮ ପ୍ୟାକେଟ ତାସ ଜବତ କରିଛି। ଆହତ ପୋଲିସ କର୍ମଚାରୀମାନଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇଛି। ଏ ନେଇ ଏଏସ୍‌ଆଇ ସିଂଙ୍କ ଏତଲା ଅନୁଯାୟୀ ନଂ.୧୨/୨୬ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନେ ଗଞ୍ଜାମ ଜିଲା ବଡ଼ଗଡ଼, ଭଞ୍ଜନଗର, ଜଗନ୍ନାଥ ପ୍ରସାଦ, ଗୋଳନ୍ଥରା, ଶେରଗଡ଼, କେ. ନୂଆଗାଁ, ଦିଗପହଣ୍ଡି, ଜରଡ଼ା ଥାନା ଅଞ୍ଚଳର ବୋଲି ଜଣାପଡିଛି। ସେମାନଙ୍କୁ ରବିବାର ଅପରାହ୍ନରେ କୋର୍ଟଚାଲାଣ କରାଯାଇଛି। ଜାମିନ ଆବେଦନ ଖାରଜ ହେବାରୁ ସମସ୍ତ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

# ଜମି ବିବାଦରୁ ମୁଣ୍ଡ ଗଡ଼ିଲା

ଆନନ୍ଦପୁର,୧୧।୧
(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଘଷିପୁରା ଥାନା କୁମଡ଼ ଗାଁରେ ଜମିବାଡ଼ି ବିବାଦକୁ ନେଇ ଦାଦାପୁଅଙ୍କ ଠେଙ୍ଗା ମାଡ଼ରେ ବଡ଼ବାପା ପୁଅଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ଗୋବିନ୍ଦ ମୋଦିଙ୍କ ପୁଅ ମଳୟ। ଅଭିଯୁକ୍ତ ଭାଇ ଆଦିତ୍ୟ ମୋଦି ଫେରାର ଥିବାବେଳେ ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ୨ ପରିବାର ମଧ୍ୟରେ ଦୀର୍ଘଦିନ ହେଲା ଜମିବାଡ଼ି ଭାଗବଣ୍ଟାକୁ ନେଇ ବିବାଦ ଲାଗି ରହିଥିଲା। ଏ ନେଇ ପୂର୍ବରୁ ଅନେକଥର ଉଭୟ ପରିବାର ମଧ୍ୟରେ ମାରପିଟ୍ ହୋଇ ସମାଧାନ ହୋଇଛି। ରବିବାର ପୂର୍ବ ଘଟଣାକୁ କେନ୍ଦ୍ରକରି ମଳୟଙ୍କୁ ତାଙ୍କ ଦାଦା ପୀତାମ୍ବରଙ୍କ ପରିବାର ଆକ୍ରମଣ କରିଥିଲେ। ଏହି ସମୟରେ ପୀତାମ୍ବରଙ୍କ ପୁଅ ଆଦିତ୍ୟ ଏକ କାଠଫାଳିଆରେ ମଳୟଙ୍କ ମୁଣ୍ଡକୁ ଶକ୍ତ ପ୍ରହାର ପକାଇଥିଲେ। ମଳୟ ଘଟଣାସ୍ଥଳରେ ଅଚେତ ହୋଇଯାଇଥିଲେ। ପରିବାର ଲୋକେ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ପରେ କଟକ ବଡ଼ମେଡିକାଲ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପରିବାର ଲୋକେ ଘଷିପୁରା ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ୭୮ ଚୋରି ମାମଲାର ଅଭିଯୁକ୍ତ ନଣ୍ଡା ଗିରଫ

**ସହଯୋଗୀ ପାଳିତ ପୁଅ ମଧ୍ୟ ଜେଲ ଗଲେ**

ଭୁବନେଶ୍ୱର,୧୧।୧(ସତ୍ୟଜିତ ରାଉତ)

ଧଉଳି ଥାନା ପୋଲିସ ୭୮ ଚୋରି ମାମଲାର ଅଭିଯୁକ୍ତଙ୍କୁ ରବିବାର ଗିରଫ କରିଛି। ସେ ହେଲେ ପୁରୀ ଜିଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ବେଗୁନିଆବସ୍ତା ଗ୍ରାମର ନିରଞ୍ଜନ ସ୍ୱାଇଁ ଓରଫ ନଣ୍ଡା (୪୯)। ନଣ୍ଡାଙ୍କ ସହଯୋଗୀ ତଥା ପାଳିତ ପୁଅ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ବନଫୁଲ ବସ୍ତିର ମୁନମୁନା ପ୍ରଧାନ (୨୬)ଙ୍କୁ ମଧ୍ୟ ପୋଲିସ ଗିରଫ କରିଛି। ପୋଲିସ ଅଭିଯୁକ୍ତଙ୍କଠାରୁ ଅଟୋ (ଓଡି୦୨ଡିବି୨୭୪୯), ଶାବଳ, ରୁପା ଚେନ, ୧୫ଟି ରୁପା କଏନ ଆଦି ଜବତ କରିଛି। ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ନଣ୍ଡାଙ୍କ ନାଁରେ ଭୁବନେଶ୍ୱରର ବିଭିନ୍ନ ଥାନା ଅଞ୍ଚଳରେ ୭୮ଟି ଚୋରି ମାମଲା ରହିଛି। ଅଭିଯୋଗ ଅନୁଯାୟୀ, ବୁଧବାର-ଗୁରୁବାର ବିଳମ୍ବିତ ରାତିରେ ଧଉଳି ଥାନା ଅନ୍ତର୍ଗତ ପ୍ଲଟ ନଂ.୬୮/୧୫୫୨ସ୍ଥିତ ସନ୍ଧ୍ୟାରାଣୀ ପଟ୍ଟନାୟକଙ୍କ ଘରକୁ ନଣ୍ଡା ଟାର୍ଗେଟ୍ କରିଥିଲେ। ସନ୍ଧ୍ୟାରାଣୀ ତାଙ୍କ ପିଲାଙ୍କ ସହ ବେଡରୁମ୍‌ରେ ଶୋଇଥିବାବେଳେ ନଣ୍ଡା ଅନ୍ୟ ଏକ ବେଡରୁମ୍‌ର ଝରକା ତାଡ଼ି ଘରେ ପଶିଥିଲେ। ଉକ୍ତ ରୁମ୍‌ରୁ ୨୦ ହଜାର ଟଙ୍କା, ସୁନା ଚେନ୍, ସୁନା ମୁଦି, ରୁପା ଚେନ୍, ରୁପା କଏନ ଓ କିଛି ଏଟିଏମ୍ କାର୍ଡ ଚୋରି କରିନେଇଥିଲେ। ଏନେଇ ସନ୍ଧ୍ୟାରାଣୀଙ୍କ ଏତଲାକ୍ରମେ ଧଉଳି ପୋଲିସ ମାମଲା (ନଂ.୬/୨୦୨୬) ରୁଜୁ କରି ତଦନ୍ତ କରିଥିଲା। ସିସିଟିଭି ଫୁଟେଜ୍‌ରୁ ଏହା ନଣ୍ଡାଙ୍କ କାରନାମା ବୋଲି ଜଣାପଡ଼ିଥିଲା। ତେବେ ପରେ ପାଳିତ ପୁଅ ମୁନମୁନା ଚୋରି ଏବଂ ଚୋରି ସାମଗ୍ରୀ ବିକ୍ରି କରିବାରେ ସହଯୋଗ କରିଥିବା ଜଣାପଡ଼ିଥିଲା। ନଣ୍ଡା ଅନେକ ଥର ଜେଲ ଯାଇଥିଲେ ମଧ୍ୟ ଜାମିନରେ ଆସି ଚୋରି କରୁଥିଲେ।

# ବିଲ ମଝିରେ ଅଧାପୋତା ଗଳିତ ମୃତଦେହ

ଭଦ୍ରକ,୧୧।୧(ସନାତନ ରାଉତ)

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ରାହାଞ୍ଜି ପଞ୍ଚାୟତର ଅସୁରା ଗ୍ରାମ ନିକଟ ବିଲ ମଝିରୁ ଏକ ଗଳିତ ମୃତଦେହ ରବିବାର ପୋଲିସ ଜବତ କରିଛି। ବିଲ ମଝିରେ ଥିବା ଦଳ ଭର୍ତ୍ତି ଖାଲରେ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବା ପରେ ପୋଲିସକୁ ଖବର ଦେଇଥିଲେ। ଗ୍ରାମାଞ୍ଚଳ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏହି ଖବର ଜଣାପଡ଼ିବା ପରେ ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ଜମିଥିଲା। କେହି ଦୁର୍ବୃତ୍ତ ହତ୍ୟା କରି ମୃତଦେହକୁ ଏଠାରେ ପକାଇଥିବା ଏବଂ ଉକ୍ତ ସ୍ଥାନରେ ପାଣି ଥିବା ସହ ମାଟି ଓଦା ଥିବାରୁ ମୃତଦେହ ପଡ଼ିବା ପରେ ଅଧା ପୋତି ହୋଇଯାଇଥିବା ସନ୍ଦେହ କରାଯାଉଛି। ତେବେ ମୃତଦେହ ପ୍ରାୟ ଏକ ସପ୍ତାହ ତଳର ହେବ। ମୃତକଙ୍କ ପରିଚୟ ମିଳି ନ ଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ହତ୍ୟା କିମ୍ବା ଅନ୍ୟ କିଛି ଘଟଣା ସ୍ପଷ୍ଟ ହେବ ବୋଲି ଗ୍ରାମାଞ୍ଚଳ ଥାନାଧିକାରୀ ନୀରଜ ସାମଲ କହିଛନ୍ତି।

## Business

# ଜାତୀୟ ଆୟରେ ୧୯.୭୩% ଯୋଗଦାନ ଦେଉଛି କୃଷି କ୍ଷେତ୍ର

**■୧୦ ବର୍ଷରେ ଚାଷୀଙ୍କ ଆୟ ୧୨୬% ବୃଦ୍ଧି**



ଭୁବନେଶ୍ୱର,୧୧।୧(ଅନୁରାଧା ମହାରଣା)

ଭାରତର କୃଷି କ୍ଷେତ୍ର ଜାତୀୟ ଆୟରେ ୧୯.୭୩% ଯୋଗଦାନ ଦେଉଛି। ଏଥିରେ ଦେଶର ମୋଟ ଶ୍ରମଶକ୍ତିର ୪୬% ଶ୍ରମିକ ନିୟୋଜିତ ରହିଛନ୍ତି ଏବଂ ଏମାନଙ୍କ ମଧ୍ୟରୁ ୬୪% ମହିଳା। ସମାବେଶୀ ବିକାଶ ସୁନିଶ୍ଚିତ କରିବା ଏବଂ ସବକା ବିକାଶର ଲକ୍ଷ୍ୟକୁ ସାକାର କରିବାରେ କୃଷି କ୍ଷେତ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ପ୍ରଫେସର ରମେଶ ଚନ୍ଦଙ୍କ ଦ୍ୱାରା ଲିଖିତ ନୀତି ଆୟୋଗର ସଦ୍ୟତମ ରିପୋର୍ଟରେ କୁହାଯାଇଛି। ରିପୋର୍ଟ ମୁତାବକ ୨୦୧୪-୧୫ ମସିହା ପରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଜିଭିଏ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି । ୨୦୧୫-୧୬ରୁ ୨୦୨୪-୨୫ ମଧ୍ୟରେ କୃଷି କ୍ଷେତ୍ରରେ ବାର୍ଷିକ ଅଭିବୃଦ୍ଧି ହାର ଐତିହାସିକ ସର୍ବୋଚ୍ଚ ସ୍ତର ୪.୪୫% ରହିଛି । ଏହା ପ୍ରମୁଖ କୃଷି ପ୍ରାଧାନ୍ୟ ଦେଶଗୁଡ଼ିକ ମଧ୍ୟରେ ସର୍ବାଧିକ। ଭାରତର କୃଷି ଅଭିବୃଦ୍ଧି ୨୦୧୫-୨୦୨୪ ମଧ୍ୟରେ ୪.୪୨% ରହିଛି ଯାହା ଚାଇନାର ୪.୧୦%କୁ ଅତିକ୍ରମ କରିଛି। ମତ୍ସ୍ୟପାଳନ କ୍ଷେତ୍ରରେ ୯% ଅଭିବୃଦ୍ଧି ଦେଖିବାକୁ ମିଳିଛି, ଯାହା ଫସଲ କ୍ଷେତ୍ର ତୁଳନାରେ ୩ ଗୁଣ ଅଧିକ। ବନୀକରଣ କ୍ଷେତ୍ରରେ ୨୦୧୪-୧୫ ପରେ ୪% ବିକାଶ ଦେଖିବାକୁ ମିଳିଛି । ଫସଲ ମଧ୍ୟରେ ଗୋଖାଦ୍ୟ ଓ ଘାସ ୭.୩୯%, ମସଲା ୬.୭୨%, ଫଳ ୩.୬୮%, ଡାଲି ୩.୫୫%, ତୈଳବୀଜ ୨.୪୭% ଏବଂ ଶସ୍ୟ ୨.୩୬ %ବୃଦ୍ଧି ପାଇଛି। ୨୦୧୪-୧୫ରୁ ୨୦୨୩-୨୪ ମଧ୍ୟରେ ମୋଟ କୃଷି ଉତ୍ପାଦନରେ ଫସଲର ଅନୁପାତ ୬୩.୭୫%ରୁ ୫୪.୩୩କୁ ହ୍ରାସ ପାଇଛି । ପ୍ରାଣୀସମ୍ପଦର ଅଂଶ ୭.୯୧% ଅଙ୍କ ବୃଦ୍ଧି ପାଇଥିବା ବେଳେ ମତ୍ସ୍ୟପାଳନ ଏବଂ ଜଳଜ ଜୀବ ପାଳନ ୨.୨୬%କୁ ବୃଦ୍ଧି ପାଇଛି। ସେହିପରି ଫସଲ କ୍ଷେତ୍ର ମଧ୍ୟରେ ଫଳର ଭାଗ ୧୬.୦୯%ରୁ ୧୯.୨୪%କୁ ବୃଦ୍ଧି ପାଇଛି। ମସଲାର ଭାଗ ୨ ଗୁଣ ଅର୍ଥାତ୍ ୩.୭୧%ରୁ ୭.୮୩%କୁ ବୃଦ୍ଧି ପାଇଛି। ୨୦୧୪-୧୫ରୁ ୨୦୨୩-୨୪ ମଧ୍ୟରେ କୃଷି ଉତ୍ପାଦକଙ୍କ ଆୟରେ ବାର୍ଷିକ ୧୦.୧୧% ବୃଦ୍ଧି ଦେଖିବାକୁ ମିଳିଛି, ଏହା ଉତ୍ପାଦନ ଏବଂ ମୋଟ ଅର୍ଥବ୍ୟବସ୍ଥାର ଅଭିବୃଦ୍ଧିଠାରୁ ଅଧିକ। ଚାଷୀଙ୍କ ଆୟ ଦଶ ବର୍ଷ ମଧ୍ୟରେ ୧୨୬% ବୃଦ୍ଧି ପାଇଛି । ୨୦୧୫-୧୬ରୁ ୨୦୨୨-୨୩ ମଧ୍ୟରେ ଉତ୍ପାଦକଙ୍କ ଆୟ ୧୦୮% ବଢ଼ିଛି। ୨୦୦୮-୦୯ରୁ ୨୦୨୦-୨୧ ମଧ୍ୟରେ କୃଷି ପାଇଁ ବାଣିଜ୍ୟ ସର୍ତ୍ତାବଳୀରେ ୪୧.୩% ପଏଣ୍ଟ ସୁଧାର ହୋଇଛି। ସେହିପରି ୨୦୧୧-୧୨ରୁ ୨୦୨୪-୨୫ କୃଷି କ୍ଷେତ୍ରରେ ପାଇକାରୀ ମୂଲ୍ୟ ସୂଚକାଙ୍କ ପ୍ରାୟ ୨ଗୁଣ ବୃଦ୍ଧି ପାଇଛି। ପାଇକାରୀ କୃଷି ମୂଲ୍ୟ ୧୩ ବର୍ଷ ମଧ୍ୟରେ ବାର୍ଷିକ ୨.୪% ବୃଦ୍ଧି ହାସଲ କରିଛି। ଦୁଗ୍ଧ ଉତ୍ପାଦନ ୨୦୧୪-୧୫ରେ ୧୪୬ ନିୟୁତ ଟନ୍‌ରୁ ୨୦୨୩-୨୪ରେ ୨୩୯ ନିୟୁତ ଟନ୍‌କୁ ବୃଦ୍ଧି ପାଇଛି । ଫଳ ଏବଂ ପରିବା ଉତ୍ପାଦନ ୨୦୧୩-୧୪ରେ ୨୮୦.୭ ନିୟୁତ ଟନ୍‌ରୁ ୨୦୨୩-୨୪ରେ ୩୬୭.୭୨ ନିୟୁତ ଟନ୍‌କୁ ବୃଦ୍ଧି ପାଇଛି। ଭାରତ ବିଶ୍ୱର ସର୍ବବୃହତ ଦୁଗ୍ଧ ଉତ୍ପାଦନକାରୀ ଏବଂ ସର୍ବବୃହତ ଚାଉଳ ରପ୍ତାନିକାରୀ ପାଲଟିଛି ।

# ଭାରତ ମସଲାର ସର୍ବଭାରତୀୟ ସେଲ୍‌ସ କନ୍‌ଫରେନ୍ସ

ପୁରୀ,୧୧।୧(ଅଜିତ୍ କୁମାର ମହାନ୍ତି)



ଭାରତ ମସଲାର ସର୍ବଭାରତୀୟ ସେଲ୍‌ସ କନ୍‌ଫରେନ୍ସ ପୁରୀର ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ରାଜ୍ୟରୁ ୪୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ଭାରତ ମସଲାର ଚେୟାରମ୍ୟାନ ସୁରେନ୍ଦ୍ର ନାଥ ପଣ୍ଡା, ସାମାଜିକ କର୍ମୀ ପ୍ରଫୁଲ୍ଲ କୁମାର ସିଂହ, ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା, ନର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା, ଉପସଭାପତି ସୁନୀଲ କୌଶିକ, ଜେନେରାଲ ମ୍ୟାନେଜର(ଅପରେଶନ) ଅରୁଣ କୁମାର ନାୟକ, ଜେନେରାଲ ମ୍ୟାନେଜର (ଫାଇନାନ୍ସ) ଅଶ୍ୱିନୀ କୁମାର ଦାଶ, ପ୍ରଡକ୍ସନ ମ୍ୟାନେଜର ନବକୃଷ୍ଣ ପ୍ରଧାନ, ପ୍ୟାନ ଇଣ୍ଡିଆ ସିନିୟର ସେଲ୍‌ସ ମୁଖ୍ୟ ନୈନିତା ନୀଳିମା ଏବଂ ଏସ୍‌ଡିଏମ୍ ବିହାର ଜଗଦୀଶ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଭାରତ ମସଲାରେ ପ୍ରତିନିଧିମାନଙ୍କୁ ସେଲ୍‌ସ ବୃଦ୍ଧି, ଟାର୍ଗେଟ ପୂରଣ, ଗୁଣବତ୍ତା ବଜାୟ ରଖିବା ଏବଂ ଗ୍ରାହକଙ୍କ ବିଶ୍ୱାସ ଜିତିବା ନେଇ ଅତିଥିମାନେ ମତ ରଖିଥିଲେ। ଏହି ଅବସରରେ ସୁଶାନ୍ତ କୁମାର ପଣ୍ଡା କହିଛନ୍ତି, ଭାରତ ମସଲା ଦେଶର ଏକ ଅଗ୍ରଣୀ ମସଲା ବ୍ରାଣ୍ଡ ଭାବେ ଗ୍ରାହକଙ୍କ ବିଶ୍ୱାସ ଜିତି ପାରିଛି। ଆଗାମୀ ଦିନରେ ଏହି ମସଲା କିଭଳି ଅଧିକ ଲୋକଙ୍କ ପାଖରେ ପହଞ୍ଚି ପାରିବ ଏବଂ ଅଧିକ ନୂତନ ନିଯୁକ୍ତି ସୃଷ୍ଟି ହୋଇପାରିବ ସେ ନେଇ ବିଭିନ୍ନ ଆଲୋଚନା ହୋଇଥିଲା। ବର୍ଷ ୨୦୨୬ ପାଇଁ ଭାରତ ମସଲା ୯୦୦ କୋଟି ଟର୍ନ ଓଭରର ଟାର୍ଗେଟ ରଖିଛି। ଅନ୍ୟପଟେ ଦେଶର ପ୍ରାୟତଃ ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଭାରତ ମସଲା ପହଞ୍ଚିପାରିଛି । ବିଦେଶକୁ ମସଲା ରପ୍ତାନିରେ ମଧ୍ୟ ଭାରତ ମସଲା ଆଗରେ ରହିଛି ବୋଲି ପଣ୍ଡା କହିଥିଲେ। ସୂଚନାଥାଉକି, ୧୯୯୯ ମସିହାରେ କମ୍ପାନୀ କଟକର ଏକ ଗ୍ରାମରେ ଆରମ୍ଭ ହୋଇଥିଲା। ୧୦୦ ଜଣ କର୍ମଚାରୀଙ୍କୁ ନେଇ କମ୍ପାନୀ ଆରମ୍ଭ ହୋଇଥିଲା। ପରେ ବହୁ ବାଧାବିଘ୍ନ ଦେଇ ଦେଶବାସୀଙ୍କୁ ଉତ୍ପାଦ ଯୋଗାଇଚାଲିଥିଲା। ସମସ୍ତଙ୍କ ସହଯୋଗରେ କମ୍ପାନୀ ଆଗକୁ ଆହୁରି ଉନ୍ନତି କରିବ ବୋଲି କମ୍ପାନୀ ଆଶାବାଦୀ ଅଛି। କାର୍ଯ୍ୟକ୍ରମ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ରିଲାଏନ୍ସ ଫାଉଣ୍ଡେଶନ ଛାତ୍ରବୃତ୍ତି ପାଇବେ ଓଡ଼ିଶାର ୧୨୭ ଛାତ୍ରୀଛାତ୍ର

ଭୁବନେଶ୍ୱର,୧୧।୧(ଅନୁରାଧା ମହାରଣା)

ରିଲାଏନ୍ସ ଫାଉଣ୍ଡେଶନ ପକ୍ଷରୁ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ଏହାର ପ୍ରତିଷ୍ଠିତ ସ୍ନାତକ ଏବଂ ସ୍ନାତକୋତ୍ତର ଛାତ୍ରବୃତ୍ତିର ଫଳାଫଳ ଘୋଷଣା କରାଯାଇଛି। ଓଡ଼ିଶାର ୧୨୭ ଜଣ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ର ଚଳିତ ବର୍ଷର ଏହି ଛାତ୍ରବୃତ୍ତି ପାଇଁ ମନୋନୀତ ହୋଇଛନ୍ତି। ଏହିବର୍ଷ ସାରା ଦେଶରୁ ୫,୦୦୦ ସ୍ନାତକ ଏବଂ ୧୦୦ ଜଣ ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇଛି। ସ୍ନାତକ ଛାତ୍ରୀଛାତ୍ରମାନଙ୍କୁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏବଂ ପିଜି ଛାତ୍ରୀଛାତ୍ରମାନଙ୍କୁ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ମିଳିବ। ୨୦୨୨ରେ ରିଲାଏନ୍ସ ଫାଉଣ୍ଡେଶନର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷା ନୀତା ଅମ୍ବାନୀଙ୍କ ଦ୍ୱାରା କରାଯାଇଥିବା ଘୋଷଣାର ଏକ ଅଂଶ ହେଇଥିବାବେଳେ ୧୦ ବର୍ଷରେ ୫୦,୦୦୦ ଛାତ୍ରବୃତ୍ତି ପ୍ରଦାନ କରାଯିବ। ୨୦୨୫-୨୬ ବ୍ୟାଚ ପାଇଁ ସାରା ଦେଶରୁ ୧ ଲକ୍ଷ ୨୫ ହଜାରରୁ ଅଧିକ ଆବେଦନପତ୍ର ମଧ୍ୟରୁ ମନୋନୀତ ୫,୧୦୦ ଜଣ ୨୮ଟି ରାଜ୍ୟ ଏବଂ ୪ଟି କେନ୍ଦ୍ରଶାସିତ ଅଞ୍ଚଳରୁ ଆସିଛନ୍ତି ଏବଂ ୧୫,୫୪୪ ଶିକ୍ଷାନୁଷ୍ଠାନର ପ୍ରତିନିଧିତ୍ୱ କରୁଛନ୍ତି। ୮୩% ଛାତ୍ରୀଛାତ୍ରଙ୍କ ପରିବାରର ବାର୍ଷିକ ଆୟ ଅଢେଇ ଲକ୍ଷ ଟଙ୍କାରୁ କମ୍ ରହିଛି। ୯୭% ସ୍ନାତକ ଛାତ୍ରୀଛାତ୍ର ଦ୍ୱାଦଶ ଶ୍ରେଣୀରେ ୯୦%ରୁ ଅଧିକ ନମ୍ବର ହାସଲ କରିଛନ୍ତି। ସ୍ନାତକ ଛାତ୍ରୀଛାତ୍ରଙ୍କ ମଧ୍ୟରେ ୪୮% ଝିଅ ଏବଂ ୫୨%ପୁଅ ରହିଛନ୍ତି। ୧୪୬ ଜଣ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ମଧ୍ୟ ଚୟନ କରାଯାଇଛି। ମନୋନୀତ ପିଜି ଛାତ୍ରୀଛାତ୍ର କୃତ୍ରିମ ବୁଦ୍ଧିମତ୍ତା, କମ୍ପ୍ୟୁଟର ବିଜ୍ଞାନ, ନବୀକରଣୀୟ ଶକ୍ତି ଏବଂ ଲାଇଫ ସାଇନ୍ସ ଭଳି ଭବିଷ୍ୟତମୁଖୀ କ୍ଷେତ୍ରଗୁଡ଼ିକରେ ଅଧ୍ୟୟନ କରୁଛନ୍ତି।

# ଖଣି ଶିଳ୍ପ ଓଡ଼ିଶାର 'ମଦର ଇଣ୍ଡଷ୍ଟ୍ରି'

**୪ର୍ଥ ଓଡ଼ିଶା ଖଣି ଏବଂ ଭିତ୍ତିଭୂମି ଅନ୍ତର୍ଜାତୀୟ ଏକ୍ସପୋ ଉଦ୍‌ଯାପିତ**

ଭୁବନେଶ୍ୱର,୧୧।୧(ଅନୁରାଧା ମହାରଣା)




ଓଡ଼ିଶାର ଭବିଷ୍ୟତ ସୁରକ୍ଷିତ ଅଛି ଏବଂ ରାଜ୍ୟ ବର୍ତ୍ତମାନ ଦ୍ରୁତ ଓ ସମାବେଶୀ ଉନ୍ନତି ପାଇଁ ତୀବ୍ର ଗତିରେ ଆଗକୁ ବଢ଼ୁଛି। ଖଣି ଶିଳ୍ପ ଓଡ଼ିଶାର 'ମଦର୍ ଇଣ୍ଡଷ୍ଟ୍ରି' ଭାବେ ଚାଲିଆସୁଥିବାରୁ ସରକାର ସ୍ଥାୟିତ୍ୱ ଓ ଦାୟିତ୍ୱପୂର୍ଣ୍ଣ ଉନ୍ନତିକୁ ଗୁରୁତ୍ୱ ଦେଇ ଏହି କ୍ଷେତ୍ରକୁ ସ୍ଥାୟିତ୍ୱ ପ୍ରୋତ୍ସାହନ ଦେଉଛନ୍ତି। ଭୁବନେଶ୍ୱରର ବରମୁଣ୍ଡା ଗ୍ରାଉଣ୍ଡରେ ଚାଲିଥିବା ୪ ଦିନିଆ ୪ର୍ଥ ଓଡ଼ିଶା ଖଣି ଏବଂ ଭିତ୍ତିଭୂମି ଅନ୍ତର୍ଜାତୀୟ ଏକ୍ସପୋ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏପରି କହିଛନ୍ତି। ରବିବାର ଉଦ୍‌ଯାପନୀ କାର୍ଯ୍ୟକ୍ରମ ଆରମ୍ଭରେ ଫ୍ୟୁଚରେକ୍ସ ଗ୍ରୁପର ଅଧ୍ୟକ୍ଷ ସ୍ୱାମୀ ପ୍ରେମ ଅନ୍ୱେଷୀ ସ୍ୱାଗତ ଭାଷଣ ଦେଇଥିଲେ। କେସିସିର ପରିଚାଳନା ନିର୍ଦ୍ଦେଶକ ଏସ.ଆର. ସାମଲ, ଅଭିନେତା ସିଦ୍ଧାନ୍ତ ମହାପାତ୍ର, ସବ୍ୟସାଚୀ ମିଶ୍ର, ନିର୍ଦ୍ଦେଶକ ନମିତ ଗୁପ୍ତା ଓ ଉପସ୍ଥିତ ଥିଲେ। ଆୟୋଜନ କମିଟି ଅଧ୍ୟକ୍ଷ ଡ. ତପନ କୁମାର ଚାନ୍ଦ ତାଙ୍କ ଅଭିଭାଷଣରେ କହିଥିଲେ ୩୦,୦୦୦ ବର୍ଗମିଟର ଅଞ୍ଚଳରେ ୨୫୦ରୁ ଅଧିକ ପ୍ରତିଭାଗୀ ଅଂଶଗ୍ରହଣ କରିଥିବା ଏହି ଏକ୍ସପୋ ବିଶ୍ୱସ୍ତରୀୟ ମାନଦଣ୍ଡ ସ୍ଥାପନ କରିଛି। ଆଇଆରଇଏର ସିଏମ୍ ଶାରଦା ଭୂଷଣ ମହାନ୍ତି ଓଡ଼ିଶାରେ ଦୀର୍ଘ ବର୍ଷର ଅନୁଭବ, ବିଶେଷକରି ବେଳାଭୂମି ବାଲୁକା ଖଣିଜ ଓ ରେୟାର ଆର୍ଥ ଖଣିଜ ଉତ୍ତୋଳନ କ୍ଷେତ୍ରରେ ତାଙ୍କର ଅଭିଜ୍ଞତା ଆଧାରରେ ସେ ରାଜ୍ୟରେ ରେୟାର ଆର୍ଥ ଖଣିଜର ବିଶାଳ ସମ୍ଭାବନା ଥିବା କହିଥିଲେ। ଦାୟିତ୍ୱପୂର୍ଣ୍ଣ ଭାବରେ ଖଣିଜ ଉତ୍ତୋଳନ କଲେ ଆଧୁନିକ ପ୍ରଯୁକ୍ତି, ସ୍ୱଚ୍ଛ ଶକ୍ତିକୁ ଆଗକୁ ନେବ, ରୋଜଗାର ସୃଷ୍ଟି ଓ ଓଡ଼ିଶାର ଅର୍ଥନୈତିକ ଉନ୍ନତିକୁ ବଡ଼ ଭାବରେ ସହାୟତା ମିଳିପାରିବ ବୋଲି ସେ କହିଥିଲେ। ଶିଳ୍ପପତି ଦୀପ୍ତିରଞ୍ଜନ ପଟ୍ଟନାୟକ କହିଥିଲେ, ବାସ୍ତବ ଉଦ୍ୟୋଗପତିତ୍ୱ ହେଉଛି ଲଗାତର ଶିଖିବା ଓ ଧୈର୍ଯ୍ୟର ସହିତ ଆଗକୁ ବଢ଼ିବା। ସେ '୫ ପି' ପ୍ରାର୍ଥନା, ପ୍ରୟାସ, ପ୍ରତୀକ୍ଷା, ପ୍ରେରଣା ଓ ପ୍ରତିଜ୍ଞା ଉପରେ ଗୁରୁତ୍ୱ ଦେଇ କହିଥିଲେ, ଇଣ୍ଟରନ୍ୟାଶନାଲ ମାଇନିଂ ଏକ୍ସପୋ ପରି ମଞ୍ଚଗୁଡ଼ିକ ନବୋନ୍ମେଷ, ସହଯୋଗ ଓ ଉଦ୍ୟୋଗପତିତ୍ୱର ଉତ୍କୃଷ୍ଟତାକୁ ବଢ଼ାଇଥାଏ। ମୁଖ୍ୟ ଅତିଥି ହେମନ୍ତ ଶର୍ମା କହିଛନ୍ତି, ଖଣି ଶିଳ୍ପ ଓଡ଼ିଶାର 'ମଦର୍ ଇଣ୍ଡଷ୍ଟ୍ରି' ଭାବେ ଚାଲିଆସୁଥିବାରୁ ସରକାର ସ୍ଥାୟିତ୍ୱ ଓ ଦାୟିତ୍ୱପୂର୍ଣ୍ଣ ଉନ୍ନତିକୁ ଗୁରୁତ୍ୱ ଦେଇ ଏହି କ୍ଷେତ୍ରକୁ ଭଲଭାବେ ପ୍ରୋତ୍ସାହନ ଦେଉଛନ୍ତି। ଏହି ଏକ୍ସପୋ ଖଣି ଓ ଇନ୍‌ଫ୍ରାଷ୍ଟ୍ରକ୍ଚର ମାଧ୍ୟମରେ ରୋଜଗାର ସୃଷ୍ଟିର ଏକ ବଡ଼ ଦୃଷ୍ଟିକୋଣକୁ ପ୍ରତିବିମ୍ବିତ କରୁଛି ଏବଂ ଗତ ୧୫ ମାସ ମଧ୍ୟରେ ଅନେକ ରେୟାର ଆର୍ଥ ଶିଳ୍ପସଂସ୍ଥା ଓଡ଼ିଶା ଆସିଥିବାରୁ ରାଜ୍ୟର ଶିଳ୍ପ ଭବିଷ୍ୟତ ପାଇଁ ଏହା ଏକ ସକାରାତ୍ମକ ସଙ୍କେତ ବୋଲି ସେ ଉଲ୍ଲେଖ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିଳ୍ପ ଓ ସମାଜ ପାଇଁ ଅବଦାନ ଥିବା ଲୁମିନସ ଇନ୍‌ଫୋର ଏମ ଜୟଶ୍ରୀ ମହାନ୍ତି, ରୋଟାରୀ କ୍ଲବର ପୂର୍ବତନ ଡିଷ୍ଟ୍ରିକ୍ଟ ଗଭର୍ନର ଯଜ୍ଞାଶିଷ ମହାପାତ୍ର, ଆୟୋଜନ କମିଟି ଉପାଧ୍ୟକ୍ଷ ସୁଧାଂଶୁ ଶେଖର ମହାନ୍ତି, କେସିସିର ପରିଚାଳନା ନିର୍ଦ୍ଦେଶକ ଏସ.ଆର. ସାମଲ ଓ ଅନ୍ୟମାନେ ଥିଲେ।

# ଫେବୃଆରୀରେ ୨ଦିନିଆ କ୍ଲିନ୍‌ଟେକ ଏକ୍ସପୋ

ଭୁବନେଶ୍ୱର,୧୧।୧(ଅନୁରାଧା ମହାରଣା)

ପୂର୍ବଭାରତର ସର୍ବବୃହତ କ୍ଲିନ୍‌ଟେକ୍ ଏକ୍ସପୋ ଓଡ଼ିଶାରେ ଅନୁଷ୍ଠିତ ହେବ। ଭୁବନେଶ୍ୱରରେ ଫେବୃଆରୀ ୨୦ ଓ ୨୧ରେ ହେବାକୁ ଥିବା ଏହି ଏକ୍ସପୋରେ ଅଷ୍ଟ୍ରେଲିଆ, ଜର୍ମାନୀ, ଫ୍ରାନ୍ସ, ୟୁଏସଏ ଭଳି ୨୦ରୁ ଅଧିକ ଦେଶର ୨୦୦ରୁ ଅଧିକ କମ୍ପାନୀ ଅଂଶଗ୍ରହଣ କରିବେ। ଗ୍ଲୋବାଲ କ୍ଲିନଟେକ ଏକ୍ସପୋ-ଓଡ଼ିଶାର ମୁଖ୍ୟ ପରାମର୍ଶଦାତା ଦେବୀ ପ୍ରସାଦ ଦାଶ କହିଛନ୍ତି, ଏହି କାର୍ଯ୍ୟକ୍ରମ ନୂତନ ଉଦ୍ଭାବନ, ଉତ୍ପାଦ ଲଞ୍ଚ ଓ ବ୍ୟବସାୟ ନେଟ୍‌ୱର୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ହେବ। ଏକ୍ସପୋରେ ଓଡ଼ିଶା ଓ ପଡୋଶୀ ରାଜ୍ୟଗୁଡିକରୁ ୧୦,୦୦୦ରୁ ଅଧିକ ବ୍ୟବସାୟ ପରିଦର୍ଶକଙ୍କ ସହିତ ୧୦୦୦ରୁ ଅଧିକ ବ୍ୟବସାୟ ପ୍ରତିନିଧି ଯୋଗଦେବେ। ଓଡ଼ିଶା କ୍ଲିନଟେକ ଆସୋସିଏଶନର ଅଧ୍ୟକ୍ଷ ପ୍ରଶାନ୍ତ ପାଣିଗ୍ରାହୀ କହିଛନ୍ତି, 'ଓଡ଼ିଶା ନିଜକୁ ଭାରତର କ୍ଲିନ ଏନର୍ଜି ପାୱାର ହାଉସ ଭାବେ ସ୍ଥାପିତ କରୁଛି ଏହି କାର୍ଯ୍ୟକ୍ରମ ନିକଟରେ ଲଞ୍ଚ ହୋଇଥିବା ଓସିଟିଏ ଦ୍ୱାରା ସମର୍ଥିତ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ...............................

ବୟସ:...............................

ଜନ୍ମ ତାରିଖ: ...............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବରଗଡ଼ ୟୁନାଇଟେଡ୍ ସ୍ପୋର୍ଟ୍ସ ଚାମ୍ପିୟନ

**ଟାଙ୍ଗୀ,୧୧।୧(ରଘୁନାଥ ସାହୁ)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ଚିଲିକା ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ରବିବାର ମା' ମଙ୍ଗଳା କ୍ଲବ କଟକ ଏବଂ ୟୁନାଇଟେଡ୍ ସ୍ପୋର୍ଟ୍ସ ବରଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରଗଡ଼ ୟୁନାଇଟେଡ୍ ସ୍ପୋର୍ଟ୍ସ ଚାମ୍ପିୟନ ହୋଇଛି। ଉକ୍ତ ମ୍ୟାଚ ଖୁବ୍ ସଂଘର୍ଷପୂର୍ଣ୍ଣ ଥିଲା। ପ୍ରଥମାର୍ଦ୍ଧରେ ବରଗଡ଼ ୟୁନାଇଟେଡ୍ ସ୍ପୋର୍ଟ୍ସର ଷ୍ଟାଇଲିଶ୍ ଗୋଟିଏ ଗୋଲ ଦେଇ ଆଗୁଆ ଥିବାବେଳେ ଦ୍ୱିତୀୟାର୍ଦ୍ଧରେ କଟକ ମା' ମଙ୍ଗଳା କ୍ଲବର ପବିତ୍ର ପ୍ରଧାନ ଗୋଟିଏ ଗୋଲ ଦେଇ ସ୍ଥିତି ବରାବର କରିଥିଲେ। ପରେ ଟାଇବ୍ରେକର ଜରିଆରେ ୫-୪ ଗୋଲରେ ୟୁନାଇଟେଡ୍ ସ୍ପୋର୍ଟ୍ସ ବିଜୟୀ ହୋଇ ଚାମ୍ପିୟନ ଟାଇଟଲ ହାସଲ କରିଥିଲା। ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ, ମୁଖ୍ୟବକ୍ତା ଭାବେ ପୂର୍ବତନ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ସମ୍ମାନିତ ଅତିଥି ଭାବେ ଅପ୍‌ସରା ଜୁଏଲର୍ସର ମାଲିକ ବିକ୍ରମ ସାହୁ, ବଡ଼ପାରୀ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ, ସଭାପତି କିଶୋର କୁମାର ବେହେରା, ଉପଦେଷ୍ଟା ବିଜୟ କୁମାର ରାଉତ, ସୁରେନ୍ଦ୍ର ମହାପାତ୍ର, ରଘୁନାଥ ସାହୁ, ଆଇନଜୀବୀ ନକୁଳ ନାୟକ, ଏମ୍‌ପି ପ୍ରତିନିଧି ଚିନ୍ମୟ ପୃଷ୍ଟି ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମାନସ ବିଶ୍ୱାଳ ଖେଳ ପରିଚାଳନା କରିଥିଲେ। ତାଙ୍କୁ ରାମଚନ୍ଦ୍ର ବେଶ୍ରା, ପ୍ରିୟବ୍ରତ ବାହିନୀପତି, ନନ୍ଦ କିଶୋର ସ୍ୱାଇଁ ଏବଂ ତନୋଜ କୁମାର ଶ୍ରୀଚନ୍ଦନ ସହାୟତା କରିଥିଲେ। ସମ୍ପାଦକ ନରେନ୍ଦ୍ର ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କମିଟି ସଦସ୍ୟ ବାଳକୃଷ୍ଣ ମିଶ୍ର, ବାସୁଦେବ ବିଶ୍ୱାଳ, କୋଷାଧ୍ୟକ୍ଷ ସୁନିଲ କୁମାର ମହାନ୍ତି, ପ୍ରଣୟ ପାଇକରାୟ, ସମର ମାଝୀ, ରମେଶ ବେହେରା, ମାନସ ସାହୁ, ଅଜୟ ମହାପାତ୍ର, ପବିତ୍ର ମହାରଣା, ସହସମ୍ପାଦକ ଅମରେନ୍ଦ୍ର ମହାନ୍ତି, ବିଶ୍ୱରଞ୍ଜନ ପଟ୍ଟନାୟକ ଏବଂ ବେଣୁଧର ପାଇକରାୟ ପ୍ରମୁଖ ସହଯୋଗ କରିଥିଲେ।




ଥାଇଲାଣ୍ଡ ଓପନ୍ ମାଷ୍ଟର୍ସ ଗେମ୍ସ-୨୦୨୬ର ୬ଷ୍ଠ ସଂସ୍କରଣରେ ଇଣ୍ଡିଆ ଗେଟ୍ ବଲ୍‌ର ତିନିଜଣିଆ ଦଳ ୨ୟ ରନରଅପ୍ ହୋଇ ବ୍ରୋଞ୍ଜ ପଦକ ହାସଲ କରିଛି। ଏହି ଦଳରେ ଗିରିଜା ନାୟକ, ଅଜାଜ୍ ଅହମଦ୍ ଏବଂ ଶରତ କୁମାର ପାତ୍ର ଖେଳୁଥିଲେ। ଥାଇଲାଣ୍ଡ ବ୍ୟାଙ୍କକ୍‌ର ଚନ୍ଦାରକା ଷ୍ଟାଡିୟମରେ ଜାନୁଆରୀ ୮ରୁ ୧୧ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଗେମ୍ସରେ ୧୧ଟି ଦେଶର ଖେଳାଳି ଭାଗ ନେଇଥିଲେ।

# ବ୍ରିସ୍‌ବେନ ଫାଇନାଲ ଜିତିଲେ ସାବାଲେଙ୍କା

**ବ୍ରିସ୍‌ବେନ୍, ୧୧।୧ (ଏପି)**

ରବିବାର ମାର୍ଟା କୋଷ୍ଟ୍ୟୁକ୍‌ଙ୍କ ବିପକ୍ଷରେ ସିଧାସଳଖ ସେଟ୍‌ରେ ବିଜୟ ହାସଲ କରି ଶୀର୍ଷ ର୍‍ୟାଙ୍କିଙ୍ଗପ୍ରାପ୍ତ ଆରିନା ସାବାଲେଙ୍କା ତାଙ୍କ କ୍ୟାରିୟରରେ କ୍ରମାଗତ ଦ୍ୱିତୀୟ ଥର ବ୍ରିସ୍‌ବେନ ଇଣ୍ଟରନ୍ୟାଶନାଲ ଟାଇଟଲ ହାସଲ କରିଛନ୍ତି। ମୋଟ ଉପରେ ଏହା ହେଉଛି ତାଙ୍କର ୨୨ତମ ଟାଇଟଲ। ସାବାଲେଙ୍କାଙ୍କର ଏଠାରେ ଏହା ଥିଲା କ୍ରମାଗତ ତୃତୀୟବର୍ଷ ଫାଇନାଲ। ପ୍ୟାଟ୍ ରାଫ୍ଟର ଆରେନାରେ ଖେଳାଯାଇଥିବା ଏହି ମ୍ୟାଚରେ ବେଲାରୁଷର ସାବାଲେଙ୍କା ୬-୪, ୬-୩ ସିଧାସଳଖ ସେଟ୍‌ରେ ମାର୍ଟାଙ୍କୁ ସହଜରେ ହରାଇ ଦେଇଥିଲେ। ଜାନୁଆରୀ ୧୮ରୁ ଆରମ୍ଭ ହେବାକୁଥିବା ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ନାମେଣ୍ଟ ପାଇଁ ନିଜକୁ ପ୍ରସ୍ତୁତ କରିବା ଲାଗି ଅନେକ ଖେଳାଳି ବ୍ରିସ୍‌ବେନ୍ ଇଣ୍ଟରନ୍ୟାଶନାଲରେ ଭାଗ ନେଇଥାନ୍ତି।

# ରାଞ୍ଚି ରୟାଲ୍ସର ପ୍ରଥମ ବିଜୟ

**ରାଞ୍ଚି,୧୧।୧:** ଚଳିତ ପୁରୁଷ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ରେ ରବିବାର ସନ୍ଧ୍ୟାରେ ଖେଳାଯାଇଥିବା ମ୍ୟାଚ୍‌ରେ ରାଞ୍ଚି ରୟାଲ୍ସ ୪-୧ ଗୋଲରେ ଶ୍ରାଚି ବେଙ୍ଗଲ ଟାଇଗର୍ସକୁ ପରାସ୍ତ କରିଛି। ଚଳିତ ସିଜନରେ ଏହା ରାଞ୍ଚି ଦଳ ଲାଗି ପ୍ରଥମ ବିଜୟ। ମ୍ୟାଚ୍‌ରେ ୫୪ ମିନିଟ୍ ପର୍ଯ୍ୟନ୍ତ ପଛରେ ଥିବା ରାଞ୍ଚି ଦଳ ଅନ୍ତିମ ୬ ମିନିଟ୍ ମଧ୍ୟରେ ସମସ୍ତ ୪ ଗୋଲ ସ୍କୋର କରିଥିଲା।

ଆରମ୍ଭରୁ ଦୁଇ ଦଳର ଡିଫେନ୍ସିଭ ଲାଇନର ଭଲ ପ୍ରଦର୍ଶନ ଯୋଗୁ ପ୍ରଥମ କ୍ୱାର୍ଟର ଗୋଲ ଶୂନ୍ୟ ରହିଥିଲା। ଦ୍ୱିତୀୟ କ୍ୱାର୍ଟରର ୨୫ତମ ମିନିଟ୍‌ରେ ଏଚ୍‌ଆଇଏଲ୍‌ର ସର୍ବକନିଷ୍ଠ ଖେଳାଳି କେତନ କୁଶୱାହା ଗୋଲ ସ୍କୋର କରିଥିଲେ। ଫଳରେ ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ବେଙ୍ଗଲ ଟାଇଗର୍ସ ୧-୦ ଗୋଲରେ ରହିଥିଲା। ଏହି ସ୍କୋର ଲାଇନ୍ ତୃତୀୟ କ୍ୱାର୍ଟର ପର୍ଯ୍ୟନ୍ତ ଅପରିବର୍ତ୍ତିତ ରହିଥିଲା। ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟରର ୫୪ତମ ମିନିଟ୍‌ରେ ଅଧିନାୟକ ଟମ ବୁନଙ୍କ ଗୋଲ ବଳରେ ରାଞ୍ଚି ଦଳ ମ୍ୟାଚ୍‌କୁ ଫେରିଥିଲା। ଏହାର ୨ ମିନିଟ୍ ପରେ ଭେଟେରାନ ମନଦୀପ ସିଂ (୫୬ତମ) ଗୋଲ କରିଥିଲେ। ଏହାପରେ ୫୮ତମ ମିନିଟ୍‌ରେ ଲାଚଲାନ ଦଳ ପାଇଁ ତୃତୀୟ ଗୋଲ କରିଥିବା ବେଳେ ଅନ୍ତିମ ମିନିଟ୍‌ରେ ବୁନ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ କରି ଦଳକୁ ୪-୧ରେ ଜିତାଇଥିଲେ।



ଗୋଲ୍ ଦେବା ପରେ ଉଲ୍ଲସିତ ରାଞ୍ଚି ରୟାଲ୍ସ ଦଳର ଖେଳାଳିମାନେ।

# ଭୁବନେଶ୍ୱର ଚେସ୍: ସଞ୍ଜୀବନ ଚାମ୍ପିୟନ

ଭୁବନେଶ୍ୱର, ୧୧।୧ (ତପନ ସ୍ୱାଇଁ) ଭୁବନେଶ୍ୱର ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ୩୯ତମ ଓପନ ଚେସ୍ ଚାମ୍ପିୟନଶିପ୍‌ରେ ସଞ୍ଜୀବନ ନାୟକ ଚାମ୍ପିୟନ ଓ ନଟବର ଦାସ ରନରଅପ୍ ହୋଇଛନ୍ତି। ଓଁ ଗୁରୁକୁଳ ପବ୍ଲିକ ସ୍କୁଲରେ ରବିବାର ଅନୁଷ୍ଠିତ ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଉଭୟ ଖେଳାଳି ୪.୫ ପଏଣ୍ଟ ଲେଖାଏ ପାଇଛନ୍ତି। ଭିନିତ ନାୟକ, ସ୍ୱପ୍ନିଲ ପ୍ରିୟଦର୍ଶୀ, ଦୀପ୍ତି ରଞ୍ଜନ ନାୟକ, ରିଶିତ ସରକାର, ସାରାଂଶ ମିଶ୍ର, ନିରେକ ପରିଡ଼ା, ହର ପ୍ରସାଦ ଚାଟାର୍ଜୀ ଓ ରଶ୍ମିତା ପାତ୍ରୋ ଟପ୍-୧୦ ଫିନିଶ୍ କରିଛନ୍ତି। ବିଭିନ୍ନ ବୟସ ଓ ବାଳିକା ବର୍ଗର ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳିଙ୍କୁ ଏଜ୍‌ଗ୍ରୁପ ଏବଂ ୩ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ନିବେଦିତା ମିଶ୍ର ଶ୍ରେଷ୍ଠ ମହିଳା ଖେଳାଳି ବିବେଚିତ ହୋଇଛନ୍ତି। ସ୍କୁଲର ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀଧର ବେହେରା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପ୍ରିନ୍ସିପାଲ ମନୋରଞ୍ଜନ ବିଶ୍ୱାଳ, ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ଟୁର୍ନାମେଣ୍ଟ ନିର୍ଦ୍ଦେଶକ କନୋଜ କୁମାର ବେହୁରା ଅତିଥିଭାବେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।

# ନ୍ୟୁଜିଲାଣ୍ଡ ବିପକ୍ଷରେ ଦ୍ୱିତୀୟ ସର୍ବାଧିକ ରନ୍ ଚେଜ୍

**ଭଦୋଦରା,୧୧।୧**

ଭଦୋଦରାଠାରେ ରବିବାର ଅନୁଷ୍ଠିତ ଦିନିକିଆ କ୍ରିକେଟ ମ୍ୟାଚରେ ଭାରତ ୪ ଉଇକେଟରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ନ୍ୟୁଜିଲାଣ୍ଡ ୫୦ ଓଭରରେ ୮ ଉଇକେଟ ହରାଇ ୩୦୦ ରନ କରିଥିବାବେଳେ ଭାରତ ୪୯ ଓଭରରେ ୬ ଉଇକେଟ ହରାଇ ୩୦୬ ରନ ସଂଗ୍ରହ କରି ନେଇଥିଲା। ୯୧ ବଲ୍‌ରୁ ୯୩ (୮ ଚୌକା, ୧ ଛକା) ରନ କରିଥିବା ବିରାଟ କୋହଲି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତର ଏହା ଦ୍ୱିତୀୟ ସର୍ବାଧିକ ରନ୍ ଚେଜ୍। ୨୦୧୦ରେ ବେଙ୍ଗାଲୁରୁଠାରେ ଭାରତ ୩୧୬ ରନକୁ ଚେଜ୍ କରିଥିଲା। ଏହା ଏପର୍ଯ୍ୟନ୍ତ ସର୍ବାଧିକ ରନ ଚେଜ୍ ରେକର୍ଡ ରହିଛି। ୨୦୨୩ ପରଠାରୁ ନ୍ୟୁଜିଲାଣ୍ଡ ବିପକ୍ଷରେ ଏହାଥିଲା କ୍ରମାଗତ ୮ମ ଦିନିକିଆ ବିଜୟ। ଅନ୍ୟପକ୍ଷରେ ୨୦୨୫ ଚାମ୍ପିୟନ୍ସ ଟ୍ରଫି ପରେ କ୍ରମାଗତ ୯ ଦିନିକିଆ ବିଜୟ ହାସଲ କରିଥିବା ନ୍ୟୁଜିଲାଣ୍ଡର ଏହା ପ୍ରଥମ ପରାଜୟ।

## ଦିନିକିଆ ରେକର୍ଡ

**ସର୍ବାଧିକ କ୍ରମାଗତ ୫୦+ ସ୍କୋର**

୫: ବିରାଟ କୋହଲି

୨: କ୍ୱିଣ୍ଟନ ଡି କକ୍, କେନ୍ ୱିଲିୟମସନ, ବାବର ଆଜମ

**୩୦୦+ ସଫଳ ରନ୍‌ଚେଜ୍‌ରେ କୋହଲି**

ଇନିଂସ: ୧୨

ରନ: ୧୦୯୧

ବଲ୍: ୮୭୧

ଆଭରେଜ: ୧୨୧.୨୨

ଷ୍ଟ୍ରାଇକ୍‌ରେଟ୍: ୧୨୫.୨୫

ଶତକ: ୭, ଅର୍ଦ୍ଧଶତକ: ୨

**ସର୍ବାଧିକଥର ୩୦୦+ ସଫଳ ରନ୍‌ଚେଜ୍**

୨୦: ଭାରତ

୧୫: ଇଂଲଣ୍ଡ

୧୪: ଅଷ୍ଟ୍ରେଲିଆ

୧୨: ପାକିସ୍ତାନ

୧୧: ନ୍ୟୁଜିଲାଣ୍ଡ/ଶ୍ରୀଲଙ୍କା

**ସର୍ବାଧିକ ପ୍ଲେୟର ଅଫ୍ ଦି ମ୍ୟାଚ**

୬୨: ସଚିନ ତେନ୍ଦୁଲକର

୪୮: ସନଥ ଜୟସୁରିୟା

୪୫: ବିରାଟ କୋହଲି

୩୨: ଜ୍ୟାକ୍ସ କାଲିସ, ରିକି ପଣ୍ଟିଂ, ଶାହିଦ ଆଫ୍ରିଦୀ

## ସମ୍ବର୍ଦ୍ଧିତ ହେଲେ କୋହଲି, ରୋହିତ

ରବିବାର ଖେଳାଯାଇଥିବା ପ୍ରଥମ ଦିନିକିଆ ମ୍ୟାଚ୍ ବେଳେ ଭାରତୀୟ କ୍ରିକେଟ ପ୍ରତି ଅତୁଳନୀୟ ଅବଦାନ ଲାଗି ବିରାଟ କୋହଲି ଓ ରୋହିତ ଶର୍ମାଙ୍କୁ ଷ୍ଟାଡିୟମ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଆଇସିସି ଚେୟାରମ୍ୟାନ ଜୟ ଶାହା ଉପସ୍ଥିତ ଥିଲେ।



ସମ୍ବର୍ଦ୍ଧିତ ହେବା ଅବସରରେ ବିରାଟ କୋହଲି ଓ ରୋହିତ ଶର୍ମା।

# ଭାରତ-ନ୍ୟୁଜିଲାଣ୍ଡ ମ୍ୟାଚ୍‌ରେ ବାଂଲାଦେଶୀ ଅମ୍ପାୟର

ଆଇପିଏଲ୍ ଫ୍ରାଞ୍ଚାଇଜ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ବାଂଲାଦେଶ ଫାଷ୍ଟ ବୋଲର ମୁସ୍ତାଫିଜୁର ରହମାନଙ୍କୁ ଦଳରୁ ବାଦ୍ ଦେବାକୁ ନେଇ ଭାରତ ଓ ବାଂଲାଦେଶର ପାରସ୍ପରିକ ସମ୍ପର୍କରେ ତିକ୍ତତା ଆସିଛି। ଏପରି କି ବାଂଲାଦେଶରେ ଆଇପିଏଲ୍‌ର ପ୍ରସାରଣ ଉପରେ ରୋକ ଲଗାଇବା ସହ ଆସନ୍ତା ମାସରେ ଭାରତରେ ହେବାକୁ ଥିବା ଟି୨୦ ବିଶ୍ୱକପ୍ ଲାଗି ଦଳ ନ ପଠାଇବାକୁ ନିଷ୍ପତ୍ତି ନେଇଛି। ଏହାସତ୍ତ୍ୱେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ରବିବାର ଖେଳାଯାଇଥିବା ପ୍ରଥମ ଦିନିକିଆ ମ୍ୟାଚ୍‌ରେ ବାଂଲାଦେଶୀ ଅମ୍ପାୟର ଶରଫୁଦ୍ଦୌଲା ସାଇକତ ଟିଭି ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ। ଢାକାରେ ଜନ୍ମିତ ଶରଫୁଦ୍ଦୌଲା ଏପର୍ଯ୍ୟନ୍ତ ୩୨ ଟେଷ୍ଟ, ୧୧୮ ଦିନିକିଆ, ୭୫ ଟି୨୦, ୧୭ ମହିଳା ଦିନିକିଆ ଓ ୨୮ ମହିଳା ଟି୨୦ ପରିଚାଳନା କରିଛନ୍ତି।

**Classified Everyday**
**0674-2580101, 9692975378**



REAL ESTATE

SALE

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023




All types of physiotherapy and massage. Contact: 9556924059/ 7656969134. D-3075

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI

Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସୁଧାକର ପ୍ରଧାନ
(ଅବସରପ୍ରାପ୍ତ ତହସିଲ କର୍ମଚାରୀ)
ବାହାର୍ଦ୍ଦା, ବସ୍ତା, ବାଲେଶ୍ୱର
ଆବିର୍ଭାବ: ୦୧।୦୪।୧୯୬୨
ତିରୋଧାନ: ୦୨।୦୧।୨୦୨୬

ଏକାଦଶାହ ଅବସରରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଏହି ପୁଣ୍ୟତିଥିରେ ଆମେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଆଶୀର୍ବାଦ ଭିକ୍ଷା କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟପରାୟଣତା ଓ ସମାଜସେବା ଆମର ପଥ ପ୍ରଦର୍ଶକ ହେଉ।

-:ଶୋକସନ୍ତପ୍ତ:-
ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ। D-3083

ଏକାଦଶାହ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଦୁର୍ଗାଦେବୀ ନାଥ

ଶୋକାତୁର ବୃନ୍ଦ
ସ୍ୱାମୀ- ଡ. ବିପ୍ର ଚରଣ ନାଥ, ଦିଅର- ମାଧବାନନ୍ଦ ନାଥ, କାମଦେବ ନାଥ, ବସୁଦେବ ନାଥ, ଭଣଜା, ଭଣଜା ବୋହୂ, ପୁତୁରା, ପୁତୁରାବୋହୂ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ। D-3084

ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰କାଞ୍ଚନ କୁମାରୀ ତ୍ରିପାଠୀ
ଲକ୍ଷ୍ମୀସାଗର, ଭୁବନେଶ୍ୱର
ସ୍ୱାମୀ- ୰ ମାଧବ ମିଶ୍ର
ଆବିର୍ଭାବ: ୧୯୫୦
ତିରୋଧାନ: ୦୬।୦୨।୨୦୨୧

ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ସ୍ମିତହାସ୍ୟ ଆମର ଅଭୁଲା ସ୍ମୃତି ହୋଇ ରହିବ। ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମୁକ୍ତି ଓ ମୋକ୍ଷପ୍ରାପ୍ତ ହେଉ ଏହାହିଁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ନିବେଦନ।

ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। D-231

ଏକାଦଶାହ ଉପଲକ୍ଷେ



ଶ୍ରୀଯୁକ୍ତ ୰ରାମଚନ୍ଦ୍ର ପ୍ରଧାନ
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ଛେଣ୍ଡିପଦା ସିଟି ବିଦ୍ୟାଳୟ
ଘର: ଅମଲାପଡ଼ା
ଆବିର୍ଭାବ: ୨୩।୧୦।୧୯୪୨
ତିରୋଧାନ: ୦୨।୦୧।୨୦୨୬

ସ୍ତ୍ରୀ: ୰ ପ୍ରଭାତୀ ପ୍ରଧାନ
ପୁତ୍ର : ସରୋଜ ପ୍ରଧାନ
ମନୋଜ ପ୍ରଧାନ, ବିନୋଦ ପ୍ରଧାନ
ପୁତ୍ରବଧୂ: ରଶ୍ମି, ବିନ୍ଦୁ, ମିନୁ
ନାତିନାତୁଣୀ : ଶିବୁ, ଶ୍ରୁତି, ଶ୍ରୀୟା D-3085

# ପେନ୍‌ଚାକ ସିଲାଟରେ ଓଡ଼ିଶାକୁ ୫ ପଦକ

**ଭୁବନେଶ୍ୱର, ୧୧।୧ (ତପନ ସ୍ୱାଇଁ)**

ଡିଉର ଘୋଘ୍‌ଲା ବିଚ୍‌ରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ ପେନ୍‌ଚାକ ସିଲାଟ ଇଭେଣ୍ଟରେ ଓଡ଼ିଶାକୁ ୫ ପଦକ ମିଳିଛି। ଏହା ମଧ୍ୟରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ଏବଂ ୩ଟି ବ୍ରୋଞ୍ଜ ପଦକ ସାମିଲ। ପିୟୁ ଦାସ, ବସୁନ୍ଧରା ତାଣ୍ଡି, ଉମାବତୀ ପାତ୍ରଙ୍କୁ ନେଇ ଗଠିତ ମହିଳା ରିଗୁ ଟିମ୍ ସ୍ୱର୍ଣ୍ଣ ଜିତିଥିବାବେଳେ ସାହିଲ ଗୁରୁଙ୍ଗ ଟେଣ୍ଡିଂ ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଛନ୍ତି। ପୁରୁଷ ରେଗୁ ଟିମ (ରାହୁଲ ସା, ସୋନୁ ସେମଲିଆ, ଅଂଶୁମାନ ଭୌମିକ) ଏବଂ ଟେଣ୍ଡିଂ ଇଭେଣ୍ଟରେ ପିୟୁ ଦାସ ଓ ରୁଦ୍ର ପ୍ରତାପ ଷଡ଼ଙ୍ଗୀ ବ୍ରୋଞ୍ଜ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। କୋଚ୍ ରଞ୍ଜିତ ନାୟକ ଓ ଅଂଶୁପ୍ରିୟ ସିଂଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଦଳ ଡିଉ ଯାତ୍ରା କରିଥିଲା। ପ୍ରେମ ସିଂ ଥାପା ଓ ଆଶୁତୋଷ ନାୟକ ରେଫରି ଦାୟିତ୍ୱ ନିର୍ବାହ କରିଥିଲେ। ଓଡ଼ିଶା ପେନ୍‌ଚାକ ସିଲାଟ ଆସୋସିଏଶନ ସଭାପତି ତାପସ କୁମାର ରାୟ ଚୌଧୁରୀ, ଉପସଭାପତି ମନୋରଞ୍ଜନ ଭଞ୍ଜ, ଅରବିନ୍ଦ ବାରିକ, ସାଧାରଣ ସମ୍ପାଦକ ଗୁରୁ ପ୍ରେମ ସିଂ ଥାପା, ବ୍ୟକ୍ତିଗତ ଉପଦେଷ୍ଟା ସୁମନ ମୋଦି, ଭବାନୀ କୁମାରୀ ସାହୁ, ଖୋର୍ଦ୍ଧା ପେନ୍‌ଚାକ ସିଲାଟ ଆସୋସିଏଶନ ସମ୍ପାଦକ ଜୀତେନ୍ଦ୍ର କୁମାର ରାଉତ ପ୍ରମୁଖ ପଦକ ବିଜେତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଓଡ଼ିଶାରୁ ମୋଟ ୮ ଖେଳାଳି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

**ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ**

# ଚନ୍ଦ୍ରକୁ ଧକ୍କା ଦେବ ଗ୍ରହାଣୁ



ନିକୁଞ୍ଜ ବିହାରୀ ସାହୁ

''ଏବେ ଏକ ଗ୍ରହାଣୁ ବିପଦପୂର୍ଣ୍ଣ ଭାବେ ଆମର ପଡ଼ୋଶୀ ଚନ୍ଦ୍ର ଆଡକୁ ଅଗ୍ରସର ହେଉଛି ଓ ଏହା ଆଗାମୀ ୨୦୩୨ ମସିହା ଡିସେମ୍ବରରେ ଚନ୍ଦ୍ରକୁ ଧକ୍କା ଦେବ ବୋଲି ଆଶଙ୍କା ପ୍ରକାଶ କରାଯାଉଛି। ଏହି ଗ୍ରହାଣୁର ନାମ '୨୦୦୪ YR ୪'। ଏହାର ବ୍ୟାସ ପ୍ରାୟ ୬୦ ମିଟର, ଯାହା ଏକ ବିରାଟ ଅଟ୍ଟାଳିକା ସଦୃଶ। ଏହାର ସଂଘର୍ଷରେ ଚନ୍ଦ୍ରପୃଷ୍ଠରେ ୧ କି.ମି. ଓସାରର ଏକ ଗର୍ତ୍ତ ସୃଷ୍ଟି ହେବ। ଏହି ସଂଘାତରେ ନିର୍ଗତ ଶକ୍ତି ୬ ନିୟୁତ ଟନ୍ ଟି.ଏନ୍.ଟି. ସଙ୍ଗେ ତୁଳନୀୟ, ଯାହା ହିରୋଶିମା ଉପରେ ପଡ଼ିଥିବା ପରମାଣୁ ବୋମାର ଶକ୍ତିଠାରୁ ୪୦୦ ଗୁଣ ଅଧିକ। ଏହି ବିପୁଳ ଶକ୍ତିର ନିର୍ଗତ ଫଳରେ ଚନ୍ଦ୍ର ପୃଷ୍ଠ ଅସମ୍ଭବ ଭାବେ ଥରି ଉଠିବ ଏବଂ ଏହା ଝଲସାଏ ଆଲୁଅ ଆକାରରେ ପୃଥିବୀକୁ ଦୃଶ୍ୟ ହେବା''



ଅନ୍ତରୀକ୍ଷରେ ଅନେକ ଗ୍ରହାଣୁ ଘୂରି ବୁଲୁଛନ୍ତି। ସେଭଳି କେତେକ ଗ୍ରହାଣୁ ଅତୀତରେ ପୃଥିବୀରେ ଜୀବନ ସଞ୍ଚାର କରିଥିଲାବେଳେ ଅନ୍ୟ କିଛି ଗ୍ରହାଣୁ ଆମ ପାଇଁ ବିପଦର କାରଣ ହୋଇଥାନ୍ତି। ଏକ ଚାଞ୍ଚଲ୍ୟକର ଖବର ଅନୁଯାୟୀ, ଏବେ ଏକ ଗ୍ରହାଣୁ ବିପଦପୂର୍ଣ୍ଣ ଭାବେ ଆମର ପଡ଼ୋଶୀ ଚନ୍ଦ୍ର ଆଡକୁ ଅଗ୍ରସର ହେଉଛି ଓ ଏହା ଆଗାମୀ ୨୦୩୨ ମସିହା ଡିସେମ୍ବରରେ ଚନ୍ଦ୍ରକୁ ଧକ୍କା ଦେବ ବୋଲି ଆଶଙ୍କା ପ୍ରକାଶ କରାଯାଉଛି। ଏହି ଗ୍ରହାଣୁର ନାମ '୨୦୦୪ YR ୪'। ଏହାର ବ୍ୟାସ ପ୍ରାୟ ୬୦ ମିଟର, ଯାହା ଏକ ବିରାଟ ଅଟ୍ଟାଳିକା ସଦୃଶ। ଏହାର ସଂଘର୍ଷରେ ଚନ୍ଦ୍ରପୃଷ୍ଠରେ ୧ କି.ମି. ଓସାରର ଏକ ଗର୍ତ୍ତ ସୃଷ୍ଟି ହେବ। ଏହି ସଂଘାତରେ ନିର୍ଗତ ଶକ୍ତି ୬ ନିୟୁତ ଟନ୍ ଟି.ଏନ.ଟି. ସଙ୍ଗେ ତୁଳନୀୟ, ଯାହା ହିରୋଶିମା ଉପରେ ପଡ଼ିଥିବା ପରମାଣୁ ବୋମାର ଶକ୍ତିଠାରୁ ୪୦୦ ଗୁଣ ଅଧିକ। ଏହି ବିପୁଳ ଶକ୍ତିର ନିର୍ଗତ ଫଳରେ ଚନ୍ଦ୍ର ପୃଷ୍ଠ ଅସମ୍ଭବ ଭାବେ ଥରି ଉଠିବ ଏବଂ ଏହା ଝଲସାଏ ଆଲୁଅ ଆକାରରେ ପୃଥିବୀକୁ ଦୃଶ୍ୟ ହେବ। ଏହି ବିରଳ ଦୃଶ୍ୟ ଉତ୍ତର ଆମେରିକା, ହଂକଂ ଓ ହାୱାଇ ଭଳି କିଛି ସ୍ଥାନରେ ଦୃଶ୍ୟ ହେବ। ଏହା ଚନ୍ଦ୍ର ଇତିହାସର ବିଗତ ୫୦୦୦ ବର୍ଷ ମଧ୍ୟରେ ସବୁଠାରୁ ବଡ଼ ମହାକାଶୀୟ ଆଘାତ ଜନିତ ଘଟଣା ହେବ। ଏହି ସଂଘାତରେ ଚନ୍ଦ୍ର ପୃଷ୍ଠରୁ ଅନେକ ଶିଳାଖଣ୍ଡ ନିର୍ଗତ ହୋଇ ଉଲ୍କାପିଣ୍ଡ ରୂପରେ ମହାକାଶକୁ ନିକ୍ଷିପ୍ତ ହେବ। ଏହି ଉଲକା ପିଣ୍ଡସବୁ ପୃଥିବୀ ଚାରିପଟେ ପ୍ରଦକ୍ଷିଣରତ କୃତ୍ରିମ ଉପଗ୍ରହଗୁଡ଼ିକ ପ୍ରତି ଘୋର ବିପଦ ବହନ କରିବେ ବୋଲି ଆଶଙ୍କା ପ୍ରକାଶ କରାଯାଏ।

ଏହି ଗ୍ରହାଣୁର ମଧ୍ୟ ପୃଥିବୀ ସହିତ ସଂଘର୍ଷ ହେବାର ଆଶଙ୍କା ରହିଛି ; ଅବଶ୍ୟ ଏହି ସମ୍ଭାବନା ବହୁତ କ୍ଷୀଣ। ସେଥିପାଇଁ ଆମ ଦୃଶ୍ୟମାନ ଅନ୍ତରୀକ୍ଷରେ ଏହି ଗ୍ରହାଣୁର ଆଗମନ ବୈଜ୍ଞାନିକମାନଙ୍କ ମହଲରେ ଘୋର ଉଦବେଗ ସଞ୍ଚାର କରିଛି। ଆମ ପୃଥିବୀକୁ ମଧ୍ୟ ଅତୀତରେ ଅନେକ ଉଲକା ଓ ଗ୍ରହାଣୁ ପିଣ୍ଡ ଆଘାତ କରିଛନ୍ତି ; ମାତ୍ର ପୃଥିବୀର ବାୟୁମଣ୍ଡଳ ଥିବାରୁ ସେଥିରେ ଘଷି ହୋଇ ଖସୁଥିବା ପିଣ୍ଡଗୁଡ଼ିକ ଜଳି ଯାଆନ୍ତି ଏବଂ କେବଳ ପାଉଁଶ ରୂପରେ ପୃଥିବୀ ପୃଷ୍ଠରେ ପଡ଼ିଥାନ୍ତି। ମାତ୍ର ଚନ୍ଦ୍ରର କୌଣସି ବାୟୁମଣ୍ଡଳ ନ ଥିବାରୁ ଛୋଟଛୋଟ ପିଣ୍ଡଗୁଡ଼ିକ ଚନ୍ଦ୍ରପୃଷ୍ଠରେ ପହଞ୍ଚି ପାରନ୍ତି ଏବଂ ସେଠାରେ ପିଟିହୋଇ ଯଥେଷ୍ଟ କ୍ଷତି ସାଧନ କରିପାରନ୍ତି।

ଏହି ଗ୍ରହାଣୁକୁ ୨୦୦୪ ମସିହା ଡିସେମ୍ବର ୨୭ ତାରିଖରେ ଚିଲିର ଏକ ପର୍ଯ୍ୟବେକ୍ଷଣାଗାରରେ ଆଟଲାସ ଦୂରବୀକ୍ଷଣ ଯନ୍ତ୍ର ବ୍ୟବହାର କରି ଆବିଷ୍କାର କରାଯାଇଥିଲା। ଏହି ଗ୍ରହାଣୁଟି ବର୍ତ୍ତମାନ ସୂର୍ଯ୍ୟ ପଛପଟରେ ଅଛି ଓ ସୂର୍ଯ୍ୟର ଉଜ୍ଜ୍ୱଳ ଆଲୋକରେ ଏହାକୁ ଦେଖି ହେଉ ନାହିଁ। ଏଭଳି ଏକ ସ୍ଥାନରେ ଭୂପୃଷ୍ଠସ୍ଥ ଦୂରବୀକ୍ଷଣ ଯନ୍ତ୍ର ପକ୍ଷରେ ଗ୍ରହାଣୁକୁ ଦେଖିବା ସମ୍ଭବପର ନୁହେଁ ଏବଂ ସେଥିପାଇଁ ମହାକାଶର ଏଭଳି ଅଭାବନୀୟ ସ୍ଥାନକୁ 'ଅନ୍ଧତ୍ୱ ଇଲାକା' ବୋଲି କୁହାଯାଏ। ସୁତରାଂ ଗ୍ରହାଣୁଟିର ଏଭଳି ଅଜ୍ଞାତବାସ ପାଇଁ ଏହା ଏବେ ବୈଜ୍ଞାନିକମାନଙ୍କ ପାଇଁ ରହସ୍ୟାବୃତ ହୋଇ ରହିଛି ଏବଂ ବୈଜ୍ଞାନିକମାନେ ଏହାର ବସ୍ତୁତ୍ୱ, ଆକାର ଓ କକ୍ଷପଥ ସମ୍ପର୍କରେ ଅନଭିଜ୍ଞ ଅଟନ୍ତି। ଏହା ଆଗାମୀ ଫେବୃଆରୀରେ ସୂର୍ଯ୍ୟର ପଶ୍ଚାତଭାଗରୁ ବାହାରିଲା ପରେ ଅନ୍ତରୀକ୍ଷରେ ଅବସ୍ଥାପିତ ଜେମ ୱେବ ଦୂରବୀକ୍ଷଣ ଯନ୍ତ୍ରରେ ଅତି ସ୍ୱଳ୍ପ ସମୟ ପାଇଁ ଦୃଶ୍ୟହେବ। ଏହାକୁ ପୁଣି ଆଉଥରେ ଆଗାମୀ ୨୦୨୮ ମସିହାରେ ଦେଖିହେବ, ମାତ୍ର ସେତେବେଳେ ଏହା ଚନ୍ଦ୍ରର ଅତି ନିକଟବର୍ତ୍ତୀ ହୋଇଥିବାରୁ ଏହାକୁ ପ୍ରତିହତ କରିବା ନିମନ୍ତେ ବେଶି କିଛି ପଦକ୍ଷେପ ଗ୍ରହଣ କରିହେବ ନାହିଁ। ଏହାହିଁ ହେଉଛି ଏହି ଗ୍ରହାଣୁ ସମ୍ପର୍କୀୟ ସବୁଠାରୁ ବଡ ବିପଦ!

ତେବେ ଆମ ଦୃଶ୍ୟମାନ ଅନ୍ତରୀକ୍ଷରେ ଏଭଳି ଏକ ବିପଦସଙ୍କୁଳ ପିଣ୍ଡର ଆବିର୍ଭାବ ଯେ ଚନ୍ଦ୍ର ଓ ପୃଥିବୀ ପାଇଁ ଘୋର ବିପଦ ସୃଷ୍ଟି କରିଛି ଏଥିରେ ସନ୍ଦେହ ନାହିଁ। ସେଥିପାଇଁ ବୈଜ୍ଞାନିକମାନେ ଏବେଠୁ ଗ୍ରହାଣୁଟିକୁ ଠାବକରି ବଡ଼ କିଛି ବିପଦ ଘଟେଇବା ପୂର୍ବରୁ ମହାକାଶରେ ନଷ୍ଟ କରିଦେବା ପାଇଁ ଯୋଜନା କରୁଛନ୍ତି। ଏଥିପାଇଁ ଗୋଟିଏ ଉପାୟ ହେଉଛି: ୨୦୨୯ ରୁ ୨୦୩୧ ମସିହା ମଧ୍ୟରେ ଅନ୍ତରୀକ୍ଷକୁ ଏକ ପରମାଣୁ ଚାଳିତ ରକେଟ ପ୍ରେରଣ କରି ଗ୍ରହାଣୁକୁ ଆଘାତ ପୂର୍ବକ ଏହାର ପଥକୁ ବିକ୍ଷେପିତ କରି ସଂଘର୍ଷକୁ ସମ୍ପୂର୍ଣ୍ଣ ଏଡାଇ ଦେଇହେବ କିମ୍ବା ଏହାକୁ ଖଣ୍ଡ ବିଖଣ୍ଡିତ କରି ଚନ୍ଦ୍ର ସହିତ ସଂଘାତର ତୀବ୍ରତାକୁ ଯଥେଷ୍ଟ ହ୍ରାସ କରାଯାଇପାରିବ। ଅତୀତରେ ଚେଲ୍ୟାବିନ୍ସ୍କ ନାମକ ଏକ ଉଲ୍କାପିଣ୍ଡ ଅତର୍କିତ ଭାବେ ଆମ ବାୟୁମଣ୍ଡଳରେ ପ୍ରବେଶ କରି ଧନଜୀବନର ବ୍ୟାପକ କ୍ଷତି ସାଧନ କରିଥିଲା ଏବଂ ଏହି ଦାଗ ଏବେବି ଆମ ମନରୁ ଲିଭି ନାହିଁ। ଆମେ ଏହା ସମ୍ପର୍କରେ ନିମ୍ନରେ ଆଲୋଚନା କରିବା :

**ଚେଲ୍ୟାବିନ୍ସ୍କ ଉଲ୍କାପିଣ୍ଡ**

୨୦୧୩ ମସିହା ଫେବୃଆରୀ ୧୫ ତାରିଖରେ ରୁଷିଆର ୟୁରାଲ ଅଞ୍ଚଳରେ ଏକ ବଡ଼ ଉଲ୍କାପିଣ୍ଡ ଖସିଥିଲା। ଏହା ଚେଲ୍ୟାବିନ୍ସ୍କ ଉଲ୍କାପିଣ୍ଡ ନାମରେ ଜଣାଶୁଣା। ଏହାର ବ୍ୟାସ ଥିଲା ୬୦ ଫୁଟ ଏବଂ ଓଜନ ଥିଲା ୯୧୦୦ ଟନ୍। ଏହା ପୃଥିବୀର ବାୟୁମଣ୍ଡଳରେ ମାତ୍ର ୧୮ ଡିଗ୍ରୀ କୋଣରେ ଅଚାନକ ପ୍ରବେଶ କରି ଆକାଶରେ ୧୯.୨ କି.ମି. ଭଳି ଦୂରନ୍ତ ବେଗରେ ଛୁଟି ଯାଇଥିଲା। ବାୟୁମଣ୍ଡଳର ପ୍ରଚଣ୍ଡ ଘର୍ଷଣ ଓ ତଜ୍ଜନିତ ଉତ୍ପନ୍ନ ତାପରେ ଏହା ଜଳି ଉଠିଥିଲା ଏବଂ ଏଥିରୁ ନିର୍ଗତ ଆଲୁଅ ସୂର୍ଯ୍ୟଠାରୁ ମଧ୍ୟ ଅଧିକ ଉଜ୍ଜ୍ୱଳ ଥିଲା, ଯାହା ୧୦୦ କି.ମି. ଦୂର ପର୍ଯ୍ୟନ୍ତ ଦୃଶ୍ୟ ହୋଇଥିଲା। ଏହା ଭୂପୃଷ୍ଠରୁ ପ୍ରାୟ ୩୦ କି.ମି. ଉଚ୍ଚତାରେ ବିସ୍ଫୋରିତ ହୋଇଥିଲା। ଏହା ଏକ ଉଜ୍ଜ୍ୱଳ ଆଲୋକମେଞ୍ଚା ରୂପରେ ଦୃଶ୍ୟ ହେବା ସଙ୍ଗେ ସଙ୍ଗେ ପ୍ରଚଣ୍ଡ ଧୂଳି ଓ ଗ୍ୟାସ ନିର୍ଗତ କରିଥିଲା, ଯାହା ବାୟୁମଣ୍ଡଳର ୨୬ କି.ମି. ଆଭ୍ୟନ୍ତରକୁ ଭେଦ କରିଯାଇଥିଲା। ଏଥିରୁ ନିର୍ଗତ ଅଧିକାଂଶ ଶକ୍ତି ବାୟୁମଣ୍ଡଳ ଦ୍ୱାରା ଅବଶୋଷିତ ହୋଇଯାଇଥିଲା, ଯାହା ଶକ୍ତିଶାଳୀ ସକୱେଭ ତରଙ୍ଗ ଆକାରରେ ସଞ୍ଚାରିତ ହୋଇଥିଲା। ବାୟୁମଣ୍ଡଳରେ ପ୍ରବେଶ ପୂର୍ବରୁ ଉଲ୍କାପିଣ୍ଡର ଗତିଜ ଶକ୍ତି ୪୦୦ ରୁ ୫୦୦ ଟି.ଏନ.ଟି. ବିସ୍ଫୋରକ ପଦାର୍ଥର କ୍ଷମତା ସଙ୍ଗେ ସମାନ ଥିଲା, ଯାହା ୩୦ଟି ହୀରୋସୀମା ବୋମାର ଶକ୍ତି ସଙ୍ଗେ ସମକକ୍ଷ ଥିଲା। ଏହାର ଉତ୍ପତ୍ତିସ୍ଥଳ ସୂର୍ଯ୍ୟର ଅତି ପାଖରେ ଥିବାରୁ ଏହାକୁ ସୂର୍ଯ୍ୟର ତେଜ ମଧ୍ୟରେ ଆରମ୍ଭରୁ ଠାବ କରି ହୋଇନଥିଲା ଏବଂ ଏହିଭଳି ଉଲ୍କାଟି ଅତ୍ୟନ୍ତ ଅତର୍କିତ ଭାବେ ବାୟୁମଣ୍ଡଳରେ ପ୍ରବେଶ କରିଥିଲା। ଫଳରେ ଏହାକୁ ଆକାଶରେ ପ୍ରତିହତ କରିବା ପାଇଁ ବୈଜ୍ଞାନିକମାନଙ୍କ ପକ୍ଷରେ ଯଥେଷ୍ଟ ସମୟ ନଥିଲା। ଏହାର ପ୍ରଭାବରେ ଚତୁଃପାର୍ଶ୍ୱସ୍ଥ ଛଅଟି ସହରର ସମୁଦାୟ ୭୨୦୦ଟି କୋଠାଘର କ୍ଷତିଗ୍ରସ୍ତ ହୋଇଥିଲା ଏବଂ ୧୪୯୧ ଜଣ ଲୋକ ଆଘାତପ୍ରାପ୍ତ ହୋଇଥିଲେ।

କୌଣସି ଗ୍ରହାଣୁ କିମ୍ବା ଉଲ୍କା ପୃଥିବୀର ଜୀବନ ପ୍ରତି ଯଥେଷ୍ଟ ବିପଦ ବହନ କରିଥାଏ। ଆଜିଠୁ ପ୍ରାୟ ୬.୫ କୋଟି ବର୍ଷ ପୂର୍ବେ ଏକ ବିଶାଳ ଗ୍ରହାଣୁ ପୃଥିବୀ ସହିତ ସଂଘର୍ଷ ହେବା ଫଳରେ ଡାଇନୋସରମାନଙ୍କ ସମୂହ ମୃତ୍ୟୁ ଘଟିଥିଲା। ୨୦୦୪ YR ୪ ଗ୍ରହାଣୁଟି ଚେଲ୍ୟାବିନ୍ସ୍କ ଉଲ୍କାପିଣ୍ଡ ପରି ଏପର୍ଯ୍ୟନ୍ତ ଦୃଶ୍ୟ ହୋଇ ପାରି ନାହିଁ, ଯେହେତୁ ଏହାର ଉତ୍ପତ୍ତିସ୍ଥଳ ସୂର୍ଯ୍ୟର ତେଜୋଦୀପ୍ତ ଅଞ୍ଚଳ ମଧ୍ୟରେ ରହିଛି। ସୁତରାଂ ବୈଜ୍ଞାନିକମାନେ ଏହାକୁ ଗଭୀର ଭାବେ ଅଧ୍ୟୟନ କରିପାରି ନାହାନ୍ତି। ସେଥିପାଇଁ ଏହାକୁ ଆକାଶରେ ପ୍ରତିହତ କରି ଚନ୍ଦ୍ର ତଥା ପୃଥିବୀକୁ ସୁରକ୍ଷିତ ରଖିବା ବୈଜ୍ଞାନିକମାନଙ୍କ ପାଇଁ ଏକ ଆହ୍ୱାନ ପାଲଟି ଯାଇଛି।

-ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର-୧୩
ମୋ : ୮୯୧୭୬୩୭୯୭୪

## ସ୍ମରଣ ଶକ୍ତି ବୃଦ୍ଧିର ନୂଆ ଉପାୟ



ସ୍ମରଣ ଶକ୍ତି ବୃଦ୍ଧି କରିବାର ଏକ ସହଜ ତଥା ସରଳ ଉପାୟ ହାତ ପାଆନ୍ତାରେ ରହିଛି। ଯଦି ଜଣେ ବ୍ୟକ୍ତି ନିଜ ମନ ପସନ୍ଦର ଗୀତ ଶୁଣନ୍ତି ତେବେ ଏହା ତାହାର ସ୍ମରଣ ଶକ୍ତି ବୃଦ୍ଧି କରିବାରେ କେତେକାଂଶରେ ସହାୟକ ହୋଇପାରିବ ବୋଲି ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି। 'ସ୍ମରଣ ଶକ୍ତି ଏବଂ ମନ ପସନ୍ଦର ଗୀତ ଶୁଣିବା' ବିଷୟ ଉପରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହାର ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କୁ ନିୟମିତ ସେମାନଙ୍କର ମନ ପସନ୍ଦର ଗୀତ ଶୁଣିବାକୁ ପରାମର୍ଶ ଦିଆଯାଇଥିଲା। ତା' ସହ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ସ୍ମରଣ ଶକ୍ତି ଉପରେ ପଡୁଛି ତାହାକୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ତର୍ଜମା କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତିଙ୍କର ସ୍ମରଣ ଶକ୍ତି ପୂର୍ବାପେକ୍ଷା ଦୃଢ଼ ହେଉଥିବାର ଜଣାପଡିଥିଲା ବୋଲି ହୋଇଥିବା ଏକ ପରୀକ୍ଷଣରୁ ଜଣାପଡିଥିଲା ବୋଲି ପ୍ରକାଶିତ ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତା'ସହ ସେମାନଙ୍କର ଦୈନନ୍ଦିନ ଜୀବନଶୈଳୀକୁ ସେମାନେ ମଧ୍ୟ ସନ୍ତୁଳିତ ରଖିଥିଲେ। ମନ ପସନ୍ଦର ଗୀତ ଶୁଣିବା ଦ୍ୱାରା ମସ୍ତିଷ୍କର ଚିନ୍ତାଧାରା ସକାରାତ୍ମକ ରହିବା ସହ ସ୍ମରଣ ଶକ୍ତି ପୂର୍ବାପେକ୍ଷା ବୃଦ୍ଧି ପାଇଥାଏ।

## ବୟସ୍କ ବ୍ୟକ୍ତି ଏକୁଟିଆ ରହୁଥିଲେ...



ପରିବାର ସହ ହସ, ଖୁସି ଓ ଆନନ୍ଦରେ ରହିବାକୁ ସାଧାରଣତଃ ବୟସ୍କ ବ୍ୟକ୍ତିମାନେ ଚାହିଁଥାନ୍ତି। ହେଲେ କେତେ ଜଣ ବୟସ୍କ ବ୍ୟକ୍ତି ସେମାନଙ୍କ ପରିବାରଠାରୁ ଅଲଗା ରହୁଛନ୍ତି। ଏହାଦ୍ୱାରା ସେମାନଙ୍କର ମାନସିକତା ଉପରେ ନକାରାତ୍ମକ ପ୍ରଭାବ ପଡୁଛି। କେବଳ ସେତିକି ନୁହେଁ, ସେମାନଙ୍କର ଜୀବନଶୈଳୀ ମଧ୍ୟ ପ୍ରଭାବିତ ହେଉଛି। ଏଭଳି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏପରି ବିଷୟ ଉପରେ ଏକ ସର୍ଭେ କରିଥିଲେ। ଏହି ସମୟରେ ଏହାର ପରିସରଭୁକ୍ତ ବୟସ୍କ ବ୍ୟକ୍ତିମାନେ ଏକୁଟିଆ ରହିବା ଦ୍ୱାରା ତାହାର କି ପ୍ରକାର ପ୍ରଭାବ ସେମାନଙ୍କ ଉପରେ ପଡୁଛି ତାହାକୁ ତନ୍ନ ତନ୍ନ କରି ତର୍ଜମା କରାଯାଇଥିଲା। ଏହାଦ୍ୱାରା ସେମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବୟସ୍କ ବ୍ୟକ୍ତିଙ୍କର ଜୀବନଶୈଳୀ ପ୍ରଭାବିତ ହେଉଥିବାର ଜଣାପଡ଼ିଥିଲା। ତା'ସହ ସେମାନଙ୍କର ମାନସିକତା ଅଧିକାଂଶ ସମୟ ପ୍ରାୟ ନକାରାତ୍ମକ ରହୁଥିବାର ଦେଖିବାକୁ ମିଳିଥିଲା। ଏଥିରୁ ମୁକୁଳିବାକୁ ସେମାନେ ମନ ପସନ୍ଦର ବହି ପଢ଼ିବା, ସାଙ୍ଗମାନଙ୍କର ସହ ଖୁସିର ମାହୋଲ ଭିତରେ ସମୟ କଟାଇବାକୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

## ଜୀବନଶୈଳୀ ଅସନ୍ତୁଳିତ ରହିଲେ...



ଆଜିକାଲି ଡାଇବେଟିସ୍ ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ପାଲଟି ଗଲାଣି କହିଲେ ଆଦୌ ଭୁଲ୍ ହେବ ନାହିଁ। ଯଦି ଏଭଳି ସମସ୍ୟା ଜଟିଳ ଆକାର ଧାରଣ କରେ ଏବଂ ରକ୍ତରେ ସୁଗାର ପରିମାଣ ଅଧିକାଂଶ ସମୟ ଅସନ୍ତୁଳିତ ରହେ, ତେବେ ଏହାର ପ୍ରଭାବ ହାର୍ଟ, କିଡ୍‌ନୀ ଏପରି କି ଦୃଷ୍ଟି ଶକ୍ତି ଉପରେ ପଡ଼ିଥାଏ। ଅସନ୍ତୁଳିତ ଜୀବନଶୈଳୀ ଏଥିପାଇଁ ଅନେକାଂଶରେ ଦାୟୀ। ଏଥିପ୍ରତି ସତର୍କ ରହିବା ସହ ଖାଦ୍ୟପେୟ ପ୍ରତି ନଜର ଦେବା ନିହାତି ଜରୁରୀ। ତେଣୁ ନିଜକୁ ଡାଇବେଟିସ୍ ଆଶଙ୍କାଠାରୁ ଦୂରେଇ ରଖିବା ପାଇଁ ପ୍ରଥମେ ନିଜର ଜୀବନଶୈଳୀ ପ୍ରତି ଦୃଷ୍ଟି ଦିଅନ୍ତୁ। କାରଣ ଆଜିକାଲି କେତେବେଳେ କାହାଠାରେ ଏହାର ଲକ୍ଷଣ ପ୍ରକାଶ ପାଇବ ତାହା ଆକଳନ କରିବା କଷ୍ଟକର। ତେଣୁ ଏ ବିଷୟରେ ଜାଣିବା ମାତ୍ରେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଅନ୍ୟପକ୍ଷରେ ଯଦି ଆପଣ ଡାଇବେଟିସ୍ ସମସ୍ୟା ସହ ଜଡିତ, ତେବେ ନିୟମିତ ଔଷଧ ଖାଇବା ସହ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ରକ୍ତରେ ସୁଗାର ପରିମାଣ କେତେ ରହୁଛି ତାହା ପରୀକ୍ଷା କରାଇ ନିଅନ୍ତୁ।

## ନୀରୋଗ ରହିବାର ସହଜ ଉପାୟ



ଶରୀରକୁ ସୁସ୍ଥ, ସୁନ୍ଦର ଓ ସନ୍ତୁଳିତ ରଖିବା ପାଇଁ ଶାରୀରିକ ବ୍ୟାୟାମ ସହ ଯୋଗର ମଧ୍ୟ ଆବଶ୍ୟକତା ରହିଛି। ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ମଧ୍ୟରେ ଆମେ ଆମ ଶରୀରର ଠିକ୍ ଭାବରେ ଯତ୍ନ ନେବାକୁ କେତେକାଂଶରେ ଭୁଲିଯାଉଛେ। ଏହାଦ୍ୱାରା ଆମେ ରୋଗକୁ ପରୋକ୍ଷରେ ଆମନ୍ତ୍ରଣ କରୁଛେ। ତେଣୁ ନିଜକୁ ନୀରୋଗ ରଖିବାକୁ କେତୋଟି ସରଳ ଉପାୟ ରହିଛି। ପ୍ରଥମେ ପ୍ରତିଦିନ ସକାଳେ ଅତିକମ୍‌ରେ ଅଧଘଣ୍ଟାଏ ଚାଲନ୍ତୁ। ତା'ସହ ନିଜ ସାମର୍ଥ୍ୟ ଅନୁସାରେ କିଛି ବ୍ୟାୟାମ କରନ୍ତୁ। ଏହାବ୍ୟତୀତ ଯୋଗ, ପ୍ରାଣାୟାମକୁ ଏହି ତାଲିକାରେ ସାମିଲ କରିବାକୁ ଭୁଲନ୍ତୁ ନାହିଁ। ବିଶେଷଭାବରେ ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ। ଶରୀରରେ ରକ୍ତ ସଞ୍ଚାଳନ ମଧ୍ୟ ଠିକ୍ ଭାବେ ହୁଏ। ରକ୍ତଚାପକୁ ବି ଏହା ସନ୍ତୁଳିତ ଅବସ୍ଥାରେ ରଖେ। ଅନେକ ସମୟରେ ଅଧିକାଂଶ ଲୋକ ଚାପର ବଶବର୍ତ୍ତୀ ହୋଇଥିବା ଯୋଗୁଁ ସେମାନଙ୍କର ନିଦ୍ରାରେ ବ୍ୟାଘାତ ସୃଷ୍ଟି ହୋଇଥାଏ। ତେଣୁ ଶାନ୍ତ ମନରେ ରାତିରେ ୭-୮ଘଣ୍ଟା ଶୁଅନ୍ତୁ।

### ଜାଣିରଖନ୍ତୁ

ରକ୍ତଦାନ ଦ୍ୱାରା ଆମେ ଜଣେ ବ୍ୟକ୍ତିଙ୍କର ଜୀବନ ବଞ୍ଚାଇବାରେ ଅନେକାଂଶରେ ସହାୟତା କରିପାରିବା। ଏଭଳି ମହତ କାମକୁ ଆମେ ଅନୁସରଣ କରିବା ଦରକାର। ରକ୍ତଦାନ କରିବା ପୂର୍ବରୁ କେତେକ ବିଷୟରେ ସଂପୃକ୍ତ ବ୍ୟକ୍ତି ଜାଣିବା ନିହାତି ଦରକାର। ପ୍ରଥମେ ଏ ବିଷୟରେ ନିକଟସ୍ଥ ଡାକ୍ତରଖାନା କିମ୍ବା ରକ୍ତଭଣ୍ଡାର ସହ ଯୋଗାଯୋଗ କରନ୍ତୁ। ସେଠାକୁ ଯାଇ ରକ୍ତଦାନ ବିଷୟରେ ଥିବା ମନର ସମସ୍ତ ସନ୍ଦେହ ଦୂର କରନ୍ତୁ। ରକ୍ତଦାନ କରିବା ପୂର୍ବରୁ ସଂପୃକ୍ତ ବ୍ୟକ୍ତିଙ୍କର ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିବା ନିହାତି ଦରକାର। ରକ୍ତଦାନ କରୁଥିବା ସମୟରେ ମନକୁ ହାଲୁକା ରଖନ୍ତୁ। ରକ୍ତଦାନ ପୂର୍ବରୁ ରକ୍ତଦାନ କେନ୍ଦ୍ରରେ ନିଜ ସମ୍ପର୍କିତ ସମସ୍ତ ସୂଚନାଗୁଡ଼ିକୁ ପଞ୍ଜୀକରଣ କରିବାକୁ ଭୁଲନ୍ତୁ ନାହିଁ।

### ସ୍ୱାସ୍ଥ୍ୟ ସୂଚନା

➤ବ୍ରେକ୍‌ଫାଷ୍ଟ ତାଲିକାରେ ସାଲାଡ, ତଟକା ଫଳମୂଳ ଏବଂ ସେଥିରୁ ପ୍ରସ୍ତୁତ ଜୁସ୍ ସାମିଲ କରନ୍ତୁ। ଏହା ହେଉଛି ଦିନର ପ୍ରଥମ ଖାଦ୍ୟ। ଏହି ତାଲିକାରେ ଯେତେ ହାଲୁକା ଖାଦ୍ୟ ଖାଇବେ ତାହା ସେତେ ଭଲ।

➤ନିଜର ଖାଦ୍ୟପେୟ ପ୍ରତି ସତର୍କ ରୁହନ୍ତୁ। ଦୈନନ୍ଦିନ ଖାଦ୍ୟ ତାଲିକାରେ ସୁଷମ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ।

➤କୌଣସି କାମ କରିବା ସମୟରେ ମନକୁ ଯେତେ ଟେନ୍‌ସନ୍ ଫ୍ରି ରଖିବେ ସେତେ ଭଲ। ଏହି ସମୟରେ ନକାରାତ୍ମକ ଭାବନା କେତେକ ରୋଗର ପରୋକ୍ଷରେ କାରଣ ସାଜିଥାଏ।

➤ଅଧିକ ଲୁଣ ଓ ମିଠାଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।

➤ଅଙ୍ଗୁରରେ ଆଣ୍ଟି ଅକ୍ସିଡ଼ାଣ୍ଟର ମାତ୍ରା ଅଧିକ ରହିଛି। ଏହାକୁ ନିୟମିତ ଖାଇଲେ ତାହା ଦୃଷ୍ଟି ଶକ୍ତି ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ।

➤ନିଜ ଓଜନକୁ ସନ୍ତୁଳିତ ରଖିବାକୁ ଚାହୁଁଛନ୍ତି କି ? ତେବେ ଏଥିପାଇଁ ନିୟମିତ ଗାଜର ଖାଇପାରନ୍ତି। ଏଥିରେ ଫାଇବର୍ ପ୍ରଚୁର ପରିମାଣରେ ରହିଛି।

➤ରକ୍ତହୀନତା ସମସ୍ୟା ସହ ଜଡିତ ବ୍ୟକ୍ତିମାନଙ୍କ ପାଇଁ ମହୁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ।

➤ନିଜକୁ ସୁସ୍ଥ ରଖିବା ଲାଗି ନିୟମିତ ସମୟ ବ୍ୟବଧାନରେ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ନିଜ ଶରୀରର ରୁଟିନ୍ ଚେକ୍‌ଅପ୍ କରାଇ ନିଅନ୍ତୁ। ନିଜ ଶାରୀରିକ ସମସ୍ୟା ବିଷୟରେ ମଧ୍ୟ ସୂଚନା ଦିଅନ୍ତୁ।



## ପେଟମରା ବେମାରି

(ଶେଷ ଭାଗ)

**ଅନ୍ୟାନ୍ୟ ଉପଚାର:** ଖାଦ୍ୟରେ ସାବଧାନତା ଅବଲମ୍ବନ କରନ୍ତୁ। ବେଶି ମସଲାମସଲି ପଡ଼ିଥିବା ଖାଦ୍ୟ, ଅମ୍ଳଜାତୀୟ ଖାଦ୍ୟ ଏବଂ କଫି ଖାଇବା ମନା। ନିଶାଦ୍ରବ୍ୟ ସେବନ କଲେ ପେଟମରା ବେମାରିର ଲକ୍ଷଣର ତୀବ୍ରତା ବୃଦ୍ଧି ପାଏ ଏବଂ ଘା' ଶୁଖିବାରେ ବ୍ୟାଘାତ ଘଟେ। ଶରୀରର ଓଜନ ଅଧିକ ଥିଲେ ତାହା ଲକ୍ଷଣର ତୀବ୍ରତାକୁ ବଢ଼େଇ ଦିଏ। ଜୋରରେ ଚାଲିବା, ଦୌଡ଼ିବା, ଜଗିଙ୍ଗ କରିବା, ସନ୍ତରଣ କରିବା ଏବଂ ସାଇକେଲ ଚଲାଇବା ଇତ୍ୟାଦି ବ୍ୟାୟାମ ଦ୍ୱାରା ପରିପାକ ତନ୍ତ୍ର ସୁସ୍ଥ ରହେ।

**କେଉଁ ଖାଦ୍ୟ ଖାଇ ପାରିବେ :** ତନ୍ତୁଯୁକ୍ତ ଖାଦ୍ୟ ଯେପରିକି ଶସ୍ୟଦାନା ବା ହୋଲ୍ ଗ୍ରେନ୍, ଓଟସ, ଉଷୁନା ଚାଉଳ ଭାତ, ଚୋକଡ ମିଶା ଅଟାର ରୁଟି, ମୁଢ଼ି, ଖଇ, ସୁଜି ଖିରି, ପାଣିଆ ଡାଲି, ଚାଉଳ ଖିରି ଆଦି ତନ୍ତୁଯୁକ୍ତ ଖାଦ୍ୟ ପେଟମରା ବେମାରି ରୋଗୀ ଖାଇପାରିବେ। ଏଭଳି ଖାଦ୍ୟ ପାକସ୍ଥଳୀର ଭିତର ପରସ୍ତକୁ ସୁରକ୍ଷିତ ରଖେ ଓ ଖାଦ୍ୟ ହଜମରେ ସାହାଯ୍ୟ କରେ। ଚର୍ବିବିହୀନ ପ୍ରୋଟିନଯୁକ୍ତ ଖାଦ୍ୟ ଖାଇପାରନ୍ତି। ଏହି ଖାଦ୍ୟ ଭିତରେ ରହିଛି ଚର୍ମ ନ ଥିବା କୁକୁଡା ମାଂସ,ଚର୍ମ ଅଂଶ ନ ଥିବା ମାଛ ଏବଂ ଅଣ୍ଡା। ସୋୟାବିନ, ବିନ୍‌ସ, ମସୁର, ବରଗୁଡି, ମଟର ଭଳି ଛୁଇଁଜାତୀୟ ଉଦ୍ଭିଦଜାତ ଖାଦ୍ୟ। ଅଧିକ ପ୍ରୋଟିନ୍ ଘା' ଶୁଖାଇବାରେ ସାହାଯ୍ୟ କରିଥାଏ। ଆପଲ, ନାସପତି, କଦଳୀ, ତରଭୁଜ ଆଦି କମ୍ ଅମ୍ଳ ଥିବା ଖାଦ୍ୟ ଉପକାରୀ। ପନିପରିବା ମଧ୍ୟରେ ଆଳୁ, କନ୍ଦମୂଳ, ଗାଜର, ଦେଶୀ ଆଳୁ, ବ୍ରୋକଲି,ପାଳଙ୍ଗ ଉପାଦେୟ। କଷି ପରିବା ବେଶି ହିତକର। ବଜାରରେ ମିଳୁଥିବା ହର୍ବାଲ ଚା' ପାକସ୍ଥଳୀ ଉପରେ ଅନୁକୂଳ ପ୍ରଭାବ ପକାଇ ଯନ୍ତ୍ରଣା କମେଇ ଦିଏ। ଏଥିରେ କାଫିନ ନ ଥାଏ।

**କେଉଁ ଖାଦ୍ୟ ଖାଇବା ମନା:** କେତେକ ଖାଦ୍ୟ ପାକସ୍ଥଳୀ, ଗ୍ରହଣୀ ଇତ୍ୟାଦିର ଝିଲ୍ଲିକୁ ଉଦ୍ଦୀପିତ କରେ ଓ ଅମ୍ଳ କ୍ଷରଣ ବୃଦ୍ଧି କରେ। ତେଣୁ ସେଭଳି ଖାଦ୍ୟରୁ ବିରତ ରହିବା ଉଚିତ। ବେଶି ମସଲାଜାତୀୟ ଖାଦ୍ୟ, ରାଗ ଲଙ୍କା, ଦେଶୀ ପିଆଜ ଓ ରସୁଣ ବ୍ୟତୀତ ଭିନେଗାର ପଡ଼ିଥିବା ଖାଦ୍ୟ ପାକସ୍ଥଳୀର ଭିତର ପରଦାକୁ ଉତ୍ତେଜିତ କରି ଜ୍ୱାଳା ଜାତ କରୁଥିବାରୁ ଏହି ଧରଣର ଖାଦ୍ୟ ରୋଗୀ ନ ଖାଇବା ଉଚିତ। କମଳା ଲେମ୍ବୁ, ବାତାପି, ତେନ୍ତୁଳି ଇତ୍ୟାଦି ଅମ୍ଳୀୟ ଏବଂ ଏହା ଲକ୍ଷଣଗୁଡ଼ିକୁ ବୃଦ୍ଧି କରିପାରେ। ଆଚାର ଏବଂ ଚଟଣି ମଧ୍ୟ ମନା। ଟମାଟୋ ଏବଂ ଟମାଟୋ ସସ୍ ତଥା କେଚ୍ ଅପ୍ ଖୁବ୍ ଅମ୍ଳୀୟ। ତେଣୁ ରୋଗୀ ଏଭଳି ଖାଦ୍ୟଠାରୁ ଦୂରେଇ ରହିବା ନିରାପଦ। ମଦ, ସୋଡା ପାନୀୟ ଓ ମୃଦୁ ପାନୀୟ ଗ୍ୟାସ୍ ଜାତ କରେ। ତେଣୁ ରୋଗୀ ଏସବୁଠାରୁ ଦୂରେଇ ରହିବା ଉଚିତ। ଭଜାଭଜି ଖାଦ୍ୟରେ ବେଶି ତେଲ ଥିଲେ ତାହା ହଜମ ପ୍ରକ୍ରିୟାକୁ ମନ୍ଥର କରିଦିଏ ଏବଂ ପେଟମରା ବେମାରି ଲକ୍ଷଣଗୁଡ଼ିକୁ ବଢ଼େଇ ଦିଏ। ସେଥିପାଇଁ ତେଲରେ ଛଣାଛଣି ଖାଦ୍ୟ ଏବଂ ପାମ୍ପଡ଼ ମନା।

ପେଟମରା ବେମାରୀଠାରୁ ନିଜକୁ ଦୂରେଇ ରଖିବା ଲାଗି ସିଝା ଖାଦ୍ୟ, ସେକା ଖାଦ୍ୟ, ନିଆଁରେ ପୋଡି ରନ୍ଧା ଯାଇଥିବା ଗ୍ରିଲିଂ ଖାଦ୍ୟ ପ୍ରସ୍ତୁତି ପାଇଁ ବେଶି ତେଲର ଆବଶ୍ୟକତା ପଡ଼ି ନ ଥାଏ। ଥରକେ ବେଶି ପରିମାଣର ଖାଦ୍ୟ ନ ଖାଇ ଅଳ୍ପ ଅଳ୍ପ ପରିମାଣରେ ବେଶି ଥର ଖାଇଲେ ପରିପାକ ତନ୍ତ୍ରର କାର୍ଯ୍ୟ ପାଇଁ ଅଧିକ ଚାପ ପଡି ନ ଥାଏ। ଖାଇ ସାରି କିଛି ସମୟ ସିଧା ହୋଇ ବସିବା କିମ୍ବା ଚଳପ୍ରଚଳ ହେବା ଉପକାରୀ।



ହଜମ ପ୍ରକ୍ରିୟାକୁ ନିୟନ୍ତ୍ରଣ କରିବା ନିମିତ୍ତ ଏବଂ ରକ୍ତରେ ଗ୍ଲୁକୋଜର ମାତ୍ରା ଅନୁମୋଦିତ ସ୍ତରରେ ରଖିବା ନିମିତ୍ତ ପ୍ରତିଦିନ ନିୟମିତ ସମୟରେ ଖାଦ୍ୟ ଖାଇବା ଉଚିତ। ଖାଇବା ସମୟରେ ନିୟମିତତା ରକ୍ଷା କଲେ ପରିପାକ ତନ୍ତ୍ର ସୁସ୍ଥ ରହେ। ରାତିରେ ଶୋଇବାକୁ ଯିବାର ଅନ୍ତତଃ ତିନି ଘଣ୍ଟା ପୂର୍ବରୁ ରାତ୍ରି ଭୋଜନ ସାରିଦେବା ଆବଶ୍ୟକ। ଅସ୍ୱାଭାବିକ ମାନସିକ ଚାପ ଏସିଡ୍ ପେପ୍‌ଟିକ ଡିଜିଜର ଲକ୍ଷଣ ତୀବ୍ର କରି ଦେଉଥିବାରୁ ମନୋଯୋଗିତା, ଧ୍ୟାନ ଓ ଯୋଗକଲେ ମାନସିକ ଚାପ ହ୍ରାସ ପାଇଁ ଉପକାର ମିଳେ। ପୁନଶ୍ଚ ଦୀର୍ଘ କାଳ ଧରି ରୋଗ ଭୋଗି ଆସୁଥିଲେ ନିୟମିତଭାବରେ ଡାକ୍ତରଙ୍କ ସହିତ ଯୋଗାଯୋଗ କରିବା ବାଞ୍ଛନୀୟ।

ରୋଗର ନିର୍ଦ୍ଦିଷ୍ଟ ପ୍ରକାର, ଲକ୍ଷଣଗୁଡ଼ିକର ତୀବ୍ରତା ଏବଂ ରୋଗୀର ଅନ୍ୟାନ୍ୟ ଅବସ୍ଥା ଉପରେ ଭିତ୍ତିକରି ବ୍ୟକ୍ତି-ନିର୍ଦ୍ଦିଷ୍ଟ ଚିକିତ୍ସାବିଧି ନିର୍ଣ୍ଣୟ କରାଯାଇଥାଏ। କିନ୍ତୁ ବେଳହୁଁ ଚିକିତ୍ସା କଲେ ରୋଗର ଜଟିଳତା ନିବାରିତ ହୋଇ ବୃଦ୍ଧି ପାଏ ରୋଗୀର ଜୀବନର ଗୁଣାତ୍ମକ ମାନ। ତେବେ ଚିକିତ୍ସାର ସଫଳତା ମୁଖ୍ୟତଃ ନିର୍ଭର କରିଥାଏ ନିୟମିତ ଡାକ୍ତରୀ ପରାମର୍ଶ ଓ ରୋଗୀର ସହଯୋଗ ଉପରେ।

-ଡା. ନିତ୍ୟାନନ୍ଦ ସ୍ୱାଇଁ, 'ଅଭୀପ୍‌ସା', ସେକ୍ଟର-୬, ପ୍ଲଟ ନଂ-୧୧୩୧, ଅଭିନବ ବିଡ଼ାନାସୀ, କଟକ-୧୪
ମୋ: ୯୪୩୭୭୬୬୧୧୭

# ବିଜୟରେ କଳିଙ୍ଗ ଲାନ୍ସର୍ସର ହ୍ୟାଟ୍ରିକ



ରବିବାର କଳିଙ୍ଗ ଲାନ୍ସର୍ସ ଓ ଏଚ୍‌ଆଇଏଲ ଗଭର୍ଣ୍ଣିଂ କାଉନ୍ସିଲ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

## ହକି ଇଣ୍ଡିଆ ଲିଗ୍

ଭୁବନେଶ୍ୱର, ୧୧।୧ (ତପନ ସ୍ୱାଇଁ)

ଭୁବନେଶ୍ୱରଭିତ୍ତିକ ଫ୍ରାଞ୍ଚାଇଜ୍ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଚଳିତ ହକି ଇଣ୍ଡିଆ ଲିଗ୍‌ରେ କ୍ରମାଗତ ତୃତୀୟ ବିଜୟ ହାସଲ କରିଛି। ପୂର୍ବରୁ ଚେନ୍ନାଇରେ ଅନୁଷ୍ଠିତ ୨ଟି ମ୍ୟାଚରେ ଯଥାକ୍ରମେ ରାଞ୍ଚି ରୟାଲ୍ସକୁ ୪-୨ ଓ ରର୍ ବେଙ୍ଗଲ ଟାଇଗର୍ସକୁ ୨-୧ରେ ହରାଇଥିବା ଲାନ୍ସର୍ସ ରବିବାର ରାଞ୍ଚିର ଜୟପାଲ ସିଂ ଷ୍ଟାଡିୟମରେ ଏଚ୍‌ଆଇଏଲ୍ ଗଭର୍ଣ୍ଣିଂ କାଉନ୍ସିଲକୁ ଶୁଟ୍‌ଆଉଟ ୩-୧ ଗୋଲରେ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ଖେଳ ୧-୧ ଗୋଲରେ ବରାବର ରହିବାରୁ ଫଳାଫଳ ଲାଗି ଶୁଟ୍‌ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା। ମ୍ୟାଚର ୧୯ଶ ମିନିଟରେ ଅଜିତ ଯାଦବ ଏକ ଫିଲ୍ଡ ଗୋଲଦେଇ ଗଭର୍ଣ୍ଣିଂ କାଉନ୍ସିଲକୁ ଅଗ୍ରଣୀ କରିଥିବାବେଳେ ୨୩ତମ ମିନିଟ୍‌ରେ ଲାନ୍ସର୍ସ ପକ୍ଷରୁ ଆଲେକ୍‌ଜାଣ୍ଡର ହେଣ୍ଡ୍ରିକ୍ସ ପେନାଲ୍ଟି କର୍ନରରୁ ଗୋଲଟି ପରିଶୋଧ କରି ଦେଇଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଦୁଇଟି ଯାକ ଗୋଲ ହୋଇଥିଲା। ଶୁଟ୍ ଆଉଟ ପର୍ଯ୍ୟାୟରେ କଳିଙ୍ଗ ଲାନ୍ସର୍ସ ପକ୍ଷରୁ କୁପର ବୁର୍ନ୍ସ, ଆର୍ଥର ଭାନ ଡୋରେନ ଓ ଦିଲପ୍ରୀତ ସିଂ ଗୋଲ ଦେଇଥିବାବେଳେ ଆଣ୍ଟୋନୀ କିନା ଓ ଅଙ୍ଗଦ ବୀର ସିଂ ମିସ୍ କରିଥିଲେ। ଅନ୍ୟପକ୍ଷରେ ଗଭର୍ଣ୍ଣିଂ କାଉନ୍ସିଲ ପକ୍ଷରୁ ଏକମାତ୍ର ଗୁରଜୋତ ସିଂ ଗୋଲ ଦେବାରେ ସକ୍ଷମ ହୋଇଥିବାବେଳେ ସିମନ ୟୋରଷ୍ଟୋନ, ଲଳିତ କୁମାର ଉପାଧ୍ୟାୟ ଓ ଅଜିତ ଯାଦବ ମିସ୍ କରିଥିଲେ। ଜେଡ୍ ସ୍ନୋଡେନ ଲାନ୍ସର୍ସ ଦଳର ଗୋଲକିପର ଥିଲେ।

ଏହି ବିଜୟ ଫଳରେ କଳିଙ୍ଗ ଲାନ୍ସର୍ସ ୩ ମ୍ୟାଚରୁ ୮ ପଏଣ୍ଟ ସହ ଟେବୁଲର ଶୀର୍ଷକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ଶୁଟ୍‌ଆଉଟରେ ହାରିଥିବାରୁ ଗଭର୍ଣ୍ଣିଂ କାଉନ୍ସିଲ ଗୋଟିଏ ପଏଣ୍ଟ ପାଇଛି। ଫଳରେ ୭ ପଏଣ୍ଟ ସହ ଦଳ ଦ୍ୱିତୀୟ ସ୍ଥାନରେ ରହିଛି। ୭ ପଏଣ୍ଟ ପାଇଥିବା ଅନ୍ୟତମ ଦଳ ତାମିଲନାଡୁ ଡ୍ରାଗନ୍ସ ଗୋଲ ବ୍ୟବଧାନ ଦୃଷ୍ଟିରୁ ତୃତୀୟ ସ୍ଥାନକୁ ଖସିଛି। ହାଇଦ୍ରାବାଦ ତୋଫାନ୍ସ ୩ ମ୍ୟାଚରୁ ୫ ପଏଣ୍ଟ ପାଇଛି।

## ଡବ୍ଲ୍ୟୁପିଏଲ୍: ଗୁଜରାଟର କ୍ରମାଗତ ଦ୍ୱିତୀୟ ବିଜୟ

**ରାଞ୍ଚି, ୧୧।୧:** ସୋଫି ଡିଭାଇନଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ରବିବାର ଖେଳାଯାଇଥିବା ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ) ମ୍ୟାଚ୍‌ରେ ଗୁଜରାଟ ଜାଏଣ୍ଟ୍ସ ୪ ରନରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଛି। ଗୁଜରାଟ ପକ୍ଷରୁ ଧାର୍ଯ୍ୟ ୨୧୦ ରନର ଟାର୍ଗେଟକୁ ପିଛା କରୁଥିବା ଦିଲ୍ଲୀ ଶେଷ ପର୍ଯ୍ୟନ୍ତ ଖେଳିବା ସତ୍ତ୍ୱେ ୫ ଉଇକେଟ ହରାଇ ୨୦୫ ରନ କରିବାକୁ ସକ୍ଷମ ହୋଇଛି। ଗୁଜରାଟ ଦଳ ଲଗାତର ଦ୍ୱିତୀୟ ବିଜୟ ଓ ୪ ପଏଣ୍ଟ ସହ ପଏଣ୍ଟ ଟେବୁଲର ଶୀର୍ଷକୁ ଉଠିଛି। ଅନ୍ୟପକ୍ଷରେ ଲଗାତର ଦ୍ୱିତୀୟ ପରାଜୟ ବରଣ କରିଥିବା ଦିଲ୍ଲୀ ସର୍ବନିମ୍ନରେ ରହିଛି।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ନିର୍ଦ୍ଧାରିତ ୨୦ ଓଭରରେ ୨୦୯ ରନ କରି ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ସୋଫି ଡିଭାଇନ ୪୨ ବଲରେ ୯୫ (୭ ଚୌକା ଓ ୮ ଛକା) ଓ ଅଧିନାୟିକା ଆଶଲେ ଗାର୍ଡନର ୨୮ ବଲରେ ୪୯ (୪ ଚୌକା ଓ ୩ ଛକା) ରନ କରିଥିଲେ। ଦିଲ୍ଲୀ ପକ୍ଷରୁ ନନ୍ଦନୀ ଶର୍ମା ହ୍ୟାଟ୍ରିକ ସହ ୫ ଉଇକେଟ ସଫଳତା ହାସଲ କରିଥିବା ବେଳେ ଚିନେଲ ହେନରୀ ଓ ଶ୍ରୀ ଚରନୀ ୨ ଲେଖାଏ ଉଇକେଟ ହାତେଇଥିଲେ। ଜବାବରେ ଦିଲ୍ଲୀ ୨୦ ଓଭରରେ ୫ ଉଇକେଟ ହରାଇ ୨୦୫ ରନ କରିବାକୁ ସକ୍ଷମ ହୋଇଥିଲା। ଅନ୍ତିମ ୩ ଓଭରରେ ଜିତିବା ପାଇଁ ୪୮ ରନ ଦରକାର ଥିବା ବେଳେ ଦିଲ୍ଲୀ ପାଇଁ ଅଧିନାୟିକା ଜେମିମା ରୋଡ୍ରିଗ୍ସ ଓ ଲୌରା ୱୋଲଭାର୍ଡଟ ଦୁଇ ଓଭରରେ ୪୧ ରନ କରି ଦଳର ବିଜୟ ସମ୍ଭାବନା ବୃଦ୍ଧି କରିଥିଲେ। ହେଲେ ଅନ୍ତିମ ଓଭରରେ ଡିଭାଇନ ଦୁଇ ସେଟ୍ ବ୍ୟାଟରଙ୍କୁ ଆଉଟ୍ କରି ଗୁଜରାଟକୁ ଏକ ରୋମାଞ୍ଚକ ବିଜୟ ଆଣି ଦେଇଥିଲେ। ଦିଲ୍ଲୀ ପାଇଁ ଲିଜେଲ ଲି ୫୪ ବଲରେ ୮୬ (୧୨ ଚୌକା ଓ ୩ ଛକା) ଓ ୱୋଲଭାର୍ଡଟ ୩୮ ବଲରେ ୭୭ (୯ ଚୌକା ଓ ୩ ଛକା) ରନ କରିଥିଲେ। ବିଜୟୀ ଦଳ ପକ୍ଷରୁ ଡିଭାଇନ ଓ ରାଜେଶ୍ୱରୀ ଗାଏକ୍ୱାଡ ୨ ଲେଖାଏ ଉଇକେଟ ନେଇଥିଲେ।

# ଶାଜଫାଙ୍କୁ ଦ୍ୱିମୁକୁଟ



ଉତ୍କଳ ଓପନ ଟେନିସ ଟୁର୍ଣ୍ଣାମେଣ୍ଟର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

## ଉତ୍କଳ ଓପନ ଟେନିସ ଉଦ୍‌ଯାପିତ

ଭୁବନେଶ୍ୱର, ୧୧।୧ (ତପନ ସ୍ୱାଇଁ)

ଏସିଇ ଟେନିସ କ୍ଲବ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଉତ୍କଳ ଓପନ ଟେନିସ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ପ୍ରଭାବୀ ପ୍ରଦର୍ଶନ କରି ଏସ.କେ. ଶାଜଫା ୱାନିଆ ଦ୍ୱିମୁକୁଟ ହାସଲ କରିଛନ୍ତି। ସେ ୧୪ ବର୍ଷରୁ କମ୍ ସିଙ୍ଗଲ୍ସ ଓ ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ୧୪ ବର୍ଷରୁ କମ୍ ବର୍ଗ ଫାଇନାଲରେ ସେ ସଂରଚନା ଦାସଙ୍କୁ ୬-୦, ୬-୦ ଏବଂ ମହିଳା ବର୍ଗର ଫାଇନାଲରେ ପ୍ରିଶା ଦାସଙ୍କୁ ୬-୨, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। ୧୪ ବର୍ଷରୁ କମ୍ ସିଙ୍ଗଲ୍ସ ବର୍ଗରେ ସୂର୍ଯ୍ୟ ପ୍ରତାପ ନାୟକ, ପୁରୁଷ ସିଙ୍ଗଲ୍ସରେ ଆଦିତ୍ୟ ଶତପଥୀ, ପୁରୁଷ ସିଙ୍ଗଲ୍ସରେ ଅଭିଜ୍ଞ ଅଂଶୁ ଭୂୟାଁ ଓ ଚିନ୍ମୟ କୁମାର ପ୍ରଧାନ ଚାମ୍ପିୟନ ହୋଇଛନ୍ତି। ସେହିପରି ସିନିୟର ପୁରୁଷ ୪୦+ ଡବଲ୍ସରେ ମନୋଜ ଦାସ-ପ୍ରଦ୍ୟୁମ୍ନ ମଲ୍ଲ, ଭେଟେରାନ ୫୦+ ଡବଲ୍ସରେ ବିବେକ ଟିବରୱାଲ-ଶାଶ୍ୱତ ଜେନା ଏବଂ ୬୦+ ଡବଲ୍ସରେ ଏସ.ଏସ. ରଥ-ସଞ୍ଜୟ ସାହୁ ଟାଇଟଲ ହାସଲ କରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଶ୍ୟାମ ସୁନ୍ଦର ହାଁସଦା ଓ ରଜନୀ କାନ୍ତ ନାୟକଙ୍କୁ ଲାଇଫ୍‌ଟାଇମ୍ ଅଚିଭମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଥିଲା। ସୂର୍ଯ୍ୟ ପ୍ରତାପ ନାୟକ ବେଷ୍ଟ ସ୍ପୋର୍ଟ୍ସ ମ୍ୟାନ ସ୍ପିରିଟ ପୁରସ୍କାର ପାଇଥିବାବେଳେ ଉତ୍ତମ ପୋଷାକ ପରିଧାନଲାଗି ଆହାନ ମିଶ୍ର ଏବଂ ଶ୍ରେଷ୍ଠ ଉଦୀୟମାନ ଖେଳାଳି ଭାବେ ଶାଜଫା ୱାନିଆ ପୁରସ୍କୃତ ହୋଇଥିଲେ। ପୂର୍ବତନ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ପୂର୍ବତନ ଡିଜିପି ସଞ୍ଜୀବ ମାରିକ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏସିଇ ଟେନିସ କ୍ଲବ ସଭାପତି ପ୍ରକାଶ ଚନ୍ଦ୍ର ଭୁରା, ସମ୍ପାଦକ ନଭରତନ ବୋଥ୍ରା ଓ ଆୟୋଜକ କମିଟି ଚେୟାରମ୍ୟାନ ବିଶ୍ୱଜିତ ମିଶ୍ର ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# କିସ୍ ବାଳିକା ଦଳ ଚାମ୍ପିୟନ





ଏସିଆ ସ୍କୁଲ ରଗ୍‌ବୀ ସେଭେନ୍ସରେ ଚାମ୍ପିୟନ କିସ୍ ବାଳିକା ଦଳ।

## ଏସିଆ ସ୍କୁଲ ରଗ୍‌ବୀ ସେଭେନ୍ସ

ଭୁବନେଶ୍ୱର, ୧୧।୧ (ତପନ ସ୍ୱାଇଁ)

ଥାଇଲାଣ୍ଡର ବ୍ୟାଙ୍କକ୍‌ରେ ରବିବାର ଶେଷ ହୋଇଥିବା ଏସିଆ ସ୍କୁଲ ରଗବୀ ସେଭେନ୍ସ ଚାମ୍ପିୟନଶିପ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା କିସ୍ ବାଳିକା ଦଳ ଚାମ୍ପିୟନ ହୋଇଛି। ଥାଇ ରଗବୀ ୟୁନିଅନ୍ ଦ୍ୱାରା ଆୟୋଜିତ ଏହି ଅନ୍ତର୍ଜାତୀୟ ଚାମ୍ପିୟନଶିପ୍‌ରେ ଥାଇଲାଣ୍ଡ, ଲାଓସ୍, ମାଲେସିଆ, ପାକିସ୍ତାନ, ଚାଇନିଜ୍ ତାଇପେଇ ଭଳି ବିଭିନ୍ନ ଏସୀୟ ଦେଶର ସ୍କୁଲ ଓ କଲେଜ ଦଳ ଅଂଶଗ୍ରହଣ କରିଥିଲେ। ବିଶେଷକରି ମାଲେସିଆ, ଥାଇଲାଣ୍ଡ, ଲାଓସ ଭଳି ଶକ୍ତିଶାଳୀ ଦଳକୁ ହରାଇ ଚାମ୍ପିୟନ ହୋଇଥିବାରୁ କିସ୍ ଦଳ ଭାରତକୁ ଗର୍ବିତ କରିଛି। ୧୪ ଜଣିଆ କିସ୍ ବାଳିକା ଦଳର ଅଧିନାୟିକା ଥିଲେ ମାମାଲି ସିଂ। ପ୍ରଶିକ୍ଷକ ଜାପାନର ହିରାନୋ ମିକିନୋରି ଓ ମ୍ୟାନେଜର ଭାବେ ନିର୍ମାଲ୍ୟ ରାଉତ ଦଳ ସହ ସାମିଲ୍ ଥିଲେ। ଗତ ୭ ତାରିଖରେ କିସ୍ ଦଳ ଥାଇଲାଣ୍ଡ ଯାତ୍ରା କରିଥିଲା। ଏହି ସଫଳତାରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ଏହା ସହ ଭାରତୀୟ ରଗ୍‌ବୀ ଫୁଟବଲ୍ ୟୁନିଅନ୍, ରାଜ୍ୟ କ୍ରୀଡ଼ା ଏବଂ ଯୁବ ସେବା ବିଭାଗ ଏବଂ ଓଡ଼ିଶା ରଗବୀ ଫୁଟବଲ୍ ଆସୋସିଏଶନ ସଦସ୍ୟମାନେ ମଧ୍ୟ କିସ୍ ବାଳିକା ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

## ପନ୍ତଙ୍କ ସ୍ଥାନରେ ଭାରତୀୟ ଦଳରେ ଧ୍ରୁବ ଜୁରେଲ

**ଭଦୋଦରା, ୧୧।୧ (ପି.ଟି.):** ରବିବାରଠାରୁ ଆରମ୍ଭ ହୋଇଥିବା ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜ ପାଇଁ ରବିବାର ଭାରତୀୟ ଦଳରେ ଆଘାତପ୍ରାପ୍ତ ରିଷଭ ପନ୍ତଙ୍କ ସ୍ଥାନରେ ଧ୍ରୁବ ଜୁରେଲଙ୍କୁ ନିଆଯାଇଛି। ଚଳିତ ବିଜୟ ହଜାରେ ଟ୍ରଫିରେ ଚମତ୍କାର ଫର୍ମରେ ଥିବା ଜୁରେଲ ରବିବାର ସିରିଜ ଆରମ୍ଭ ପୂର୍ବରୁ ଦଳରେ ଯୋଗଦେଇଛନ୍ତି। ସେ ଷ୍ଟାଣ୍ଡବାଇ ଖେଳାଳି ରହିଛନ୍ତି। ପନ୍ତ ଶନିବାର ନେଟ୍ସବେଳେ ଅଭ୍ୟାସ କରୁଥିବା ବେଳେ ପାର୍ଶ୍ୱ ଯନ୍ତ୍ରଣା ଅନୁଭବ କରିଥିଲେ। ଶନିବାର ଅପରାହ୍ନରେ ଭଦୋଦରାସ୍ଥିତ ବିସିଏ ଷ୍ଟାଡିୟମରେ ଶନିବାର ଅପରାହ୍ନରେ ଅଭ୍ୟାସ ସେସନ ବେଳେ ନେଟ୍ସରେ ଅଭ୍ୟାସ କରୁଥିବା ସମୟରେ ସେ ତାଙ୍କ ଡାହାଣ ପାର୍ଶ୍ୱ ତଳିପେଟରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କର ତୁରନ୍ତ ଏମ୍‌ଆର୍‌ଆଇ ସ୍କାନ ହୋଇଥିଲା। ବିସିସିଆଇ ମେଡିକାଲ ଟିମ୍ ବିଶେଷଜ୍ଞଙ୍କ ସହ ଆଲୋଚନା ପରେ ଜାଣିବାକୁ ପାଇଥିଲେ ଯେ, ପନ୍ତ ପାର୍ଶ୍ୱ ଯନ୍ତ୍ରଣା (ଓବ୍ଲିକ ମସଲ୍ସ ଟିଅର)ରେ ପୀଡ଼ିତ। ପରବର୍ତ୍ତୀ ସମୟରେ ତାଙ୍କୁ ସିରିଜରୁ ବାଦ୍ ଦିଆଯାଇଥିଲା। ପୁରୁଷ ସିଲେକ୍ସନ କମିଟି ପନ୍ତଙ୍କ ବଦଳ ଖେଳାଳି ଭାବେ ଧ୍ରୁବ ଜୁରେଲଙ୍କୁ ଭାରତୀୟ ଦଳରେ ସାମିଲ କରିଥିଲେ।

# ଓଡ଼ିଶାକୁ ୩ ସ୍ୱର୍ଣ୍ଣ, ୧ ରୌପ୍ୟ, ୩ ବ୍ରୋଞ୍ଜ

ଭୁବନେଶ୍ୱର, ୧୧।୧ (ବିଜୟ ରଣା)

ମୋଦି ନଗରଠାରେ ଚାଲିଥିବା ଅସ୍ମିତା ଭାରେତ୍ତୋଳନ ଲିଗ୍ ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାକୁ ଆଉ ୩ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ମଳିଛି। ୫୮କେଜି ଶ୍ରେଣୀରେ (୭୦+୯୮) ୧୬୮ କେଜି ଉତ୍ତୋଳନ କରି ଅଙ୍କିତା ପ୍ରଧାନ ଯୁବ ବର୍ଗରେ ସ୍ୱର୍ଣ୍ଣ ଓ କନିଷ୍ଠ ବର୍ଗରେ ବ୍ରୋଞ୍ଜ ପଦକ ଲାଭ କରି ୨୫ ହଜାର ଟଙ୍କା ପୁରସ୍କାର ପାଇଥିବା ବେଳେ ୬୩ କେଜି ଶ୍ରେଣୀରେ ୭୫+ ୯୯) ମୋଟ ୧୭୪କେଜି ଓଜନଠାଇ ଶ୍ୱେତାଲିନା ମହାନ୍ତି ଯୁବ ଓ କନିଷ୍ଠ ବିଭାଗରେ ଦୁଇଟି ସ୍ୱର୍ଣ୍ଣ ପଦକ ଲାଭ କରିବା ସହ ପୁରସ୍କାର ବାବଦରେ ୩୦,୦୦୦ ଟଙ୍କା ପକେଟସ୍ଥ କରିଛନ୍ତି। ୬୯ କେଜି ବର୍ଗରେ ରିମ୍‌ଝିମ୍ ନାୟକ ୧୬୦କେଜି (୬୫+୯୫) ଉତ୍ତୋଳନ କରି ୨୨,୦୦୦ ଟଙ୍କା ପୁରସ୍କାର ଲାଭ କରିଛନ୍ତି। ସେହିପରି ୭୭କେଜି ବର୍ଗରେ ପ୍ରତିଭାରାଣୀ ପାତ୍ର ୧୫୨ କେଜି (୬୫+୮୭) ଉତ୍ତୋଳନ କରି ଯୁବ ବର୍ଗରେ ବ୍ରୋଞ୍ଜ ପଦକ ସହ ୧୦ ହଜାର ଟଙ୍କା ଆର୍ଥିକ ପୁରସ୍କାର ପାଇଛନ୍ତି। ଏହି ସଫଳତା ପାଇଁ ଓଡ଼ିଶା ସଂଘ ତରଫରୁ ସମସ୍ତ ଖେଳାଳି ଓ କୋଚ୍‌ଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।



ଅଙ୍କିତା ପ୍ରଧାନ



ଶ୍ୱେତାଲିନା ମହାନ୍ତି

# ରାଜ୍ୟ ପାରା ଆଥ୍‌ଲେଟିକ୍ସ ୨୪ରୁ

ଭୁବନେଶ୍ୱର, ୧୧।୧ (ତପନ ସ୍ୱାଇଁ)

ଚଳିତମାସ ୨୪ରୁ ୨୬ ପର୍ଯ୍ୟନ୍ତ ରାଜ୍ୟ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସହଯୋଗରେ ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ପ୍ରତିଯୋଗିତାକୁ ଆୟୋଜନ କରିବ। ଏଥିରେ ଭଲ ପ୍ରଦର୍ଶନ କରିବା ଖେଳାଳି ୨୪ତମ ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ମନୋନୀତ ହେବେ। ରାଜ୍ୟ ପ୍ରତିଯୋଗିତାରେ ବିଭିନ୍ନ ପ୍ରକାରର ଦିବ୍ୟାଙ୍ଗ ଖେଳାଳି (ଶାରୀରିକ ଭିନ୍ନକ୍ଷମ, ଦୃଷ୍ଟି ବାଧିକ ଭିନ୍ନକ୍ଷମ, ମାନସିକ ଅନଗ୍ରସରତା)ଙ୍କୁ ବିଭିନ୍ନ ବିଭାଗରେ ଖେଳିବା ପାଇଁ ସୁଯୋଗ ମିଳିବ।

# ଇଷ୍ଟକୋଷ୍ଟ ରେଲ୍‌ୱେ ଭଦ୍ରକ ଚାମ୍ପିୟନ

## ମହାବୀର କପ୍ କ୍ରିକେଟ

ଭଦ୍ରକ, ୧୧।୧ (ସନାତନ ରାଉତ)

ଭଦ୍ରକ ଚରମ୍ପା ରେଲ୍‌ୱେ ପଡ଼ିଆରେ ଚାଲିଥିବା ଅଲ୍ ଓଡ଼ିଶା ୪ର୍ଥ ମହାବୀର କପ୍ ରାଜେଶ ବଳ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ରାଇଜିଂ ଷ୍ଟୁଡେଣ୍ଟ କଟକକୁ ୯୭ ରନ୍‌ରେ ହରାଇ ଇଷ୍ଟକୋଷ୍ଟ ରେଲ୍‌ୱେ ଭଦ୍ରକ ଚାମ୍ପିୟନ ହୋଇଛି। ଇଷ୍ଟକୋଷ୍ଟ ରେଲୱେ ଭଦ୍ରକ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ୍ ହରାଇ ୨୩୩ ରନ୍ କରିଥିଲା। ଦଳ ପକ୍ଷରୁ ବିଭାସ ଶ ୩୯ ବଲ୍‌ରେ ୮୦ ରନ୍ ଏବଂ ସତ୍ୟକାମ ଭରଦ୍ୱାଜ ୧୫ ବଲ୍‌ରେ ୪୭ ରନ୍ କରିଥିଲେ। ୨୩୪ ରନ୍‌ର ବିଜୟ ଲକ୍ଷ୍ୟ ନେଇ ରାଇଜିଂ ଷ୍ଟୁଡେଣ୍ଟ ୧୮.୨ ଓଭରରେ ୧୩୬ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଇଷ୍ଟକୋଷ୍ଟ ରେଲ୍‌ୱେ ପକ୍ଷରୁ ମହମ୍ମଦ ଅର୍ବାଜ୍ ମନ୍‌ସୁନ୍ ୪ ଓ ସାହିଲ ଖାନ୍ ଗୋଟିଏ ଉଇକେଟ ନେଇଥିଲେ। ବିଭାସ ଶଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ବୁଲୁ ମହାନ୍ତିଙ୍କ ସଞ୍ଚାଳନରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ଜିଲାପାଳ ଦିଲୀପ ରାଉତରାଏ, ବରେଣ୍ୟ ଅତିଥି ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଅନ୍ୟତମ ଅତିଥି ଭାବେ ତୋଷାଳୀ ସୁଜୁକୀର ଓନର ଗୌରାଙ୍ଗ ଚନ୍ଦ୍ର ସାମଲ ଯୋଗଦେଇ ଚାମ୍ପିୟନ ଓ ରନରଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ଅମ୍ପାୟର ଭାବେ ଲଲାଟ କେଶରୀ ନନ୍ଦ ଏବଂ ସତ୍ୟବ୍ରତ ମହାପାତ୍ର ମ୍ୟାଚ୍ ପରିଚାଳନା କରିଥିବା ବେଳେ ରାଜେଶ ନାୟକ ରେଫରୀ ଓ କରନ୍ ଖାନ୍ ସ୍କୋରର ଥିଲେ। ଶେଷରେ କମିଟି ପକ୍ଷରୁ ଶ୍ରୀଧର ମିଶ୍ର ଓ ମୃଣ୍ମୟ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।





ଅତିଥିମାନେ ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରୁଛନ୍ତି।





4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ